

ସ୍ୱଦେଶ ଫେରିବାକୁ ସର୍ତ୍ତ ରଖିଲେ ହସିନା

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 231 | ଭାଗ ୩୩ | ସଂଖ୍ୟା ୨୩୧ — Friday 14 November 2025 | Page 8 Rs. 5.00 — ● ଭୁବନେଶ୍ୱର ଶୁକ୍ରବାର ୧୪ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଅଲ୍-ଫଲାହ ୟୁନିଭର୍ସିଟିରେ ଟେରର୍ ପ୍ଲଟ୍

**ଦିଲ୍ଲୀ ବିସ୍ଫୋରଣ ମାମଲା**

- ବିଶ୍ୱକୁ ଚମକାଇବା ଭଳି ଦଣ୍ଡ ପାଇବେ ଦୋଷୀ: ଶାହ
- ୧୩ ନମ୍ବର କୋଠରୀରେ ହେଉଥିଲା ମନ୍ତ୍ରଣା
- ସଦସ୍ୟତା ରଦ୍ଦ କଲା ଆଇଏୟୁ
- ପୂର୍ବରୁ ବି ଜେଲ୍ ଯାଇସାରିଛନ୍ତି ପ୍ରତିଷ୍ଠାତା

**ନୂଆଦିଲ୍ଲୀ,୧୩।୧୧:** ଦିଲ୍ଲୀ ବୋମା ବିସ୍ଫୋରଣର ଦୋଷୀମାନଙ୍କୁ ଛଡ଼ାଯିବ ନାହିଁ, ସେମାନଙ୍କୁ କଠୋର ଦଣ୍ଡ ଦିଆଯିବ। ଏପରି ଦଣ୍ଡ ଦିଆଯିବ ଯେ, ବିଶ୍ୱ ମନେରଖିବ ବୋଲି କହିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଭିଡିଓ କନଫରେନ୍ସିଂ ମାଧ୍ୟମରେ ଗୁଜରାଟର ମୋତି ଭାଇ ଚୌଧୁରୀ



ସାଗର ସୈନିକ ସ୍କୁଲରେ ଏକ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ସେ କହିଛନ୍ତି ଯେ ଦିଲ୍ଲୀ କାର ବିସ୍ଫୋରଣର ଦୋଷୀମାନଙ୍କୁ ଏପରି ଦଣ୍ଡ ଦିଆଯିବ, ଯାହା ସମଗ୍ର ବିଶ୍ୱକୁ ବାର୍ତ୍ତା ଦେବ ଯେ ଭବିଷ୍ୟତରେ କେହି ଆମ ଦେଶରେ ଏପରି ଆକ୍ରମଣ କରିବା କଥା ଚିନ୍ତା ବି କରିବେ ନାହିଁ। ଏନ୍‌ଆଇଏକୁ ତଦନ୍ତ ଦାୟିତ୍ୱ ଦିଆଯାଇଛି ଓ ଧୀରେ ଧୀରେ ସବୁ ସ୍ପଷ୍ଟ ହେବାରେ ଲାଗିଛି। କିଛି ସନ୍ଦିଗ୍ଧଙ୍କୁ ଗିରଫ ସହ ଜେରା ଚାଲିଛି। ବିଭିନ୍ନ ଦିଗକୁ ନେଇ ତର୍ଜମା ଚାଲିଛି ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏନେଇ ଅବଗତ କରାଯାଉଛି। ଉଚିତ ସମୟରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶାହ ପ୍ରକାଶ କରିଛନ୍ତି।

ଦିଲ୍ଲୀର ଲାଲକିଲ୍ଲା ନିକଟରେ ବିସ୍ଫୋରଣର ପାଣ୍ଡି ତଦନ୍ତ କରାଯିବ। ଏନଆଇଏ, ଇଡି ଓ ଅନ୍ୟାନ୍ୟ ଏଜେନ୍ସି ତଦନ୍ତ କରିବେ। ଏହାବ୍ୟତୀତ ଅଲ-ଫଲାହ ବିଶ୍ୱବିଦ୍ୟାଳୟର ଏକ ସମ୍ପୂର୍ଣ୍ଣ ଫରେନସିକ୍ ତଦନ୍ତ ମଧ୍ୟ କରାଯିବ। ସନ୍ଦେହରେ ଥିବା ଅଲ-ଫଲାହ ବିଶ୍ୱବିଦ୍ୟାଳୟର ସଦସ୍ୟତାକୁ ଆଜି ରଦ୍ଦ କରାଯାଇଛି। ଇଣ୍ଡିଆନ ୟୁନିଭର୍ସିଟି ଆସୋସିଏସନ ପକ୍ଷରୁ ଏଭଳି ➪ପୃଷ୍ଠା-୬

# ଆଜି ଗଣତି, ନେତାଙ୍କ ଛାତି ଧଡ଼ଧଡ଼



- ମହିଳା ଭୋଟର୍ ନେବେ ନିର୍ଣ୍ଣାୟକ ଭୂମିକା
- ମତଦାନରେ ପୁରୁଷଙ୍କୁ ଟପିଛନ୍ତି ମହିଳା
- ନୂଆପଡ଼ା ଫଳାଫଳ ପଞ୍ଚାୟତ ଭୋଟ୍ ପାଇଁ ହେବ ବୁଷ୍ଟର
- ଗଣତି ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା



**ପାଟନା/ଭୁବନେଶ୍ୱର,୧୩।୧୧:** ଆସନ୍ତାକାଲି ପ୍ରକାଶ ପାଇବ ବିହାର ସମେତ ୮ ରାଜ୍ୟର ଉପନିର୍ବାଚନ ଫଳାଫଳ। ସେମଧ୍ୟରେ ନୂଆପଡ଼ା ଉପନିର୍ବାଚନ ଫଳାଫଳ ଉପରେ ମଧ୍ୟ ରହିଛି ରାଜନୈତିକ ସମୀକ୍ଷକଙ୍କ ନଜର। କାହା ମୁଣ୍ଡରେ ହାତି ସୁନାକଳସ ଢାଳିବ, ସେନେଇ ନେତାମାନେ ପ୍ରମାଦ ଗଣୁଛନ୍ତି। ଗାଁରୁ ବ୍ଲକ ପର୍ଯ୍ୟନ୍ତ ସବୁ ସ୍ତରରେ ଚାଲିଛି ଆକଳନ ଓ ଅଙ୍କକଷା। ତେବେ ବିହାର ଓ ନୂଆପଡ଼ା ଦୁଇଟିଯାକ କ୍ଷେତ୍ରରେ ମହିଳା ଭୋଟରମାନେ ନିର୍ଣ୍ଣାୟକ ଭୂମିକା ନେବାକୁ ଯାଉଛନ୍ତି।

ବିହାର ଓ ନୂଆପଡ଼ା ଉଭୟ ସ୍ଥାନରେ ରେକର୍ଡ ସଂଖ୍ୟକ ମତଦାନ ହୋଇଛି। ବିହାରର ରାଜନୈତିକ ଇତିହାସରେ ଏତେ ସଂଖ୍ୟାରେ ମତଦାନ ହୋଇନଥିଲା। ବିହାରରେ ପ୍ରଥମ ପର୍ଯ୍ୟାୟରେ ୬୫.୦୮ ପ୍ରତିଶତ ଓ ଦ୍ୱିତୀୟ ପର୍ଯ୍ୟାୟରେ ୬୮.୭୬ ପ୍ରତିଶତ ମତଦାନ ହୋଇଥିଲା। ସାମଗ୍ରିକ ଭାବେ ବିହାରରେ ୬୬.୯୧ ପ୍ରତିଶତ ମତଦାନ ହୋଇଥିଲା। ସ୍ୱାଧୀନତା ପରଠାରୁ ବିହାରରେ ସାଧାରଣ ନିର୍ବାଚନରେ ଏତେ ସଂଖ୍ୟାରେ ମତଦାନ ହୋଇନଥିଲା। ୨୦୦୦ ମସିହାରେ ସର୍ବାଧିକ ୬୨.୫୭ ପ୍ରତିଶତ ଭୋଟିଂ ହୋଇଥିଲା। ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଉଛି ଯେ ପୁରୁଷଙ୍କ ତୁଳନାରେ ଅଧିକ ସଂଖ୍ୟାରେ ମହିଳା ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ପୁରୁଷଙ୍କ ତୁଳନାରେ ପ୍ରାୟ ୧୦ ପ୍ରତିଶତ ଅଧିକ ମହିଳା ବିହାରରେ ସେମାନଙ୍କ ନେତା ବାଛିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୬୯.୦୪ ପ୍ରତିଶତ ମହିଳା ଓ ୬୧.୫୬ ପ୍ରତିଶତ ପୁରୁଷ ଭୋଟ ଦେଇଥିଲେ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟରେ ୭୪.୦୩ ପ୍ରତିଶତ ମହିଳା ଓ ୬୪.୧ ପ୍ରତିଶତ ପୁରୁଷ ଭୋଟ ଦେଇଥିଲେ।

ସମାନ ସ୍ଥିତି ନୂଆପଡ଼ାରେ ମଧ୍ୟ ଦେଖିବାକୁ ମିଳିଛି। ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ, ନୂଆପଡ଼ା ଉପନିର୍ବାଚନରେ ମୋଟ ୩୫୮ଟି ବୁଥରେ ରେକର୍ଡ ସଂଖ୍ୟକ ୨ ଲକ୍ଷ ୧୨ହଜାର ୩୮୫ଜଣ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି। ନୂଆପଡ଼ାରେ ମୋଟ ଭୋଟରଙ୍କ ସଂଖ୍ୟା ୨ଲକ୍ଷ ୫୪ ହଜାର ୪୯୭ ଥିବାବେଳେ ସେଥିରୁ ୫୧.୧୩ ପ୍ରତିଶତ ମହିଳା(୧ ଲକ୍ଷ ୮ ହଜାର ୩୮୩ ଜଣ ଭୋଟର) ଓ ୪୮.୮୭ ପ୍ରତିଶତ ପୁରୁଷ ଭୋଟର (୧ଲକ୍ଷ ୩ହଜାର ୮୫୭ଜଣ) ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି। ନୂଆପଡ଼ାରେ ମହିଳା ଭୋଟରମାନେ ନାକେବଳ ନିର୍ଣ୍ଣାୟକ ଭୂମିକାରେ ➪ପୃଷ୍ଠା-୬

**ଷ୍ଟ୍ରିଟ୍ ଲାଇଟ୍ ଯୋଜନାରେ ବ୍ୟାପକ ଦୁର୍ନୀତି !**

## କୋଟି କୋଟି ଖର୍ଚ୍ଚ, ତଥାପି ହଟୁନି ଅନ୍ଧାର

**ଠିକାଦାର ଚୟନରେ ତୋଷରପାତ ଅଭିଯୋଗ**

**ବିଧିବଦ୍ଧ ତଦନ୍ତ ପାଇଁ ଜୋର୍ ଧରିଲା ଦାବି**

**ଯାଜପୁର,୧୩।୧୧(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଷ୍ଟ୍ରିଟ୍ ଲାଇଟ୍ ଯୋଜନାରେ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ଲାଗିଥିବା ଅଧିକାଂଶ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇ ପଡିଛି। ପ୍ରତି ଗ୍ରାମପଞ୍ଚାୟତରେ ବର୍ଷକୁ ୧୦ ଟି ଲେଖାଏଁ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ଯୋଜନାରେ ୬ ବର୍ଷରେ ୧୬ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ବରାଦ ହୋଇଥିବା ବେଳେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ଠିକାଦାର ଚୟନ,ପ୍ରତି ଲାଇଟ୍ ପିଛା ଅଧିକ ଖର୍ଚ୍ଚ ଓ ଗୁଣବତ୍ତା ବିହୀନ ସାମଗ୍ରୀ ବ୍ୟବହାର ହୋଇଥିବା ଅଭିଯୋଗ ଉଠିଛି।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ, ଯାଜପୁର ଜିଲ୍ଲାରେ ରାଜ୍ୟ ଚତୁର୍ଥ ଅର୍ଥ କମିଶନ ଯୋଜନାରେ ୨୦୧୯-୨୦ରୁ ୨୦୨୪-୨୫ ମଧ୍ୟରେ ୬ ଟି ଆର୍ଥିକ ବର୍ଷରେ ମୋଟ ୧୬ କୋଟି ୫୪ ଲକ୍ଷ ୭ ହଜାର ୭୭୫ ଟଙ୍କା ବ୍ୟୟ ବରାଦ କରାଯାଇଛି। ୨୦୧୯-୨୦ ରେ ୩ କୋଟି ୫୭ ଲକ୍ଷ ୪୩ ହଜାର ୧୬୮,୨୦୨୦-୨୧ ରେ ୨ କୋଟି ୫୯ ଲକ୍ଷ ୨୧ ହଜାର ୭୨,୨୦୨୨-୨୩ ରେ ୨ କୋଟି ୫୯ ଲକ୍ଷ ୪୦ ହଜାର ୮୨୧,୨୦୨୩-୨୪ ରେ ୨ କୋଟି ୫୯ ଲକ୍ଷ ୪୦ ହଜାର ୮୨୧ ଓ ୨୦୨୪-୨୫ ରେ ୨ କୋଟି ୫୯ ଲକ୍ଷ ୪୦ ହଜାର ୮୨୧ ଟଙ୍କା ବ୍ୟୟ ବରାଦ କରାଯାଇଥିଲା।

ଜିଲ୍ଲାରେ ୩୧୧ ଟି ଗ୍ରାମପଞ୍ଚାୟତରେ ୨୦୧୯-୨୦ ରୁ ୨୦୨୨-୨୩ ପର୍ଯ୍ୟନ୍ତ ୪ଟି ଆର୍ଥିକ ବର୍ଷରେ ମୋଟ ୧୨ ହଜାର ୪୪୦ଟି ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିବା ବେଳେ ଏଥି ପାଇଁ ୧୧ କୋଟି ୩୫ ଲକ୍ଷ ୨୬ ହଜାର ୧୩୩ ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୩-୨୪ ଓ ୨୦୨୪-୨୫ ବର୍ଷ ପାଇଁ ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ଠିକାଦାର ଚୟନରେ ଅନିୟମିତତା ନେଇ ଅଭିଯୋଗ ଉଠିଛି। ବିଶେଷକରି ୨୦୧୯-୨୦ ରୁ ୨୦୨୧-୨୨ ବର୍ଷ ପର୍ଯ୍ୟନ୍ତ ଲଗାତର ଭାବେ ୩ ବର୍ଷ ପାଇଁ ବିରଜା ଇଲେକ୍ଟ୍ରିକାଲ୍ ଆଣ୍ଡ କନଷ୍ଟ୍ରକସନ୍‌କୁ ଚୟନ ➪ପୃଷ୍ଠା-୬



**■ ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀରେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ**

## ଏକତା ପଦଯାତ୍ରା ଭାରତୀୟତାର ପ୍ରତୀକ

- ନୀଳଗିରି ଜନଶକ୍ତି ଓ ଲୋକତନ୍ତ୍ରର ସ୍ପନ୍ଦନ
- ୧୦୦ ଫୁଟ ତ୍ରିରଙ୍ଗା ଧରି ଚାଲିଲେ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ସାରା ଦେଶରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଏକତା ବର୍ଷ ପାଳିତ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବାଲେଶ୍ୱରର ନୀଳଗିରିଠାରେ ଏକତା ପଦଯାତ୍ରାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ନୀଳଗିରିଠାରୁ ମିତ୍ରପୁର ପର୍ଯ୍ୟନ୍ତ ଅନୁଷ୍ଠିତ ପଦଯାତ୍ରାରେ ଶତାଧିକ ଛାତ୍ରଛାତ୍ରୀ, ଯୁବବର୍ଗ, ଜନସାଧାରଣ ଓ ସରକାରୀ ଅଧିକାରୀ ଭାଗନେଇ ପ୍ରାୟ ୯ କିମି ପଦଯାତ୍ରା କରିଛନ୍ତି। ଏଥିସହ ଛାତ୍ରଛାତ୍ରୀମାନେ ୧୦୦ ଫୁଟ ବିଶିଷ୍ଟ ତ୍ରିରଙ୍ଗା ପତାକା ଧରି ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀଳଗିରି ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ➪ପୃଷ୍ଠା-୬

## ଧର୍ମଶାଳାରେ ଏବେବି ପଥର ମାଫିଆଙ୍କ ରାଜ

- ବାଜବାଟୀ ପାହାଡ଼ରେ ତଦନ୍ତ ବେଳେ ଆକ୍ରମଣ
- ଅଭିଯୋଗକାରୀଙ୍କୁ ଆକ୍ରମଣ ସହ ଧମକ







**ଧର୍ମଶାଳା,୧୩।୧୧(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅନ୍ତର୍ଗତ ବାଜବାଟୀ ପାହାଡରୁ ଗତ କିଛି ବର୍ଷ ମଧ୍ୟରେ ପ୍ରାୟ ହଜାର କୋଟି ଟଙ୍କାର କଳାପଥର ଲୁଟ ହୋଇଛି। ବାଜବାଟୀର ମହାଲୁଟ ରାଜ୍ୟର ବଡ ସ୍କାମ ହେବାକୁ ଯାଉଛି। ବିଜେଡି ସରକାର ଅମଳରେ ଯେଉଁମାନେ ଏହି କଳାପଥର ଲୁଟ କରୁଥିଲେ ଏବେ ସରକାର ବଦଳିବା ପରେ ସେମାନେ ପ୍ରଶାସନର ଗେହ୍ଲାପୁଅ ସାଜିଥିବା ଅଭିଯୋଗ ହେଉଛି। ଏନେଇ ଗ୍ରୀନ୍ ଟ୍ରିବ୍ୟୁନାଲର ନିର୍ଦ୍ଦେଶ ଅନୁସାରେ ଗୁରୁବାର ପାହାଡ଼ର ୨ନମ୍ବର ଓ ୬ନମ୍ବର ଖାଦାନରୁ ବେଆଇନ ଖନନ ନେଇ ତଦନ୍ତ ଚାଲିଥିବା ବେଳେ ଅଭିଯୋଗକାରୀ ଉର୍ବଶୀ ଜେନାଙ୍କୁ ତଦନ୍ତ କ୍ଷେତ୍ରକୁ ଛାଡ଼ି ଦିଆଯାଇନଥିଲା। ତାଙ୍କୁ ଗାଳିଗୁଲଜ କରାଯିବା ସହ ତାଙ୍କ କାରକୁ ଆକ୍ରମଣ କରି ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି।

ମୁଖ୍ୟମନ୍ତ୍ରୀ ଖଣି ଲୁଟ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଉପରେ ବାରମ୍ବାର ଗୁରୁତ୍ୱାରୋପ କରୁଛନ୍ତି। କିନ୍ତୁ ପ୍ରଶାସନ ଓ ପଥର ମାଫିଆଙ୍କ ଅସାଧୁ ମେଣ୍ଟ ଉପରେ ଏହାର ପ୍ରଭାବ ପଡୁନାହିଁ। ବାଜବାଟୀ ପାହାଡରୁ କୋଟି କୋଟି ଟଙ୍କାର କଳାପଥର ଲୁଟ୍ ନେଇ ଧର୍ମଶାଳା ପାହାଡ ପର୍ବତ ସୁରକ୍ଷା ମଞ୍ଚ ସଭାପତି ସତୀଶ ବିଶ୍ୱାଳଙ୍କ ଅଭିଯୋଗ ଆଧାରରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ବହୁ ନିର୍ଦ୍ଦେଶକୁ ପୁଲିସ ଓ ପ୍ରଶାସନ ଚାପି ଦେଇଛି। ଏପରିକି ଦୈନିକ ଲକ୍ଷ ଲକ୍ଷ ଟଙ୍କାର କଳାପଥର ➪ପୃଷ୍ଠା-୬

**ଅନ୍ତର୍ଜାତୀୟ ପୁସ୍ତକ ମହୋତ୍ସବ-୨୦୨୫'ରେ କେନ୍ଦ୍ରମନ୍ତ୍ରୀ**

## ପାଠାଗାର ଆନ୍ଦୋଳନ ସହ ପଠନ ସଂସ୍କୃତି ସୁଦୃଢ଼ ହେବ





**ଅହମ୍ମଦବାଦ,୧୩।୧୧(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ୍‌ଙ୍କ ସହ ଅହମ୍ମଦାବାଦ୍ ଅନ୍ତର୍ଜାତୀୟ ପୁସ୍ତକ ମହୋତ୍ସବ (ଏଆଇବିଏଫ-୨୦୨୫)ର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଛନ୍ତି। ରିଭରଫ୍ରଣ୍ଟ୍ ଇଭେଣ୍ଟ୍ ସେଣ୍ଟର୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ପୁସ୍ତକ, ଲେଖକ, ସଂସ୍କୃତି ଓ ସୃଜନଶୀଳତାର ଏହି ୧୧ଦିନିଆ ଉତ୍ସବର ଆୟୋଜନକୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ସେ କହିଛନ୍ତିଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିରେ ଅନୁପ୍ରାଣିତ ହୋଇ ନ୍ୟାସନାଲ ପୁସ୍ତକ ଟ୍ରଷ୍ଟ୍ (ଏନବିଟି) ଓ ଅହମ୍ମଦାବାଦ୍ ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ଏହି ମହୋତ୍ସବ ଆୟୋଜିତ ହେଉଛି। ଏହି ମହୋତ୍ସବ ଆମର ପାଠାଗାର ଆନ୍ଦୋଳନ ଓ ପଠନ ସଂସ୍କୃତିକୁ ଆହୁରି ସୁଦୃଢ଼ କରିବ। ସେ ଅହମ୍ମଦାବାଦର ସମସ୍ତ ନାଗରିକ ବିଶେଷକରି ଯୁବବର୍ଗଙ୍କୁ ପୁସ୍ତକ, ଲେଖକ, ସଂସ୍କୃତି, ସୃଜନଶୀଳତା ଓ ସ୍ୱାଦିଷ୍ଟ ବ୍ୟଞ୍ଜନର ଏହି ମହାନ ସମାରୋହକୁ ପରିଦର୍ଶନ କରିବା ପାଇଁ ଉତ୍ସାହିତ କରିଛନ୍ତି।

ଏହି ଅବସରରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତିର ସ୍ମରଣୋତ୍ସବ ପାଳିତ ➪ପୃଷ୍ଠା-୬

**● ମାଡିଲେ କିନ୍ନର ଓ ସ୍ଥାନୀୟ ଲୋକେ**

## ପୁଲିସ୍‌କୁ ନିସ୍ତୁକ ମାଡ଼



**ଭୁବନେଶ୍ୱର,୧୩।୧୧ (ସଂଚାର ବ୍ୟୁରୋ):** ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ଜ୍ୱଳନ୍ତ ଉଦାହରଣ ପୁଣି ଦେଖିବାକୁ ମିଳିଛି ରାଜଧାନୀ ଭୁବନେଶ୍ୱରରେ। ରାଜଧାନୀରେ ପୁଣି ପୁଲିସ୍‌କୁ ଆକ୍ରମଣ ହୋଇଛି। ମାଡ଼ ମାରି ଲହୁଲୁହାଣ କରିଛନ୍ତି କିନ୍ନର ଓ ସ୍ଥାନୀୟ ଲୋକେ। ସୂଚନା ମୁତାବକ, ଭରତପୁର ଥାନା ଅନ୍ତର୍ଗତ ରମଣୀ ସାହି ଜଗନ୍ନାଥ ମନ୍ଦିର ନିକଟରେ ୭୦ ବର୍ଷୀୟ ବୃଦ୍ଧା ତଥା ଘର ମାଲିକାଣି ପ୍ରମିଳା ସାହୁଙ୍କୁ ଆକ୍ରମଣ ହୋଇଥିଲା। ଭଡ଼ାଟିଆଙ୍କୁ ଘରଭଡ଼ା ମାଗିବାରୁ ସେ ମାଡ଼ ମାରିବା ନେଇ ପିସିଆରକୁ କଲ କରି ଜଣାଇଥିଲେ ପ୍ରମିଳା। ପିସିଆର ପହଞ୍ଚିବା ପରେ ତଦନ୍ତ ପ୍ରକ୍ରିୟା ଓ ପୁଲିସ୍‌ର ପକ୍ଷପାତିତାକୁ ନେଇ ଡ୍ୟୁଟିରେ ଥିବା ପିସିଆର ଷ୍ଟାଫଙ୍କୁ ଲୁହା ➪ପୃଷ୍ଠା-୬

ସିଡିଆର ବା କଲ୍ ଡିଟେଲ୍ସ ରେକର୍ଡ। ଅଧିକାଂଶ କ୍ଷେତ୍ରରେ ଅପରାଧିଙ୍କ ପାଇଁ ସିଡ଼ିଆର ଯାଞ୍ଚ କରିଥାଏ ପୋଲିସ। ଅପରାଧ ଘଟାଇବା ପୂର୍ବରୁ ବା ପରେ ଅଭିଯୁକ୍ତ କାହା ସହ କଥା ହୋଇଛି, ସେ ସବୁ ଏ ସିଡ଼ିଆର ରିପୋର୍ଟରୁ ଜଣାପଡେ। ଏବେ କିନ୍ତୁ ପରିସ୍ଥିତି ଅଲଗା। ଖୋଦ ପୁଲିସ ବାବୁଙ୍କର ମଗାଯାଉଛି ସିଡିଆର। ନିତିଦିନ ରିପୋର୍ଟ





## ଥାନା ଷ୍ଟାଫଙ୍କୁ ଅବିଶ୍ୱାସ

### ସିଡିଆର ଚେକ୍ କରୁଛନ୍ତି ଆଇଆଇସି

ମାଗୁଛନ୍ତି କମିଶନରେଟ ପୁଲିସ ଭୁବନେଶ୍ୱର ୟୁପିଡିରେ କାର୍ଯ୍ୟରତ ଜଣେ ମହିଳା ଇନ୍ସପେକ୍ଟର। ଥାନା କର୍ମଚାରୀ କାହା ସହ ଗପୁଛନ୍ତି, ସେନେଇ ନିଆଯାଉଛି ତଥ୍ୟ। ଆପଣଙ୍କୁ ଏକଥା ଶୁଣିବାକୁ ଟିକେ ଅଡୁଆ ଲାଗୁଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ସତ। ଏହି ମହିଳା ଥାନାଧିକାରୀ ଜଣଙ୍କ ବିଗତ କିଛି ବର୍ଷ ମଧ୍ୟରେ ୧୦ କିମି ପରିଧି ଭିତରେ ଥିବା ୩ଟି ଥାନାରେ ଆଇଆଇସି ରହିସାରିଲେଣି। ସବୁଠି ତାଙ୍କ ବିରୋଧରେ ପୁଳା ପୁଳା ଅଭିଯୋଗ। ଏପରିକି କୋର୍ଟଙ୍କ ତାଗିଦା ସତ୍ତ୍ୱେ ମଧ୍ୟ ମ୍ୟାଡାମଙ୍କର ଭୁବନେଶ୍ୱର ବାହାରକୁ ବଦଳି ହେଉନି। ନିଜର ତ୍ରିକୋଣୀୟ ପ୍ରେମ କାହାଣୀ ପାଇଁ ବେଶ ପରିଚିତ ଏହି ମ୍ୟାଡାମ ମାଲ ଉଠେଇବାରେ ବି ବେଶ ସିଦ୍ଧହସ୍ତ। ନିଜ ପ୍ରେମିକଙ୍କୁ ନିଜ ଥାନା ଅଧୀନରେ ଫାଣ୍ଡି ଦାୟିତ୍ୱ ଦେଇ ବେଧଡ଼କ ମୋରମ୍ ମାଫିଆଙ୍କୁ ପ୍ରୋତ୍ସାହନ ଦିଅନ୍ତି ମ୍ୟାଡାମ ଜଣଙ୍କ। ଜମି ପଜେସନ କଥା ଉଠିଲେ ନିଜେ ଅମରି ନେଇ ପୋତି ପକାନ୍ତି ସେ। ଏକଥା ଥାନା ଷ୍ଟାଫ ଗଣମାଧ୍ୟମ ଓ ବାହାର ଲୋକଙ୍କୁ ଜଣାଇବାର ଅଭିଯୋଗ ଆସିବା ପରେ ମ୍ୟାଡାମ ଏବେ ସିଡିଆର ଦେଖିବା ଆରମ୍ଭ କରିଛନ୍ତି। ହେଲେ ମ୍ୟାଡାମ ବି ଜାଣି ରଖିବା ଦରକାର ଯେ ଏ ହେଉଛି ଡିଜିଟାଲ ଇଣ୍ଡିଆ ଯୁଗ। ସେ ଡାଳେ ଡାଳେ ଗଲେ ଷ୍ଟାଫ ପତ୍ରେ ପତ୍ରେ। କଲ୍ କଲେ ସିନା ସିଡିଆର କାଢ଼ିବ ! ଏବେ ସେମାନେ ହ୍ୱାଟ୍ସଆପ୍ କଲ କରୁଛନ୍ତି। ଏଥର କ'ଣ କରୁଛ କର।



**କାନ ଡେରିଆ**

ମା,ବାପା ଛାଡି ସବୁ ମିଳିଯିବ
ଚାଲ ଯିବା ବାଲି ଯାତରା
ଧୂଳି ଶୁଙ୍ଘି ଖାଇ ପେଟ
ଫାଟିଯିବ
ଧୂଳି ବା ସେଇଠି ଖତରା
ଆଳୁଦମ ଓ ଦହିବରା...
ଘରକୁ ଆସିଲେ ଛିଙ୍କି
ଚାଲିଥିବେ
ସ୍ତ୍ରୀ ଦେବ ଝାଡୁ ପହଁରା ।

■ ଦେବାଶିଷ

# ରାଜ୍ୟପାଳଙ୍କୁ ଭାଉ ଦେଖାଇଲେ ଭାଉସାହେବ

- ସର୍ବୋଚ୍ଚ ପଦବୀକୁ ଅସମ୍ମାନ
- କାର୍ଯ୍ୟାନୁଷ୍ଠାନ ସପକ୍ଷରେ ମତ





**ଭୁବନେଶ୍ୱର, ୧୩।୧୧ (ସଂଚାର ବ୍ୟୁରୋ) :** ରାଜ୍ୟର ମୁଖ୍ୟ ତଥା ମହାମହିମ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ସର୍ବଦା ଓଡ଼ିଶାବାସୀଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରି ଆସୁଥିବାବେଳେ ବାଲିଯାତ୍ରା ପଡିଆରେ କିନ୍ତୁ ରାଜ୍ୟପାଳଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରାଯାଇଛି। ଓଡିଆ ଅସ୍ମିତା ଓ ଓଡିଶାବାସୀଙ୍କୁ ଯଥାରୀତି ସମ୍ମାନ ଜଣାଉଥିବା ରାଜ୍ୟପାଳଙ୍କ ସମ୍ମୁଖରେ ଏଭଳି ଅସମ୍ମାନ ପ୍ରଦର୍ଶନ କରିଛନ୍ତି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ। ବାଲିଯାତ୍ରା ସମାରୋହରେ ମଞ୍ଚ ଉପରେ ରାଜ୍ୟପାଳଙ୍କ ସମ୍ମୁଖରେ ଜିଲ୍ଲାପାଳ ଯେଭଳି ଗୋଡ ଟେକି ବସିଛନ୍ତି ତାହାକୁ ସାଧାରଣ ଲୋକେ ସହଜରେ ଗ୍ରହଣ କରିପାରି ନାହାନ୍ତି। ଭାଉସାହେବ ରାଜ୍ୟପାଳଙ୍କ ସମ୍ମୁଖରେ ଭାଉ ଖାଉଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି।

କଟକର ଏହି ଯୁବ ଜିଲ୍ଲାପାଳ ତାଙ୍କର ନିଯୁକ୍ତି ସମୟରୁ ହିଁ ଚର୍ଚ୍ଚାରେ ରହିଛନ୍ତି। ଗତବର୍ଷର ବାଲିଯାତ୍ରା ସମୟରେ ମଧ୍ୟ ତାଙ୍କର କେତେକ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକଟ କରାଯାଇଥିଲା। ବିଶେଷକରି ଜିଲ୍ଲାର ଜଣେ ବିଧାୟକଙ୍କୁ ନିମନ୍ତ୍ରଣ ନ କରିବା, ବାଲିଯାତ୍ରା ଆୟୋଜନରେ ମନମାନୀ କରିବାକୁ ନେଇ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲେ ମଧ୍ୟ ରାଜ୍ୟର ସମ୍ମାନ ଦୃଷ୍ଟିରୁ ସରକାର ସେଥିରେ ହସ୍ତକ୍ଷେପ କରି ମାମଲାକୁ ଥଣ୍ଡା କରିଥିଲେ।

ଚଳିତବର୍ଷ ବାଲିଯାତ୍ରାରେ ମଧ୍ୟ ଛୋଟ ଛୋଟ ଉଠାଦୋକାନୀଙ୍କୁ ପୁଲିସ୍ ଲଗାଇ ତଡ଼ିବାକୁ ନେଇ ଲୋକେ ଜିଲ୍ଲାପାଳଙ୍କ ଉପରେ କ୍ଷୁବ୍ଧ ଥିଲେ। ତେବେ ରାଜ୍ୟପାଳଙ୍କ ସମ୍ମୁଖରେ ଜିଲ୍ଲାପାଳଙ୍କ ବସିବା ଢଙ୍ଗ ସବୁ ସୀମା ଟପିଯାଇଛି। ବାଲିଯାତ୍ରା ପଡ଼ିଆରେ ଉପସ୍ଥିତ ଲକ୍ଷାଧିକ ଲୋକଙ୍କୁ ସମ୍ମାନ ଜଣାଇ ଖୋଦ୍ ମହାମହିମ ରାଜ୍ୟପାଳ ଅତ୍ୟନ୍ତ ଶାନ୍ତ ଓ ଭଦ୍ର ଭାବେ ମଞ୍ଚରେ ବସିଥିବାବେଳେ ତାଙ୍କ ନିକଟରେ ଜିଲ୍ଲାପାଳ ଅତ୍ୟନ୍ତ ବେପରୁଆ ଓ ଅହଙ୍କାର ପ୍ରଦର୍ଶନ ସ୍ୱରୂପ ➪ପୃଷ୍ଠା-୬

SANCHAR ସଂଚାର

## ବସ୍ ଧକ୍କାରେ ୩ ବାଇକ୍ ଆରୋହୀ ଗୁରୁତର

**ସାଲେପୁର,୧୩।୧୧ (ସଂଚାର ବ୍ୟୁରୋ):** ଆଜି ଦିନ ୨ଟା ସମୟରେ ଭାତପଡ଼ା ପେଟ୍ରୋଲ ପମ୍ପ ନିକଟରେ ସାଲେପୁରରୁ କଟକ ଯାଉଥିବା ମା ଲକ୍ଷ୍ମୀ ନାମକ ଘରୋଇ ବସ୍ ନମ୍ବର ଓଡି୦୨ସିଡି୬୮୭୧ଟି ହଠାତ ବାମ ପଟୁ ଡାହାଣ ଆଡକୁ ମାଡି ଆସିବାରୁ ଏକ ବାଇକ ଯାହାର ନମ୍ବର ଓଆର୍୦୨ବିଜେ୭୦୪୮କୁ ଧକ୍କା ଦେବା ଫଳରେ ବାଇକରେ ଥିବା ୩ଜଣ ବ୍ୟକ୍ତି ଛାଟି ହୋଇଯିବା ସହ ବାଇକଟି




ପାଖାପାଖି ୨୦ ଫୁଟ ପର୍ଯ୍ୟନ୍ତ ଘୋଷାଡି ହୋଇ ଯାଇଥିଲା । ଘାଟଣାସ୍ଥଳରେ ୩ଜଣ ଆହତ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକମାନେ ଆମ୍ବୁଲାନ୍ସ ଯୋଗେ କଟକ ବଡ ମେଡିକାଲକୁ ପଠାଇଥିଲେ । ଏହି ୩ଜଣ ବ୍ୟକ୍ତି ଙ୍କ ମଧ୍ୟରୁ ଦୁଇ ଜଣ ମାହାସିଂହପୁର ଗ୍ରାମର ଏବଂ ଜଣେ ବ୍ୟକ୍ତି ରାମକୃଷ୍ଣପୁର ଗ୍ରାମର ବୋଲି ଜଣାପଡିଛି। ଘଟଣାସ୍ଥଳରେ ସାଲେପୁର ପୁଲିସ ପହଞ୍ଚି ଉଭୟ ବସ୍ ଏବଂ ବାଇକଟିକୁ ଜବତ କରି ସାଲେପୁର ଥାନାକୁ ନେଇ ଅଧିକ ତଦନ୍ତ ଚଳାଇ ଥିବା ସୂଚନା ମିଳିଛି । ପ୍ରତେକ୍ଷ୍ୟଦର୍ଶୀଙ୍କ କହିବା ଅନୁଯାଇ ବାଇକ ବାଲାର ଭୁଲ ଯୋଗୁ ଦୁର୍ଘଟଣାଟି ଘଟିଛି ବୋଲି କୁହାଯାଏ ।

# ନିରଞ୍ଜନଙ୍କ ପାଇଁ ସରକାରୀ ଗୃହ ସାତସପନ

**ଡେରାବିଶ,୧୩।୧୧(ସଂଚାର ବ୍ୟୁରୋ):** ସରକାରୀ ଘର ଦେବା ପାଇଁ ଭୋଟ ବେଳେ କେତେ କଣ କୁହନ୍ତି ନେତା ମାନେ। କିନ୍ତୁ ଭୋଟ ସରିଗଲେ କେହି କାହା କଥା ଶୁଣିବାକୁ ନାରାଜ । ନୂଆ ସରକାର କହିଲେ ସମସ୍ତ ଚାଳ ଘର ଥିବା ହିତାଧିକାରୀଙ୍କୁ ଯଥା ଶୀଘ୍ର ସରକାରୀ ଗୃହ ଯୋଗାଇ ଦିଆଯିବ। ଦୁଇ ବର୍ଷ ପୁରିବାକୁ ବସିଲାଣି

### ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର

କିନ୍ତୁ ଘର ଦିଆ ଗଲା ନାହିଁ। ଲୋକମାନେ ଭାବିଥିଲେ ନୂଆ ସରକାର ଆସିଲେ ଆମେ ମାନେ କିଛି ଉପକୃତ ହେବୁ କିନ୍ତୁ ଓଲଟା ହେଲା ବୋଲି ଛକ ବଜାରରେ କୁହା କୁହି ହେଉଥିବା ଶୁଣିବାକୁ ମିଳୁଛି।

ସରକାର ବିଭିନ୍ନ ଯୋଜନାର ହିତାଧିକାରୀ ମାନଙ୍କୁ ଲୋଭ ଦେଖାଇ ଥିବା ବେଳେ ଏବେ ନିରାଶ ହେବାରେ ଲାଗି ଲେଣି ଲୋକେ। ଘର ଦେବା ପାଇଁ ପଞ୍ଚାୟତ



ସ୍ତରରେ ସମସ୍ତଙ୍କ ଘର ଘର ବୁଲି ଆବଶ୍ୟକ କାଗଜ ପତ୍ର ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରି ଥିବା ବେଳେ ଚାଳ ଛପର ଘର ର ସର୍ଭେ କରି ଫଟ ଉଠାଇ ନେଲେ। କିନ୍ତୁ ତଦନ୍ତ କୁ ଦୀର୍ଘ ଦିନ ବିତି ଯାଇଥିଲେ ମଧ ଯୋଗ୍ୟ ହିତାଧିକାରୀଙ୍କୁ ଏ ପର୍ଯ୍ୟନ୍ତ ଘର ମିଳିଲା ନାହିଁ। କେତେକ ହାତ ଗଣତି ଭିନ୍ନକ୍ଷମ ମାନଙ୍କୁ ଘର ଦେଇଥିଲେ ମଧ କେତେକ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଏମିତି ଦେଖିବାକୁ ମିଳୁଛି ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମର ନିରଞ୍ଜନ ବାସୁଳୀଙ୍କ କ୍ଷେତ୍ରରେ।

ନିରଞ୍ଜନଙ୍କ ମାନଦଣ୍ଡ ଯୋଗ୍ୟ ହିତାଧିକାରୀ ଥାଇବି ସରକାରୀ ଗୃହ ପାଇଁ ପଞ୍ଚାୟତ ସ୍ତରରୁ ବ୍ଲକ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନିରାଶ ହେଲେଣି । ବର୍ଷା ଦିନ ହେଲେ ମାଟି କାନ୍ଥ ଧୋଇ ହୋଇ ଥିବା ବେଳେ ତାକୁ ପୁଣି ମାଟିରେ ଲେସି ଘରକୁ ରଖୁଛନ୍ତି। ବାସୁଳି ଚାଷ କରୁଥିବା ବେଳେ ଆର୍ଥିକ ଅବସ୍ଥା ଅଭାବରୁ ପକ୍କା ଘରଟିଏ କରି ପାରୁନାହାନ୍ତି। ଆଶା ଥିଲା ନୂଆ ସରକାର ଆମ ଗରିବ ଲୋକଙ୍କ ପାଇଁ ସାହା ହେବେ କିନ୍ତୁ ଓଲଟା ହେଲା। ଆବାସ ଯୋଜନାରୁ ଘର ଟିଏ ପାଇଁ ସରପଞ୍ଚ ଙ୍କ ଠାରୁ ବ୍ଲକ ପ୍ରଶାସନ ଅଧିକାରୀ ମାନଙ୍କୁ ଗୁହାରି କରିଥିଲେ ସୁଦ୍ଧା ଶେଷରେ ନିରାଶ ହେବାକୁ ପଡ଼ିଛି ବୋଲି କହିଛନ୍ତି ପରିବାର ଲୋକେ। ଯେତେ ଶୀଘ୍ର ଯୋଗ୍ୟ ହିତାଧିକାରୀ ମାନଙ୍କୁ ସରକାରୀ ଘର ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସ୍କୁଟି ସହ ୫୦ ଲିଟର ଦେଶୀ ମଦ ଜବତ, ଦୁଇ ଗିରଫ



**ଯାଜପୁର ରୋଡ଼, ୧୩।୧୧ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହରରେ ଥିବା ଡୋଲିପୁର ଅବକାରୀ ବିଭାଗ ପକ୍ଷରୁ ଅଶୋକଝର ଗାଁରେ ଚଢ଼ାଉ, ୫୦ ଲିଟର ଦେଶୀମଦ ସହିତ ସ୍କୁଟି ଗାଡି ଜବତ ସହ ଦୁଇଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଡୋଲୀପୁର ଅବକାରୀ ଅଧିକାରୀ ଶ୍ରୀ ବିଭୁ ପ୍ରସାଦ ସାହୁ କୋରେଇ ଥାନା ଅଶୋକଝର ଗାଁ ଛକରେ ଚଢ଼ାଉ କରିଥିଲେ। ଏହି ସମୟରେ ଦୁଇଜଣ ବ୍ୟକ୍ତି ଦେଶୀମଦ ବିକିବାକୁ ନେଇକି ଆସୁଥିବା ଦେଖି ଗିରଫ କରିନେଇଥିଲେ । ଗିରଫ ଅଭିଯୁକ୍ତ ଦୁଇଜଣ ହେଲେ କେନ୍ଦୁଝର ଜିଲ୍ଲା ଅଂଚଳର ରାଜେନ୍ଦ୍ର କୁମାର ପାତ୍ର ଓ ପଦ୍ମଲୋଚନ ପାତ୍ର ବୋଲି ଜଣାପଡିଛି। ତେବେ ଏହି ଅଭିଯୁକ୍ତଙ୍କ ନିକଟରୁ ୫୦ ଲିଟର ଦେଶୀମଦ ସହିତ ସ୍କୁଟି ଗାଡି ଜବତ ହେଇଥିବା ସୂଚନା ମିଳିଛି। ଏହି ଚଢ଼ାଉରେ ଏଏସଆଇ ରଶ୍ମୀ ରେଖା ଜେନା,ରଞ୍ଜନ ପାତ୍ର ଓ କର୍ମଚାରୀ ଚଗୁଲୁ ମଲ୍ଲିକ, ମାଳତୀ ମାଝୀ ସାମିଲ ଥିଲେ ।

## କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ପୂର୍ବତନ ସମ୍ପାଦକଙ୍କ ବିୟୋଗରେ ଶୋକ

**କେନ୍ଦ୍ରାପଡ଼ା,୧୩।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ପୂର୍ବତନ ସମ୍ପାଦକ ଯୁଧିଷ୍ଠିର ଜେନାଙ୍କ ଇଛାପୁରସ୍ଥିତ ବାସଭବନରେ ହୃଦ୍‌ଘାତରେ ବିୟୋଗ ହୋଇଯାଇଛି। ଏହି ଦୁଃଖଦ ଖବର ପାଇବା ପରେ ଅର୍ବାନ ବ୍ୟାଙ୍କ କର୍ମଚାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ତାଙ୍କ କାର୍ଯ୍ୟକାଳ ସମୟରେ ବ୍ୟାଙ୍କର ବହୁ ଉନ୍ନତି ହୋଇପାରିଥିଲା। ବ୍ୟାଙ୍କ ସଭାପତି ଗୁରୁପ୍ରସାଦ ମହାନ୍ତି ଦିଲ୍ଲୀରେ ଏକ ଜରୁରୀ କାର୍ଯ୍ୟରେ ଥିବାବେଳେ ଏହି ଦୁଃଖଦ ଖବର ପାଇ ସ୍ୱର୍ଗତ ଜେନାଙ୍କ ପରିବାର ଲୋକଙ୍କୁ ସମବେଦନା ଜ୍ଞାପନ କରିବା ସହ ତାଙ୍କ ଆତ୍ମାର ସଦଗତି କାମନା କରି ଶ୍ରୀବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ଅର୍ବାନବ୍ୟାଙ୍କ ମୁଖ୍ୟ ଶାଖା ପରିସରରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶୋକସଭାରେ ସ୍ୱର୍ଗତ ଜେନାଙ୍କ ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା କରାଯିବା ସହ ତାଙ୍କ ପରିବାର ପରିଜନଙ୍କୁ ସମବେଦନା ଜଣାଇଛନ୍ତି ।

## ମା’ ଛେଉଣ୍ଡ ୪ ଶିଶୁଙ୍କୁ ସହାୟତାର ହାତ ବଢ଼ାଇଲା କଳିଙ୍ଗ ଆବାସିକ ବିଦ୍ୟାଳୟ



**ଡେରାବିଶ,୧୩।୧୧(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ଆଜି ମା ଛେଉଣ୍ଡ ୪ ଶିଶୁଙ୍କୁ ସହାୟତା ପ୍ରଦାନ କରାଯାଇଛି। ଘଟଣାରୁ ପ୍ରକାଶ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ବାରଡିଆ ପଞ୍ଚାୟତ ଶିଆଳିଆ ଗ୍ରାମର ଗୌରାଙ୍ଗ ମଳିକ (୪୦)ଙ୍କ ପତ୍ନୀଙ୍କର ଗତ ତିନିବର୍ଷ ହେବ ମୃତ୍ୟୁ ହୋଇଯିବା ପରେ ତାଙ୍କର କୁନିକୁନି ଚାରୋଟି ଝିଅ ଏବେ ବୁଢ଼ୀ ମା ପାଖରେ ବହୁ କଷ୍ଟରେ କାଳାତିପାତ କରୁଛନ୍ତି। ଦିନମଜୁରିଆ ଗୌରାଙ୍ଗ ମୂଲଲାଗି ପରିବାର ପ୍ରତିପୋଷଣ କରୁଥିବା ବେଳେ ୪ ଶିଶୁ ଓ ବୁଢ଼ୀମାଙ୍କର ଖାଦ୍ୟ, ପୋଷାକ ଓ ଶିକ୍ଷା ଇତ୍ୟାଦି ପାଇଁ ଅର୍ଥ ଯୋଗାଡ଼ କରିପାରୁନାହାଁନ୍ତି। ଏପରିକି ରହୁଥିବା ଚାଳ ଘରଟି ଅର୍ଥ ଅଭାବରୁ ଛପର କରିନପାରିବାରୁ ଗତ ଲଗାଣ ବର୍ଷାରେ ଏହା ସମ୍ପୂର୍ଣ୍ଣ ଭୁଷୁଡ଼ି ଯାଇଛି। ଏବେ ଏକ ପାଲା ଟାଙ୍ଗି ସାରା ପରିବାରଟି ସେଠାରେ ମୁଣ୍ଡ ଗୁଞ୍ଜିଛନ୍ତି। ସ୍ଥାନୀୟ ଅଞ୍ଚଳର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଏହି ଖବର ପାଇ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ ମନୋଜ କୁମାର ପ୍ରଧାନ ସେଠାରେ ପହଞ୍ଚି ଏହି ପରିବାରକୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଶ୍ରୀ ପ୍ରଧାନଙ୍କ ସହିତ ବିଦ୍ୟାଳୟର ଶିକ୍ଷକ ଦୁର୍ଗା ପ୍ରସାଦ ପଣ୍ଡା ଓ ଶୁଭଙ୍କର ସିହ୍ନା ଉପସ୍ଥିତ ରହିଥିଲେ। ସହୃଦୟ ବ୍ୟକ୍ତିମାନେ ଏହି ଦୁସ୍ଥ ପରିବାରକୁ ସହଯୋଗ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ନିବେଦନ କରିଛନ୍ତି।

### ବରକନ୍ଧାରେ କଙ୍ଗାରୁ କୋର୍ଟ ଓ ସାମାଜିକ ବାସନ୍ଦ ଘଟଣା

## ଏସ୍‌ପି ଓ ଡିଜିପିଙ୍କୁ ପଦକ୍ଷେପ ପାଇଁ ଗୃହ ବିଭାଗର ନିର୍ଦ୍ଦେଶ

**ମହାକାଳପଡ଼ା,୧୩।୧୧(ସଂଚାର ବ୍ୟୁରୋ):** ଗାଁ ସଭା ନିଷ୍ପତ୍ତିକୁ ନ ମାନିବାରୁ ଦୁଇ ଭାଇଙ୍କୁ ସଙ୍ଘବଦ୍ଧ ଆକ୍ରମଣ ସହ ସାମାଜିକ ବାସନ୍ଦ ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଆଲୋଡନ ସୃଷ୍ଟି ହୋଇଛି। ଏହି ଘଟଣାରେ ଆଇନ ଅନୁଯାୟୀ ତୁରନ୍ତ ପଦକ୍ଷେପ ନେବାକୁ କେନ୍ଦ୍ରାପଡ଼ା ଏସ୍ପି ଓ ଡିଜିପିଙ୍କୁ ଗୃହ ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁସାରେ ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ବରକନ୍ଧା ଗ୍ରାମରେ ଜମିଜମା ସମସ୍ୟାକୁ ନେଇ ମଙ୍ଗଳବାର ବରକନ୍ଧା ଗ୍ରାମରେ ଗ୍ରାମବାସୀଙ୍କ ତରଫରୁ ଏକ ସଭା ଡକାଯାଇଥିଲା। ଯେଉଁ ସଭାକୁ ଗାଁର ବିକ୍ରମ ରାଉତ ଓ ତାଙ୍କ ଭାଇ ରଞ୍ଜନ ରାଉତଙ୍କୁ ସଭାରେ ଉପସ୍ଥିତ ହେବା ପାଇଁ ଜଣାଯାଇଥିଲା। ବେଆଇନ ଭାବେ ଗ୍ରାମର ଏକ ଜମି ସେମାନଙ୍କ ଦିବଙ୍ଗତ ବାପା ତାଙ୍କ ନାମରେ ପଟ୍ଟା କରିନେଇଥିଲେ ଯାହାକୁ ଫେରାଇଦେବା ପାଇଁ ସଭାରେ ଦୁଇ ଭାଇଙ୍କୁ ଚାପ ପକାଇଥିଲେ ଗ୍ରାମବାସୀ। ହେଲେ ଦୁଇଭାଇ ଜମି ଫେରାଇବାକୁ ରାଜି ନହେବାରୁ ସଭାରେ ବିକ୍ରମ ଓ ରଞ୍ଜନଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା। ଘଟଣା ସମ୍ପର୍କରେ ବିକ୍ରମଙ୍କ ପତ୍ନୀ ଟୋଲ୍ ଫ୍ରି ନମ୍ବରରେ ପୁଲିସ କଣ୍ଟ୍ରୋଲ୍ ରୁମ୍‌କୁ ଫୋନ୍ କରିବା ପରେ ମହାକାଳପଡ଼ା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଭାଇଙ୍କୁ ଉଦ୍ଧାର କରିଥିଲେ। ଏନେଇ ବିକ୍ରମ ଥାନାରେ ଲିଖିତ ଏତଲା ଦେବା ପରେ ଗ୍ରାମବାସୀମାନଙ୍କ ପକ୍ଷରୁ ଦୁଇ ଭାଇଙ୍କୁ ସାମାଜିକ ବାସନ୍ଦ ରଖିବା ଓ ସେମାନଙ୍କ ସହିତ କେହି ସମ୍ପର୍କ ରଖିଲେ କି କଥାବାର୍ତ୍ତା ହେଲେ ଦୁଇ ହଜାର ଟଙ୍କା ଜୋରିମାନା କରାଯିବ ବୋଲି ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଛି।

ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜଣେ ସୂଚନା ଅଧିକାର କର୍ମୀ ଏହାକୁ ଗୃହ ବିଭାଗ ନିକଟକୁ "ଏକ୍ସ" ଜରିଆରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା କ୍ଷଣି କେନ୍ଦ୍ରାପଡ଼ା ଏସ୍ପି ଓ ଡିଜିପିଙ୍କୁ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ଗୃହ ବିଭାଗ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ଖରିନାସିରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

**ମହାକାଳପଡ଼ା,୧୩।୧୧(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଖରିନାସି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ପଡିଆ ଠାରେ ଆଜି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଏକ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ ଏହି



କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଡ଼ ଦୁର୍ଗାପ୍ରସନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ଦେବା ସହ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ଜାତୀୟ ପ୍ରାଣୀଧନ ମିଶନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ରେ ହିତାଧିକାରୀଙ୍କୁ ଅତିରିକ୍ତ ରିହାତି, ଗୋ -ସମ୍ପଦ ବୀମା ଯୋଜନା, ମାଈ ବାଛୁରୀ ପାଳନ ଯୋଜନା ସରକାର ପ୍ରୋତ୍ସାହନ, ସବୁଜ ଗୋଖାଦ୍ୟ ଉଦ୍ୟୋଗ ବିକାଶ ପାଇଁ ୫୦ ପ୍ରତିଶତ ସହାୟତା ଆଦି ବହୁବିଧ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ମୁଖ୍ୟବକ୍ତା ଭାବେ ରାଜନଗର ବନଖଣ୍ଡ ଅଧିକାରୀ ଭରଦ୍ୱାଜ ଗାଁଓକର, ସମ୍ମାନୀତ ଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁନାଥ ଆର ଆୟାର, ମହାକାଳପଡ଼ା ବ୍ଲକ ଅଧକ୍ଷା ମିରାରାଣୀ ମହାନ୍ତି ପ୍ରମୁଖ ଯୋଗ ଦେଇ ଯୁବପିଢ଼ି ମାନଙ୍କୁ କୃଷି କାର୍ଯ୍ୟ ପ୍ରତି ଆଗ୍ରହ ପ୍ରକାଶ କରିବାକୁ ଆହ୍ୱାନ ଦେଇ ଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ବ୍ଲକ ଉପାଧକ୍ଷ ବିଜୟ ଶୁକ୍ଳା, ସାଂସଦଙ୍କ ପ୍ରତିନିଧି ସରୋଜକାନ୍ତ ସାହୁ ପ୍ରମୁଖ ଯୋଗ ଦେଇ ଛେଳି ଚାଷ, କୁକୁଡ଼ା ଚାଷ, ବତକ ଚାଷ ଆଦି କରିବାକୁ ଇ-ସେବା ପୋର୍ଟାଲରେ ଆବେଦନ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାର ସୁଫଳ ନେବାକୁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ୪ ଜଣ ମତ୍ସ୍ୟ ଚାଷୀ ଓ ୪ ଜଣ ପ୍ରାଣୀ ସମ୍ପଦ ଚାଷୀ ଙ୍କୁ ପ୍ରତ୍ୟେକ ୧ ହଜାର ଟଙ୍କା ଲେଖାଏଁ ଅର୍ଥ ରାଶି ପ୍ରଦାନ କରାଯାଇଥିଲା।

## କୁମ୍ଭୀରକୁ ନପାଇ ନିରାଶ ହୋଇ ଫେରିଲା ବନ ବିଭାଗ

**ପଟ୍ଟାମୁଣ୍ଡାଇ,୧୩।୧୧(ସଂଚାର ବ୍ୟୁରୋ):** ସଂପ୍ରତି ଗତକାଲି ରାତି ସାଢ଼େ ୮ଟା ସମୟରେ ପଟ୍ଟାମୁଣ୍ଡାଇ ନୂତନ ବାଇପାସ ବିଜୁ ପଟ୍ଟନାୟକ ଛକ ନିକଟ କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱ କେନାଲ ପୋଲ ନିକଟରେ ଏକ ବିରାଟକାୟ କୁମ୍ଭୀର ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। କୁମ୍ଭୀର ଭାସୁଥିବାରୁ ବିପଦର ଆଶଙ୍କା କରି ଲୋକମାନେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କୁ ଖବର ଦେଇଥିଲେ। ଥାନା ପକ୍ଷରୁ ମଧ କୁମ୍ଭୀରକୁ ଖୋଜା ଯାଇଥିଲା । କିନ୍ତୁ କୁମ୍ଭୀର ପାଣିରେ ବୁଡି ରହିଥିବାରୁ କୌଣସି ସନ୍ଧାନ ମିଳିନଥିଲା। ପଟ୍ଟାମୁଣ୍ଡାଇ

> **ଗତକାଲି ରାତିରେ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ଭାସୁଥଲା**
> **ଆତଙ୍କିତ ଅବସ୍ଥାରେ ସହରବାସୀ**

ମୁଖ୍ୟ କେନାଲ ସହର ମଧ ଦେଇ ଯାଇଥିବାରୁ ସହରର ଲୋକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଉକ୍ତ କୁମ୍ଭୀରଟି ବ୍ରାହ୍ମଣୀ ବନ୍ୟା ବନ୍ଧ ଆର ପଟୁ ରାସ୍ତା ପାର ହୋଇ କେନାଲ ମଧରେ ପ୍ରବେଶ କରିଛି । ଏହି ବଉଳା କୁମ୍ଭୀରଟିର ଲମ୍ବ ୧୦/ ୧୨ ଫୁଟ ହେବ ବୋଲି ଅନୁମାନ କରାଯାଉଛି। ଗତକାଲି କୁମ୍ଭୀରଟି କେନାଲରେ ପ୍ରବେଶ କରିଥିବା ଦେଖିଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଗତ ୩୧ ତାରିଖ ଦିନ ପୌରପରିଷଦ ଅଧୀନ ଅଳଭା ଗ୍ରାମର ବିଶ୍ୱନାଥ ନାୟକଙ୍କ ପୋଖରୀରୁ ମଧ ଏକ ୧୨ଫୁଟ ଲମ୍ବର କୁମ୍ଭୀରକୁ ମହାକାଳପଡା ରେଞ୍ଜ ବନ ବିଭାଗ ଉଦ୍ଧାର କରିଥିଲା। ଏହି କୁମ୍ଭୀରଟି ମଧ ବନ୍ୟା ବନ୍ଧ ପାର ହୋଇ ପୋଖରୀରେ ପ୍ରବେଶ କରିଥିବା ସ୍ଥାନୀୟ ଲୋକେ କହିଥିଲା। ଏହା ପୂର୍ବରୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର କଷଣଅଣ୍ଟା,ବଳଦେବ ନଗର ,ତଳ ବାଲିପଡ଼ା ଗ୍ରାମର ପାଟ ନାଳିରେ ସଂଖ୍ୟାଧିକ କୁମ୍ଭୀର ବଂଶ ବିସ୍ତାର କରି ଚାଲିଥିବା ସହରବାସୀଙ୍କୁ ଭୟଭୀତ କରିଛି । ଗତ ବନ୍ୟା ସମୟରେ ମଧ କୁମ୍ଭୀର ମୁଖ୍ୟ ରାସ୍ତା ଉପରକୁ ଚାଲି ଆସିବା ଦ୍ୱାରା ଲୋକମାନେ ଭୟଭୀତ ହୋଇ ପଡ଼ିଥିଲେ ।

## ଅଶ୍ରୁଖୋଲା ଉନ୍ନୟନ ପରିଷଦର ଶୋଭାଯାତ୍ରା



**ମାର୍ଶାଘାଇ,୧୩।୧୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅନ୍ତେଇ ପଞ୍ଚାୟତ ବାଲିଘାଇ ଗ୍ରାମ ନିକଟ ଅଶ୍ରୁଖୋଲା ଯୋରକୁ ପୁନରୁଦ୍ଧାର ପାଇଁ ସଂଗ୍ରାମ କରୁଥିବା ଅଶ୍ରୁଖୋଲା ଉନ୍ନୟନ ପରିଷଦର ଏକ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ୬୩ କି.ମି ଲମ୍ବ ଓଡ଼ିଶାର ଦୀର୍ଘତମ ଯୋର ଅଶ୍ରୁଖୋଲା ପୁନରୁଦ୍ଧାର ହେଲେ ୨ ୯ ଗୋଟି ପଞ୍ଚାୟତର ଚାଷୀ ଏବଂ ଜନସାଧାରଣ ଉପକୃତ ହୋଇପାରିବେ । ଶୋଭାଯାତ୍ରା ପରେ ଏକ ସଭା ବାଲିଘାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଅନ୍ତେଇ ପଞ୍ଚାୟତର ଯୁବ ସରପଞ୍ଚ ସଞ୍ଜୟ ସେଠୀ ସଭା ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରିବେଶବିତ୍ ତଥା ବୈଜ୍ଞାନିକ ଡଃ ଜୟକୃଷ୍ଣ ପାଣିଗ୍ରାହୀ, ଉନ୍ନୟନ ପରିଷଦର ସଭାପତି ପୂର୍ବତନ ବୈଜ୍ଞାନିକ ଡଃ ଅମରେନ୍ଦ୍ର ମହାନ୍ତି, ସମ୍ପାଦକ ଡଃ ଅବଦୁଲ ହଲିମ୍ ଖାଁନ, କୋଷାଧକ୍ଷ ନୃସିଂହ ଚରଣ ବେହେରା, ପ୍ରଫେସର ନିତ୍ୟାନନ୍ଦ ସାହୁ, ଉପସଭାପତି ଗଙ୍ଗାଧର ପରିଡ଼ା, ସାମନ୍ତରାୟପୁର ପଞ୍ଚାୟତର ଯୁବନେତା ରଞ୍ଜିତ କୁମାର ସାହୁ(ବୁଲୁ), ୨୬ଜୋନ ଜିଲ୍ଲାପରିଷଦ ସଭ୍ୟ ପ୍ରତାପ କୁମାର ମଲ୍ଲିକ, ମୁଖ୍ୟ ଉପଦେଷ୍ଟା ଅଶୋକ ରାଉତଙ୍କ ସମେତ ଅଶ୍ରୁଖୋଲା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବହୁ ଜନସାଧାରଣ ଯୋଗଦେଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ଜଗତସିଂହପୁର ଜିଲ୍ଲା ତିର୍ତୋଲ ବ୍ଲକ ସାମନ୍ତରାୟପୁର ପଞ୍ଚାୟତ ସିରସ୍ତା ଠାରୁ ବାହାରି କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ପାଇଲୋ, ଅନ୍ତେଇ, ମନ୍ତେଇ ଦେଇ ବାଲିଘାଇ ଠାରେ ଶେଷ ହୋଇଥଲା । ବାଲିଘାଇ ସ୍ଥିତ ଅଶ୍ରୁଖୋଲା ସେତୁ ନିକଟରେ ଶତାଧିକ ମହିଳା ଅଭିଯାନର ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପଶୁ ସମ୍ପଦ ମେଳା



**ଗରଦପୁର,୧୩।୧୧(ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଆୟୋଜିତ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପଶୁ ସମ୍ପଦ ମେଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ମେଳା ଚାଷୀ ଓ ଯୁବକମାନଙ୍କୁ ନୂତନ ଉତ୍ସାହ ପ୍ରଦାନ କରିବା ସହ ସରକାରୀ ଯୋଜନାଗୁଡ଼ିକର ପ୍ରଚାର ଓ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଛି।

ମେଳାରେ ଆୟୋଜିତ ସଭାରେ ବ୍ଲକ ଅଧକ୍ଷ ଅଭୟ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଅନ୍ୟାନ୍ୟ ସମ୍ମାନୀୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ଡଲି ଶତପଥୀ, ସାଂସଦଙ୍କ ପ୍ରତିନିଧି ବିଜୟ କୁମାର ନାୟକ, ବିଧାୟକଙ୍କ ପ୍ରତିନିଧି ଶୈଳେନ୍ଦ୍ର ମହାନ୍ତି, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଏବଂ ଅତିରିକ୍ତ ଚିକିତ୍ସକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ମତ୍ସ୍ୟ ଚାଷ, ପଶୁପାଳନ ସହ ସରକାର ପ୍ରଦାନ କରୁଥିବା ବିଭିନ୍ନ ସବସିଡି ଏବଂ ବୀମା ଯୋଜନା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହାସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଚାଲୁଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନାଗୁଡ଼ିକର ସୁଫଳ ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ସଫଳ ମହିଳା ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜିଲ୍ଲାପାଳଙ୍କ ରାଜସ୍ୱ ଜନଶୁଣାଣି ଶିବିର

**କେନ୍ଦ୍ରାପଡ଼ା,୧୩।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ତହସିଲ କାର୍ଯ୍ୟାଳୟରେ ଗୁରୁବାର ଜିଲ୍ଲାପାଳଙ୍କ ରାଜସ୍ୱ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ତତ୍ୱାବଧାନରେ ଜିଲ୍ଲାରେ ପ୍ରଥମ ଥରପାଇଁ ୧୨ ନଭେମ୍ବରରୁ ରାଜସ୍ୱ ଜନଶୁଣାଣି ଶିବିର ଆରମ୍ଭ ହୋଇଛି । କେନ୍ଦ୍ରାପଡ଼ା ତହସିଲ କାର୍ଯ୍ୟାଳୟ ଜନଶୁଣାଣିରେ ମୋଟ ୮୮ ଟି ରାଜସ୍ୱ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଅଭିଯୋଗ ଗୁଡିକ ମଧ୍ୟରେ ମୁଖ୍ୟତଃ ମାପ ଚୁପ, ଦାଖଲ ଖାରଜ, ଜବର ଦଖଲ ଇତ୍ୟାଦି ମାମଲା ପଞ୍ଜିକୃତ ହୋଇଥିଲା ।




ଚଳିତ ମାସ ଜିଲ୍ଲାପାଳଙ୍କ ସମେତ ଦୁଇ ଅତିରିକ୍ତ ଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳଙ୍କୁ ନେଇ ରାଜସ୍ୱ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ । ରାଜସ୍ୱ ସଂକ୍ରାନ୍ତୀୟ ଯଦି କୌଣସି ଅଭିଯୋଗ କିମ୍ବା ସମସ୍ୟା ଥାଏ ତେବେ ଧାର୍ଯ୍ୟ ତାରିଖ ଦୀନ ପୂର୍ବାହ୍ନ ସାଢେ ଦଶଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ନିଜ ତହସିଲ କାର୍ଯ୍ୟାଳୟକୁ ଆସି ସମସ୍ୟା ଜଣାଇପାରିବେ। ୧୨ ତାରିଖ ଦିନ ରାଜନଗର ତହସିଲରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ ଉପସ୍ଥିତ ରହି ଜନଶୁଣାଣି କରିଥିଲେ । ସୂଚନା ଯୋଗ୍ୟ ଯେ ଆସନ୍ତା କାଲି ଅର୍ଥାତ୧୪ ତାରିଖରେ ଗରଦପୁର ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ)ନବକୃଷ୍ଣ ଜେନା ରାଜସ୍ୱ ଜନଶୁଣାଣିରେ ଯୋଗଦେବାକୁ ଥିବା ବେଳେ ୧୫ ତାରିଖରେ ଆଳି ତହସିଲରେ ଉପଜିଲ୍ଲାପାଳ ଅରୁଣ ନାୟକ, ୧୮ ତାରିଖରେ ଡେରାବିଶ ତହସିଲରେ ଜିଲ୍ଲାପାଳ ଶ୍ରୀ ଆୟାର, ୧୯ ତାରିଖରେ କନିକା ତହସିଲରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ୨୦ ତାରିଖରେ ପଟ୍ଟାମୁଣ୍ଡାଇ ତହସିଲରେ ଉପଜିଲ୍ଲାପାଳ ଶ୍ରୀ ନାୟକ, ୨୬ ତାରିଖରେ ମହାକାଳପଡ଼ା ତହସିଲରେ ଉପଜିଲ୍ଲାପାଳ ଶ୍ରୀ ନାୟକ ଏବଂ ୨୮ ତାରିଖରେ ମାର୍ଶାଘାଇ ତହସିଲରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକୃଷ୍ଣ ଜେନା ରାଜସ୍ୱ ଜନଶୁଣାଣି ଶିବିରରେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ ।

## ଦୁର୍ଘଟଣାରେ ଜଣେ ମୃତ, ଅନ୍ୟଜଣେ ଗୁରୁତର

**ବାରିପଦା,୧୩।୧୧(ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ମୟୁରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ନଳଗଜା ଠାରେ ଏକ ବାଇକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ମୟୁରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ମହୁସୂରିଆ ଗ୍ରାମର ପରମ ବିନ୍ଧାଣି ଏବଂ ଗୁରୁତର ଜଣକ ହେଲେ ଉକ୍ତ ଥାନା ଅଞ୍ଚଳର ପୁରୁଣାପାଣି ଗ୍ରାମର ସାହୁ ମାରାଣ୍ଡି । ଆଜି ଉଭୟ ଏକ ବାଇକରେ ଘରକୁ ଫେରୁଥିବା ସମୟରେ ରାସ୍ତାରେ ଭାରସାମ୍ୟ ହରାଇ ତଳକୁ ଖସି ପଡିଥିଲେ। ଉଭୟଙ୍କୁ ଡାକ୍ତରଖାନାକୁ ଅଣାଯାଇଥିବାବେଳେ ଡାକ୍ତର ଜଣକୁ ମୃତ ଘୋଷଣା କରିଥିଲେ।

# ନଦୀ ଗର୍ଭକୁ ଭୁଶୁଡ଼ିଲା ପଠା, ଅଞ୍ଚଳବାସୀ ଆତଙ୍କିତ

**ଡେରାବିଶ,୧୩।୧୧(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ଲୁଣାନଦୀର ବିଲ୍ୱମାଳ ମଠ ନିକଟରେ ଲୁଣାନଦୀର ବାମପାର୍ଶ୍ୱ ୭୦ ଫୁଟ ଲମ୍ବର ନଦୀ ପଠା ନଦୀ ଗର୍ଭକୁ ଗତାକାଲି ଭୁସୁଡ଼ି ଯାଇଛି। ତେବେ ଏହି ପଠାଟି କିଛିଦିନ ହେବ ଧିରେ ଧିରେ ଫାଟୁଥିବା ବେଳେ ଗତକାଲି ରାତିରେ ହଠାତ୍ ୭୦ ଫୁଟ ଲମ୍ବ୧୦ ଫୁଟ ଚଉଡ଼ାରେ ନଦୀ ଗର୍ଭକୁ ଧସିଯିବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଏଥିସହିତ ଏହି ସ୍ଥାନରେ ନବନ୍ଧ ନିକଟରୁ ମାତ୍ର ୧୦ ମିଟର ଦୂରରେ ନଦୀର ଗର୍ଭ ଓ ଏଠାରେ ଅତଳଥଳ ପାଣି। ଯେଉଁଥିପାଇଁ ନଦୀର ବାମପାର୍ଶ୍ୱ ବନ୍ଧପ୍ରତି ଏବେ ଘୋର ବିପଦ ଦେଖାଦେଇଛି।

ତେବେ ଗତ କିଛି ବର୍ଷ ହେଲା ନଦୀରେ ପୂର୍ବ ବର୍ଷମାନଙ୍କ ପରି ବଡ଼ ବନ୍ୟାର ପ୍ରକୋପ ଦେଖାଯାଇନାହିଁ। ଚଳିତ ବର୍ଷ ବି ନଦୀରେ ବନ୍ୟାପାଣି ସେଭଳି ଆସିନଥିଲା। କିନ୍ତୁ ଗତକାଲି ହଠାତ୍ ନଦୀ ପଠାରୁ ଅତଡ଼ା ଖସିବା ବନ୍ଧପ୍ରତି ବିପଦ ସୃଷ୍ଟି ହୋଇଥିବା ସ୍ଥାନୀୟ ଜନସାଧାରଣ ଆତଙ୍କିତ ହୋଇପଡ଼ୁଛନ୍ତି। ସ୍ଥାନୀୟ ଲୋକଙ୍କର କହିବା ଅନୁଯାୟୀ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ବିଲ୍ୱମାଳ ମଠର ଅପରପାର୍ଶ୍ୱ ତଥା ନଦୀର ଦକ୍ଷିଣ ବନ୍ଧ ପଠାରେ ରହିଥିବା ପାଣିଓଳା ଗ୍ରାମ ପଟରେ ଲୁଣାନୀ ବନ୍ଧରେ ପଥର ପ୍ୟାକିଂ ଓ ନଦୀ ମଧକୁ ସ୍ପର କରାଯାଇଛି। ଯାହା ଫଳରେ ପାଣିର ସ୍ରୋତ ବିଲ୍ୱମାଳ ମଠପଟରେ ମାଡ଼ ହେବା ସହ ସେହି ସ୍ଥାନକୁ ପାଣିର ତିବ୍ର ସ୍ରୋତ ନଦୀର ଶଯ୍ୟାକୁ ଗଭୀର କରିଛି। ତେବେ ନଦୀର ଅପର ପାର୍ଶ୍ୱରେ ପଥର ସ୍ପର ନିର୍ମାଣ ହେବା ବେଳେ ବିଲ୍ୱମାଳ ମଠ ପାର୍ଶ୍ୱ ବନ୍ଧକୁ ବିପଦ ହେବା ନେଇ ଅଭିଯୋଗ ହୋଇଥିଲା। ପରେ ସରକାର ନଦୀର ବାମପାର୍ଶ୍ୱ ପଠାରେ ମଧ କିଛିବାଟ ପଥରପ୍ୟାକିଂ କରିଥିଲେ। ତେବେ ଏହି ପ୍ୟାକିଂ ନଦୀର ଉପର ପଟକୁ ଆଉକିଛି ଦୂର କରିବାର ଆବଶ୍ୟକତା ଥିଲା। ଯେହେତୁ ନଦୀର ସ୍ରୋତ ବାମପଟେହିଁ ରହିଥିଲା। ଆଜି ତାର ପ୍ରଭାବରେ ବନ୍ଧ ଭୁସୁଡ଼ିବା ନେଇ ଲୋକ ଅଭିଯୋଗ କରିବା ସହିତ ନଦୀ ବନ୍ଧର ସୁରକ୍ଷା ନେଇ ତୁରନ୍ତ ପଥର ପ୍ୟାକିଂ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

ଏହି ଘଟଣାର ଖବର ପାଇ ଜଳସେଚନ ବିଭାଗର ଛତା ଉପଖଣ୍ଡ ଅଧିକାରୀ ଇଂ ପ୍ରମୋଦ କୁମାର ରାୟ ଆସନ୍ତା କାଲି ଘଟଣା ସ୍ଥଳକୁ ଆସିବେ ବୋଲି କହିବା ସହିତ ଯୁଦ୍ଧକାଳୀନ ଭିତିରେ ସମସ୍ୟାର ସମାଧାନର ବ୍ୟବସ୍ଥା କରିବେ ବୋଲି ପ୍ରକାଶ କରିଛନ୍ତି।



## କବି ଡାଃ ମନୋରଞ୍ଜନ ଦାଶଙ୍କ କବିତା ସଙ୍କଳନ ଉନ୍ମୋଚିତ



**ପଟ୍ଟାମୁଣ୍ଡାଇ,୧୩।୧୧(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଶିଷ୍ଟ କବି ଡାଃ ମନୋରଞ୍ଜନ ଦାଶଙ୍କ ଦଶମ କବିତା ସଂକଳନ ‘ଗଛ ସହ କଥା ହେବା’ ଉନ୍ମୋଚିତ ହୋଇଯାଇଛି। ଉକ୍ତ ଉନ୍ମୋଚନ ଉତ୍ସବରେ କଥାକାର ତଥା ପ୍ରାବନ୍ଧିକ ଅଧାପକ ଡ଼ଃ ନୀଳମଣି ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ହିଁ ଆମର ଅମୂଲ୍ୟ ସମ୍ପତ୍ତି, ତା'ର ସୁରକ୍ଷା ପ୍ରତି ପ୍ରତ୍ୟେକଙ୍କର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ରମେଶ ଚନ୍ଦ୍ର ମାଝି ଓ କବି ଗୌରହରି ବିଶ୍ୱାଳ ଯୋଗଦେଇ ଗଛ ସହ ଆତ୍ମୀୟତା ଯୋଡ଼ି ଦେଇ କବି ଡାଃ ଦାଶଙ୍କ ଭଳି ଗଛ ସହ କଥା ହେବାକୁ ପଡିବ ବୋଲି ଭାବାତ୍ମକ ଓ ମାର୍ମିକ ମତବ୍ୟକ୍ତ କରିଥିଲେ। ପରିବେଶବିତ୍ ଗୀତାଞ୍ଜଳୀ ଦାଶ କବିଙ୍କର ପୁସ୍ତକ "ଗଛ ସହ କଥା ହେବା"କୁ ସମୀକ୍ଷା କରିଥିଲେ।

ଏହାପରେ ପରିବେଶ ଭିତ୍ତିକ ଏକ ମନୋଜ୍ଞ କବିତା ପାଠୋତ୍ସବରେ କବି ସମ୍ମିତ ମହାପାତ୍ର, ଆକାଶ ପଟ୍ଟନାୟକ, ଅଧାପିକା ରାଜଶ୍ରୀ ପାଲ୍ ଓ ବିଶ୍ୱରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ । ଅଭିରାମ ରାୟ ସ୍ୱାଗତ ସୂଚନା ଓ ଶ୍ୟାମସୁନ୍ଦର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।



ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଶାସନିକ ସଂସ୍କାର ସମ୍ବନ୍ଧରେ ବିଶେଷଜ୍ଞମାନଙ୍କ ସହ ଆଲୋଚନା କରିଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଜାତୀୟ ସମ୍ମିଳନୀ 'କୋହୋର୍ଟ କନେକ୍ଟ' ଉଦ୍‌ଘାଟିତ

# ବିକଶିତ ଭାରତ ଲକ୍ଷ୍ୟ ହାସଲରେ ଭାରତୀୟଙ୍କ ସୁସ୍ଥତା ଜରୁରୀ

**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ଆସନ୍ତା ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି ଭାରତୀୟ ନାଗରିକଙ୍କ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଜି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି। ସ୍ଥାନୀୟ ସିଏସଆଇଆର-ଆଇଏମଏମଟିଠାରେ ଲଙ୍ଗିଚ୍ୟୁଡିନାଲ କୋହୋର୍ଟ ଷ୍ଟଡିଜ୍ ଉପରେ ଜାତୀୟ ସମ୍ମିଳନୀ-କୋହୋର୍ଟ କନେକ୍ଟକୁ ଉଦଘାଟନ କରି ସେ କହିଛନ୍ତି ଯେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତକୁ ଏବେ ନିଦାନ ଆଧାରିତ ଦୀର୍ଘକାଳୀନ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ହେବ। ଭାରତୀୟ ରୋଗୀଙ୍କ ପାଇଁ ଭାରତୀୟ ଉପଚାର, ଭାରତୀୟ ବିଷୟ ଲାଗି ଭାରତୀୟ ନିରାକରଣ ରଣନୀତି, ଭାରତୀୟ ସମାଧାନ ଲାଗି ଭାରତୀୟ ତଥ୍ୟ ଆମର ମନ୍ତ୍ର ହେବା ଉଚିତ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

କୋହୋର୍ଟ ଷ୍ଟଡିଜ୍ ଏପରି ଏକ ଅଧ୍ୟୟନକୁ ବୁଝାଇଥାଏ ଯେଉଁଥିରେ ସମାନ ବୈଶିଷ୍ଟ୍ୟ ଥିବା ଏକ ଗୋଷ୍ଠୀର ସ୍ୱାସ୍ଥ୍ୟାବସ୍ଥା ଓ ଜୀବନଶୈଳୀକୁ ଅନୁଧ୍ୟାନ କରାଯାଇଥାଏ ଯାହାଫଳରେ ସେମାନଙ୍କଠାରେ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ସମସ୍ୟାର ବିପଦ କାରକକୁ ଚିହ୍ନଟ କରାଯାଇପାରିବ। ଆଜିର କାର୍ଯ୍ୟକ୍ରମରେ ଜାତୀୟ ସ୍ତରରେ କୋହୋର୍ଟ ପାଇଁ ରହିଥିବା ସୁଯୋଗ ଉପରେ ଆଲୋକପାତ କରି କେନ୍ଦ୍ର ମନ୍ତ୍ରୀ ଡକ୍ଟର ସିଂ କହିଛନ୍ତି ଯେ ଏହା ସ୍ୱାସ୍ଥ୍ୟର ୪ଟି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଧାରକ ଯଥା ଜୈବିକ, ପରିବେଶଗତ, ଆନୁବଂଶିକ ଓ ଜୀବନଶୈଳୀ କାରକଗୁଡ଼ିକ ଉପରେ ଧ୍ୟାନକେନ୍ଦ୍ରିତ କରିଥାଏ। ପ୍ରତ୍ୟେକ କାରକ ଦେଶର ଆହାର, ପରିବେଶ ଓ ଆନୁବଂଶିକ ଢାଞ୍ଚାରେ ଅସାଧାରଣ ବିବିଧତା ଦ୍ୱାରା ଆକାର ନେଇଥାଏ। ଭାରତରେ ପାଚନକ୍ରିୟା ସହ ଜଡ଼ିତ ବିକାର ପ୍ରାୟତଃ ପରସ୍ପର ସହ ଯୋଡ଼ି ହୋଇ ରହିଥିବା ସ୍ଥିତି ରୂପରେ ସାମ୍ନାକୁ



ଆସିଥାଏ ଏବଂ ଏହାକୁ ସଂକ୍ରାମକ ଏବଂ ଅଣସଂକ୍ରାମକ ରୋଗର ବ୍ୟାପକ ପରିଦୃଶ୍ୟଠାରୁ ଅଲଗା କରାଯାଇପାରିବ ନାହିଁ ବୋଲି ଡ. ସିଂହ କହିଛନ୍ତି। ସେହିପରି ଯକ୍ଷ୍ମା ଓ ମଧୁମେହ ମଧ୍ୟରେ ପାରସ୍ପରିକ ସମ୍ପର୍କ ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ ଭାରତକୁ ରୋଗ ମୁକାବିଲା କ୍ଷେତ୍ରରେ ସଂକୀର୍ଣ୍ଣ ଦୃଷ୍ଟିକୋଣଠାରୁ ଆଗକୁ ବଢ଼ିବାକୁ ପଡ଼ିବ। ଦୀର୍ଘ ଦଶନ୍ଧିର ନିଦାନଗତ ଅଭିଜ୍ଞତାକୁ ଆଧାର କରି ଭାରତୀୟ ଫେନୋଟାଇପରେ ଏକ ସ୍ୱତନ୍ତ୍ର ପାଚନକ୍ରିୟାଜନିତ ଦୁର୍ବଳତା ରହିଛି ଯାହା ଅନେକ ପିଢ଼ି ଧରି ବିଦେଶରେ ବସବାସ କରୁଥିବା ଭାରତୀୟଙ୍କ ମଧ୍ୟରେ ବି ପରିଲକ୍ଷିତ ହୁଏ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।କୋହର୍ଟ କନେକ୍ଟ ସମ୍ମିଳନୀରେ ସାରା ଦେଶରୁ ବୈଜ୍ଞାନିକ, ଡାକ୍ତର, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ

ସମ୍ମିଳନୀର ଅଧିବେଶନଗୁଡ଼ିକରେ ସମନ୍ୱିତ ରୋଗ ନିରୂପଣ ମୂଲ୍ୟାଙ୍କନ, ବୃକକ୍-ରୋଗ ଗୋଷ୍ଠୀ ଏବଂ ସିଲିଆକ୍-ରୋଗ ଜୈବ ରିପୋଜିଟୋରୀଠାରୁ ଆରମ୍ଭ କରି ଜିଏଆରବିଏଚ-ଆଇଏନଆଇ ଅଧୀନରେ ଜନ୍ମ-ପରିଣାମ ଗବେଷଣା, ପ୍ରିଟର୍ମ-ଜନ୍ମ ଜିନୋମିକ୍ସ, ବୀରଭୂମ ଜନସଂଖ୍ୟା ପ୍ରକଳ୍ପ ଏବଂ ସିଏଆରଆରଏସ କାର୍ଡିଓମେଟାବୋଲିକ୍ ଗୋଷ୍ଠୀ ପର୍ଯ୍ୟନ୍ତ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା ହୋଇଛି।

## ବନ୍ଧୁକ ମୁନରେ ସାଢ଼େ ୩ ଲକ୍ଷ ଲୁଟ୍

**ରାଉରକେଲା, ୧୩।୧୧ (ସଂଚାର ବ୍ୟୁରୋ):** ରାଉରକେଲା ପୁଲିସ କୋଇଡ଼ା ଅଞ୍ଚଳରେ ଥିବା ଏକ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ସଶସ୍ତ୍ର ଲୁଟେରା ପଶି ସିସି କ୍ୟାମେରା ସମ୍ମୁଖରେ ଅଫିସ ଭିତରେ ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ଧମକ ଚମକ ଦେଖାଇ ନଗଦ ସାଢ଼େ ୩ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ନିକଟସ୍ଥ ଲହୁଣୀପଡା ଥାନାରେ କମ୍ପାନୀ ପକ୍ଷରୁ ଏତଲା କରାଯାଇଛି। ସୂଚନା ଅନୁଯାୟୀ ଲହୁଣୀପଡା ଥାନା ଟେନସା ଫାଣ୍ଡି ଅନ୍ତର୍ଗତ ବରସୁଆଁ ରେଳ ଷ୍ଟେସନ ସାଇଡିଂ ନିକଟରେ ଥିବା ବଜରଙ୍ଗ ଅଗ୍ରୱାଲଙ୍କ ବିଏନଆର ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ଲୁଟେରାମାନେ ପଶି ଟଙ୍କା ଲୁଟ୍ କରିବା ସହ ସେଠାରେ ଆତଙ୍କ ସୃଷ୍ଟି କରିଛନ୍ତି। ଅପରାଧୀ ମାନେ ଏହି ଅପରାଧକୁ ଘଟାଇବାରେ ଏକ ସ୍କର୍ପିଓ ଗାଡି ବ୍ୟବହାର କରିଥିଲେ ଏବଂ ମୁହଁରେ ମୁଖା ପିନ୍ଧିଥିଲେ । ସେମାନେ ୫ରୁ ୬ ଜଣ ଥିଲେ। ଏ ସଂକ୍ରାନ୍ତରେ ଲହୁଣୀପଡା ଥାନାରେ ସିସିଟିଭି ଭିଡିଓ ପ୍ରମାଣ ସହ ଏତଲା ଦେଇଛନ୍ତି ବିଏନଆର ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟର ପ୍ରବନ୍ଧକ।

## ୪୧ ବୁଥ୍‌ରେ ୯୧% ଭୋଟିଂ ନେଇ ବିଜେଡିର ଅଭିଯୋଗ



**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନରେ ପ୍ରଶାସନିକ କଳର ଅପବ୍ୟବହାର କରି ବିଜେପି ନିର୍ବାଚନକୁ ପ୍ରଭାବିତ କରିଥିବା ବିରୋଧୀ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବରିଷ୍ଠ ସାଧାରଣ ସମ୍ପାଦକ ଡ ଲେଖାଶ୍ରୀ ସାମନ୍ତସିଂହାର, ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ମୁକ୍ତ ଓ ଅବାଧ ନିର୍ବାଚନ ଦାବି ପ୍ରହସନ ବୋଲି କହିଛନ୍ତି। ଶ୍ରୀ ନାୟକ କହିଛନ୍ତି ଯେ ଭୋଟିଂ ନେଇ ନିର୍ବାଚନ ଅଧିକାରୀଙ୍କ ସୂଚନା ବିଭ୍ରାନ୍ତିକର। କାରଣ ସନ୍ଧ୍ୟା ୫ଟା ପରେ ଭୋଟିଂ ପ୍ରଦର୍ଶନରେ ୮ ପ୍ରତିଶତ ବୃଦ୍ଧି ଘଟିବା ସନ୍ଦେହଜନକ। ତା'ଛଡ଼ା ୪୧ଟି ବୁଥ୍‌ରେ ୯୧ ପ୍ରତିଶତରୁ ଅଧିକ ଭୋଟିଂ ହେବା ଭୋଟ୍ ରିଗିଂ ସନ୍ଦେହକୁ ଅଧିକ ଘନୀଭୂତ କରିଛି। ସେହିପରି ନିର୍ବାଚନରେ ବିଜେପି ଦ୍ୱାରା ବିଭିନ୍ନ ଆଚରଣ ବିଧିର ଖୋଲା ଉଲ୍ଲଙ୍ଘନ ଓ ନିର୍ବାଚନ ସମୟରେ ଅନେକ ଅନିୟମିତତାର ଅଭିଯୋଗ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସାମ୍ନାରେ ଦାଖଲ କରିଥିଲେ ବି କୌଣସି ସୁଫଳ ମିଳିନଥିବା ଶ୍ରୀ ନାୟକ ଅଭିଯୋଗ କରିଛନ୍ତି।

### ୨୦ରୁ ଖରିଫ ଧାନ କିଣା

## ସଂରକ୍ଷଣ ପାଇଁ ମଣ୍ଡିରେ ଅତ୍ୟାଧୁନିକ ବ୍ୟବସ୍ଥା

**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ଆସନ୍ତା ୨୦ରୁ ଆରମ୍ଭ ହେବ ଖରିଫ ଧାନ କିଣା। ବରଗଡ଼ ଜିଲ୍ଲାରୁ ଧାନ କିଣା ଆରମ୍ଭ ହେବ। ଏନେଇ ଆଜି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଧାନ ସଂରକ୍ଷଣ ପାଇଁ ମଣ୍ଡିରେ ଅତ୍ୟାଧୁନିକ ବ୍ୟବସ୍ଥା ହୋଇଛି। ଦୁଇ ବର୍ଷ ମଧ୍ୟରେ ୧୦୦ଟି ମଡେଲ ମଣ୍ଡି ପାଇଁ ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩୮ଟି ମଡେଲ ମଣ୍ଡି ସ୍ଥାପନ ପାଇଁ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇଛି। ଚଳିତ ଆର୍ଥିକ ବର୍ଷରେ ୮୦ଟି ସମବାୟ ସମିତିରେ ୨୦୦ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଗୋଦାମ ଗୃହ ନିର୍ମାଣ ପାଇଁ ୨୦ କୋଟିର ବ୍ୟୟ ବରାଦ ହୋଇଛି। ୯୭୩ଟି ସମବାୟ ସମିତି, ଆର୍‌ଏମ୍‌ସିରେ ୫୧୬ କୋଟି ଟଙ୍କା ବ୍ୟୟରେ ଭିତ୍ତିଭୂମି ବିକାଶ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି।



ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ରେକର୍ଡ ସଂଖ୍ୟକ ୧୯ ଲକ୍ଷ ୬୭ ହଜାର ଚାଷୀ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ମଧ୍ୟସ୍ଥିମାନେ ଯେପରି ଫାଇଦା ନ ପାଇବା ସେଥିପାଇଁ ଇ-କେୱାଇସି ଲାଗୁ କରାଯାଇଛି। ଗତବର୍ଷଠାରୁ ଧାନର ମୂଲ୍ୟ କ୍ୱିଣ୍ଟାଲ୍ ପ୍ରତି ୩୧ ଶହ ଟଙ୍କାକୁ ବଢ଼ିଥିବାରୁ ଚଳିତବର୍ଷ ଅଧିକ ଚାଷୀ ପଞ୍ଜୀକରଣ ପାଇଁ ଆଗ୍ରହୀ ଥିଲେ। ମାତ୍ର ଉତ୍ତରାଧିକାରୀ ପ୍ରମାଣପତ୍ର ଭାବେ ବଂଶାବଳି ପ୍ରମାଣପତ୍ର ଓ ଅନୁମତିପତ୍ରର ଗୋଲକଧନ୍ଦା ଭିତରେ ଚାଷୀ ନୟାନ୍ତ ହୋଇପଡ଼ିଥିଲେ। ଆରଆଇଙ୍କଠାରୁ ବଂଶାବଳୀ ପ୍ରମାଣପତ୍ର ଆଣିବା ଓ ଭାଇ ଭାଇ ବିବାଦରେ ଅନୁମତିପତ୍ର ଆଣିବା ପରି ଜଟିଳ ବ୍ୟବସ୍ଥା ଭିତରେ ଚାଷୀ ହନ୍ତସନ୍ତ ହୋଇଥିଲେ। ଅନେକ ଚାଷୀ ଏହି ସମସ୍ୟା କାରଣରୁ ପଞ୍ଜୀକରଣ କରିପାରିନଥିଲେ। ଅସନ୍ତୋଷ ବଢ଼ିବା ପରେ ଅନୁମତି ଆବଶ୍ୟକ ନାହିଁ। 'ସ୍ୱ-ଘୋଷଣାପତ୍ର' ଦେଇ ପଞ୍ଜୀକରଣ ହୋଇପାରିବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଏହାପରଠାରୁ ପଞ୍ଜୀକରଣ ଦ୍ରୁତ ଗତିରେ ବଢ଼ିଚାଲିଲା। ଚାଷୀ 'ସ୍ୱ-ଘୋଷଣାପତ୍ର' ଦେଇ ପଞ୍ଜୀକରଣ କରିଥିଲେ।

## ସରକାର ପୁଲିସକୁ ଆରଏସଏସ ପୁଲିସ କରିବାକୁ ଚାହୁଁଛନ୍ତି: କଂଗ୍ରେସ

**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ବ୍ରହ୍ମପୁରର ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ଓ ଏହି ଘଟଣାର ତଦନ୍ତଭାର ନେଇଥିବା ବ୍ରହ୍ମପୁର ଏସପିଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା କରିବା ନେଇ ଆଜି କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ଏହାକୁ ପିସିସିର ବରିଷ୍ଠ ମୁଖପାତ୍ର ସୋନାଲି ସାହୁ ଓ ମୁଖପାତ୍ର ବିଭୁତି ଭୂଷଣ ମହାପାତ୍ର ସମ୍ବୋଧନ କରିଛନ୍ତି।

ଶ୍ରୀମତୀ ସାହୁ କହିଛନ୍ତି ଯେ ବିଜେପି ଶାସନ ଅମଳରେ କେଉଁଠି ବୋମା ବିସ୍ଫୋରଣ ହେଲାଣି ତ କେଉଁଠି ୱେବ ସିରିଜ କାହାଣୀ କୁହାଗଲାଣି। ପୀତବାସ ପଣ୍ଡା ହତ୍ୟାକାଣ୍ଡକୁ ନେଇ ବ୍ରହ୍ମପୁର ଏସପି ଶ୍ରବଣା ବିବେକ ସାମ୍ବାଦିକ ସମ୍ମିଳନୀରେ ୱେବ ସିରିଜର ସ୍କ୍ରିପ୍ଟ ଭଳି ମନଗଢ଼ା କାହାଣୀ ଉପସ୍ଥାପନ କରିଛନ୍ତି। ତେବେ ଏହି ମନଗଢ଼ା କାହାଣୀକୁ ଏସପି ପ୍ରମାଣିତ କରି ପାରିବେନାହିଁ। ଏହାଦ୍ୱାରା ତାଙ୍କ ନୈତିକତା ଉପରେ ପ୍ରଶ୍ନ ଉଠିବ ବୋଲି କ'ଣ ଏସପି ଜାଣି ନଥିଲେ କି? ବିନା



ତଥ୍ୟ ଆଧାରରେ କାହାଣୀ କହିବା ଯୋଗୁଁ ହାଇକୋର୍ଟ ବ୍ରହ୍ମପୁର ଏସପିଙ୍କୁ ଭର୍ତ୍ସନା କରିବା ସହ କୋର୍ଟରେ ବ୍ୟକ୍ତିଗତ ହାଜର ପାଇଁ ଆଦେଶ ଦେଇଛନ୍ତି ଓ ଏସପି ମଧ୍ୟ ହାଇକୋର୍ଟ ଯାଇ ନିସର୍ତ୍ତ କ୍ଷମା ପ୍ରାର୍ଥନା କଲେ। ଏହା ଓଡ଼ିଶା ରାଜନୀତିରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। ଏହି ସ୍କ୍ରିପ୍ଟ ବିଜେପି ସରକାର ଲେଖିନଥିଲେ ତ ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ପୀତବାସଙ୍କ ହତ୍ୟାକାରୀ ପୂର୍ବରୁ ରେକି କରିଥିଲେ ବୋଲି ଏସ୍‌ପି ସିସିଟିଭି ଫୁଟେଜ ଦେଖାଇଥିଲେ ହେଁ ହତ୍ୟାକାଣ୍ଡ ସମୟରର ଫୁଟେଜ ଦେଖାଇନାହାନ୍ତି। ଏସପିଙ୍କ କାହାଣୀ ପଠନ ସବୁ ବିଜେପି, ଆରଏସଏସ ଓ ପ୍ରଶାସନର ମିଳିତ ଚକ୍ରାନ୍ତ ଥିଲା। କାରଣ ନୂଆପଡା ନିର୍ବାଚନକୁ ପ୍ରଭାବିତ କରିବା ଶାସକ ଦଳର ମୁଖ୍ୟ ଲକ୍ଷ୍ୟ ଥିଲା ଓ ମୁଖ୍ୟମନ୍ତ୍ରୀଙ୍କ ବାଲି ମାଫିଆଙ୍କ ସମ୍ପର୍କକୁ ଲୁଚାଇବା ପାଇଁ ଉଦ୍ଦିଷ୍ଟ ଥିଲା। ବିଜେପି ସରକାର ଓଡିଶା ପୁଲିସକୁ ଆରଏସଏସ ପୁଲିସରେ ପରିଣତ କରିବାକୁ ଚାହୁଁଛି ବୋଲି ସେ ଅଭିଯୋଗ କରିଛନ୍ତି।

ସେହିପରି ମନଗଢ଼ା କାହାଣୀ କହି ଏସ୍‌ପି ନିସର୍ତ୍ତ କ୍ଷମା ମାଗି ରାଜ୍ୟବାସୀଙ୍କ ମୁଣ୍ଡ ତଳକୁ କରିଦେଇଛନ୍ତି। ତେବେ ଏପରି ଏକ ଲଜ୍ଜାଜନକ ଘଟଣା ଘଟିଯିବା ସତ୍ତ୍ୱେ ସରକାର, ପ୍ରଶାସନ କିମ୍ବା ପୁଲିସ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆନଯିବା ମଧ୍ୟ ବିଡ଼ମ୍ବନାର ବିଷୟ। ତେଣୁ ଏହି ଘଟଣା ନେଇ ସରକାର ସ୍ପଷ୍ଟୀକରଣ ଦେବା ସହ ବ୍ରହ୍ମପୁର ପରି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରୁ ଏସପି ଶ୍ରବଣାଙ୍କୁ ହଟାଯିବା ସକାଶେ ଶ୍ରୀମତୀ ସାହୁ ଦାବି କରିଛନ୍ତି। ଏହାଛଡ଼ା ଅନ୍ୟତମ ମୁଖପାତ୍ର ବିଭୁତି ଭୂଷଣ ମହାପାତ୍ର କହିଛନ୍ତି ଯେ ସରକାର ବଦଳିବା ପରେ ବି ବ୍ରହ୍ମପୁର ଏସ୍‌ପି ବଦଳିନଥିଲେ। ତା'ଛଡ଼ା ଭୁଲ୍ ପାଇଁ କୋର୍ଟରେ କ୍ଷମା ମାଗିଥିବା ଏସ୍‌ପିଙ୍କୁ ଆଜି ପର୍ଯ୍ୟନ୍ତ ବ୍ରହ୍ମପୁରରୁ ହଟାଯାଇନଥିବାରୁ ତାଙ୍କ ସହ ସରକାରଙ୍କର କ'ଣ ଭିତିରି ସମ୍ପର୍କ ରହିଛି, ସେନେଇ ସରକାର ସ୍ପଷ୍ଟ କରିବା ସକାଶେ ଶ୍ରୀ ମହାପାତ୍ର ଦାବି କରିଛନ୍ତି।

### ରାଷ୍ଟ୍ରପତିଙ୍କ ବିଧାନସଭା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ଓଡ଼ିଶା ବିଧାନସଭାର ଶୀତ ଅଧିବେଶନ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେଉଥିବା ବେଳେ ଏହି ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ ଗୃହକୁ ସମ୍ବୋଧିତ କରିବେ। ଏହି ପରିପ୍ରେକ୍ଷୀରେ ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ପୂର୍ବରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହ, ପୁଲିସ୍ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ, ଓପିଟିସିଏଲ ସିଏମଡି ଭାସ୍କର ଜ୍ୟୋତି ଶର୍ମା, ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ରାଧାକୃଷ୍ଣ ଶର୍ମା, ଭୁବନେଶ୍ୱର-କଟକ ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହ, ଇଣ୍ଟେଲିଜେନ୍ସ ନିର୍ଦ୍ଦେଶକ ଆର୍. ପି କୋଚେ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ଆସନ୍ତା ୨୦ ତାରିଖରେ ଝାରସୁଗୁଡ଼ା ଦେଇ ଛତିଶଗଡ଼ ଯିବେ। ପରେ ସେ ୨୭ ରେ ଓଡ଼ିଆ ଆସି ରାଜଭବନରେ ନୂଆ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କରିବା ସହ ବିଧାନସଭାକୁ ସମ୍ବୋଧିତ କରିବେ। ଏଥିସକାଶେ ଆଜି ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି।

## ଆସନ୍ନ ପରାଜୟ ଭୟରେ ପ୍ରଳାପ କରୁଛି ବିଜେଡି: ବିରଞ୍ଚି

**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନରେ ବିଜେପି ଇତିହାସ ରଚିବାକୁ ଯାଉଛି। ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ଯେତେ ଉପନିର୍ବାଚନ ହୋଇଛି ତା'ଠାରୁ ଅଧିକ ଭୋଟ ବ୍ୟବଧାନରେ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ବିଜେପି ବିଜୟୀ ହେବାକୁ ଯାଉଛି। ବିଜେଡି ବୋଧହୁଏ ଏକଥା ଅନୁଭବ କରିସାରିଲାଣି। ଆସନ୍ନ ପରାଜୟର ହତାଶ ହୋଇ ତାଙ୍କ ଦଳର ନେତାମାନେ ବିଭିନ୍ନ ପ୍ରକାର ବାହାନା ଖୋଜିବା ସହ ପ୍ରଳାପ ଆରମ୍ଭ କଲେଣି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।

ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ଏହି ଉପନିର୍ବାଚନରେ ତାଙ୍କ ଦଳର ମୁଖିଆ ନବୀନ ପଟ୍ଟନାୟକ ପ୍ରଚାର କରିବେ ନାହିଁ ବୋଲି ପ୍ରଥମେ ଚର୍ଚ୍ଚା ହୋଇଥିଲା। ପରେ ଅବସ୍ଥା ଏପରି ହୋଇଥିଲା ଯେ



ନବୀନବାବୁ ଦୁଇ ଦୁଇ ଥର ନିର୍ବାଚନୀ ପ୍ରଚାରରେ ଯାଇଥିଲେ। ଆଉ ଯେଉଁ ପ୍ରକାର ଅପଶବ୍ଦ ଓ ଭାଷା ପ୍ରୟୋଗ କଲେ ତାହା ରାଜନୀତିରେ ଆଦୌ ଗ୍ରହଣୀୟ ନୁହେଁ। ପରବର୍ତ୍ତୀ ସମୟରେ ତାଙ୍କ ଦଳର ଜଣେ ବରିଷ୍ଠ ନେତ୍ରୀ ବିଜେପି ଉପରେ ମିଥ୍ୟା ଆରୋପ ଲଗାଇଲେ। ଟ୍ରକ୍‌ରେ ଗଞ୍ଜାମକୁ ଇଭିଏମ୍ ଆସୁଥିବା ଅଭିଯୋଗ କରିବା ସହ ଏଡିଟ୍ ଫଟୋ ଦେଖାଇ ଗଣମାଧ୍ୟମକୁ ଉକ୍ତ ବିଧାୟିକା ଜଣଙ୍କ ଭ୍ରମିକ କରିଥିଲେ। କିନ୍ତୁ ଗଣତନ୍ତ୍ରକୁ ସମ୍ମାନ ଦେଇ ନୂଆପଡ଼ାବାସୀ ଯେଉଁ ହାରରେ ଭୋଟ୍ ଦେଇଛନ୍ତି, ତା' ଉପରେ ପ୍ରଶ୍ନ ଉଠାଇ ବିଜେଡି ଗଣତନ୍ତ୍ର ଓ ନୂଆପଡ଼ାବାସୀଙ୍କୁ ଅପମାନିତ କରିଛି ବୋଲି ଶ୍ରୀ ତ୍ରିପାଠୀ ଅଭିଯୋଗ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ମତଦାନ ସମୟରେ ଏଜେଣ୍ଟମାନେ ବିଜେପି ପାଇଁ କାମ କରୁଥିଲେ ବୋଲି ବିଜେଡି ଅଭିଯୋଗ ଆଣିଥିଲେ ହେଁ ଭୋଟ୍ ଶେଷ ହେବାର ଦୁଇ ଦିନ ପରେ ଅଭିଯୋଗ କାହିଁକି? ତା'ଛଡ଼ା ଭୋଟ୍ ସମୟରେ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିବା ବେଳେ ସେମାନେ କୌଣସି ଅନିୟମିତତା ଦେଖିନାହାନ୍ତି। ତେଣୁ ଫଳାଫଳ ଆସିବାର ଦିନକ ପୂର୍ବରୁ ଗୋଟିଏ ପରେ ଗୋଟିଏ ଆରୋପ ଲଗାଇବା ବିଜେଡିର ହତାଶାବୋଧର ପରିଚୟ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

## ଗାଡ଼ିରୁ ୧୮ ଗୋରୁ ଉଦ୍ଧାର, ୨ ମୃତ

**ଭଦ୍ରକ, ୧୩।୧୧ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଧୁଷୁରୀ ଥାନା ଅଧୀନ ଗୋବିନ୍ଦପୁର ପଞ୍ଚାୟତ କୋରୁଆ କେନାଲ ଉପରେ ଗୋ ଚାଲାଣ ବେଳେ ଗୋଟିଏ ପିକଅପ ଗାଡ଼ି ଜବତ ହୋଇଛି। ଏହି ଗାଡ଼ିରୁ ୧୮ ଟି ଗୋରୁ ଉଦ୍ଧାର କରାଯାଇଛି ଓ ଦୁଇଟି ମୃତ ଗୋରୁ ମଧ୍ୟ ଜବତ ହୋଇଛି। ପ୍ରକାଶଥାଉ କି ଗୋଟିଏ ପିକଅପ ଗାଡ଼ି ବାରିକପୁର ଦିଗରୁ ଗୋରୁ ନେଇ ଯାଉଥିଲା। ଗୋ ରକ୍ଷକମାନେ ଗାଡ଼ିଟିକୁ ପଛରୁ ଫଲୋ କରୁଥିଲେ। ଗୋବିନ୍ଦପୁର ବଜାର ନିକଟ କୋରୁଆ କେନାଲ କଡ଼ରେ ଗାଡ଼ିଟି ଦବି ଯାଇ ଅଟକିଯାଇଥିଲା। ସେ ସମୟରେ ଅନ୍ୟ ଗୋଟିଏ ଗୋ ଚାଲାଣ ଗାଡ଼ି ମଧ୍ୟ ଫେରାର ହୋଇଯାଇଥିଲା। ଏହି ସୁଯୋଗରେ ଡ୍ରାଇଭର ଗାଡ଼ି ଛାଡି ଫେରାର ହୋଇଯାଇଥିଲା। ଖବର ପାଇ ଧୁଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରେ ଦୁଇଟି ଗୋରୁ ମୃତ ଓ ଦୁଇଟି ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଏଥିରେ କିଛି ବୁଲା ଷଣ୍ଢ ଥିବା ଜଣାଯାଇଛି। ଜୀବିତ ଗୋରୁ ଗୁଡ଼ିକୁ ଗୋଶାଳାକୁ ପଠାଇ ଦିଆଯାଇଛି।

## ଇନ୍ସ୍ୟୁରାନ୍ସ ଓମ୍ବୁଡ୍ସମ୍ୟାନ ଦିବସ-୨୦୨୫ ପାଳିତ

### ୨୦୨୪-୨୫ ଆର୍ଥିକ ବର୍ଷରେ ୧୩୪୧ ଅଭିଯୋଗର ଫଇସଲା




**ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ):** ବୀମା ସମ୍ବନ୍ଧୀୟ (ଫସଲ ବୀମା ବ୍ୟତୀତ) ଅଭିଯୋଗଗୁଡ଼ିକର ଆଶୁ ସମାଧାନ ନିମନ୍ତେ ଭାରତ ସରକାର ୧୮ଟି ଇନ୍ସ୍ୟୁରାନ୍ସ ଓମ୍ବୁଡ୍ସମ୍ୟାନ କାର୍ଯ୍ୟାଳୟ ପ୍ରତିଷ୍ଠା କରିଛନ୍ତି। ପ୍ରତିବର୍ଷ ପରି ଏଥର ଇନ୍ସୁରାନ୍ସ ଅମ୍ବୁଡ୍ସମ୍ୟାନ ଦିବସ ଗତ ୧୧ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଛି। ଭାରତ ସରକାର ଇନ୍ସ୍ୟୁରାନ୍ସ ଓମ୍ବୁଡ୍ସମ୍ୟାନଙ୍କୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବା ନିମନ୍ତେ କ୍ଷମତା ପ୍ରଦାନ କରିଛନ୍ତି ଓ ଓମ୍ବୁଡ୍ସମ୍ୟାନଙ୍କ ଆଦେଶକୁ ବୀମା କମ୍ପାନୀମାନଙ୍କୁ ପାଳନ କରିବା ନିମନ୍ତେ ଆଇନତଃ ବାଧ୍ୟ କରିଛନ୍ତି। ବିଗତ ଆର୍ଥିକ ବର୍ଷ (୨୦୨୪-୨୫) ରେ ସର୍ବମୋଟ ୧୩୪୧ଟି ଅଭିଯୋଗର ସମାଧାନ କରାଯାଇଛି। ସବୁଠାରୁ ଉଲ୍ଲେଖନୀୟ ଉପଲବ୍ଧି ଏହା ଯେ ଶତପ୍ରତିଶତ ଅଭିଯୋଗ ଧାର୍ଯ୍ୟ ସମୟ ସୀମା ୯୦ ଦିନରୁ ଯଥେଷ୍ଟ କମ୍ ଅର୍ଥାତ୍ ମାତ୍ର ୬୦ ଦିନ ମଧ୍ୟରେ ବ୍ୟକ୍ତିଗତ ଓ ଆଭାସୀ ଶୁଣାଣି ମାଧ୍ୟମରେ ନ୍ୟାୟିକ ନିଷ୍ପତ୍ତି ଦିଆଯାଇପାରିଛି। ମୁଖ୍ୟ ଅତିଥି ଭାବେ ନ୍ୟାସନାଲ ଇନ୍ସ୍ୟୁରାନ୍ସ ଏକାଡେମୀର ପୂର୍ବତନ ନିର୍ଦ୍ଦେଶକ ତଥା ଶ୍ରୀଶ୍ରୀ ୟୁନିଭର୍ସିଟିର ପୂର୍ବତନ କୁଳପତି ତଥା ସହ ପ୍ରତିଷ୍ଠାତା କୈଳାଶ ଚନ୍ଦ୍ର ମିଶ୍ର ଉଦବୋଧନ ଦେଇଥିଲେ। ଅନୁଷ୍ଠାନର ସଚିବ ଅଜୟ କୁମାର ଦାସ ପୂର୍ବ ବର୍ଷର ଉପଲବ୍ଧି ବିଷୟରେ ବିବରଣୀ ଦେଇଥିଲେ।

## ବେଦାନ୍ତ ଲାଞ୍ଜିଗଡ଼ 'ଏକକ ବ୍ୟବହାର ପ୍ଲାଷ୍ଟିକ୍ ମୁକ୍ତ' ୟୁନିଟ୍

**ଲାଞ୍ଜିଗଡ଼,୧୩।୧୧(ସଂଚାର ବ୍ୟୁରୋ):** ବେଦାନ୍ତ ଆଲୁମିନିୟମ ଲିମିଟେଡର ଓଡ଼ିଶାସ୍ଥିତ ଲାଞ୍ଜିଗଡ଼ ଆଲୁମିନା ରିଫାଇନାରୀ ନିକଟରେ ଭାରତୀୟ ଶିଳ୍ପ ମହାସଂଘ ବା ସିଆଇଆଇ ପକ୍ଷରୁ 'ଏକକ ବ୍ୟବହାର ପ୍ଲାଷ୍ଟିକ୍ ମୁକ୍ତ ୟୁନିଟ୍' ପ୍ରମାଣପତ୍ର ହାସଲ କରିଛି। ଏହି ପ୍ରମାଣପତ୍ର ସିଆଇଆଇର ପ୍ଲାଷ୍ଟିକ୍-ବ୍ୟବହାର ପ୍ରୋଟୋକଲ ଅନୁଯାୟୀ ଗତ ମାସରେ ପ୍ରଦାନ କରାଯାଇଛି। ଏହି ପ୍ରମାଣପତ୍ର ବେଦାନ୍ତ ଲାଞ୍ଜିଗଡ଼ର ଏହାର କାର୍ଯ୍ୟରେ ଏକକ-ବ୍ୟବହାର ପ୍ଲାଷ୍ଟିକ୍ ଦୂର କରିବାରେ ସଫଳତାକୁ ସ୍ୱୀକୃତି ଦେଇଛି। ଏହି ମାଇଲଖୁଣ୍ଟ



ପରିବେଶଗତ ସୁରକ୍ଷା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରେ ଏବଂ ଭାରତର ଉତ୍ପାଦନ କ୍ଷେତ୍ରରେ ସ୍ଥାୟୀ ଅଭ୍ୟାସ ପାଇଁ ଏକ ମାନଦଣ୍ଡ ସ୍ଥାପନ କରେ। ଗତ କିଛି ବର୍ଷ ଧରି ବେଦାନ୍ତ ଲାଞ୍ଜିଗଡ଼ ତା'ର ରିଫାଇନାରୀ ଅଞ୍ଚଳ ଓ ଏହାର ଆବାସିକ ଟାଉନସିପରେ ଏକକ-ବ୍ୟବହୃତ ପ୍ଲାଷ୍ଟିକ୍ ଜିନିଷ ଉପରେ ସମ୍ପୂର୍ଣ୍ଣ ନିଷେଧ କାର୍ଯ୍ୟକାରୀ କରିଥିଲା। ଏଗୁଡ଼ିକୁ କମ୍ପାନୀ ପରିବେଶ-ଅନୁକୂଳ ବିକଳ୍ପ ଏହାସହିତ, ଆଚରଣଗତ ପରିବର୍ତ୍ତନ ଆଣିବା ପାଇଁ ସଚେତନତା ଅଭିଯାନ ଓ କର୍ମଶାଳା ଆୟୋଜିତ ହେଉଛି, ଯେଉଁଥିରେ ୧୧୦୦ରୁ ଅଧିକ କର୍ମଚାରୀ ଏବଂ ୧୫୦୦ ବ୍ୟାବସାୟିକ ଅଂଶୀଦାର ସାମିଲ ହୋଇଛନ୍ତି। ଏହି ପଦକ୍ଷେପର ଫଳସ୍ୱରୂପ କମ୍ପାନୀ ଗତ ବର୍ଷରେ ପ୍ରାୟ ଅଢ଼େଇ ହଜାର କିଗ୍ରା ପ୍ଲାଷ୍ଟିକ୍ ଅପଚୟ ହ୍ରାସ କରିପାରିଛି। ଏହି ସଫଳତା ନେଇ ଆନନ୍ଦ ପ୍ରକାଶ କରି ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଏହି ମାନ୍ୟତା ଆମର ପ୍ରତିବଦ୍ଧତାକୁ ଦୃଢ଼ କରେ ଯେ ସ୍ଥାୟିତ୍ୱ ଓ ଉତ୍ପାଦନୀୟ ଉତ୍କର୍ଷତା ସମନ୍ୱିତ ଭାବେ ଆଗକୁ ବଢ଼ିପାରେ। ବେଦାନ୍ତ ଲାଞ୍ଜିଗଡ଼ର ଅଭିବୃଦ୍ଧି ରଣନୀତିରେ ସ୍ଥାୟିତ୍ୱ ସନ୍ନିହିତ, ଯାହାର ଉଦ୍ଦେଶ୍ୟ ଆମେ ଗ୍ରହଣ କରୁଥିବା ପ୍ରତ୍ୟେକ ପଦକ୍ଷେପ ଜରିଆରେ ପରିବେଶକୁ ସୁରକ୍ଷା ଦେବା ଓ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା। ଏହି ସଫଳତା ପ୍ରତିଫଳିତ କରେ ଯେ କିପରି ଶୃଙ୍ଖଳିତ କାର୍ଯ୍ୟାନ୍ୱୟନ ଓ ସାମୂହିକ ମାଲିକାନା ଆମର ସ୍ଥାୟିତ୍ୱ ପ୍ରତିବଦ୍ଧତାକୁ ମାପଯୋଗ୍ୟ ଫଳାଫଳରେ ପରିଣତ କରିପାରିବ।

## ଜୁଆଙ୍ଗ ଭିନ୍ନକ୍ଷମଙ୍କ ସହ ପ୍ରଥମାଷ୍ଟମୀ ପାଳିଲେ 'ଆଶା' ସ୍ୱେଚ୍ଛାସେବୀ



**କେନ୍ଦୁଝର,୧୩।୧୧(ସଂଚାର ବ୍ୟୁରୋ):** ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡ଼ିପଶା ପଞ୍ଚାୟତ ଅଧୀନସ୍ଥ ଘୁଙ୍ଗି ଗାଁର ନଟବର ଜୁଆଙ୍ଗଙ୍କ ଭିନ୍ନକ୍ଷମ ପିଲାଙ୍କ ସହ 'ଆଶା'ର ସ୍ୱେଚ୍ଛାସେବୀମାନେ ଗତକାଲି ପ୍ରଥମାଷ୍ଟମୀ ପାଳନ କରିଛନ୍ତି। ପ୍ରଥମାଷ୍ଟମୀରେ ନିତ୍ୟାନନ୍ଦପୁରସ୍ଥିତ 'ଆଶା'ର ସ୍ୱେଚ୍ଛାସେବୀମାନେ ଗାଁଠାରୁ ପ୍ରାୟ ୭ କିମି ଦୂରରେ ଅବସ୍ଥିତ ଘୁଙ୍ଗି ଗାଁର ନଟବର ଜୁଆଙ୍ଗଙ୍କ ଭିନ୍ନକ୍ଷମ ଚାରି ଝିଅଙ୍କ ସହ ପ୍ରଥମାଷ୍ଟମୀ ପାଳିଛନ୍ତି। ସ୍ୱେଚ୍ଛାସେବୀମାନେ ପିଲାଙ୍କ ପାଇଁ ନୂଆ ଶାଲ, ସାମ୍ପୁ, ସାବୁନ୍, ତେଲ, ବିନ୍ଦି, ନେଲ୍ ପୁଲିସ୍, ଚୁଡ଼ା, ଗୁଡ଼, ଆଳୁ, ପିଆଜ, ବିସ୍କୁଟ ଇତ୍ୟାଦି ନେଇଥିଲେ। ଏଥିସହ କିଛି ଶୀତ ବସ୍ତ୍ର ମଧ୍ୟ ସେମାନଙ୍କୁ ତାଙ୍କୁ ପ୍ରଦାନ କରିଥିଲେ। ଏହି ଭିନ୍ନକ୍ଷମ ପିଲାମାନେ ସ୍ୱେଚ୍ଛାସେବୀଙ୍କ ସହ ଆନନ୍ଦରେ କିଛି ସମୟ କାଟିଥିଲେ। ନଟବର, ତାଙ୍କ ସ୍ତ୍ରୀ ଓ ଗାଁର ଅନ୍ୟ ଅଭିଭାବକମାନେ ଏପରି ଏକ ଉଦ୍ୟମ ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ଅନ୍ୟପକ୍ଷରେ ଇତିମଧ୍ୟରେ 'ଆଶା' ଉଦ୍ୟମରେ ଉକ୍ତ ଚାରି ଝିଅଙ୍କ ମଧ୍ୟରୁ ଦୁଇ ଜଣଙ୍କ ଭିନ୍ନକ୍ଷମ ପରୀକ୍ଷା କରାଯାଇଛି। ଏ ସମ୍ପର୍କିତ ପ୍ରମାଣପତ୍ର ମିଳିବା ପରେ ସେମାନଙ୍କ ଭତ୍ତା ମଞ୍ଜୁର ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ସେଥିପାଇଁ 'ଆଶା' ପକ୍ଷରୁ ବ୍ଲକ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ଜାରି ରହିଛି।

# ଯାନ୍ତ୍ରିକ କୃଷି ପ୍ରସାରରେ ବୁଲା ଷଣ୍ଢ ବାଧକ

**ଭୁବନେଶ୍ୱର,୧୩।୧୧:** ଗାଁଗହଳରେ ଯାନ୍ତ୍ରିକ କୃଷିର ପ୍ରସାର ଯୋଗୁଁ ଆଉ ହଳ କରିବାପାଇଁ ବଳଦର ଆବଶ୍ୟ ପଡୁନାହିଁ। ବଳଦର କାମ ଟ୍ରାକ୍ଟର କରିଦେବା ଫଳରେ ଲୋକେ ଜନ୍ମ ହେଉଥିବା ଅଣ୍ଡିରା ବାଛୁରୀଗୁଡ଼ିକୁ ବିଭିନ୍ନ ଦେବାଳୟ ନିକଟରେ ଷଣ୍ଢକରି ଛାଡି ଦେଉଛନ୍ତି। ଏଭଳି ବୁଲା ଷଣ୍ଢ ଏବେ ଉଭୟ ଚାଷୀ ଓ ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିବାବେଳେ ଏମାନଙ୍କୁ ଗୋଶାଳାରେ ରଖିବାପାଇଁ ଯୋଜନା ଚାଲିଛି।

ଚାଷ କାର୍ଯ୍ୟ ପାଇଁ ଲୋକେ ଏବେ ସାଧାରଣତଃ ଟ୍ରାକ୍ଟର କିମ୍ବା ପାୱାରଟିଲର ଉପରେ ନିର୍ଭର କରୁଛନ୍ତି। ଏହା ଅପେକ୍ଷାକୃତ ଶସ୍ତା ଓ କମ୍ ଖର୍ଚ୍ଚରେ ହେଉଛି। ବଳଦଙ୍କ ଦ୍ୱାରା ହଳ କରିବାକୁ ହେଲେ ବଳଦଙ୍କ ସହିତ ହଳ ପାଇଁ ଲୋକ ମୁତୟନ କରିବାକୁ ପଡିବ। ତେଣୁ ଏତେ ଖର୍ଚ୍ଚାନ୍ତ ହେବା ଅପେକ୍ଷା ଲୋକେ ନିଜ ନିଜର ହଳ ଲଙ୍ଗଳକୁ ସବୁଦିନ ପାଇଁ ଭୁଲିଗଲେଣି। ପୂର୍ବରୁ ବଳଦମାନେ ହଳ କରିବା ସହିତ ଧାନ ବେଙ୍ଗୋଳାରେ ବୁଲୁଥିଲେ ଓ କେତେକ କ୍ଷେତ୍ରରେ ଶଗଡ ଟାଣୁଥିଲେ। ଏବେ ବେଙ୍ଗୋଳା ଆଉ ପଡୁନାହିଁ। ଚାଷୀମାନେ ମେସିନ୍‌ରେ ଧାନ ଅମଳ କରିଦେଉଥିବାବେଳେ ଗାଁ ଗହଳରେ ଶଗଡର ସ୍ଥାନ ଟ୍ରାକ୍ଟର ନେଇ ଗଲାଣି।

ତେଣୁ ଯେଉଁମାନଙ୍କର ଗାଈ ଅଣ୍ଡିଆ ବାଛୁରୀ ଜନ୍ମ ହେଉଛି ତାହାକୁ ଟିକେ ବଡ଼ ହେବା ପରେ ଲୋକେ ଷଣ୍ଢ କରିଦେଉଛନ୍ତି। ଏଥିପାଇଁ ବିଭିନ୍ନ ମହାଦେବଙ୍କ ପୀଠ ନିକଟରେ ଛାଡି ଦେଉ ଆସୁଛନ୍ତି। କାଳେ ଘର ନିକଟରେ ଛାଡିଲେ ବାଛୁରିଟି ପୁଣି ଫେରିଆସିବ ତେଣୁ ଗାଡିଭଡା ଅନେକ ଦୂର ଦୂରାନ୍ତରେ ଥିବା ଦେବାଳୟ ନିକଟରେ ରାତିବେଳା ଛାଡି ଦେଉଛନ୍ତି। ଏହି ଷଣ୍ଢମାନେ ଦିନରାତି ବୁଲି ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଏପରିକି ଲୋକଙ୍କ ବାଡିରେ ପଶି ଫସଲ ଓ ଅମଳ ଧାନକୁ ଖାଇ ଯାଉଛନ୍ତି। ତେଣୁ ଏମାନଙ୍କ ଦାଉରୁ ରକ୍ଷା ପାଇବାପାଇଁ କେତେକ ସ୍ଥାନରେ ଲୋକେ ସରକାରୀକଳ ନିକଟରେ ଗୁହାରି କରୁଛନ୍ତି।

ବୁଲାଷଣ୍ଢମାନଙ୍କୁ ଖୁଆଡରେ ରଖିବା ପାଇଁ ଏବେ ସରକାର ଗୋଶାଳା ନିର୍ମାଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ପର୍ଯ୍ୟାପ୍ତ ଅର୍ଥ ବି ଯୋଗାଇ ଦିଆଯାଉଛି। ୫୦ ଟିକିଆ ଗୋରୁ ରହିବାପାଇଁ ଯେଉଁମାନେ ଗୋଶାଳା ନିର୍ମାଣ କରୁଛନ୍ତି ସେମାନଙ୍କୁ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଉଛି। ୧୦୦ ଟି ଗୋରୁ ରହିବାର ଗୋଶାଳା ପାଇଁ ୩୬ଲକ୍ଷ ଏବଂ ୧୫୦ ଟି ଗୋରୁ ରହିବାର ଗୋଶାଳା ପାଇଁ ୫୨ ଲକ୍ଷଟଙ୍କାର ଆର୍ଥିକ ସହାୟତା ମିଳୁଛି।

ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ରାଜ୍ୟରେ ୩୭ଟି ଗୋଶାଳା ନିର୍ମାଣ ହୋଇଥିବାବେଳେ ମୋଟ୍ ୯୫ଟି ପଞ୍ଜିକୃତ ଗୋଶାଳା କାର୍ଯ୍ୟ କରୁଛି। ଏଠାରେ ବୁଲା ଗାଈଗୋରୁଙ୍କ ସହିତ ରାସ୍ତାଘାଟରେ ବୁଲୁଥିବା ରୋଗିଣା ଗୋରୁଙ୍କୁ ମଧ୍ୟ ରଖାଯାଉଛି। ଏଠାରେ ସେମାନଙ୍କୁ ଖାଦ୍ୟ ପାନୀୟ ସହିତ ଚିକିତ୍ସାସେବା ବି ଯୋଗାଇ ଦିଆଯାଉଛି। ଏଥିପାଇଁ ମଧ୍ୟ ସରକାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି।

ଫସଲ ନଷ୍ଟ ସହିତ ରାସ୍ତାଘାଟରେ ଦୁର୍ଘଟଣାର କାରଣ ପାଲଟିଥିବା ବୁଲା ଗାଈ ଗୋରୁ ଓ ଲୋକଙ୍କ ଦ୍ୱାରା ଛାଡି ଦିଆଯାଉଥିବା ଷଣ୍ଢଙ୍କ ଉତ୍ପାତରୁ ଏହି ଗୋଶାଳା ଜରିଆରେ ମୁକ୍ତି ମିଳିବ ବୋଲି ସରକାର ବିଚାରୁଛନ୍ତି। ମୋଟା ଅଙ୍କର ସହାୟତା ମିଳୁଥିବାରୁ ଅଧିକରୁ ଅଧିକ ଲୋକେ ମଧ୍ୟ ଗୋଶାଳା ନିର୍ମାଣ ପାଇଁ ଆଗେଇ ଆସୁଥିବା ଲକ୍ଷ୍ୟ କରାଯାଉଛି। (ତଥ୍ୟ)

ସମ୍ପାଦକୀୟ
SANCHAR ସଂଚାର
sanchar.live

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଆତଙ୍କବାଦର ଅନ୍ତ କେବେ?



ଭାରତ ଏକ ବିବିଧତାପୂର୍ଣ୍ଣ ଦେଶ ହୋଇଥିବା ବେଳେ, ଆତଙ୍କବାଦ ତାର ସବୁଠାରୁ ବଡ଼ ଶତ୍ରୁ ରୂପେ ଉଭା ହୋଇଛି। ସ୍ୱାଧୀନତାର ପରେ ଠାରୁ ଆଜି ପର୍ଯ୍ୟନ୍ତ ଭାରତ ଆତଙ୍କବାଦୀ ଆକ୍ରମଣର ଶିକାର ହୋଇଆସିଛି। ପଞ୍ଜାବର ଖଲିସ୍ତାନୀ ଆନ୍ଦୋଳନ, କାଶ୍ମୀରର ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ, ମୁମ୍ବାଇର ୨୬/୧୧ ଆକ୍ରମଣ ଓ ପୁଲଓ୍ୱାମା ବିସ୍ଫୋରଣ ଭଳି ଘଟଣାଗୁଡ଼ିକ ଭାରତର ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରିଛି। କିନ୍ତୁ ଏହି ସବୁ ଆଘାତ ସତ୍ତ୍ୱେ ଭାରତ ଆତଙ୍କବାଦ ବିରୋଧରେ ଅଟଳ ସଂକଳ୍ପ ନେଇ ଲଢ଼ିଚାଲିଛି ଏବଂ ଅନେକ କ୍ଷେତ୍ରରେ ସଫଳତା ହାସଲ କରିଛି।

ଭାରତର ଆତଙ୍କବାଦ ବିରୋଧୀ ଲଢ଼େଇର ମୂଳ କଥା ହେଉଛି ଏକଜୁଟ ରାଷ୍ଟ୍ରୀୟ ସଂକଳ୍ପ। ସେନା, ପୁଲିସ୍ ଓ ଗୁଇନ୍ଦା ସଂସ୍ଥାଗୁଡ଼ିକର ସମନ୍ୱୟରେ ଭାରତ ଆତଙ୍କବାଦୀଙ୍କୁ ଅନେକାଂଶରେ ନିର୍ମୂଳ କରିବାରେ ସଫଳ ହୋଇଛି। ଉଦାହରଣ ସ୍ୱରୂପ, ୨୦୧୬ର ଉରି ଆକ୍ରମଣ ପରେ ଭାରତୀୟ ସେନାର ସର୍ଜିକାଲ୍ ଷ୍ଟ୍ରାଇକ୍ ଏବଂ ୨୦୧୯ର ବାଲାକୋଟ୍ ଏୟାର୍ ଷ୍ଟ୍ରାଇକ ଜରିଆରେ ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରି ବିଶ୍ୱକୁ ଦୃଢ଼ତା ଦେଖାଇଥିଲା। ଏହି କାର୍ଯ୍ୟାନୁଷ୍ଠାନଗୁଡ଼ିକ କେବଳ ଆତଙ୍କବାଦୀଙ୍କୁ ନୁହନ୍ତି, ବରଂ ସମର୍ଥକ ଦେଶଗୁଡ଼ିକୁ ମଧ୍ୟ କଡ଼ା ସନ୍ଦେଶ ଦେଇଥିଲା।

ଆତଙ୍କବାଦକୁ ଚେକ ଦେବାକୁ ଆଇନଗତ ଦୃଷ୍ଟିରୁ ମଧ୍ୟ ଭାରତ କଠୋର ପଦକ୍ଷେପ ନେଇଛି। ଅବୈଧ କାର୍ଯ୍ୟକଳାପ (ପ୍ରତିରୋଧ) ଆଇନ୍ (ୟୁଏପିଏ) ଓ ଜାତୀୟ ସୁରକ୍ଷା ଆଇନ୍ (ଏନଏସଏ) ଭଳି ଆଇନଗୁଡ଼ିକ ଆତଙ୍କବାଦୀଙ୍କ ଅର୍ଥନୈତିକ ସହାୟତାକୁ ରୋକିବାରେ ସାହାଯ୍ୟ କରିଛି। ନ୍ୟାସନାଲ୍ ଇନଭେଷ୍ଟିଗେସନ୍ ଏଜେନ୍ସି (ଏନଆଇଏ) ଆତଙ୍କବାଦୀ ନେଟୱର୍କକୁ ଭାଙ୍ଗିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଏହା ସହିତ ମନି ଲଣ୍ଡରିଙ୍ଗ୍ ଓ ଆତଙ୍କବାଦୀ ଅର୍ଥନୀତିକୁ ନିୟନ୍ତ୍ରଣ କରିବା ପାଇଁ ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ୍ ଫୋର୍ସ (ଏଫଏଟିଏଫ) ସହ ସହଯୋଗ କରି ପାକିସ୍ତାନ ଭଳି ଦେଶଗୁଡ଼ିକୁ ଗ୍ରେ ଲିଷ୍ଟରେ ରଖିବାରେ ଭାରତ ସଫଳ ହୋଇଛି।

ଆନ୍ତର୍ଜାତୀୟ ସ୍ତରରେ ଭାରତର କୂଟନୀତି ମଧ୍ୟ ପ୍ରଶଂସନୀୟ। ଯୁକ୍ତରାଷ୍ଟ୍ର ସଂଘରେ ଆତଙ୍କବାଦ ବିରୋଧୀ ପ୍ରସ୍ତାବ ଓ ସମନ୍ୱିତ କନଭେନସନ୍ ଅନ୍ ଇଣ୍ଟରନ୍ୟାସନାଲ୍ ଟେରରିଜମ ପାଇଁ ଭାରତର ପ୍ରଚେଷ୍ଟା ବିଶ୍ୱବ୍ୟାପୀ ସମର୍ଥନ ପାଇଛି। କ୍ୱାଡ୍, ଜି-୨୦ ଓ ବିଭିନ୍ନ ଦ୍ୱିପାକ୍ଷିକ ଚୁକ୍ତି ମାଧ୍ୟମରେ ଭାରତ ଆତଙ୍କବାଦୀ ସଂଗଠନଗୁଡ଼ିକୁ ନିଷିଦ୍ଧ କରିବାରେ ସଫଳ ହୋଇଛି। ମସୁଦ ଅଜହର ଭଳି ଆତଙ୍କବାଦୀଙ୍କୁ ଗ୍ଲୋବାଲ୍ ଟେରରିଷ୍ଟ ଘୋଷଣା କରାଇବା ଭାରତର କୂଟନୈତିକ ବିଜୟ ବୋଲି କୁହାଯାଉଛି।

କିନ୍ତୁ ଚ୍ୟାଲେଞ୍ଜ ଏଯାଏଁ କମିନାହିଁ। ସାଇବର ଆତଙ୍କବାଦ, ରାଡିକାଲାଇଜେସନ୍ ଓ ସୀମାନ୍ତ ଅଞ୍ଚଳରେ ଅନୁପ୍ରବେଶ ନୂଆ ଧମକ। ଏହାକୁ ମୁକାବିଲା କରିବା ପାଇଁ ଟେକନୋଲୋଜି, ଗୁଇନ୍ଦା ସଞ୍ଚାର ଓ ଯୁବପୀଢ଼ିର ଶିକ୍ଷା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ସମାଜର ପ୍ରତ୍ୟେକ ସ୍ତରରେ ଆତଙ୍କବାଦ ବିରୋଧୀ ଚେତନା ଜାଗ୍ରତ କରିବା ଦରକାର।

କହିବାକୁ ଗଲେ, ଭାରତର ଆତଙ୍କବାଦ ବିରୋଧୀ ଲଢ଼େଇ ଏକ ଅବିରତ ପ୍ରକ୍ରିୟା। ସେନାର ବୀରତ୍ୱ, ସରକାରର ନୀତି ଓ ଜନସାଧାରଣର ସହଯୋଗ ମିଶି ଭାରତ ଆତଙ୍କବାଦକୁ ପରାସ୍ତ କରିବ। ଏହି ଲଢ଼େଇ କେବଳ ସୁରକ୍ଷା ପାଇଁ ନୁହନ୍ତି, ବରଂ ଗଣତନ୍ତ୍ର ଓ ଶାନ୍ତିର ରକ୍ଷା ପାଇଁ। ଭାରତର ଏହି ଅଟଳ ସଂକଳ୍ପ ବିଶ୍ୱ ପାଇଁ ଏକ ଉଦାହରଣ ପାଲଟିଛି।

# ‘ଜୀବନ ପର୍ଯ୍ୟାୟରେ ମଧୁମେହ’

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ମଧୁମେହ ବା ଡାଏବେଟିସ, ଏହାକୁ ନେଇ ଅନେକଙ୍କ ଭିତରେ ଅଜଣା ଆତଙ୍କ। ବର୍ତ୍ତମାନର ସମୟରେ ଡାଏବେଟିସ ଏକ ପ୍ରକାର ଘାତକ ରୋଗ କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରତିବର୍ଷ ବିଶ୍ୱ ମଧୁମେହ ଦିବସ ନଭେମ୍ବର ୧୪ ତାରିଖରେ ପାଳନ ହୋଇଥାଏ। ସୂଚନାଥାଉକି ଇଣ୍ଟରନ୍ୟାସନାଲ ଡାଇବେଟିସ୍ ଫେଡେରେସନ ଏବଂ ୱାର୍ଲ୍ଡ଼ ହେଲ୍‌ଥ ଅର୍ଗାନାଇଜେସନ୍ ଦ୍ୱାରା ଏହି ଦିବସ ୧୯୯୧ରୁ ପାଳନ କରାଯାଉଛି। ଏହି ଦିବସ ପାଳନ କରିବାର ମୁଖ୍ୟ ଲକ୍ଷ୍ୟ ହେଲା ମଧୁମେହ ରୋଗ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ଏହି ଘାତକ ରୋଗକୁ କିପରି ପ୍ରତିରୋଧ କରିହେବ ସେ ସମ୍ପର୍କରେ ଆଜିର ଦିନରେ ସଚେତନତା ବାର୍ତ୍ତା ପ୍ରଚାର କରାଯାଏ। ଚଳିତବର୍ଷ ବିଶ୍ୱ ମଧୁମେହ ଦିବସର ବାର୍ତ୍ତା ହେଉଛି ‘ଜୀବନ ପର୍ଯ୍ୟାୟରେ ମଧୁମେହ’। ଅନେକଙ୍କ ଭିତରେ ପ୍ରଶ୍ନ ଉଠେ ଯେ ଏହ ମଧୁମେହ ସହିତ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଲିଭର ସହିତ ସମ୍ପର୍କ କ’ଣ ରହିଛି? ବାସ୍ତବରେ ଲିଭର ଏକ ବିରାଟ ଲେବୋରେଟରି ବା ରସାୟନାଗାର। ଏହା ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରର ସବୁଠାରୁ ବଡ଼ଗ୍ରନ୍ଥି। ପେଟର ମଧ୍ୟ ଭାଗର ଡାହାଣପଟକୁ ମଧ୍ୟଚ୍ଛଦାର ଠିକ୍ ତଳକୁ ଯକୃତ ରହିଥାଏ। ପିଞ୍ଜରାହାଡ ଭିତରେ ଏହା ସୁରକ୍ଷିତ ଅବସ୍ଥାରେ ଥିବାବେଳେ ଏହାକୁ ଶରୀରର ବିଜ୍ଞାନଗାର କହିଲେ ଅତ୍ୟୁକ୍ତି ହେବନାହିଁ। ଏକ ସମୟରେ ଏହା ବହୁତ ରାସାୟନିକ କାର୍ଯ୍ୟ କରିଥାଏ। ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ୍ ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ୍ ସୃଷ୍ଟି କରିବାରେ ଯକୃତ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନ ଆବଶ୍ୟକ ପଡ଼େ ଯଥା ପ୍ରୋଥ୍ରୋମ୍ବିନ୍ ଓ ଫିବ୍ରିନୋଜେନ୍ ତାହା ଯକୃତ ଲେବୋରେଟରିରେ ହିଁ ତିଆରି ହୁଏ। ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଖାଦ୍ୟ ପାକସ୍ଥଳୀରୁ ଗ୍ରହଣି ମଧ୍ୟକୁ ପ୍ରବେଶ କରିବା ସମୟରେ ପିତ୍ତନଳୀରୁ ପିତ୍ତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ। ରକ୍ତରେ ଶର୍କରା ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ। ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଲିଭର ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ। ଏହି ବ୍ୟସ୍ତବହୁଳତା ମଧ୍ୟରେ ଯକୃତ ତାର କର୍ମ କରୁଥିବା ସମୟରେ ଶରୀର ମଧୁମେହ ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ଯକୃତର ସମସ୍ୟା ବଢ଼ିଯାଏ। ମଧୁମେହ ଓ ଯକୃତ ପରସ୍ପର ନିର୍ଭରଶୀଳ। ମଧୁମେହ ରୋଗ ହେଲେ ଯକୃତ ଖରାପ ହୁଏ ଓ ଯକୃତ ଖରାପ ହେଲେ ମଧ୍ୟ ଶରୀର ମଧୁମେହ ରୋଗ ଦ୍ୱାରା ଆକ୍ରାନ୍ତ ହୁଏ। ଏହା ବାଦ ଦେଇ ଅନ୍ୟ କେତେକ ରୋଗରେ ଉଭୟ ଲିଭର ଓ ଅଗ୍ନ୍ୟାଶୟ ଏକା ସହିତ ଆକ୍ରାନ୍ତ ହୁଅନ୍ତି। ମଧୁମେହ ରୋଗରେ ଆକ୍ରାନ୍ତ ହେଲେ ୪୦-୭୦% କ୍ଷେତ୍ରରେ ଯକୃତରେ ଚର୍ବି ଜମିଯାଏ। ଏହାକୁ ଫ୍ୟାଟିଲିଭର କୁହନ୍ତି। ଅତ୍ୟଧିକ ଚର୍ବି ଜମିଲେ ଯକୃତ କୋଷରେ ଏକ ପ୍ରକାର ପ୍ରଦାହ ସୃଷ୍ଟି ହୋଇ ରକ୍ତରେ ଲିଭର ପାଚକ ରସର ମାତ୍ରା ବୃଦ୍ଧିପ୍ରାପ୍ତ ହୁଏ। ଏହାକୁ ନାସ୍ ବା ଷ୍ଟିଆଟୋ ହେପାଟାଇଟିସ୍ କୁହାଯାଏ। ଧୀରେ ଧୀରେ ଚର୍ବି ଜମିଲେ ଲିଭର କୋଷର କ୍ଷତ ସୃଷ୍ଟି ହୋଇ ସଂଯୋଜକ ତନ୍ତୁରେ ମୋଟା ଦାଗ ଜମିଯାଏ। ଏହା ଯକୃତର କାର୍ଯ୍ୟ କ୍ଷମତାକୁ କମାଇ ଦିଏ ଓ ସୂତ୍ରତନ୍ତୁମୟତା ଯୋଗୁଁ ଯକୃତ ସଙ୍କୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ହୋଇ ଧୀରେ ଧୀରେ ସିରୋସିସ୍ ବା ଜଳଉଦରୀ ରୋଗର ସୃଷ୍ଟି ହୁଏ। ମଧୁମେହ ରୋଗରେ ଯକୃତ କ୍ୟାନସରର ସଂଖ୍ୟା ମଧ୍ୟ ଅଧିକ। ମଧୁମେହରେ ଲିଭରର ପିତ୍ତ କୋଷରେ ପଥର ସୃଷ୍ଟି ହୁଏ। ମଧୁମେହ ରୋଗରେ ବ୍ୟବହୃତ ଔଷଧର ପାର୍ଶ୍ୱପ୍ରତିକ୍ରିୟା ଯୋଗୁଁ ବେଳେ ବେଳେ ଜଣ୍ଡିସ୍ ହୁଏ। ମଧୁମେହରେ ଜଣ୍ଡିସ ବା ହେପାଟାଇଟିସ୍ ହେଲେ ସେଥିରେ ଜଣ୍ଡିସ୍‌ର ମାତ୍ରା ଅତ୍ୟଧିକ ଭାବରେ ବଢ଼ିଯାଏ ଓ ବେଳେବେଳେ ପେଟରେ ପାଣି ଜମିଯାଏ। ବେଳେବେଳେ ରୋଗୀମାନେ ସେଥିରେ ମୃତ୍ୟୁବରଣ କରନ୍ତି। ମଦ୍ୟପାନ ଓ ହେପାଟାଇଟିସ୍ ‘ବି’, ‘ସି’କୁ ବାଦ ଦେଲେ ମଧୁମେହ ରୋଗ ହେଉଛି ଲିଭର ସିରୋସିସ୍ ବା ଜଳଉଦରୀ ବ୍ୟାଧିର ମୁଖ୍ୟ କାରଣ। ମଧୁମେହ ବା ହେପାଟାଇଟିସ୍ ‘ବି’ ଓ ‘ସି’ ଭୂତାଣୁ ବେଳେ ବେଳେ ମିଶି ଯକୃତକୁ ଆକ୍ରମଣ କରନ୍ତି। ଲିଭର ଓ ଅଗ୍ନ୍ୟାଶୟ ଏକା ସହିତ ଖରାପ ହେଲେ ଏହା ସାଂଘାତିକ ଅବସ୍ଥା ସୃଷ୍ଟି କରେ। ଲିଭରରେ ଅତ୍ୟଧିକ ଲୌହକଣିକା ଜମିଗଲେ ଲିଭର ସିରୋସିସ୍ ଓ ଡାଏବେଟିସ୍ ହୁଏ। ଏହାକୁ ବ୍ରୋଞ୍ଜ ଡାଏବେଟିସ ବା ହିମୋକ୍ରୋମାଟୋସିସ୍ କୁହନ୍ତି। ଅଟୋଇମ୍ୟୁନ୍ ଲିଭର ରୋଗରେ ମଧ୍ୟ ଅଗ୍ନ୍ୟାଶୟ ଖରାପ ହୋଇ ଡାଏବେଟିସ୍ ହୁଏ। ଏହାକୁ ଟାଇପ-୧ ଡାଏବେଟିସ ଓ ଅଟୋଇମ୍ୟୁନ୍ ଲିଭର ରୋଗ ବୋଲି କୁହନ୍ତି। ଏକ ସନ୍ତୁଳିତ ଜୀବନ ନିର୍ବାହ କରନ୍ତୁ, ତେବେ ଗୋଟିଏ କଥା ଭଲ ଭାବେ ମନେରଖନ୍ତୁ, ଏ କ୍ଷେତ୍ରରେ ଭୋକ ଲାଗେନାହିଁ, ଜଣ୍ଡିସ୍ ହୁଏ, ଆଖି ହଳଦିଆ ଦେଖାଯାଏ, ପେଟରେ ପାଣି ଜମିଯାଏ। ବେଳେବେଳେ ବୃକକ୍ ଖରାପ ହୋଇ ପରିସ୍ରା କମିଯାଏ। ମନୁଷ୍ୟର ଚେତା ମଧ୍ୟ ବୁଡ଼ିଯାଏ। ମଧୁମେହ ରୋଗ ଯୋଗୁଁ ହୃତ୍‌ପିଣ୍ଡ, ଲିଭର, ଫୁସ୍‌ଫୁସ୍, ବୃକକ୍, ରକ୍ତନଳୀ ଓ ସ୍ନାୟୁଗୁଚ୍ଛ ଇତ୍ୟାଦି ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଖରାପ ହୋଇଯାଏ। ଏହା ଏକ ଦାରୁଣ ବ୍ୟାଧି ଓ ରୋଗୀ ମୃତ୍ୟୁମୁଖରେ ପଡ଼େ। ପ୍ରଥମ ଅବସ୍ଥାରୁ ଉଭୟ ରୋଗର ଚିକିତ୍ସା ବିଶେଷଜ୍ଞ ଚିକିତ୍ସକ ମାନଙ୍କ ଦ୍ୱାରା କଲେ ଏଥିରେ ରୋଗ ଉପଶମ ହେବାର ଆଶା ରହିଛି। ଚିକିତ୍ସା ନିମିତ୍ତ ଲିଭରର ସୁରକ୍ଷା ପାଇଁ ବିଭିନ୍ନ ଔଷଧ ସହିତ ଇନସୁଲିନ ମଧ୍ୟ ଆବଶ୍ୟକତା ପଡ଼ିଥାଏ। କେତେକ କ୍ଷେତ୍ରରେ ରୋଗୀଙ୍କୁ ଆଇସିୟୁରେ ରଖିବାକୁ ପଡ଼ିଥାଏ। ତେଣୁ ସର୍ବପ୍ରଥମେ ନିଜେ ସତର୍କ ରହିଲେ ଏବଂ ନିୟମିତ ଶାରୀରିକ କୁସ୍ତିକସରତ, ଯୋଗାସନ ପ୍ରାଣାୟମ ମଧୁମେହର ନିଆଁକୁ କମାଇବା ପାଇଁ ଯଥେଷ୍ଟ। ଏହା ପରୋକ୍ଷରେ ଯକୃତର ସୁରକ୍ଷା ମଧ୍ୟ କରିଥାଏ।

ଅବସରପ୍ରାପ୍ତ ପ୍ରଫେସର ଓ ବିଭାଗୀୟମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଶିଶୁ ହସିଲେ ଦୁନିଆ ହସିବ



ଚିତ୍ତରଞ୍ଜନ ପୃଷ୍ଟି

ଆଜିର ଶିଶୁ ଆସନ୍ତାକାଲିର ନାଗରିକ । ଶିଶୁ ହେଉଛି ଈଶ୍ୱରଙ୍କ ପ୍ରତିରୂପ । ଶିଶୁମାନେ ହେଉଛନ୍ତି ଦେଶର ଶକ୍ତି ଓ ପ୍ରଗତିର ସୂତ୍ରଧାର । ସେ ଭବିଷ୍ୟତରେ ଦେଶର ନାଗରିକ ଓ ଦେଶର କର୍ଣ୍ଣଧାର ରୂପେ ପ୍ରତୀୟମାନ ହୋଇଥାନ୍ତି । ଏଣୁ ଦେଶର ସାମଗ୍ରିକ ବିକାଶ ଶିଶୁମାନଙ୍କ ଉପରେ ହିଁ ନିର୍ଭର କରିଥାଏ।ଦେଶ ନିର୍ମାଣରେ ଶିଶୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।ସେମାନେ ଦେଶର ଭବିଷ୍ୟତ ହୋଇଥିବାରୁ ସେମାନଙ୍କ ଭିତରେ ଅପାର ସମ୍ଭାବନା ରହିଛି ଏବଂ ତାହାକୁ ଗଠନମୂଳକ ଢଙ୍ଗରେ ପରିଚାଳନା କରିବାର ଦାୟିତ୍ୱ ହେଉଛି ରାଷ୍ଟ୍ରର।ଶିଶୁଙ୍କ କଅଁଳ କାନ୍ଧ ଉପରେ ଭରସା କରୁଛି ଏ ଦେଶ , ଜାତି ତଥା ଜନ୍ମଭୂମି ।ଶିଶୁମାନେ ହେଉଛନ୍ତି ଦେଶର ସମ୍ପତ୍ତି।ସେମାନଙ୍କ ଭିତରେ ସୁନାର ଭାରତ ଗଠନ କରିବାର ଶକ୍ତି ରହିଛି ।

ସେହି କୋମଳମତି ଶିଶୁ ମାନଙ୍କୁ ହୃଦୟରୁ ଭଲ ପାଉଥିବା ମଣିଷ ହେଉଛନ୍ତି ପଣ୍ଡିତ ଜବାହାରଲାଲ ନେହେରୁ ।ମହାନ ସ୍ୱାଧୀନତା ସଂଗ୍ରାମୀ ଓ ରାଜନେତା ଜବାହାରଲାଲ ନେହେରୁ ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ଆହ୍ଲାବାଦର ଆନନ୍ଦ ଭବନରେ ଜନ୍ମ ଗ୍ରହଣ କରିଥିଲେ।ତାଙ୍କ ପିତା ମୋତିଲାଲ ନେହେରୁ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ଥିଲେ । ବିଦେଶରୁ ଶିକ୍ଷା ଗ୍ରହଣ କରିଥିଲେ ମଧ୍ୟ ନିଜ ଦେଶପ୍ରତି ତାଙ୍କର ଅଗାଧ ପ୍ରେମ ରହିଥିଲା । ଜବାହାରଲାଲ ନେହେରୁ ଶିଶୁଙ୍କ ପ୍ରତି ରହିଥିବା ଅହେତୁକ ପ୍ରେମ ଓ ସ୍ନେହ ପାଇଁ ପରବର୍ତ୍ତୀ ସମୟରେ ଚାଚା ନେହେରୁ ଭାବେ ପରିଚିତ ହୋଇଥିଲେ ।ଆଜି ସେହି ମହାନ ବ୍ୟକ୍ତିଙ୍କର ଜନ୍ମଦିନକୁ ସାରାଦେଶ ଶିଶୁ ଦିବସ ଭାବେ ପାଳନ କରୁଛି।ଶିଶୁମାନଙ୍କ ପ୍ରତି ତାଙ୍କର ସେହି ବିରଳ ଶ୍ରଦ୍ଧାକୁ ସ୍ମରଣୀୟ କରି ରଖିବା ପାଇଁ ପ୍ରତିବର୍ଷ ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ଶିଶୁମାନଙ୍କ ସହ ଜଡ଼ିତ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କରେ ତାଙ୍କ ଜନ୍ମଦିନକୁ ଶିଶୁଦିବସ ଭାବେ ପାଳନ କରାଯାଇଆସୁଛି।ପଣ୍ଡିତ ନେହେରୁ ଏକଦା କହିଥିଲେ, "ଆଜିର ଶିଶୁ ଆସନ୍ତାକାଲିର ଭାରତ ନିର୍ମାଣ କରିବେ। ଆମେ ଯେଉଁଭଳି ଭାବେ ସେମାନଙ୍କୁ ଗଢ଼ିବୁ ତାହା ହିଁ ଦେଶର ଭବିଷ୍ୟତ ନିର୍ଦ୍ଧାରଣ କରିବ।" ଶିଶୁର ଶାରୀରିକ ଓ ମାନସିକ ବିକାଶ ହେଉଛି ଦେଶ ବିକାଶର ପ୍ରକୃତ ମାପକାଠି । ଶିଶୁମାନଙ୍କୁ ସେ ଦେଶର ସମ୍ପତ୍ତି ବୋଲି ଭାବୁଥିଲେ ଏବଂ ସେମାନେ ହିଁ ଭବିଷ୍ୟତର ଭାରତ ଗଠନ କରିବେ ବୋଲି ତାଙ୍କର ବିଶ୍ୱାସ ରହିଥିଲା। ଶିଶୁମାନଙ୍କ ସାମର୍ଥ୍ୟ ଉପରେ ତାଙ୍କର ଏପରି ଗଭୀର ଭରସା ରହିଥିଲା ଯେ ସେମାନଙ୍କ ମସ୍ତିଷ୍କର ଦକ୍ଷତାକୁ ଉପଯୋଗ କରିବା ପାଇଁ ସେ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ଶିଶୁମାନଙ୍କର କଲ୍ୟାଣକୁ ପ୍ରାଥମିକତା ଦେବା ତଥା ସେମାନଙ୍କ ପାଇଁ ଏକ ଉନ୍ନତ ବିଶ୍ୱ ଗଠନ ପାଇଁ ଜନସାଧାରଣଙ୍କୁ ସଚେତନ କରାଇବା, ପିଲାମାନଙ୍କୁ ସ୍ନେହ ଶ୍ରଦ୍ଧା ଦେବା, ସେମାନଙ୍କ ଯତ୍ନ ନେଇ ସେମାନଙ୍କୁ ଦେଶର ଜଣେ ସୁନାଗରିକ ଭାବେ ଗଢ଼ି ତୋଳିବା ହେଉଛି ଶିଶୁ ଦିବସର ବାର୍ତ୍ତା। ପିଲାମାନେ ହେଉଛନ୍ତି ବୃକ୍ଷର କଢ ସଦୃଶ। ସେମାନଙ୍କର ସଠିକ୍ ଯତ୍ନ ଓ ଉଚିତ ଲାଳନପାଳନ କଲେ ହିଁ ଏକ ସୁନ୍ଦର ଫୁଲ ଭାବେ ଫୁଟି ଜଗତର ହିତ ସାଧନ କରିପାରିବେ ।

ଦେଶର କୋଣଅନୁକୋଣରେ ପଲ୍ଲୀ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁଠି ଶିଶୁଦିବସକୁ ଆନନ୍ଦର ସହ ପାଳନ କରାଯାଉଛି । ଶିଶୁଙ୍କ ଅଧିକାର, ଦାୟିତ୍ୱ ଓ ଶିକ୍ଷା ବିଷୟରେ ସଚେତନ କରିବା ଉଦ୍ଦେଶ୍ୟରେ ସାରାଦେଶ ପାଳୁଛି ଏହି ମହାନ ଦିବସ । ମହାନ ନେତା,ଜନନାୟକ, ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ତଥା ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଉଦ୍ଦେଶ୍ୟରେ ଜାତି ପାଳୁଛି ଶିଶୁଦିବସ ।ଦେଶ ନିର୍ମାଣରେ ଶିଶୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି କଥାକୁ ମର୍ମେ ମର୍ମେ ହୃଦୟଙ୍ଗମ କରିଥିଲେ ନେହେରୁ । ଛୋଟ ପିଲାଙ୍କୁ ଆଦରକରୁଥିବା, ସ୍ନେହ କରୁଥିବା ମହାନ ବ୍ୟକ୍ତି ହେଉଛନ୍ତି ଚାଚା ନେହେରୁ। ଫୁଲ ଭଳି ଛୋଟ ପିଲାଙ୍କୁ ସ୍ନେହ କରୁଥିଲେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁ । ପ୍ରତି ମୁହୂର୍ତ୍ତରେ ତାଙ୍କ କଥା ଚିନ୍ତା କରୁଥିଲେ । ଦେଶର ଗୌରବ , ଦେଶ ନିର୍ମାଣରେ ତାଙ୍କ ଭୂମିକା ଓ ଅଙ୍ଗୀକାରବଦ୍ଧତାକୁ ବୁଝିଥିଲେ ସିଏ ।ସେ ଦେଶର ଭବିଷ୍ୟତକୁ ଶିଶୁମାନଙ୍କ ଆଖିରେ ଦେଖୁଥିଲେ।ପଣ୍ଡିତ ଜବାହାରଲାଲ ନେହେରୁଙ୍କ ମତରେ, ଯଦି ଆମେ ଶିଶୁମାନଙ୍କ ଉପଯୁକ୍ତ ଯତ୍ନ ନେବା ତାଙ୍କୁ ଉଚିତ ମାର୍ଗରେ ନେବା, ତେବେ ଆମେ ଏକ ସୁନ୍ଦର ଭାରତ ପରିକଳ୍ପନା କରିପାରିବା । ଦେଶର ସାମଗ୍ରିକ ବିକାଶ ଶିଶୁମାନଙ୍କ ଉପରେ ହିଁ ନିର୍ଭର କରିଥାଏ । ସେଥିପାଇଁ ଶିଶୁମାନେ ସୁସ୍ଥ ଓ ନିରୋଗ ରହିବା ଆବଶ୍ୟକ ।ଏଥିପାଇଁ ନେହେରୁ ସର୍ବଦା ଶିଶୁମାନଙ୍କ ଉନ୍ନତିର ପରିକଳ୍ପନା କରୁଥିଲେ । ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଶତଚେଷ୍ଟିତ ଥିଲେ ନେହେରୁ ।ଆମେ ପିଲାମାନଙ୍କୁ ଯେପରି ଗଢ଼ି ତୋଳିବା ସେମାନେ ସେହିପରି ଦେଶର ଭବିଷ୍ୟତ ବିଷୟରେ ଚିନ୍ତା କରିବେ।



୧୯୬୪ ମସିହାରେ ନେହେରୁଙ୍କ ମୃତ୍ୟୁ ପରେ ତାଙ୍କର ଜନ୍ମଦିବସକୁ ଶିଶୁମାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯିବାକୁ ନିଷ୍ପତ୍ତି ନିଆଗଲା। ପ୍ରଥମଥର ଲାଗି ୧୯୬୫ ମସିହାରେ ଶିଶୁ ଦିବସ ପାଳନ କରାଯାଇଥିଲା । ସେହିଦିନ ଠାରୁ ପ୍ରତ୍ୟକ ବର୍ଷ ଆଜିର ଦିନକୁ ଶିଶୁ ଦିବସ ଭାବେ ପାଳନ କରାଯାଉଛି ।ପଣ୍ଡିତ ନେହେରୁଙ୍କ ମତରେ ପିଲାମାନେ ଆମ ସମାଜର ଆଧାର ଅଟନ୍ତି। ତେଣୁ ଏହି ଦିନର ମୂଳ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କୁ ପିଲାମାନଙ୍କର ଅଧିକାର ବିଷୟରେ ଶିକ୍ଷା ଦେବା, ସେମାନଙ୍କର ଯତ୍ନ ନେବା ଏବଂ ସେମାନଙ୍କୁ ଭଲ ଶିକ୍ଷା ଦେବା ।

ସମାଜର ବିକାଶ ପାଇଁ ଶିଶୁମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ଅପରିହାର୍ଯ୍ୟ। ଶିଶୁମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଏବଂ ଅସୁମାରୀ ସୁଯୋଗ ସୃଷ୍ଟି କରିବା ଦିଗରେ ସମସ୍ତେ ଏକହୋଇ କାମ କରିବା। ଏହି ଦିବସରେ ଶିଶୁଙ୍କ ବିକାଶ ଲଗି ସଂକଳ୍ପ ନେବା ସହିତ ଶିଶୁମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା,ଶୋଷଣ ,ବାଛବିଚାର ତଥା ଶିଶୁ ଶ୍ରମିକ ବିରୋଧରେ ସଚେତନତା ସୃଷ୍ଟି କରିବାରେ ପ୍ରୟାସ କରିବା ।ଯେତେବେଳେ ଆମେ ଶିଶୁମାନଙ୍କୁ ମୌଳିକ ଅଧିକାର ପ୍ରଦାନ କରିବା ତାସହିତ ସେମାନଙ୍କୁ ଶିଶୁଚାଲାଣ, ଶିଶୁ ନିର୍ଯ୍ୟାତନା ଓ ଶିଶୁଶ୍ରମ ପରି ସାମାଜିକ କୁପ୍ରଥାରୁ ରକ୍ଷା କରିବା ସେତେବେଳେ ଆମେ ଏକ ସୁରକ୍ଷିତ ଶିଶୁ ସମାଜ ଗଠନରେ ସଫଳ ହୋଇପାରିବା ।ଆମେ ଆଜିର ଦିନରେ ସଂକଳ୍ପ ନେବା ପ୍ରତ୍ୟେକ ଶିଶୁକୁ ସୁନାଗରିକ ଭାବେ ଗଢିତୋଳିବା ଏବଂ ତା ମୁହଁରେ ହସ ଫୁଟାଇବା ତାହାହିଁ ହେବ ଚାଚା ନେହେରୁଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

# ଶୀତ ଦିନରେ ଶିଶୁଙ୍କ କାନପଚା ରୋଗ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଧୀରେ ଧୀରେ ଶୀତ ଅନୁଭୂତ ହେଲାଣି। ତଥାପି ବାୟୁମଣ୍ଡଳରେ ଧୂଳିକଣାର ପ୍ରଭାବ ରହୁଥିବାରୁ ଶୀତର ପ୍ରକୋପ ଶିଶୁମାନଙ୍କର କାନପଚା ରୋଗର ମୁଖ୍ୟ ବାହକ ହୋଇପାରେ। ଅବଶ୍ୟ ଶିଶୁମାନଙ୍କର କାନପଚା ରୋଗ ଏକ ସାଧାରଣ ରୋଗ ଏବଂ ଏହାକୁ ନେଇ ଅଭିଭାବକମାନେ ବିଶେଷ ଭାବରେ ଚିନ୍ତିତ ହେବା ପ୍ରାସଙ୍ଗିକ ନୁହେଁ। ତେବେ ଗୁରୁତର ପ୍ରସଙ୍ଗ ହେଉଛି ପ୍ରାୟତଃ ପାଞ୍ଚବର୍ଷରୁ କମ୍ ବୟସର ଶିଶୁମାନଙ୍କ କ୍ଷେତ୍ରରେ ଏହା ଅଧିକାଂଶ ଭାବରେ ଦେଖାଯାଏ। ଆମ ଶରୀରରେ କାନ ହେଉଛି ଅନ୍ୟତମ ଅତ୍ୟାବଶ୍ୟକୀୟ ଇନ୍ଦ୍ରିୟ। କେବଳ ଶ୍ରବଣ ଶକ୍ତି ପାଇଁ ନୁହେଁ ଶାରୀରିକ ଭାରସାମ୍ୟରେ ସନ୍ତୁଳନ ରଖିବାରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେବେ ଖାମ୍‌ଖିଆଲି ଭାବରେ ଏହାର ଚିକିତ୍ସାକଲେ ପରବର୍ତ୍ତୀ ସମୟରେ ଶିଶୁଟି ସାରାଜୀବନ ପାଇଁ ଶ୍ରବଣଶକ୍ତି ହରାଇବାର ସମ୍ଭାବନାକୁ ଏଡ଼ାଇଯାଇ ନପାରେ। କାରଣ ଛୋଟ ପିଲାର ଶ୍ରବଣଶକ୍ତି ହିଁ ତା’ର ବୌଦ୍ଧିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଛୋଟ ଛୋଟ ପିଲାମାନେ ପ୍ରାଥମିକ ଅବସ୍ଥାରେ ଖନି ଖନି କଣ୍ଠରେ କଥାବାର୍ତ୍ତା ଆରମ୍ଭ କରୁଥିଲେ ମଧ୍ୟ ଶ୍ରବଣ ଶକ୍ତି ସେମାନଙ୍କର ଶାରୀରିକ ବିକାଶରେ ଯଥେଷ୍ଟ ଅବଦାନ ରଖିଥାଏ।

ପ୍ରାୟତଃ ଦେଖାଯାଏ ଛୋଟ ଛୋଟ ପିଲାମାନଙ୍କର କର୍ଣ୍ଣନଳୀ ମଧ୍ୟରେ କୌଣସି କାରଣ ବଶତଃ ସଂକ୍ରମଣଟିଏ ଘଟିଲେ କାନରୁ ପ୍ରାଥମିକ ଅବସ୍ଥାରେ ପାଣିଆ ପୂଜ ଏବଂ ପରବର୍ତ୍ତୀ ସମୟରେ ଗାଢ଼ ପୂଜ (ଦୁର୍ଗନ୍ଧଯୁକ୍ତ ପୂଜ) ନିର୍ଗତ ହୋଇଥାଏ। ଯାହାକୁ ସାଧାରଣରେ କାନପଚା ରୋଗ କୁହାଯାଏ। ସ୍ୱାସ୍ଥ୍ୟଗତ ଦୃଷ୍ଟିକୋଣରୁ ଦେଖାଯାଇଥାଏ ବଡ଼ଲୋକମାନଙ୍କ ଠାରୁ ଛୋଟ ପିଲାମାନଙ୍କର କାନର ଗଠନ ଶୈଳୀ ଭିନ୍ନ ଧରଣର ହୋଇଥିବାରୁ ଏବଂ ସେମାନଙ୍କର ଶରୀର ପ୍ରତିରୋଧକ ଶକ୍ତି ଯଥେଷ୍ଟ କମ୍ ଥିବାରୁ ସ୍ୱାଭାବିକ ଭାବରେ ପିଲାମାନଙ୍କର କାନ ପାଚିଥାଏ। ଜୀବାଣୁ ବା ଭୂତାଣୁମାନେ କର୍ଣ୍ଣନଳୀ ସଂକ୍ରମଣର ମୁଖ୍ୟବାହକ। ଅନେକକ୍ଷେତ୍ରରେ ଦେଖାଯାଏ ସଚେତନତା ଅଭାବରୁ ପ୍ରାୟତଃ ପିଲାମାନଙ୍କର କାନ ଭିତରେ ଅଭିଭାବକମାନେ କୌଣସି ଚଢ଼େଇର ପର, କାଠି, ଡଟ୍‌ପେନ, ଡାଙ୍ଗ, ଦିଆସିଲ କାଠି ଏପରିକି ହାତର ଆଙ୍ଗୁଳି ପୁରାଇ ସଫା କରିବା ଭିତରେ ଅଜାଣତ ଛୋଟିଆ କ୍ଷତଟି ସୃଷ୍ଟି ହୋଇ ସଂକ୍ରାମକ ରୂପ ନେଇଥାଏ। ସେହିପରି ନିୟମିତ ଭାବରେ କାନରୁ ଠିକ୍ ଭାବରେ ମଇଳା ସଫା କରାନଗଲେ ତାହା କାନପଚିବାର ଅନ୍ୟତମ କାରଣ ହୋଇଥାଏ। ବିଶେଷକରି ଶୀତଦିନରେ ବାୟୁମଣ୍ଡଳରେ ଧୂଳିକଣାର ଭାଗ ଅଧିକ ରହୁଥିବାରୁ ଏହି ଋତୁରେ କାନପଚାରୋଗ ବିଶେଷତଃ ଯନ୍ତ୍ରଣାଦାୟକ ହୋଇଥାଏ। ଅନେକ ସମୟରେ ଦେଖାଯାଏ ପିଲାମାନଙ୍କୁ ବୋତଲରେ କ୍ଷୀର ପିଆଇଲା ବେଳେ କିମ୍ବା ମା’ଶୋଇକରି ପିଲାଟିକୁ କ୍ଷୀର ଖୁଆଇଲାବେଳେ ଅଜଣାତ ଭାବରେ ବୋତଲକ୍ଷୀର ବା ମା’କ୍ଷୀର ଧାର ଧାର ହୋଇ ଶିଶୁଟିର କାନ ଭିତରେ ପଶିଥାଏ। ପରବର୍ତ୍ତୀ ସମୟରେ କ୍ଷୀର ଖାଇସାରିଲା ପରେ ପିଲାଟି ଶୋଇଯାଇଥିବାରୁ ତରଳ ପଦାର୍ଥଟି ଦୀର୍ଘ ସମୟ ପାଇଁ କାନ ଭିତରେ ରହି ଏହା ଦୂଷିତ କରିଥାଏ। ପିଲାମାନଙ୍କର ସ୍ୱାଭାବିକ ଥଣ୍ଡାରୋଗ ବା ଶ୍ୱାସରୋଗ ଥିଲେ ଦୀର୍ଘଦିନ ଧରି କାଶ ବା ଛିଙ୍କ ଲାଗିରହିଲେ ଏହା ମଧ୍ୟ ପରୋକ୍ଷରେ କାନରୋଗ ପାଇଁ ବାଟ ଦେଖାଇଥାଏ। ପିଲାମାନଙ୍କୁ ଗାଧୋଇଦେବା ସମୟରେ ଅଭିଭାବକମାନେ ବିଶେଷ ଭାବରେ ସତର୍କ ନହେଉଥିବାରୁ ପିଲାମାନଙ୍କର କାନ ଭିତରେ ପାଣି ପଶିଯାଏ ଯାହାକି କାନ ପାଚିବାର ଅନ୍ୟତମ ମୁଖ୍ୟ କାରଣ। ଗ୍ରାମାଞ୍ଚଳ ଏବଂ ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ ଦେଖାଯାଇଥାଏ ଯେ ପିଲାମାନଙ୍କୁ ବେଳେ ସ୍ଥାନୀୟ ପୋଖରୀ, ନଦୀ ବା ଝରଣାରେ ବୁଡ଼ ପକାଇ କେହି କେହି ଗାଧୋଇ ଦେଇଥାଆନ୍ତି। ଏହା ସ୍ୱାଭାବିକ ଭାବରେ କାନ ପାଇଁ ଭୟଙ୍କର ବିପଦ ଆଣିଥାଏ। ପିଲାମାନଙ୍କର ଲମ୍ବା ଲମ୍ବା ଚୁଟି ରହିଲେ କେବଳ ଗାଧୋଇବା ପାଣି ବା ବର୍ଷାପାଣି ନୁହେଁ ଏପରିକି ଦେହର ଝାଳ ଚୁଟିବାଟେ କାନ ଭିତରକୁ ପଶିଥାଏ ଯାହାକି ମଧ୍ୟ କାନ ପଚାଇଥାଏ। କାନ ପାଚିଲେ ପିଲାମାନଙ୍କ ଦେହରେ ସ୍ୱାଭାବିକ ଭାବରେ ତାପମାତ୍ର ବଢ଼ିଥାଏ। ଅସହ୍ୟ କାନଯନ୍ତ୍ରଣାରେ ପିଲାଟି କାନ୍ଦିଥାଏ ଏବଂ ପାଚିଥିବା କାନକୁ ଟାଣି ଧରିଲେ ତାକୁ ତତ୍‌କାଳ ଅବଶ୍ୟ ଉପଶମ ଲାଗେ କିନ୍ତୁ ଏହା ଠିକ୍ ନୁହେଁ। କେତେକ ସ୍ଥାନରେ ପିଲାମାନଙ୍କର ଏକାସାଙ୍ଗରେ ଦୁଇଟି କାନ ପାଚିବାର ମଧ୍ୟ ଦେଖାଯାଏ। ଏହା ପିଲାଟି ପାଇଁ ବଡ଼ ଯନ୍ତ୍ରଣା ଦାୟକ ହୋଇଥାଏ।

ପ୍ରଥମରୁ କହିଛି ଯେ କାନ ପାଚିବା ଏକ ଗୁରୁତର ରୋଗ ନୁହେଁ କିନ୍ତୁ ଏ କ୍ଷେତ୍ରରେ ଚିକିତ୍ସା ଯେତେ ବଡ଼କଥା ନୁହେଁ ସଚେତନ ହେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପ୍ରଥମ କଥା ହେଉଛି ଶିଶୁରୋଗ ବିଶେଷଜ୍ଞଙ୍କ ମତଲୋଡ଼ି ପିଲାଟିର ଦାୟିତ୍ୱ ନିଅନ୍ତୁ। ପିଲାମାନଙ୍କୁ କୌଣସି ପରିସ୍ଥିତିରେ ପାଣିରେ ବୁଡ଼ାଇ ଗାଧୋଇବା ପଦ୍ଧତି ଅବଲମ୍ବନ କରନ୍ତୁ ନାହିଁ। କେବେ ଯଦି ମୁଣ୍ଡବି ଧୋଇଥାଆନ୍ତି ତେବେ କାନ ଭିତରେ ଯେପରି ପାଣି ନପଶେ ସେଥିପାଇଁ ସତର୍କ ରୁହନ୍ତୁ। ଶୀତଦିନରେ ଧୂଳିକଣାର ପ୍ରକୋପ ରହୁଥିବାରୁ ପିଲାମାନଙ୍କୁ ଖରାପଡ଼ିଲାପରେ ବାହାରକୁ ଛାଡ଼ନ୍ତୁ। କୌଣସି ପରିସ୍ଥିତିରେ ପିଲାମାନଙ୍କ କାନ ସଫା ରଖିବା ପାଇଁ ଡାଙ୍ଗ, କାଠି ବା ଅନ୍ୟ କୌଣସି ଜିନିଷ ନ ପୁରାଇ ବିଶୋଧିତ ତୁଳା ଦ୍ୱାରା ନିର୍ଦ୍ଦିଷ୍ଟ ଭାବରେ ରହିଥିବା କାନସଫା କାଟିଦ୍ୱାରା କାନସଫା କରିପାରିବେ। ଶ୍ରେଣୀରେ ବା ବାହାରେ ପିଲାମାନେ କୌଣସି କାଠି ପୁରାଇ କାନ ନ କୁଣ୍ଡେଇବାର ଅଭ୍ୟାସ ପିଲାବେଳୁ ହିଁ ତାକୁ ଶିଖାନ୍ତୁ। ପରବର୍ତ୍ତୀ ସମୟରେ ଏହା ଖୁବ୍ ଭଲ ଅଭ୍ୟାସରେ ପରିଣତ ହୋଇପାରିବ। ନିଜକୁ ନିଜେ ଚିକିତ୍ସକ ଭାବି କାନରେ କୌଣସି ତେଲ ପକାନ୍ତୁ ନାହିଁ। ଯାହାବିହେଲେ କର୍ଣ୍ଣ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ନ୍ତୁ। ପିଲାମାନଙ୍କ ବଡ଼ଚୁଟି ରଖନ୍ତୁ ନାହିଁ। ସେମାନଙ୍କୁ ଅଧିକ ଥଣ୍ଡା, କୋଲଡ୍ରିଙ୍ଗସ, ଚକୋଲେଟ ଆଦି ଦେବାରୁ ନିରୁତ୍ସାହିତ ହୁଅନ୍ତୁ। ଛୋଟ ପିଲାମାନଙ୍କୁ କ୍ଷୀର ଖୋଇଲାବେଳେ ମା’ମାନେ ଯତ୍ନବାନ ହୁଅନ୍ତୁ ଯେପରି ତା’ର କାନରେ କ୍ଷୀରଟି ନପଶେ। ପିଲାଙ୍କୁ ମାଡ଼ ମାରିଲାବେଳେ କାନରେ ଯେପରି କୌଣସି ଆଘାତ ନହୁଏ ସେଥିପ୍ରତି ସଚେତନ ରୁହନ୍ତୁ। କାନରୁ ପାଣି ବୋହିବା ମାତ୍ରେ ତୁରନ୍ତ ବିଶୋଧିତ ତୁଳାରେ ସଫା କରନ୍ତୁ। ପିଲାମାନଙ୍କୁ ଶୋଇଲାବେଳେ ବା ସେମାନେ ମୁକ୍ତ ଥିଲାବେଳେ କୌଣସି ଆଧ୍ୟାତ୍ମିକ ସଙ୍ଗୀତ ବା ପ୍ରେରଣାଧର୍ମୀ ନାମାବଳୀ ତାଙ୍କ କାନରେ ଯେପରି ପଡ଼େ ସେଥିପ୍ରତି ସଚେତନ ରୁହନ୍ତୁ। ମନେରଖନ୍ତୁ ପିଲାଟି ହେଉଛି ଆସନ୍ତା କାଲିର ଭବିଷ୍ୟତ। ତା’ର ସାମାନ୍ୟ ଅବହେଳା ପରବର୍ତ୍ତୀ ସମୟ ପାଇଁ ଯନ୍ତ୍ରଣାଦାୟକ ଓ ଭୟଙ୍କର ହୋଇପାରେ। କୌଣସି କ୍ଷେତ୍ରରେ ଧୈର୍ଯ୍ୟହରା ହୁଅନ୍ତୁ ନାହିଁ। ସଦାସର୍ବଦା ଭଗବାନଙ୍କ ନାମ ସ୍ମରଣ କରନ୍ତୁ। ପିଲାଟିକୁ ବି ସେଇପଥରେ ନେବା ପାଇଁ ରାସ୍ତା ଦେଖାନ୍ତୁ। ଦେଖିବେ ସବୁଠିକ୍ ହୋଇଯିବ।

ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ’ କାଠଗୋଲା ରୋଡ଼, ମଙ୍ଗଳାବାଗ,
କଟକ, ଦୂରଭାଷ : ୯୪୩୮୨୭୭୭୬୦






- ୩୨ କାରରେ ହୋଇଥାନ୍ତା ୩୨ ବିସ୍ଫୋରଣ
- ପାକିସ୍ତାନର ଜୈଶ୍ ଆତଙ୍କବାଦୀଙ୍କ ରହିଛି ହାତ
- ପାଣ୍ଠି ଯୋଗାଡ଼ କରିଥିଲେ ୪ ଡାକ୍ତର



# ଟାର୍ଗେଟ୍ ଥିଲା ଡିସେମ୍ବର ୬

ଦିଲ୍ଲୀ ଲାଲକିଲ୍ଲା ଆତ୍ମଘାତୀ ହମଲାର ତଦନ୍ତ କରୁଥିବା ଅଧିକାରୀଙ୍କ ହାତରେ ଲାଗିଛି ବଡ଼ ତଥ୍ୟ। ଟେରର ମଡ୍ୟୁଲରେ ସାମିଲ ଥିବା ଡାକ୍ତରମାନେ ପାକିସ୍ତାନରେ ସକ୍ରିୟ ଜୈଶ-ଇ-ମହମ୍ମଦ ପାଇଁ କରୁଥିଲେ କାମ। ଡିସେମ୍ବର ୬ରେ ଦେଶର ରାଜଧାନୀ ଦିଲ୍ଲୀ ଓ ଏନସିଆରର ୬ଟି ପ୍ରମୁଖ ସ୍ଥାନରେ ସିରିଜ ବିସ୍ଫୋରଣ ପାଇଁ ଏହି ଟେରର ମଡ୍ୟୁଲର ସଦସ୍ୟମାନେ କରିଥିଲେ ଯୋଜନା। ଏଥିଲାଗି ୩୨ କାରରେ ୩୨ଟି ଜାଗାରେ ବିସ୍ଫୋରଣ କରାଯିବା ଲାଗି ଏକ ବଡ଼ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ୧୯୯୨ ମସିହା ଡିସେମ୍ବର ୬ରେ ଅଯୋଧ୍ୟାରେ ଥିବା ବାବ୍ରୀ ମସଜିଦ ଭଙ୍ଗା ଯାଇଥିଲା। ତେଣୁ ଆତଙ୍କବାଦୀଙ୍କ ଜରିଆରେ ସେହି ଦିନ ଦିଲ୍ଲୀରେ ସିରିଜ ବିସ୍ଫୋରଣ କରି ଆତଙ୍କ ସୃଷ୍ଟି କରିବାକୁ ଚାହୁଁଥିଲା। ବାବ୍ରୀ ମସଜିଦ ଭଙ୍ଗାଯିବା ଘଟଣାର ପ୍ରତିଶୋଧ ଆଳରେ ଭାରତରେ ନରସଂହାର କରିବାକୁ ଜୈଶ ମସୁଧା କରିଥିଲା। ଜୈଶର ଏହି କାମରେ ଧଳା କଲାର ଆତଙ୍କବାଦୀମାନେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଗୁଇନ୍ଦା ସୂତ୍ରରୁ ମିଳିଥିବା ଖବର ଅନୁସାରେ, ଜେରା ବେଳେ ଧଳା କଲାର ଆତଙ୍କବାଦୀମାନେ କେମିତି ଦିଲ୍ଲୀ ଓ ଏନସିଆରରେ ସିରିଜ ବିସ୍ଫୋରଣ କରିବାକୁ ପର୍ଯ୍ୟାୟ ଅନୁସାରେ ଯୋଜନା କରିଥିଲେ, ତଥ୍ୟ ଓଗାଳିଛନ୍ତି। ୫ଟି ପର୍ଯ୍ୟାୟରେ ଦେଶକୁ ଦୋହଲାଇବାକୁ ସେମାନଙ୍କ ଯୋଜନା ରହିଥିଲା। ତଦନ୍ତକାରୀ ଅଧିକାରୀଙ୍କ କହିବା କଥା ଯେ, ଚଳିତ ବର୍ଷ ଅଗଷ୍ଟ ମାସରେ ହମଲାର ଯୋଜନା ରହିଥିଲା। କିନ୍ତୁ ବଡ଼ ତଥା ସାମୂହିକ ଆକ୍ରମଣ ପାଇଁ ପ୍ରସ୍ତୁତି ଶେଷ ହୋଇ ନଥିବାରୁ ନୂଆ ତାରିଖ ଭାବେ ଡିସେମ୍ବର ୬କୁ ଚୟନ କରାଯାଇଥିଲା। କଟ୍ଟରପନ୍ଥୀ ଚିନ୍ତାଧାରାରେ ପ୍ରଭାବିତ ୪ ଜଣ ଡାକ୍ତର ଦିଲ୍ଲୀର ବିଭିନ୍ନ ସ୍ଥାନରେ ଆକ୍ରମଣ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ୨୦ ଲକ୍ଷ ଟଙ୍କା ଏକାଠି କରିଥିଲେ। ୨୦ ଲକ୍ଷ ଟଙ୍କା ସଂଗ୍ରହ କରିବା ପରେ ଏହାକୁ ଡାକ୍ତର ଉମରକୁ ସୁରକ୍ଷିତ ଭାବେ ରଖିବାକୁ ଦିଆଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ସେମାନେ ୨୬ କ୍ୱିଣ୍ଟାଲ ଏନପିକେ ଫର୍ଟିଲାଇଜର କିଣିଥିଲେ। ଏଥିପାଇଁ ପ୍ରାୟ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଆଇଇଡି ତିଆରି କରିବା ପାଇଁ ଏପରି ସାର କିଣା ଯାଇଥିଲା ବୋଲି ଜଣାପଡ଼ିଛି। ଡାକ୍ତର ଉମର ଓ ତା'ର ସହଯୋଗୀମାନେ ବିଲଡିଂ ନମ୍ବର ୧୭ରେ ଗୁପ୍ତ ବୈଠକ କରୁଥିଲେ। ବିଲଡିଂର ୧୩ ନମ୍ବର ରୁମ ଡାକ୍ତର ମୁଜାମିଲ ନାଁରେ ରହିଥିଲେ। ଏହି ରୁମରେ ଧଳା କଲାର ଆତଙ୍କବାଦୀମାନେ ପ୍ରାୟତଃ ଏକାଠି ହେଉଥିଲେ। ଏହି ରୁମରୁ ଆତଙ୍କବାଦୀ ହମଲାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା।

## ଉମର ବିସ୍ଫୋରଣ କରିଥିବା ସ୍ପଷ୍ଟ

### ଡିଏନ୍ଏ ଟେଷ୍ଟରୁ ଜଣାପଡ଼ିଲା



ନୂଆଦିଲ୍ଲୀ,୧୩।୧୧ : ଦିଲ୍ଲୀ ଲାଲକିଲ୍ଲା ନିକଟ ବିସ୍ଫୋରଣ ଘଟଣାରେ ବଡ଼ ଖୁଲାସା। ଡିଏନଏ ଟେଷ୍ଟରୁ ଚିହ୍ନଟ ହେଲା ବିସ୍ଫୋରଣକାରୀ। ମାଷ୍ଟର ମାଇଣ୍ଡ ଉମର ନବୀ ବିସ୍ଫୋରଣ କରିଥିଲା। ବିସ୍ଫୋରଣ କରିଥିବା ହ୍ୟୁଣ୍ଡାଇ-ଆଇ୨୦ କାର୍ ଚଲାଉଥିଲା ଡାକ୍ତର ଉମର ଉନ୍ ନବୀ। ତାଙ୍କ ମାଆଙ୍କ ସହ ଡିଏନଏ ଟେଷ୍ଟ ପରେ ସ୍ପଷ୍ଟ ହୋଇଛି। ପୁଲୱାମା କୋଇଲ ଗାଁର ମାଷ୍ଟରମାଇଣ୍ଡ ଡାକ୍ତର ଉମର ନବୀ ବିସ୍ଫୋରଣରେ ସାମିଲ ଥିଲା। ବିସ୍ଫୋରଣ ହୋଇଥିବା ଗାଡ଼ିର ଖଣ୍ଡବିଖଣ୍ଡିତ ଅଂଶ, ଗୋଟିଏ କଟା ହାତ, ହାଡ ଓ ଦାନ୍ତ ଉଦ୍ଧାର କରିଥିଲେ ଫୋରେନସିକ୍ ଟିମ୍। ପରେ ନବୀଙ୍କ ମା' ସମିମା ବାନୋଙ୍କ ଠାରୁ ସଂଗୃହୀତ ଡିଏନଏ ନମୁନା ସହ ମେଳ କରାଯାଇଥିଲା। ଯାହା ୧୦୦ ପ୍ରତିଶତ ମେଳ କରିଛି। ପରେ ବିସ୍ଫୋରଣ ଘଟାଇଥିବା ଗାଡ଼ିର ଚାଳକ ଉମର ନବୀ ଥିଲେ ବୋଲି ସ୍ପଷ୍ଟ ହୋଇଛି। ଗୁଲାମ ନବୀ ଭଟ୍ଟଙ୍କ ପୁଅ ଡାକ୍ତର ନବୀ ହରିୟାଣାର ଫରିଦାବାଦରେ ଥିବା ଅଲ-ଫାଲହ ମେଡିକାଲ କଲେଜରେ ମେଡିସିନ୍ ର ଜଣେ ସହକାରୀ ପ୍ରଫେସର ଥିଲେ। ସେ ଜୈଶ୍-ଏ-ମହମ୍ମଦ ସମର୍ଥିତ ଆତଙ୍କୀ ନେଟୱାର୍କର ମୁଖ୍ୟ ସଦସ୍ୟ ଥିଲେ।

### ଅଲ୍-ଫଲାହ ବିଶ୍ୱବିଦ୍ୟାଳକୁ କେଉଁଠୁ ଆସୁଥିଲା ପାଣ୍ଠି

## ତଦନ୍ତ କରିବ ଇଡି ନାକ୍ ମଧ୍ୟ ପଠାଇଲା ନୋଟିସ

ନୂଆଦିଲ୍ଲୀ: ଦିଲ୍ଲୀର ଲାଲକିଲ୍ଲା ନିକଟରେ କାର୍ ବିସ୍ଫୋରଣ ପରେ ହରିୟାଣାର ଫରିଦାବାଦ ସ୍ଥିତ ଅଲ୍-ଫଲାହ ବିଶ୍ୱବିଦ୍ୟାଳୟ ସନ୍ଦେହ ଘେରକୁ ଆସିଛି। ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ଡାକ୍ତରଙ୍କ ଗିରଫଦାରୀ ପରେ କେନ୍ଦ୍ର ସରକାର ଏବେ ୟୁନିଭର୍ସିଟିର ଫଣ୍ଡିଂ ଉତ୍ସ ଓ ବିତ୍ତୀୟ ନେଣ-ଦେଣ ଉପରେ ଅଧିକ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସରକାର ଅଲ୍-ଫଲହା ବିଶ୍ୱବିଦ୍ୟାଳୟକୁ ମିଳୁଥିବା ଫଣ୍ଡିଂର ଇଡି ତଦନ୍ତ ପାଇଁ ଆଦେଶ ଦେଇଛନ୍ତି। ଏହି ବିଶ୍ୱବିଦ୍ୟାଳୟ ଦିଲ୍ଲୀ ବିସ୍ଫୋରଣ ଘଟଣାରେ ଗିରଫ ହୋଇଥିବା ସନ୍ଦିଗ୍ଧ ଆତଙ୍କବାଦୀଙ୍କ ମଧ୍ୟରେ ଏକ ସମ୍ପର୍କର କେନ୍ଦ୍ର ଭାବେ ସାମନାକୁ ଆସିଛି। ଏହି ସଂସ୍ଥାନରେ ଦିଲ୍ଲୀ କାର୍ ବିସ୍ଫୋରଣର ଷଡ଼ଯନ୍ତ୍ର କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଅତି କମରେ ୪ ଜଣ ଡାକ୍ତରଙ୍କୁ ବିସ୍ଫୋରଣ ମାମଲାରେ ଗିରଫ କରାଯାଇଛି। ତଦନ୍ତର ମୁଖ୍ୟ ଫୋକୋସ୍ ବିଶ୍ୱବିଦ୍ୟାଳୟର ଫଣ୍ଡିଂ ଉପରେ କେନ୍ଦ୍ରିତ। ଏତେ ବଡ଼ ଆତଙ୍କୀ ମଡ୍ୟୁଲର ପର୍ଦ୍ଦାଫାସ୍ ହେବା ପରେ ଅନେକ ପ୍ରଶ୍ନ ଉଠୁଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ କଟ୍ଟରପନ୍ଥୀ ଗତିବିଧି ପାଇଁ ବ୍ୟବହାର କରାଯାଉଥିଲା କି ? ତଦନ୍ତକାରୀ ଏଜେନ୍ସି ସନ୍ଦେହ କରୁଛି ଯେ, ବିଦେଶୀରୁ ଫଣ୍ଡିଂ ହୋଇପାରେ, ଯାହାକୁ ଏକ ନେଟୱାର୍କ ଜରିଆରେ ଏକାଠି କରାଯାଇଛି। ସେପଟେ ଏନଏଏସି ଅଲ-ଫଲାହ ବିଶ୍ୱବିଦ୍ୟାଳୟକୁ ନିଜ ୱେବସାଇଟରେ ଭୁଲ ମାନ୍ୟତା ପ୍ରଦର୍ଶିତ କରିବା ଉପରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଅଧିକାରୀମାନେ ଗୁରୁବାର ଏହି ସୂଚନା ଦେଇଛନ୍ତି। କାରଣ ଦର୍ଶାଅ ନୋଟିସରେ ଏନଏଏସି କହିଛି, ଅଲ-ଫଲାହ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରାପ୍ତ ନୁହେଁ ଏବଂ ସେ ଏନଏନନସି ଦ୍ୱାରା ମାନ୍ୟତା ପାଇଁ ଆବେଦନ ବି କରିନାହିଁ। ନିଜ ୱେବସାଇଟରେ ସାର୍ବଜନୀନ ଭାବେ ପ୍ରଦର୍ଶନ କରିଛି ଯେ, ଅଲ-ଫଲାହ ବିଶ୍ୱବିଦ୍ୟାଳୟ ଅଲ୍-ଫଲାହ ଚାରିଟେବୁଲ ଟ୍ରଷ୍ଟର ଏକ ପ୍ରୟାସ, ଯାହା ପରିସରରେ ତିନି କଲେଜ ପରିଚାଳନା କରୁଛି।




## ଫାରୁକର ପତ୍ନୀ ଲିଙ୍କରେ ଥିଲା ଆତଙ୍କୀ ଶାହୀନ



ନୂଆଦିଲ୍ଲୀ: ଉମର ଫାରୁକ ହେଉଛି ଜୈଶ ମୁଖିଆ ମସୁଦ ଆଝାରର ଭଣଜା। ୨୦୧୯ ପୁଲୱାମା ହମଲାର ମାଷ୍ଟରମାଇଣ୍ଡ ଥିଲା ଫାରୁକ। ଏହି ହମଲାରେ ୪୦ ଜଣ ସିଆରପିଏଫ ଯବାନ ସହିଦ ହୋଇଥିଲେ। ଏହାପରେ ହୋଇଥିବା ଏନକାଉଣ୍ଟରରେ ନିହତ ହୋଇଥିଲା ଫାରୁକ। ଦିଲ୍ଲୀ ଆତ୍ମଘାତୀ ହମଲା ସହ ରହିଛି ପାକିସ୍ତାନରେ ସକ୍ରିୟ ଜୈଶ-ଇ-ମହମ୍ମଦର ଲିଙ୍କ୍। ଦିଲ୍ଲୀ ବିସ୍ଫୋରଣ ଓ ଫରିଦାବାଦରୁ ବିସ୍ଫୋରକ ମିଳିବା ଘଟଣାରେ ଗିରଫ ହୋଇଥିବା ଲେଡୀ ଆତଙ୍କୀ ଡାକ୍ତର ଶାହୀନ ସୟିଦ ସମ୍ପର୍କରେ ମିଳିଛି ବଡ଼ ତଥ୍ୟ। ଶାହୀନ ଜୈଶ କମାଣ୍ଡର ତଥା ପୁଲୱାମା ହମଲାର ମାଷ୍ଟରମାଇଣ୍ଡ ଉମର ଫାରୁକର ପତ୍ନୀ ଅଫିରା ବିବି ସହ ନିୟମିତ ଯୋଗାଯୋଗରେ ରହିଥିଲା ବୋଲି ଜଣାପଡ଼ିଛି। ଫାରୁକର ପତ୍ନୀ ଅଫିରା ବିବି ନୂଆ କରି ଜୈଶ ପକ୍ଷରୁ ଖୋଲା ଯାଇଥିବା ମହିଳା ବ୍ରିଗେଡ ଜମାତ ଉଲ ମୋମିନାତର ପ୍ରମୁଖ ଚେହେରା। ଦିଲ୍ଲୀ ବିସ୍ଫୋରଣ ପୂର୍ବରୁ ଅଫିରା ବିବି ଜୈଶର ମହିଳା ବ୍ରିଗେଡର ପରାମର୍ଶଦାତା ପରିଷଦ ଶୁରାରେ ସାମିଲ ହୋଇଥିଲା। ସେ ମସୁଦର ଭଉଣୀ ସାଦିୟା ଆଝାର ସହ କାମ କରେ। ଉଭୟ ଅଫିରା ଓ ସାଦିୟା ନିୟମିତ ଭାବେ ଡାକ୍ତର ଶାହୀନ ସହ ଯୋଗାଯୋଗରେ ଥିଲେ। ସେମାନଙ୍କ ନିର୍ଦ୍ଦେଶରେ ଶାହୀନା କାର୍ଯ୍ୟ କରୁଥିଲା। ଭାରତରେ ଜୈଶର ମହିଳା ୱିଙ୍ଗ ପ୍ରତିଷ୍ଠା ପାଇଁ ଅଫିରା ଓ ସାଦିୟା ମିଳିତ ଭାବେ ଶାହୀନକୁ ନିର୍ଦ୍ଦେଶ ଦେଇଥିଲେ। ଫରିଦାବାଦର ଅଲ ଫଲାହ ବିଶ୍ୱବିଦ୍ୟାଳୟ ଓ ମେଡିକାଲରେ ବରିଷ୍ଠ ଡାକ୍ତର ଭାବେ କାମ କରୁଥିବା ଶାହୀନକୁ ସୋମବାର ପୁଲିସ୍ ଗିରଫ କରିଥିଲା। ତା' କାରରୁ ଆସଲ୍ଟ ରାଇଫଲ ଓ ଗୁଳିଗୋଳା ମିଳିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଶାହୀନକୁ ଭାରତରେ ଜମାତ ଉଲ ମୋମିନାତ ଶାଖା ପ୍ରତିଷ୍ଠା କରିବାକୁ କୁହାଯାଇଥିଲା। ମୌଳବାଦୀ ଚିନ୍ତାଧାରରେ ପ୍ରଭାବିତ କରି ମହିଳାମାନଙ୍କୁ ଆତଙ୍କୀ କାର୍ଯ୍ୟକଳାପରେ ସାମିଲ କରିବା ଦାୟିତ୍ୱ ଶାହୀନ ପାଇଥିଲା।

## ସରକାର ଉପରେ ବର୍ଷିଲା କଂଗ୍ରେସ



ନୂଆଦିଲ୍ଲୀ: ଦିଲ୍ଲୀ ଆତଙ୍କବାଦୀ ବିସ୍ଫୋରଣକୁ ନେଇ କଂଗ୍ରେସ ଦଳ ଏବେ ସରକାରକୁ କରିଛି କଡ଼ା ସମାଲୋଚନା। କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରୀନେତ କହିଛନ୍ତି, ଦିଲ୍ଲୀ ବିସ୍ଫୋରଣର ୫୦ ଘଣ୍ଟା ପରେ ମୋଦୀ ସରକାର ଶେଷରେ ସ୍ୱୀକାର କରିଛନ୍ତି ଯେ, ଏହା ଏକ ଆତଙ୍କବାଦୀ ଆକ୍ରମଣ, କିନ୍ତୁ ପାକିସ୍ତାନ ବିଷୟରେ ଏକ ଶବ୍ଦ ମଧ୍ୟ କହିନାହାନ୍ତି। ତେବେ ପାକିସ୍ତାନର ସମ୍ପୃକ୍ତି ବିନା ଭାରତରେ ଆତଙ୍କବାଦୀ ଆକ୍ରମଣ ହୋଇପାରିବ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହା ସହ ସୁପ୍ରିୟା ଶ୍ରୀନେତ ମୋଦୀ ସରକାରକୁ ଟେରେଛା ତୀର ମାରି କହିଛନ୍ତି, ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ମୋଦୀ ସରକାର କହିଥିଲେ ଯେ, ଯେକୌଣସି ଆତଙ୍କବାଦୀ ଆକ୍ରମଣକୁ ଯୁଦ୍ଧ ଭାବରେ ବିବେଚନା କରାଯିବ। ତଥାପି ପାକିସ୍ତାନ ସ୍ଥିତ ଜୈଶ-ଏ-ମହମ୍ମଦ ସହ ଜଡ଼ିତ ଏହି ଆକ୍ରମଣ ପରେ ବି ସରକାର କୌଣସି ବି ପ୍ରତିକ୍ରିୟା ରଖିବା କଥାର ବିପରୀତ ବୋଲି କହିଛନ୍ତି କଂଗ୍ରେସ ମୁଖପାତ୍ର। ସମଗ୍ର ଦେଶ ଏହି ଗୋଟିଏ ପ୍ରଶ୍ନର ଉତ୍ତର ଚାହୁଁଛି ଯେ, ଏହି ଆତଙ୍କବାଦୀ ଆକ୍ରମଣ ବିଷୟରେ କାହିଁକି କୌଣସି ଗୁପ୍ତ ସୂଚନା ନଥିଲା ? ଆଇବି, ଦିଲ୍ଲୀ ପୁଲିସ ଏବଂ ଅମିତ ଶାହ କ'ଣ କରୁଥିଲେ ?

### ● ୟୁନୁସଙ୍କୁ ଅଲଟିମେଟମ

## ସ୍ୱଦେଶ ଫେରିବାକୁ ସର୍ତ୍ତ ରଖିଲେ ହସିନା



ଢାକା,୧୩।୧୧: ବାଂଲାଦେଶର ବହିଷ୍କୃତ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା କହିଛନ୍ତି ଯେ, ତାଙ୍କ ସ୍ୱଦେଶ ଫେରିବା ତିନୋଟି କାରଣ ଉପରେ ନିର୍ଭର କରେ। ଅଂଶଗ୍ରହଣକାରୀ ଗଣତନ୍ତ୍ରର ପୁନରୁଦ୍ଧାର, ଆୱାମୀ ଲିଗ ଉପରୁ ପ୍ରତିବନ୍ଧକ ଉଠାଇବା ଏବଂ ମୁକ୍ତ, ନିରପେକ୍ଷ ଏବଂ ଅନ୍ତର୍ଭୁକ୍ତିମୂଳକ ନିର୍ବାଚନ ଆୟୋଜନ କରିବା। ଭାରତର ଏକ ଅଜ୍ଞାତ ସ୍ଥାନରୁ ଏକ ସ୍ୱତନ୍ତ୍ର ଇମେଲ ସାକ୍ଷାତକାରରେ ହସିନା ଅନିର୍ବାଚିତ ୟୁନୁସ ସରକାର ଉପରେ ଭାରତ ସହିତ ସମ୍ପର୍କକୁ ବିପଦରେ ପକାଇବା ଏବଂ ଉଗ୍ରବାଦୀ ଶକ୍ତିକୁ ସଶକ୍ତ କରିବାର ଅଭିଯୋଗ ଆଣିଥିଲେ। ତାଙ୍କର ବୈଦେଶିକ ନୀତିକୁ ବର୍ତ୍ତମାନର ମଧ୍ୟବର୍ତ୍ତୀକାଳୀନ ସରକାର ସହିତ ତୁଳନା କରି ହସିନା କହିଛନ୍ତି ଯେ, ୟୁନୁସ ପ୍ରଶାସନର ମୂର୍ଖତା ବାଂଲାଦେଶ ଏବଂ ଭାରତ ମଧ୍ୟରେ ଘନିଷ୍ଠ ସମ୍ପର୍କକୁ କ୍ଷତି ପହଞ୍ଚାଇଛି। ହସିନା ତାଙ୍କୁ ଶରଣ ଦେବା ପାଇଁ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ଭାରତ ସରକାର ଏବଂ ଏହାର ଲୋକଙ୍କ ଉଦାର ଆତିଥ୍ୟ ପାଇଁ ଗଭୀର କୃତଜ୍ଞତା ପ୍ରକାଶ କରିଥିଲେ। ବାଂଲାଦେଶର ସବୁଠାରୁ ଦୀର୍ଘ ସମୟ ଧରି ପ୍ରଧାନମନ୍ତ୍ରୀ ଥିବା ଶେଖ ହସିନା, ଅଗଷ୍ଟ ୫, ୨୦୨୪ରେ ଦେଶ ଛାଡିଥିଲେ।

## ଭାରତ ନୂଆ ଯୁଦ୍ଧନୀତି ଆପଣାଉଛି : ସେନା ମୁଖ୍ୟ



ନୂଆଦିଲ୍ଲୀ,୧୩।୧୧ : ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି ଯେ, ଆଧୁନିକ ଯୁଦ୍ଧର କୋଶଳ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଛି ଏବଂ ଭାରତକୁ ନିଜର ବାୟୁ ପ୍ରତିରକ୍ଷା ନୀତି ତଥା ଯୁଦ୍ଧ ନୀତିକୁ ନୂଆ ଚିନ୍ତାଧାରା ସହିତ ପୁନର୍ବିବେଚନା କରିବାକୁ ପଡ଼ିବ। ଆମେ ବର୍ତ୍ତମାନ ଅତ୍ୟାଧୁନିକ ହେଲୁଣି। ସେନା ମୁଖ୍ୟ ପ୍ରତିରକ୍ଷା ଅଧ୍ୟୟନ ଏବଂ ବିଶ୍ଳେଷଣ ସଂସ୍ଥାନରେ ଆୟୋଜିତ ଦିଲ୍ଲୀ ଡିଫେନ୍ସ ଡାଏଲଗ୍‌ରେ ଯୋଗଦେଇ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ, ତିନି ସେନାର ବରିଷ୍ଠ ଅଧିକାରୀ, ପ୍ରତିରକ୍ଷା ଶିଳ୍ପ ଜଗତର ବିଶେଷଜ୍ଞ ଏବଂ ଅନେକ ବିଦେଶୀ ରଣନୀତିକ ବିଶ୍ଳେଷକ ମଧ୍ୟ ଉପସ୍ଥିତ ଥିଲେ।

ସେହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜେନେରାଲ ଦ୍ୱିବେଦୀ କହିଛନ୍ତି ଯେ, ଏବେର ଯୁଦ୍ଧ କୌଣସି ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ସୀମିତ ନାହିଁ। ବର୍ତ୍ତମାନ ବିପଦ ଜଳ, ସ୍ଥଳ, ଆକାଶ, ମହାକାଶ ଏବଂ ସାଇବର ସ୍ପେସ ପ୍ରତ୍ୟେକ ଦିଗରୁ ଏକାସାଙ୍ଗରେ ଆସୁଛି। ସେ କହିଛନ୍ତି ଯେ, ଭାରତକୁ ଏପରି ନେଟୱାର୍କ-କେନ୍ଦ୍ରିତ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ, ଯେଉଁଥିରେ ଡ୍ରୋନ୍ ସ୍ୱାର୍ମ, ଜାମିଂ ଟେକ୍ନିକ୍, କାଉଣ୍ଟର-ଡ୍ରୋନ୍ ସିଷ୍ଟମ ଏବଂ ରିଅଲ୍-ଟାଇମ୍ ଇଣ୍ଟେଲିଜେନ୍ସ ଭଳି କ୍ଷମତା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ସେ କହିଛନ୍ତି ଯେ, ଭବିଷ୍ୟତର ଯୁଦ୍ଧ କେବଳ ମିସାଇଲ୍ କିମ୍ବା ଲଢୁଆ ବିମାନ ଉପରେ ନିର୍ଭର କରିବ ନାହିଁ। ଯିଏ ଅଧିକ ତୀବ୍ର, ଅତ୍ୟାଧୁନିକ ଏବଂ ବୈଷୟିକ ଦୃଷ୍ଟିରୁ ସକ୍ଷମ ହେବ, ସେ ହିଁ ବିଜେତା ହେବ। ଆଧୁନିକ ପ୍ରତିରକ୍ଷା ପ୍ରଣାଳୀରେ ଏଆଇ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ସେମିକଣ୍ଡକ୍ଟର ଚିପ୍ସ ଏବଂ ପରବର୍ତ୍ତୀ ପିଢ଼ିର ଯୋଗାଯୋଗ ନେଟୱାର୍କକୁ ସାମିଲ କରିବା ପାଇଁ କାର୍ଯ୍ୟ ଦ୍ରୁତ ଗତିରେ ଆଗକୁ ବଢ଼ୁଛି। ବର୍ତ୍ତମାନ ପ୍ରଯୁକ୍ତିବିଦ୍ୟା କିଛି ଦେଶ କିମ୍ବା ସଂଗଠନ ମଧ୍ୟରେ ସୀମିତ ନାହିଁ, ଏହା ସମସ୍ତଙ୍କ ପହଞ୍ଚରେ ଅଛି, ଯାହା ଯୁଦ୍ଧର ସମୀକରଣକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛି। ତେଣୁ ଅପରେସନ୍ ସିନ୍ଦୂରର ଦ୍ୱିତୀୟ ପର୍ଯ୍ୟାୟ ହେଉ କିମ୍ବା ତା'ପରର ଯୁଦ୍ଧ, ଆମେ ଏହାକୁ ବଡ଼ ସ୍ତରରେ ଦେଖୁଛୁ।

### ● ଭୟରେ ଥୁରୁଛି ପାକିସ୍ତାନ

## 'ଆମ ମୁଣ୍ଡରେ ଅଠା ବୋଳୁଛି ଭାରତ'



ନୂଆଦିଲ୍ଲୀ,୧୩।୧୧: ଦିଲ୍ଲୀର ଲାଲକିଲ୍ଲା ନିକଟରେ ଘଟିଥିବା ବିସ୍ଫୋରଣ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ଦେଶ ପାକିସ୍ତାନର ଚିନ୍ତାକୁ ବଢ଼ାଇ ଦେଇଛି। ସୋମବାର ଦିଲ୍ଲୀରେ ଆତଙ୍କବାଦୀ ଆକ୍ରମଣ ହେବା ପରେ, ମଙ୍ଗଳବାର ଇସଲାମାବାଦ କୋର୍ଟ ପରିସରରେ ଏକ ବିସ୍ଫୋରଣ ଘଟିଥିଲା। ଏଥିରେ ୧୨ଜଣଙ୍କର ମୃତ୍ୟୁ ହୋଇଥିଲା। ଇସଲାମାବାଦ ଆକ୍ରମଣ ପାଇଁ ତେହେରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି) ନିଜକୁ ଦାୟୀ କରିଥିବା ବେଳେ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଏଥିପାଇଁ ଭାରତକୁ ଟାର୍ଗେଟ କରିଛନ୍ତି। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଦିଲ୍ଲୀ ଆତଙ୍କବାଦୀ ଆକ୍ରମଣ ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଗତକାଲି ପର୍ଯ୍ୟନ୍ତ ଏହା ଏକ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଥିଲା। ଭାରତ ଯେକୌଣସି ସମୟରେ ପାକିସ୍ତାନକୁ ଏହି ଆକ୍ରମଣ ପାଇଁ ଦୋଷ ଦେଇପାରେ। ପାକିସ୍ତାନ ଏବେ ଏକାସାଙ୍ଗରେ ଦୁଇଟି ଯୁଦ୍ଧ ଲଢ଼ିବାକୁ ପ୍ରସ୍ତୁତ। ଆମେ ଉଭୟ ପୂର୍ବ (ଭାରତ) ଏବଂ ପଶ୍ଚିମ (ଆଫଗାନିସ୍ତାନ) ସୀମାରେ ଲଢ଼ିବାକୁ ପ୍ରସ୍ତୁତ। ଭାରତ ଯଦି ଏନେଇ ପାକିସ୍ତାନ ଉପରେ ଆକ୍ରମଣ କରେ, ତେବେ ଉଚିତ ଜବାବ ଦିଆଯିବ ବୋଲି ସେ କହିଛନ୍ତି।

## ଭୋଟ ଫଳାଫଳ ପୂର୍ବରୁ ବିହାରରେ ପୋଷ୍ଟର ୱାର




ନୂଆଦିଲ୍ଲୀ,୧୩।୧୧: ୨୦୨୫ ବିହାର ବିଧାନସଭା ନିର୍ବାଚନର ଶୁକ୍ରବାର ଫଳାଫଳ ପ୍ରକାଶ ପାଇବ। ଏହାକୁ ନେଇ ବିହାରର ରାଜନୈତିକ ପରିସ୍ଥିତି ଉଷ୍ମ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ, ବିହାର ପ୍ରଦେଶ ସମାଜବାଦୀ ପାର୍ଟି ଏକ ବିବାଦୀୟ ପୋଷ୍ଟର ଜାରି କରିଛି ଯାହା ସୋସିଆଲ ମିଡିଆ ଏବଂ ସ୍ଥାନୀୟ ଅଞ୍ଚଳରେ ଦ୍ରୁତ ଗତିରେ ଭାଇରାଲ ହେଉଛି। ପୋଷ୍ଟରରେ ବିଜେପି ନେତା ଅମିତ ଶାହ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ କାର୍ଟୁନ ପରି ଫଟୋ ରହିଛି, ଯାହାକୁ ଦଳ 'ଗୁଡବାଏ ଚାଚା' ବୋଲି ନାମ ଦେଇଛି।

ପୋଷ୍ଟରରେ ମହାଗଠବନ୍ଧନ ନେତା ଅଖିଳେଶ ଯାଦବ ଏବଂ ଲାଲୁ ପ୍ରସାଦ ଯାଦବ ପରିବାରର ଫଟୋ ମଧ୍ୟ ରହିଛି, ଯାହା ସମାଜବାଦୀ ପାର୍ଟିର ବିହାରରେ ନୂତନ ସରକାର ଗଠନ କରିବାର ଆଶାକୁ ସୂଚାଇ ଦେଉଛି। ପୋଷ୍ଟରରେ ଲେଖା ଅଛି, 'ସିଂହାସନ ଛାଡିଦିଅ, 'ତେଜସ୍ୱୀ ସରକାର'।

ସମାଜବାଦୀ ପାର୍ଟି ନେତା ଧର୍ମବୀର ଯାଦବ ଏହି ପୋଷ୍ଟର ଲଗାଇଥିବା ବେଳେ ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ , ବିହାରରେ ନିଶ୍ଚିତ ଭାବରେ କ୍ଷମତା ପରିବର୍ତ୍ତନ ହେବ ଏବଂ ଏକ ମହାଗଠବନ୍ଧନ ସରକାର ଗଠନ ହେବ। ବାସ୍ତବରେ ବିହାର ବିଧାନସଭା ନିର୍ବାଚନର ଫଳାଫଳ ଶୁକ୍ରବାର ଆସିବାକୁ ଥିବାବେଳେ ଏକଜିଟ ପୋଲର ଆକଳନ କଂଗ୍ରେସ, ଆରଜେଡିର ନିଦ ଉଡାଇ ଦେଇଛି। ଅନ୍ୟପଟେ ବିହାରର ରାଜଧାନୀ ପାଟନାରେ ସଂଯୁକ୍ତ ଜନତା ଦଳ କାର୍ଯ୍ୟାଳୟ ବାହାରେ ପୂର୍ବତନ ବିହାର ମନ୍ତ୍ରୀ ରଞ୍ଜିତ ସିହ୍ନା ଏକ ପୋଷ୍ଟର ଲଗାଇଛନ୍ତି। ଯେଉଁଥିରେ ରଞ୍ଜିତ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ 'ଟାଇଗର ଜିନ୍ଦା ହୈ' ଶୀର୍ଷକ ଦେଇ ଲେଖି ନୀତିଶ କୁମାର ଚତୁର୍ଥ ଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ହେବେ। ବାସ୍ତବରେ ୨୦୨୫ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ବିରୋଧୀ ମହାଗଠବନ୍ଧନ ଟାର୍ଗେଟ କରି କହିଥିଲା ଯେ, ବିଜେପି ନୀତିଶଙ୍କୁ ମୁଖ୍ୟମନ୍ତ୍ରୀ କରିବ ନାହିଁ। ଯଦିଓ କେନ୍ଦ୍ରମନ୍ତ୍ରୀ ଅମିତ ଶାହ ନୀତିଶ ହିଁ ମୁଖ୍ୟମନ୍ତ୍ରୀ ହେବେ ବୋଲି କହିଥିଲେ, ହେଲେ ରାଷ୍ଟ୍ରୀୟ ଜନତା ଦଳ ନେତା ଏବଂ ବିରୋଧୀ ଦଳର ମୁଖ୍ୟମନ୍ତ୍ରୀ ଚେହେରା ତେଜସ୍ୱୀ ଯାଦବ ବାରମ୍ବାର ଦାବି କରିଛନ୍ତି ଯେ ଏନ୍‌ଡିଏ କ୍ଷମତାକୁ ଆସିଲେ ନୀତିଶ କୁମାର ମୁଖ୍ୟମନ୍ତ୍ରୀ ହେବେ ନାହିଁ।

## ଫେବ୍ରୁଆରି ୧୭ରୁ ଆଇସିଏସ୍ଇ ୧୦ମ ପରୀକ୍ଷା



ନୂଆଦିଲ୍ଲୀ,୧୩।୧୧ : ଭାରତୀୟ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ପରିଷଦ ପକ୍ଷରୁ କରାଯାଉଥିବା ଆଇସିଏସଇ ଦଶମ ବୋର୍ଡ ପରୀକ୍ଷା ତାରିଖ ପ୍ରକାଶ କରାଯାଇଛି। ପରୀକ୍ଷାଗୁଡ଼ିକ ଫେବ୍ରୁଆରି ୧୭, ୨୦୨୬ ରୁ ଆରମ୍ଭ ହୋଇ ମାର୍ଚ୍ଚ ୩୦, ୨୦୨୬ ପର୍ଯ୍ୟନ୍ତ ଚାଲିବ। ସେହିପରି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫେବୃଆରୀ ୧୨ରୁ ଆରମ୍ଭ ହୋଇ ଏପ୍ରିଲ ୬, ୨୦୨୬ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା ତାରିଖ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କର ସମୟସୂଚୀ ଯାଞ୍ଚ କରିପାରିବେ ଏବଂ ସରକାରୀ ୱେବସାଇଟକୁ ଯାଇ ଏକ ପିଡିଏଫ ଡାଉନଲୋଡ୍ କରିପାରିବେ। ଏହି ସମୟସାରଣୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବଶାଳୀ ଭାବରେ ସେମାନଙ୍କର ଅଧ୍ୟୟନ ଯୋଜନା କରିବାକୁ ଏବଂ ସେମାନଙ୍କୁ ସଠିକ୍ ଦିଗଦର୍ଶନ ଦେବାକୁ ଅନୁମତି ଦେବ।

ଆଇସିଏସଇ ଶ୍ରେଣୀ ଦଶମ ପରୀକ୍ଷା ଲାଗି ସମୟସାରଣୀ ପ୍ରକାଶ ସହ ପ୍ରତ୍ୟେକ ବିଷୟର ତାରିଖ ଏବଂ ଦିନ ଚୂଡ଼ାନ୍ତ ହୋଇଛି। ଇଂରାଜୀ ଭାଷା (ଇଂରାଜୀ ପେପର ୧) ଫେବୃଆରୀ ୧୭ ତାରିଖ, ୨୦୨୬ ମଙ୍ଗଳବାର ଦିନ ଅନୁଷ୍ଠିତ ହେବ ଏବଂ ଏହା ଦୁଇ ଘଣ୍ଟା ପର୍ଯ୍ୟନ୍ତ ଚାଲିବ। ଇଂରାଜୀରେ ସାହିତ୍ୟ (ଇଂରାଜୀ ପେପର ୨) ଫେବୃଆରୀ ୨୦ ତାରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହେବ, ଯାହା ମଧ୍ୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ରହିବ। ସେହିପରି ୧୨ଶ ଶ୍ରେଣୀର ପ୍ରଥମ ଦିନ ଅର୍ଥାତ ୧୨ ଫେବ୍ରୁଆରିରେ ସାଇକୋଲୋଜି, ୧୩ରେ ଇଂରାଜୀ ପେପର ୧ ପରୀକ୍ଷା ହେବ।

### ● ଏଲଡିଏର ବଡ଼ ନିଷ୍ପତ୍ତି

## ୨୫ ବର୍ଷ ପର୍ଯ୍ୟନ୍ତ ଶସ୍ତା ଫ୍ଲାଟ୍ ବିକ୍ରି ବନ୍ଦ



ଲକ୍ଷ୍ନୌ,୧୩।୧୧: ଏଲଡିଏ ଡାଲିବାଗର ଏକ ସ୍ଥାନରେ ଥିବା କୁଖ୍ୟାତ ମାଫିଆ ନେତା ମୁଖତାର ଅନସାରୀଙ୍କ ଜବତ ହୋଇଥିବା କୋଠାକୁ ଭାଙ୍ଗି ଗରିବ ଲୋକଙ୍କ ପାଇଁ ତିଆରି ହୋଇଥିବା ଫ୍ଲାଟଗୁଡ଼ିକ ବିକ୍ରିକରିବା ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛି। ପ୍ରାଧିକରଣ ଏହି ଫ୍ଲାଟଗୁଡ଼ିକୁ ବିକ୍ରି କରିବା, ଭଡା ଦେବା ଉପରେ ୨୫ ବର୍ଷ ପାଇଁ ସମ୍ପୂର୍ଣ୍ଣ ନିଷେଧ ଜାରି କରିଛି। ଯାହା ସରକାରୀ ଯୋଜନା ଏବଂ ସମ୍ପତ୍ତି ଶୋଷଣ ରୋକିବାକୁ ଉଦ୍ଦିଷ୍ଟ।ସୂଚନାନୁଯାୟୀ, ଏହି ଫ୍ଲାଟଟିକୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନାମରେ ନାମିତ କରାଯାଇଥିଲା। ଏହାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନଭେମ୍ବର ମାସରେ ଉଦଘାଟନ କରି ୭୨ ଜଣ ଗରିବ ପରିବାରଙ୍କୁ ଚାବି ଦେଇଥିଲେ। ଏହି ଫ୍ଲାଟଗୁଡ଼ିକର ମୂଲ୍ୟ କୋଟି କୋଟି ଟଙ୍କାର ହୋଇଥିବାରୁ ଏହାକୁ ହଡପ କରିବାର ଭୟ ଏଲଡିଏ କରିଥିଲା। ସେଥିପାଇଁ ୨୫ ବର୍ଷର ବିକ୍ରୟ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇ ଥିଲା। ଚାବି ହସ୍ତାନ୍ତର ସମୟରେ ମୁଖ୍ୟମନ୍ତ୍ରୀ ଯୋଗୀ ସ୍ପଷ୍ଟ ଭାବେ କହିଥିଲେ ଯେ ମାଫିଆମାନେ ଗରିବଙ୍କ ଜମି ହଡ଼ପ କରୁଥିଲେ। ଏଥିସହ ସେମାନେ ଝିଅଙ୍କ ପାଇଁ ମଧ୍ୟ ବିପଦ ସୃଷ୍ଟି କରନ୍ତି। ତେଣୁ ଏହି ନିଷ୍ପତ୍ତି ନିଆଯାଇଛି।

## ବାଣ କାରଖାନାରେ ବିସ୍ଫୋରଣ, ୨ ମୃତ

ଲକ୍ଷ୍ନୌ,୧୩।୧୧: ଉତ୍ତର ପ୍ରଦେଶର ବାରବାଙ୍କୀରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଟିକୈତନଗର ଥାନା ଅଞ୍ଚଳ ଅନ୍ତର୍ଗତ ସରାଇ ବାରାଇ ଗାଁରେ ଥିବା ଏକ ବାଣ କାରଖାନାରେ ଗୁରୁବାର ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ଏଥିରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ଉକ୍ତ ସ୍ଥାନର ବିସ୍ଫୋରଣ ଶବ୍ଦ ବହୁ ଦୂରକୁ ଶୁଣାଯାଇଛି। ଏହା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ସୂଚନା ପାଇବା ପରେ ପୁଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଛନ୍ତି। ଜିଲ୍ଲା ମାଜିଷ୍ଟ୍ରେଟ୍ (ଡିଏମ୍) ଓ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ୍ (ଏସପି) ସମେତ ବରିଷ୍ଠ ଅଧିକାରୀମାନେ ମଧ୍ୟ ପହଞ୍ଚି ପରିସ୍ଥିତିର ସମୀକ୍ଷା କରୁଛନ୍ତି। ପୁଲିସ ଅଞ୍ଚଳକୁ ଘେରାବନ୍ଦୀ କରି ତଦନ୍ତ ଆରମ୍ଭ କରିଛି। କେଉଁ କାରଣରୁ ଏହି ବିସ୍ଫୋରଣ ହେଲା ତାହା ଜାଣିବାକୁ ପୁଲିସ ଉଦ୍ୟମ କରୁଛି।

### ଦିଲ୍ଲୀରେ ପ୍ରଦୂଷଣ ନେଇ ଚିନ୍ତା ପ୍ରକଟ କଲେ ସୁପ୍ରିମକୋର୍ଟ

# ସ୍ଥିତି ଗମ୍ଭୀର, ମାସ୍କ ବି କାମ ଦେବନି



ନୂଆଦିଲ୍ଲୀ,୧୩।୧୧: ଦିଲ୍ଲୀରେ ପ୍ରଦୂଷଣସମସ୍ୟା ଉତ୍କଟ ହେବାରୁ ଗୁରୁବାର ଏ ନେଇ ଗମ୍ଭୀର ଚିନ୍ତା ପ୍ରକଟ କରିଛନ୍ତି ସୁପ୍ରିମକୋର୍ଟ। କେବଳ ମାସ୍କ ପିନ୍ଧିଲେ ଯଥେଷ୍ଟ ହେବନି, ବରିଷ୍ଠ ଓକିଲମାନେ ଭର୍ଚୁଆଲ୍ ଭାବରେ ଶୁଣାଣିରେ ଉପସ୍ଥିତ ରହନ୍ତୁ ବୋଲି କୋର୍ଟ କହିଛନ୍ତି। ଦିଲ୍ଲୀରେ ପ୍ରଦୂଷଣ ବହୁତ ଗମ୍ଭୀର ସ୍ଥିତିରେ ଥିବାରୁ ଯେଉଁଠି ଭିଡିଓ କନଫରେନ୍ସିଂର ସୁବିଧା ଥିବ ସେଠାରେ ଓକିଲମାନେ ଭର୍ଚୁଆଲ୍ ଭାବରେ ଶୁଣାଣି ବେଳେ ଉପସ୍ଥିତ ରହିବାକୁ କୋର୍ଟ କହିଛନ୍ତି।

ସେପଟେ ଦିଲ୍ଲୀରେ ଲଗାତର ବାୟୁ ପ୍ରଦୂଷଣ ସ୍ଥିତି ଗମ୍ଭୀର ରହିଛି। ଗୁରୁବାର ମଧ୍ୟ ଦିଲ୍ଲୀ ବାୟୁମଣ୍ଡଳରେ ଧୂଳିଧୂଆଁରେ ଏକ ପତଳା ଧୂମିଳ ଆସ୍ତରଣ ଘୋଡ଼ାଇ ହୋଇ ରହିଥିଲା। ଆଜି ବି ଏୟାର କ୍ୱାଲିଟି ଇଣ୍ଡେକ୍ସରେ ବାୟୁ ପ୍ରଦୂଷଣ ସିଭିୟର କ୍ୟାଟେଗୋରୀରେ ରହିଥିଲା। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥ୍ୟ ଅନୁଯାୟୀ, ବାୱାନାରେ ସକାଳ ୮ଟାରେ ସର୍ବାଧିକ ବାୟୁ ମାନ ସୂଚକାଙ୍କ ୪୬୦ ରେକର୍ଡ କରାଯାଇଥିଲା। ଦ୍ୱାରକାରେ ସର୍ବନିମ୍ନ ୨୧୬ ରେକର୍ଡ ହୋଇଥିଲା।

ତଥ୍ୟ ଅନୁଯାୟୀ,ଅନେକ ପ୍ରମୁଖ ମନିଟରିଂ ଷ୍ଟେସନରେ ସକାଳ ୮ଟାରେ ଚିନ୍ତାଜନକ ଏକ୍ୟୁଆଇ ରେକର୍ଡ କରାଯାଇଥିଲା। ଆନନ୍ଦ ବିହାର (୪୩୧), ବାୱାନା (୬୦), ଚାନ୍ଦନୀ ଚୌକ (୪୫୫), ଅଶୋକ ବିହାର (୩୪୮), ନର୍ଥ କ୍ୟାମ୍ପସ ଡିୟୁ(୪୧୪), ଦ୍ୱାରକା ସେକ୍ଟର ୮ (୪୦୦), ଆଇଟିଓ(୪୩୮), ମୁଣ୍ଡକା (୪୩୮), ନରେଲା (୪୩୧) ଏବଂ ରୋହିଣୀ (୪୪୭) ରହିଛି।

● ମାନବାଧିକାର କମିଶନଙ୍କ ଉଚ୍ଚଶିକ୍ଷା ସଚିବଙ୍କୁ ରିପୋର୍ଟ

# ଅତିଥି ଅଧ୍ୟାପକ ଛାଡ଼ି ଯୋଗ୍ୟ ଯୁବବର୍ଗଙ୍କୁ ସ୍ଥାୟୀ ନିଯୁକ୍ତି ମିଳୁ

ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ): ରାଜ୍ୟର ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକରେ ୪୦୦୦ରୁ ଅଧିକା ଅଧ୍ୟାପକ ଓ ପ୍ରାଧ୍ୟାପକ ପଦବୀ ଖାଲି ପଡ଼ିବା ଦ୍ୱାରା ଶିକ୍ଷା ବ୍ୟବସ୍ଥା ପୂରା ଦୟନୀୟ । ଓଡିଶା ଅଭିଭାବକ ମହାସଂଘ ଏ ସଂକ୍ରାନ୍ତରେ ମାନବାଧିକାର କମିଶନଙ୍କୁ ଅଭିଯୋଗ କରି ହସ୍ତକ୍ଷେପ ପାଇଁ ପ୍ରାର୍ଥନା କରିଥିଲା। କମିଶନ ଅଧ୍ୟକ୍ଷ ନ୍ୟାୟମୁର୍ତ୍ତି ଶତ୍ରୁଘ୍ନ ପୁଜାହାରୀ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କୁ ପରବର୍ତ୍ତୀ ତାରିଖ ସୁଦ୍ଧା ଆୟୋଗଙ୍କ ପାଖରେ ସମସ୍ୟାର ସକାରାତ୍ମକ ସମାଧାନ କରି ଏକ ତଥ୍ୟଗତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯୋଗ୍ୟ କି ୪,୧୪୭ ଅଧ୍ୟାପକ ପଦବୀ ଖାଲି ପଡିଛି । ବିଶ୍ୱବିଦ୍ୟାଳୟରେ ୬୭%, କଲେଜ ରେ ୩୧% ଖାଲି । ୪,୧୪୭ ସ୍ଥାୟୀ ଅଧ୍ୟାପକ ପଦବୀ ଖାଲି ପଡ଼ିଥିବାରୁ ଉଚ୍ଚଶିକ୍ଷା ବ୍ୟାଘାତ ହୋଇପଡିଛି । ୟୁଜିସି ଅନୁମୋଦିତ ୨,୦୭୩ ଟି ମଧ୍ୟରୁ ୧,୪୦୪ ଖାଲି । କଲେଜରେ ୨୪୦୭ ପଦବୀ ମଧ୍ୟରୁ ୭୬୦ ପଦବୀ ଖାଲି। ଏଡେଡ଼ କଲେଜରେ ୭,୧୧୦ ପଦବୀ ମଧ୍ୟରୁ ୧୯୮୩ ପଦବୀ ଖାଲି। ୧,୭୫୩ ଜଣ ଅତିଥି ବା ଚୁକ୍ତିଭିତ୍ତିକ ଅଧ୍ୟାପକଙ୍କ ଭରସାରେ ଗୋଟିଏ ଶିକ୍ଷା ବର୍ଷ ପାଇଁ କ୍ଲାସ କରିଥାନ୍ତି । ଯେହେତୁ ସେମାନେ ସୀମିତ ସମୟ ପାଇଁ ଆସନ୍ତି ତେଣୁ ସ୍ଥାୟୀ ଅଧ୍ୟାପକଙ୍କ ଭଳି ସେତେ ଗୁରୁତ୍ୱ ଦିଅନ୍ତିନାହିଁ । ପ୍ରାୟ ୩୦ ଲକ୍ଷରୁ ଅଧିକ ବେକାର ସ୍ନାତକଙ୍କୁ ନିଯୁକ୍ତି ନଦେଇ ତାଙ୍କ ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ କରାଯାଇଛି । ୟୁଜିସିର ସଂଶୋଧନ ଆଇନରେ ୨୦୧୮ ସ୍ଥାୟୀ ଅଧ୍ୟାପକ ବାଧ୍ୟତାମୂଳକ ।

ପ୍ରବାସୀ ଶ୍ରମିକଙ୍କ ପାଇଁ ଖୁସି ଖବର

# ସ୍ୱନିର୍ଭର ପାଇଁ ଆରମ୍ଭ ହେଲା ସ୍ୱତନ୍ତ୍ର ଲୋନ୍ ପ୍ରକଳ୍ପ



**କୋଲକାତା,୧୩।୧୧(ସଂଚାର ବ୍ୟୁରୋ):** ଭିନ୍ନ ରାଜ୍ୟରେ କାମ କରିବାକୁ ଯାଇ ବଙ୍ଗଳାର ପ୍ରବାସୀ ଶ୍ରମିକମାନେ ହିନସ୍ତା, ଦୁର୍ଘଟଣା ଏବଂ ଅନିଶ୍ଚିତତାର ସମ୍ମୁଖୀନ ହେଉଛନ୍ତି। ଦିଲ୍ଲୀ, ଗୁଜରାଟ, ଉତ୍ତର ପ୍ରଦେଶ ବା ଓଡ଼ିଶା ଭଳି ରାଜ୍ୟରେ ପ୍ରତିଦିନ ହଜାର ହଜାର ଶ୍ରମିକ ଦୈନିକ ମଜୁରୀ ପାଇଁ ନିଜ ଜୀବନକୁ ବାଜି ଲଗାଉଛନ୍ତି। ସମ୍ପ୍ରତି, ବଙ୍ଗଳା ଭାଷାଭାଷୀ ପ୍ରବାସୀ ଶ୍ରମିକମାନଙ୍କୁ ବାଂଲାଦେଶୀ ବୋଲି ଚିହ୍ନିତ କରାଯିବା ପରେ ରାଜ୍ୟ ସାରା ଆତଙ୍କ ଦେଖାଦେଇଥିଲା, ଯାହା ଫଳରେ ନିର୍ଯ୍ୟାତନା, ହଇରାଣ ଏବଂ ଜୀବନ ହାନି ଘଟୁଛି। ଏହି ପରିପ୍ରେକ୍ଷୀରେ, ରାଜ୍ୟ ସରକାର ସେମାନଙ୍କ ନିକଟରେ ଠିଆ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୂର୍ବରୁ ସେମାନଙ୍କୁ ନିଜ ଜିଲ୍ଲାରେ କାମ କରିବାକୁ ଏବଂ ସ୍ୱାବଲମ୍ବୀ ହେବାକୁ ଅନୁରୋଧ କରିଥିଲେ। ବର୍ତ୍ତମାନ, ସେହି ବାର୍ତ୍ତାକୁ କାର୍ଯ୍ୟକାରୀ କରିବା ପାଇଁ, ପ୍ରବାସୀ ଶ୍ରମିକମାନଙ୍କ ପାଇଁ ରାଜ୍ୟରେ ଏକ (ଲୋନ) ଋଣ ପ୍ରକଳ୍ପ ଆରମ୍ଭ କରାଯାଇଛି। 'ଉଦୀୟମାନ ସ୍ୱନିର୍ଭର କର୍ମସଂସ୍ଥାନ ପ୍ରକଳ୍ପ' ଅଧୀନରେ, ପ୍ରତ୍ୟେକ ପ୍ରବାସୀ ଶ୍ରମିକଙ୍କୁ ଏବେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ମିଳିବ। କେବଳ ସେତିକି ନୁହେଁ, ଏହି ଋଣରେ ୧୨ ହଜାର ୫୦୦ ଟଙ୍କାର ଏକ ସ୍ୱତନ୍ତ୍ର ରିହାତି ମଧ୍ୟ ରହିଛି। ଅର୍ଥାତ୍ ଏହି ଯୋଜନା ମାଧ୍ୟମରେ ସେମାନେ କମ ସୁଧରେ ସହଜ ସର୍ତ୍ତରେ ବ୍ୟବସାୟ ଆରମ୍ଭ କରିପାରିବେ। ରାଜ୍ୟ ସରକାର ଦାବି କରିଛନ୍ତି ଯେ ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ହେଉଛି ନିଜ ଜିଲ୍ଲାରେ ଭିନ୍ନ ରାଜ୍ୟରେ କାମ ଖୋଜିବାକୁ ଘର ଛାଡି ଆସିଥିବା ଲୋକଙ୍କୁ ରୋଜଗାର ଯୋଗାଇବା, ଯାହା ଦ୍ୱାରା ସେମାନେ ଆଉ ଅସୁରକ୍ଷିତ ଅବସ୍ଥାରେ ବାହାରକୁ ଯିବାକୁ ବାଧ୍ୟ ହେବେ ନାହିଁ। ପୁରୁଲିଆ ଜିଲ୍ଲା ନିଯୁକ୍ତି ବିନିମୟର ଉପନିର୍ଦ୍ଦେଶକ ଅହମ୍ମଦ ଅଲ୍ଲୀ ଶାହ କହିଛନ୍ତି ଯେ ବିଭାଗ ପ୍ରବାସୀ ଶ୍ରମିକଙ୍କ ସହିତ ସିଧାସଳଖ ଯୋଗାଯୋଗ ଆରମ୍ଭ କରିସାରିଛି। ପ୍ରକଳ୍ପର ସର୍ତ୍ତାବଳୀ ଏବଂ ଆବେଦନ ପ୍ରକ୍ରିୟା ବିଷୟରେ ଫୋନ୍ ମାଧ୍ୟମରେ ସୂଚନା ଦିଆଯାଉଛି। ଯେଉଁମାନେ ନିଯୁକ୍ତି ବିନିମୟରେ ନିଜର ନାମ ପଞ୍ଜୀକୃତ କରିବେ ସେମାନେ ଋଣ ପାଇଁ ଆବେଦନ କରିପାରିବେ। ଅହମ୍ମଦ ଅଲ୍ଲୀ ଶାହ କହିଛନ୍ତି ଯେ ଏହି ଋଣ ମାଧ୍ୟମରେ ପ୍ରବାସୀ ଶ୍ରମିକମାନେ ନିଜ ଗୋଡ଼ରେ ଠିଆ ହେବାର ସୁଯୋଗ ପାଇବେ। ଯାହାଦ୍ୱାରା ସେମାନେ ଭିନ୍ନ ରାଜ୍ୟକୁ ଯାଇ ବିପଦର ସମ୍ମୁଖୀନ ହେବେ ନାହିଁ। ବିଭାଗ ସୂତ୍ର ଅନୁଯାୟୀ, ଏହି ପ୍ରକଳ୍ପର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ସେପ୍ଟେମ୍ବର ମାସରେ ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା।

● ପରୀକ୍ଷା ସ୍କାମ୍: ୨ ଅଭିଯୁକ୍ତଙ୍କ ଜାମିନ ଖାରଜ୍

# ସିବିଆଇ ତଦନ୍ତ ଆରମ୍ଭ



**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ଏସ୍ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ ସିବିଆଇ ତଦନ୍ତ ଆରମ୍ଭ କରିଛି। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ମାମଲା ରୁଜୁ କରିଛି ସିବିଆଇ। ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ ଗଠନ ହେଲା। ଟିମରେ ଅଛନ୍ତି ୧୨ରୁ ଅଧିକ ସିବିଆଇ ଅଧିକାରୀ। ଜଣେ ଅତିରିକ୍ତ ଏସ୍ପିଙ୍କୁ ତଦନ୍ତ ଭାର ଦିଆଯାଇଛି। ୩ ଜଣ ଡିଏସପି, ୪ ଜଣ ଇନ୍ସପେକ୍ଟର ଟିମରେ ସାମିଲ ହୋଇଛନ୍ତି। ଏଥିସହ କ୍ରାଇମବ୍ରାଞ୍ଚକୁ ମାମଲାର ସବୁ ଦସ୍ତାବିଜ୍ ମାଗିଲା ସିବିଆଇ। ଦସ୍ତାବିଜ୍ର ତାଲିକା ପ୍ରସ୍ତୁତ କରୁଛି କ୍ରାଇମ୍ବ୍ରାଞ୍ଚ୍। ଆଜି ସୁଦ୍ଧା ଦସ୍ତାବିଜ୍ର ତାଲିକା ସିବିଆଇକୁ ହସ୍ତାନ୍ତର କରିବ କ୍ରାଇମ୍ବ୍ରାଞ୍ଚ୍। ତାଲିକା ଅନୁଯାୟୀ ରେକର୍ଡ ପତ୍ର ହସ୍ତାନ୍ତର ହେବ। ଆଜି ଅପରାହ୍ଣରେ ସିବିଆଇ କାର୍ଯ୍ୟାଳୟ ଯାଇ ସବୁ ଦସ୍ତାବେଜ ହସ୍ତାନ୍ତର କରିଛି କ୍ରାଇମ୍ବ୍ରାଞ୍ଚ୍ ଟିମ। ପୂର୍ବରୁ କ୍ରାଇମ୍ବ୍ରାଞ୍ଚ ଅଧିକାରୀ ତଦନ୍ତ କରୁଥିଲେ। ଘଟଣାର ମାଷ୍ଟରମାଇଣ୍ଡ, ଶଙ୍କର ପୃଷ୍ଟି ଓ କେୟାରଟେକର ସୁରେଶ ନାୟକଙ୍କୁ ଜେରା କରୁଛି କ୍ରାଇମ୍ବ୍ରାଞ୍ଚ। ସେପଟେ ଶଙ୍କର ପୃଷ୍ଟି, ସୁରେଶ ନାୟକ, ବିଶ୍ୱରଞ୍ଜନ ବେହେରା, ଅରବିନ୍ଦ ଦାସ, ତଫିସ୍ ଅହମ୍ମଦଙ୍କ ସମେତ ୨ ଆଶାୟୀ ଶେଖର ସାହୁ, ପ୍ରକାଶ ସାହୁଙ୍କ ଜାମିନ୍ ଆବେଦନ ନେଇ ଆଜି ଶୁଣାଣି ହୋଇଛି। ବ୍ରହ୍ମପୁର ଜିଲ୍ଲା ଦୌରାଜଜ୍ କୋର୍ଟରେ ଜାମିନ୍ ନେଇ ଶୁଣାଣି କରାଯାଇଛି।

# ବନ ବିଭାଗ ଦ୍ୱାରା ୪୮ ଖଣ୍ଡ ଶିଶୁ କାଠ ଜବତ

**ମାଲକାନଗିରି, ୧୩।୧୧ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବନାଂଚଳ ଅଧୀନରେ ଥିବା ମାଟାମକୋଣ୍ଡାରେ ବନ କର୍ମଚାରୀଙ୍କ ଦ୍ୱାରା ଫୁଟ ପାଟ୍ରୋଲିଂ ସମୟରେ ୪୮ଟି ଶିଶୁ କାଠ ଜବତ କରାଯାଇଛି। ଜବତ ହୋଇଥିବା ବନ ଉତ୍ପାଦକୁ ଚିତ୍ରକୋଣ୍ଡା ବନାଂଚଳ କାର୍ଯ୍ୟାଳୟରେ ରଖାଯାଇ ଘଟଣାର ତଦନ୍ତ ଜାରିରହିଛି। ବନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଚିତ୍ରକୋଣ୍ଡା ବନ ବିଭାଗର ବନ କର୍ମଚାରୀମାନେ ଚାଲି ଚାଲି ମାଟାମକୋଣ୍ଡା ଅଂଚଳରେ ପେଟ୍ରୋଲିଂ କରୁଥିବାବେଳେ ସେଠାରେ କିଛି ଗଛ କାଟି ସେଥିରୁ କାଠ ବାହାର କରି ଗଚ୍ଛିତ ହୋଇଥିବା ଦେଖିବାକୁ ପାଇଥିଲେ। ତେବେ ଏହି କାଠଗୁଡ଼ିକୁ ଚୋରା ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବାବେଳେ ଏହାକୁ ବନ କର୍ମଚାରୀମାନେ ଜବତ କରିବା ସହ ଚିତ୍ରକୋଣ୍ଡା ବନ କାର୍ଯ୍ୟାଳୟକୁ ନେଇଯାଇଥିଲେ। ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହୋଇଥିବାବେଳେ ଏହି କାଠ କିଏ ଗଚ୍ଛିତ ରଖିଥିଲା ସେନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି।

● ନାବାଳିକାକୁ ଦୁଷ୍କର୍ମ ଓ ଅପହରଣ ମାମଲା

# ୨ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏଁ ଜେଲ

ସମ୍ବଲପୁର, ୧୩।୧୧ (ସଂଚାର ବ୍ୟୁରୋ): ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅଂଚଳରେ ଗତ ୨୦୧୪ ମସିହାରେ ସଂଘଟିତ ଜଣେ ନାବାଳିକା ସହ ହୋଇଥିବା ଗଣଦୁଷ୍କର୍ମ ମାମଲାର ଶୁଣାଣି କରି ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ସମ୍ବଲପୁର ଅତିରିକ୍ତ ଜିଲା ଜଜ୍ ତଥା ପୋକ୍ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି। ଏହି ମାମଲାରେ ସମୁଦାୟ ୨୫ ଜଣ ସାକ୍ଷ୍ୟ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଅନୁଧ୍ୟାନ ପୂର୍ବକ ଗୁରୁବାର ଏହି ମାମଲାର ରାୟ ପ୍ରକାଶ କରି ବିଚାରପତି ଉଭୟ ଅଭିଯୁକ୍ତ ଅନୁଗୁଳ ଜିଲା ତାଳଚେର ଟାଉନଥାନା ଅନ୍ତର୍ଗତ ରଙ୍ଗମାଟିଆ ଗ୍ରାମର ୩୯ ବର୍ଷିୟ ଲକ୍ଷ୍ମୀଧର ମହାପାତ୍ର ଓ ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ଭୋଜପୁର ଗ୍ରାମର ୩୫ ବର୍ଷିୟ ଢମଣା ଓରଫ ରାଜେନ୍ଦ୍ର ମହାନନ୍ଦିଆକୁ ଦଫା ୩୭୬(ଡି)ରେ ୨୦ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହ ଓ ୫୦ ହଜାର ଟଙ୍କା ଲେଖାଏଁ ଜରିମାନା ଦଣ୍ଡାଦେଶ କରିଛନ୍ତି। ଜରିମାନା ଅର୍ଥ ଅନାଦେୟ କାମୁକ ଅଭିଯୁକ୍ତ ଦ୍ୱୟଙ୍କୁ ଅଧିକ ୧ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଦଫା ୩୬୩ ଓ ୩୪ରେ ଉଭୟଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଲେଖାଏଁ ମଧ୍ୟ ଜୋରିମାନା କରିଛନ୍ତି ତଥା ଜରିମାନା ଅର୍ଥ ଅନାଦେୟ ଉଭୟ ଅଭିଯୁକ୍ତଙ୍କୁ ଅତିରିକ୍ତ ୬ ମାସ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

# ଦେଶୀ ମଦ ଚାଲାଣ ବେଳେ ଚଢ଼ଉ, ୩ ଗିରଫ

ଜୟପୁର , ୧୩।୧୧ (ସଂଚାର ବ୍ୟୁରୋ): ଦେଶୀମଦ ଚାଲାଣ ବେଳେ ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ଓ ଜୟପୁର ଅବକାରୀ ଥାନା ମିଳିତ ଚଢାଉ କରି ତିନି ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସାନ ଜିଉନା ଗ୍ରାମର ପବିତ୍ର ନାୟକ, ଫାମ୍ପୁଣିର ଧନପତି ଗୌଡ ସହ ଜଣେ ମହିଳା। ସୂଚନା ଅନୁଯାୟୀ ଦେଶୀ ମଦ ଚାଲାଣ ସୂଚନା ପାଇ ଜୟପୁର ଅବକାରୀ ଥାନା ଓ ନିରୀକ୍ଷକ କାଯ୍ୟାଳୟ ଆଜି ସାନ ଜିଉନା ସହ ଫାମ୍ପୁଣିର ୨ଟି ସ୍ଥାନରେ ଚଢ଼ଉ କରିଛି । ଚଢ଼ଉ କରି ୩ ଅଭିଯୁକ୍ତ କୁ ଗିରଫ କରି ୩୧ ଲିଟର ଦେଶୀ ମଦ ଜବତ କରିଛି । ଗିରଫ ୩ ଅଭିଯୁକ୍ତକୁ ଆଜି ସଂନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରାଯାଇଛି।

# ଓଡ଼ିଶା ପାରମ୍ପରିକ ଖାଦ୍ୟ ମହୋତ୍ସବର ପ୍ରସ୍ତୁତି ବୈଠକ



ଭୁବନେଶ୍ୱର,୧୩.୧୧.୨୦୨୫: ବିଶ୍ୱ ଓଡ଼ିଆ ପରିବାର ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ 'ଓଡ଼ିଶା ପାରମ୍ପରିକ ଖାଦ୍ୟ ମହୋତ୍ସବ-୨୦୨୫'ର ଆୟୋଜନ ନେଇ ପ୍ରଥମ ପ୍ରସ୍ତୁତି ବୈଠକ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହି ବୈଠକରେ ଅଧ୍ୟକ୍ଷତା କରି ଓଡ଼ିଶାର ସମୃଦ୍ଧ ସଂସ୍କୃତିର ପ୍ରଚାର ଓ ପ୍ରସାର ଏହି ମହୋତ୍ସବ ଆୟୋଜନର ମୁଖ୍ୟ ଆଭିମୁଖ୍ୟ ବୋଲି କହିଥିଲେ । ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆରେ ଆସନ୍ତା ଡିସେମ୍ବର ୨୩ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ଓଡ଼ିଶାର ପାରମ୍ପରିକ ପରିବେଷଣ କଳା, ଚିତ୍ରକଳା ଓ ସଂପାନ ମାଧ୍ୟମରେ ଓଡ଼ିଆ ଖାଦ୍ୟ ପରମ୍ପରାର ବିଶେଷତ୍ୱକୁ ପ୍ରଦର୍ଶନ କରାଯିବ ବୋଲି ସେ କହିଥିଲେ । ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ଶ୍ରୀଯୁକ୍ତ ସଜ୍ଜନ କୁମାର ଶର୍ମା ଏହି ବୈଠକରେ ଯୋଗଦେଇ ଆମ ପାରମ୍ପରିକ ଖାଦ୍ୟର ମୌଳିକତା ଓ ଏହାର ସାଂସ୍କୃତିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ । ଏହି ଖାଦ୍ୟ ମହୋତ୍ସବରେ ଓଡ଼ିଶାର ୩୦ଟି ଜିଲ୍ଲାର ପ୍ରସିଦ୍ଧ ଖାଦ୍ୟ ପରମ୍ପରାକୁ ପ୍ରଦର୍ଶନ କରାଯିବା ସହ ଓଡ଼ିଶାର ବହୁ ବିରଳ ଖାଦ୍ୟ ସାମଗ୍ରୀ ସଂପର୍କରେ ଯୁବପିଢ଼ିଙ୍କୁ ସଚେତନ କରାଯିବା ଏହି ମହୋତ୍ସବର ଅନ୍ୟତମ ଲକ୍ଷ୍ୟ ବୋଲି ସେ କହିଥିଲେ । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅନୁବନ୍ଧିତ ୩୬ଟି ପର୍ଯ୍ୟଟନ ଓ ହୋଟେଲ ପରିଚାଳନା ମହାବିଦ୍ୟାଳୟ ଏଥିରେ ପ୍ରତ୍ୟକ୍ଷ ଭାବେ ଭାଗ ନେବେ ବୋଲି କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ସୂଚନା ଦେଇଥିଲେ । ଏହି ମହୋତ୍ସବକୁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ, ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କୁ ଆମନ୍ତ୍ରଣ କରାଯିବ । ୩୬ଟି ପର୍ଯ୍ୟଟନ ଓ ହୋଟେଲ ପରିଚାଳନା ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଏହି ପ୍ରସ୍ତୁତି ବୈଠକରେ ଯୋଗଦେଇ ଏହି ପାରମ୍ପରିକ ଖାଦ୍ୟ ମହୋତ୍ସବ ପ୍ରଦର୍ଶନୀର ସଫଳତା ନିମନ୍ତେ ଆବଶ୍ୟକ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଧରଣୀଧର ରଣା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉପମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଓ ବାଙ୍ଗାଲୋର ଗସ୍ତ



**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଶୁକ୍ରବାର ଦିନିକିଆ ନୂଆଦିଲ୍ଲୀ ଗସ୍ତ କରିବେ। ସେଠାରେ ସେ ୪୪ତମ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଯୋଗଦେଇ ଓଡିଶା ପାଭିଲିୟନକୁ ଉଦଘାଟନ କରିବେ। ଭାରତ ମଣ୍ଡପମରେ ଆୟୋଜିତ ଏହି ମେଳାରେ ଓଡିଶା ପ୍ରତ୍ୟେକ ବର୍ଷ ଏକ ପ୍ରମୁଖ ରାଜ୍ୟ ଭାବେ ଯୋଗଦେଇ ନିଜର ଅବଦାନ ରଖିବା ସହ ରାଜ୍ୟର ଐତିହ୍ୟ, କଳା, ପରମ୍ପରା, ସଂସ୍କୃତିର ପ୍ରଦର୍ଶନ ଜାରି ରଖିଛି। ସେହିଭଳି ଆସନ୍ତା ୧୫ ତାରିଖରେ ମଧ୍ୟ ସେ ଦିନିକିଆ ବେଙ୍ଗାଲୁରୁ ଗସ୍ତରେ ଯିବେ। ଏହି ଗସ୍ତରେ ସେ ଓଡିଶା ପର୍ଯ୍ୟଟନ ଦ୍ୱାରା ଆୟୋଜିତ ହେଉଥିବା 'ଓଡ଼ିଶା ପରବ' କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଗସ୍ତ କାରଣରୁ ସରକାରୀ ବାସଭବନଠାରେ ହେଉଥିବା ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ତାଙ୍କ କାର୍ଯ୍ୟାଳୟରୁ ଜଣାପଡିଛି।

# ଡିଏଭି ପୋଖରୀପୁଟରେ ସହୋଦୟ ସ୍କୁଲ କମ୍ପ୍ଲେକ୍ସ ବିଜ୍ଞାନ ମେଳା



**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ସହୋଦୟ ସ୍କୁଲ କମ୍ପ୍ଲେକ୍ସ ବିଜ୍ଞାନ ମେଳା ଡିଏଭି ପୋଖରୀପୁଟରେ ଅନୁଷ୍ଠିତ ହୋଇଯାଇଛି। ଆଇଜର ବ୍ରହ୍ମପୁରର ଏକାଡେମିକ୍ ଡିନ୍ ପ୍ରଫେସର ପ୍ରସେନଜିତ୍ ମଣ୍ଡଳ ମୁଖ୍ୟଅତିଥି ରୂପେ ଯୋଗଦାନ କରି ଉକ୍ତ ମେଳାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା ଏବଂ ବିଜ୍ଞାନ ପ୍ରତି ଆଗ୍ରହ ବୃଦ୍ଧି କରିବାରେ ଏହିଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ସେ ନିଜର ଅଭିଭାଷଣରେ କହିଥିଲେ। ଏହି ପ୍ରଦର୍ଶନୀରେ ଓଡ଼ିଶାର ୩୪ ସ୍କୁଲର ୬୫ ଟି ପ୍ରକଳ୍ପରେ ୧୨୮ ଜଣ ଛାତ୍ରଛାତ୍ରୀ ଭାଗନେଇ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ଡିଏଭି ଓଡ଼ିଶା ଜୋନ୍ ଏଫ୍ ର ସହ ଆଞ୍ଚଳିକ ଅଧିକାରୀ ତଥା ଡିଏଭି ପୋଖରୀପୁଟର ଅଧ୍ୟକ୍ଷ ବିପିନ କୁମାର ସାହୁ ଅନୁଭବାତ୍ମକ ଶିକ୍ଷା ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କର ବୌଦ୍ଧିକ ବିକାଶ ଘଟି ପାରିବ ବୋଲି ମତ ପ୍ରକାଶ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକୁ ନାଇଜରର ଆସୋସିଏଟ୍ ପ୍ରଫେସର ତପନ କୁମାର ମିଶ୍ର, ଟିସିଏସ୍ ଭୁବନେଶ୍ୱରର ହେମନ୍ତ ମିଶ୍ର, ସୋଆର ଆସୋସିଏଟ୍ ପ୍ରଫେସର ସୁପ୍ରଭରଞ୍ଜନ ଲାହା ଏବଂ ଇଞ୍ଜିନିୟର ଜାମି ଶ୍ରୀକାନ୍ତ ପାତ୍ର ପ୍ରମୁଖ ବିଚାରକ ରୂପେ ଅଂଶଗ୍ରହଣ କରି ପ୍ରତିଭା ସମ୍ପନ୍ନ ବିଦ୍ୟାର୍ଥୀଙ୍କ ପ୍ରକଳ୍ପଗୁଡ଼ିକୁ ମୂଲ୍ୟାୟନ କରିଥିଲେ। ଏହି ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ଡିଏଭି ପୋଖରୀପୁଟ ପ୍ରଥମ ସ୍ଥାନ ଅଧିକାର କରିଥବା ବେଳେ ସେଣ୍ଟ ଜାଭିୟର ସ୍କୁଲ ପଟିଆ ଦ୍ୱିତୀୟ ସ୍ଥାନ ଏବଂ ଡିଏଭି ଚନ୍ଦ୍ରଶେଖରପୁର ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ବରିଷ୍ଠ ବର୍ଗରେ ବିଜେଇମ୍-୨ ସତ୍ୟଭାମାପୁର ସ୍କୁଲ ପ୍ରଥମ, ଡିଏଭି ଚନ୍ଦ୍ରଶେଖରପୁର ଦ୍ୱିତୀୟ ଏବଂ ଡିଏଭି ୟୁନିଟ୍-୮ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଭବ୍ୟ କାର୍ଯ୍ୟକ୍ରମକୁ ବିଜ୍ଞାନ ବିଭାଗର ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ସାମଲ ସଂଯୋଜନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ଦାସ ଏହି ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି...

ଅବତୀର୍ଣ୍ଣ ହୋଇଛନ୍ତି ବରଂ ଅଧିକ ପରିମାଣରେ ମତଦାନରେ ସାମିଲ ହୋଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିଛନ୍ତି। ଭୋଟ ପ୍ରତିଶତ ମଧ୍ୟ ସାଧାରଣ ନିର୍ବାଚନ ତୁଳନାରେ ପ୍ରାୟ ୧୦ ପ୍ରତିଶତ ବଢ଼ିଛି, ଯାହାକି ଗଣତନ୍ତ୍ର ପାଇଁ ଶୁଭ ସୂଚନା ବୋଲି ଆକଳନ କରାଯାଉଛି।

ନେତାଙ୍କ ବୟାନବାଜି ଭିତରେ ନୂଆପଡ଼ା ଓ ବିହାର ଫଳାଫଳ ଉପରେ ସମସ୍ତଙ୍କ ନଜର ରହିଛି। ଏପଟେ ନୂଆପଡ଼ା ଫଳାଫଳକୁ ନେଇ ଆକଳନ କରିଛନ୍ତି ବରିଷ୍ଠ ନେତା ବିଜୟ ମହାପାତ୍ର। ସେ କହିଛନ୍ତି, ନୂଆପଡ଼ାରେ ସବୁ ଦଳର ଭୋଟ୍ ବିଭାଜନ ହୋଇଛି। ଯିଏ ଜିତିବ ବଡ଼ ମାର୍ଜିନରେ ନୁହେଁ ବରଂ ଅଳ୍ପ ବ୍ୟବଧାନରେ ଜିତିବ। ସରକାର ବଦଳିବା ପରେ ଏହା ପ୍ରଥମ ନିର୍ବାଚନ ହୋଇଥିବାରୁ ସବୁ ପ୍ରମୁଖ ଦଳ ପାଇଁ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଫଳାଫଳରୁ ଶାସକ ଦଳର ଲୋକପ୍ରିୟତାର ପ୍ରମାଣ ମିଳିବ। ନବୀନ ପଟ୍ଟନାୟକଙ୍କ କ୍ରେଜ୍ କମିଛି ନା କାଏମ ରହିଛି, ତାହା ବି ସ୍ପଷ୍ଟ ହେବ। ଭକ୍ତଙ୍କ ପାଇଁ ମଧ୍ୟ ଏସିଡ୍ ଟେଷ୍ଟ ହେବ। ଆଉ ଫଳାଫଳ ଯାହା ସପକ୍ଷରେ ଯିବ, ତା' ପାଇଁ ଏହି ବିଜୟ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ବୁଷ୍ଟର ଡୋଜ ଭଳି କାମ କରିବ।

ଭୋଟ୍ ଗଣତି ପାଇଁ ନୂଆପଡ଼ାସ୍ଥିତ ନ୍ୟାସନାଲ୍ କଲେଜରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେଠାରେ ପୁଲିସ୍ ପ୍ରଶାସନ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ହାତକୁ ନିଆଯାଇଥିବାବେଳେ ମୋଟ ୨୬ ରାଉଣ୍ଡରେ ଗଣତି କରାଯିବ। ୩୫୮ଟି ବୁଥ୍‌ରେ ପଡ଼ିଥିବା ଭୋଟ୍ ଗଣତି ସକାଶେ ୧୪ଟି ଟେବଲ୍ ରହିଛି ଓ ପ୍ରତି ଟେବଲ୍‌ରେ ୩ ଜଣ ଲେଖାଏଁ କର୍ମଚାରୀ ବସି ଭୋଟ୍ ଗଣତି କାର୍ଯ୍ୟ ସମ୍ପାଦନ କରିବେ। ପୂର୍ବାହ୍ନ ୮ଟା ବେଳେ ବାଲଟ୍ ପେପର୍ ଗଣତି କାର୍ଯ୍ୟ ଆରମ୍ଭ ହେବ। ଏହାପରେ ସାଢ଼େ ୮ଟାରେ ଇଭିଏମ୍ ଭୋଟ୍ ଗଣତି କରାଯିବ ବୋଲି ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ (ଡିଇଓ) ମଧୁସୂଦନ ଦାସ ସୂଚନା ଦେଇଛନ୍ତି। ଭୋଟ୍ ଗଣତି କାର୍ଯ୍ୟରେ ନିୟୋଜିତ ହୋଇଥିବା ପ୍ରତିଟି କର୍ମଚାରୀଙ୍କୁ ଗଣତି ସ୍ଥାନରେ ପ୍ରାତଃ ୬ଟା ସୁଦ୍ଧା ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍‌ଏସ୍ ଗୋପାଳନ୍ କହିଛନ୍ତି। ଭୋଟ୍ ଗଣତି ପ୍ରକ୍ରିୟାର ପ୍ରାରମ୍ଭରୁ ଶେଷ ଯାଏ ଭିଡିଓ ରେକର୍ଡିଂ କରାଯିବ ଓ ସବୁକିଛି ସିସିଟିଭି ନଜରରେ ରହିବ।

ଅନ୍ୟପକ୍ଷରେ ବିହାରରେ ପୂର୍ବାହ୍ନ ୮ଟା ବେଳେ ୩୮ଟି ଜିଲ୍ଲାର ୪୬ଟି କେନ୍ଦ୍ରରେ ଭୋଟ୍ ଗଣତି ଆରମ୍ଭ ହେବ। ଏଥିପାଇଁ ୨୪୩ଟି ନିର୍ବାଚନମଣ୍ଡଳୀର ଭୋଟ୍ ଗଣତି କାର୍ଯ୍ୟରେ ୨୪୩ ଜଣ ରିଟର୍ଣ୍ଣିଂ ଅଫିସର୍‌ଙ୍କୁ ନିୟୋଜିତ କରାଯାଇଛି। ଭୋଟ୍ ଗଣତି କେନ୍ଦ୍ରରେ ୨୪୩ କାଉଣ୍ଟିଂ ଅବଜର୍ଭର୍ ଓ ପ୍ରାର୍ଥୀଙ୍କ ଏଜେଣ୍ଟ୍ ଉପସ୍ଥିତ ରହିବେ ବୋଲି ନିର୍ବାଚନ କମିଶନ୍ ଏକ ବିବୃତିରେ କହିଛନ୍ତି। ସେହିପରି ଭୋଟ୍ ଗଣତି ପାଇଁ ୪୩୭୨ଟି ଟେବଲ୍ ରହିବ, ଯେଉଁଥିରେ ଜଣେ ଲେଖାଏଁ କାଉଣ୍ଟିଂ ସୁପରଭାଇଜର୍, କାଉଣ୍ଟିଂ ଆସିଷ୍ଟାଣ୍ଟ୍ ଓ ମାଇକ୍ରୋ ଅବଜର୍ଭର୍ ଗଣତି କାର୍ଯ୍ୟ କରିବେ। ବିହାରରେ ଚଳିତ ବର୍ଷ ବେଶ୍ ଶାନ୍ତିଶୃଙ୍ଖଳାରେ ନିର୍ବାଚନ ସମ୍ପୂର୍ଣ୍ଣ ହୋଇଥିବା ବେଳେ କୌଣସି ଦଳ ପକ୍ଷରୁ ପୁନଃନିର୍ବାଚନ ପାଇଁ ଦାବି କରାଯାଇନଥିବା କମିଶନ୍ ସ୍ପଷ୍ଟ କରିଛନ୍ତି। ସେହିପରି ଶାନ୍ତିଶୃଙ୍ଖଳା ବଜାୟ ରଖିବା ସକାଶେ ପାଟନା ଜିଲ୍ଲାରେ ଆଦର୍ଶ ଆଚରଣ ବିଧି ଅବଧିକୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି।

## ଏକତା...

ପୁଲିସ ପଡ଼ିଆଠାରେ ଆୟୋଜିତ ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱର ଜିଲ୍ଲାର ଭୂମିକା ଓ ସର୍ଦ୍ଦାର ପଟେଲଙ୍କ ଜୀବନୀ ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଏକତା ପଦଯାତ୍ରା କେବଳ ଏକ ସାଧାରଣ ପଦଯାତ୍ରା ନୁହେଁ, ଏହା ଭାରତୀୟତାର ପ୍ରତୀକ, ଦେଶକୁ ଏକ ରଖିବା ପାଇଁ ସାଧାରଣ ନାଗରିକଙ୍କ କର୍ତ୍ତବ୍ୟର ପ୍ରତୀକ। ଆଜି ଯେଉଁ ମାଟିରେ ଆମେ ଛିଡା ହୋଇଛେ, ଏହା କେବଳ ଏକ ଭୌଗଳିକ ସ୍ଥାନ ନୁହେଁ, ଏହା ହେଉଛି ଜନଶକ୍ତି ଓ ଲୋକତନ୍ତ୍ରର ସ୍ପନ୍ଦନ। ନୀଳଗିରି ପ୍ରଜା ଆନ୍ଦୋଳନ, ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଏକ ଅଦ୍ୱିତୀୟ ଅଧ୍ୟାୟ, ଯାହା ଶୋଷଣ ବିରୋଧରେ, ଅନ୍ୟାୟ ବିରୋଧରେ, ଏବଂ ଅଧିକାର ପାଇଁ ପ୍ରଜାଙ୍କ ମିଳିତ ସ୍ୱରର 'ଏକତା'ର ଗାଥା କହେ। ବ୍ରିଟିଶ ବିରୋଧୀ ଆନ୍ଦୋଳନର ପ୍ରଭାବରେ ନୀଳଗିରିରେ ସ୍ଥାନୀୟ ଯୁବକ, କୃଷକ, ଶ୍ରମିକ, ଶିକ୍ଷିତ ଲୋକେ ଏକତ୍ରିତ ହୋଇଥିଲେ।

ଏହି ପଦଯାତ୍ରାରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ସହ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଶାସକ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମ ଲୋଚନ ପଣ୍ଡା, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ଓ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ମଞ୍ଚାସୀନ ଥିଲେ। ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଧନ୍ୟବାଦ ଦେଇଥିଲେ।

## ଧର୍ମଶାଳାରେ...

ଲୁଟ୍ ନେଇ ପୁଲିସ ଏବଂ ପ୍ରଶାସନ ଚୁପ ରହିଛି ବୋଲି ଅଭିଯୋଗ ହେଉଛି।

ଗୁରୁବାର ଅଭିଯୋଗକାରୀ ଉର୍ବଶୀ ଜେନାଙ୍କୁ ତଦନ୍ତ ଟିମ ସହ ନଯିବାକୁ ମାଫିଆଙ୍କ ତରଫରୁ ଗାଳି ଗୁଲଜ ଏବଂ ତାଙ୍କର କାର ଭଙ୍ଗାଯିବା ନେଇ ସେ ଧର୍ମଶାଳା ଥାନାରେ କୌଣସି ଏତଲା ଦେଇନାହାନ୍ତି। ଧର୍ମଶାଳାରେ ପୁଲିସଠାରୁ କୌଣସି ନ୍ୟାୟ ମିଳୁନଥିବାରୁ ଅଭିଯୋଗକାରୀ ଏତଲା ଦେଇନଥିବା କୁହାଯାଉଛି। ସେପଟେ ବାଜବାଟୀ ପାହାଡ଼ରୁ ବେଆଇନ ପଥର ଚାଲାଣ ନେଇ ସତୀଶ ବିଶ୍ୱାଳଙ୍କ କେସ ଆଧାରରେ ଲୋକାୟୁକ୍ତଙ୍କ ତରଫରୁ ବହୁ କୋଟି ଟଙ୍କାର ଜରିମାନା ହୋଇଥିଲା। ଏହି ଜରିମାନା ଆଦାୟ ହୋଇ ନଥିବା ବେଳେ ପଥର ଲୁଟେରାମାନେ ଲୁଟ ଜାରି ରଖିଛନ୍ତି। ବିଜେଡି ସରକାରରେ ବାଜବାଟୀ ପାହାଡରେ ମାଫିଆରାଜ ଚଲାଇଥିବା ପଥର ବ୍ୟବସାୟୀ ଏବେ ବିଜେପି ସରକାରରେ ମଧ୍ୟ ସଂପୂର୍ଣ୍ଣ ପଥର ବ୍ୟବସାୟକୁ ନିୟନ୍ତ୍ରଣ କରୁଛନ୍ତି। ଆଜି ତଦନ୍ତ ବେଳେ ମଧ୍ୟ ସେ ଉପସ୍ଥିତ ଥିଲେ ବୋଲି ଅଭିଯୋଗ ହେଉଛି। ସରକାର ବଦଳିବା ପରେ ମଧ୍ୟ ଧର୍ମଶାଳାର ବିଜେଡି ମାଫିଆଙ୍କ ଉତ୍ପାତ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଉଛି। ଏଥିନେଇ ସତୀଶ ବିଶ୍ୱାଳ କହିଛନ୍ତି ଯେ ବାଜାବଟୀର ମହାଲୁଟ ରାଜ୍ୟର ବଡ ସ୍କାମ ହେବାକୁ ଯାଉଛି। ବାଜବାଟୀର ଅନ୍ୟ ଦୁଇଟି ଖାଦାନରେ ବାହାରର କମ୍ପାନୀ ରାବଣରାଜ ଚଳାଇଛନ୍ତି। ସରକାର ବହୁ କୋଟି ଟଙ୍କର ରାଜସ୍ୱ ହରାଇଛନ୍ତି। ବାଜବାଟୀର ଏହି ଦୁଇ ଖାଦାନର ପଥର ଉତ୍ତୋଳନ ନେଇ ଡ୍ରୋନ ସର୍ଭେ ହୋଇ ଆକଳନ କରାନଯାଇ ବେଆଇନ ଭାବେ ନବୀକରଣ କରାଯାଇଛି। ଗୁରୁବାର ଏହି ତଦନ୍ତରେ ଉପନିର୍ଦ୍ଦେଶକ ଲଘୁ ଖଣିଜ ଦ୍ରବ୍ୟ, ଧର୍ମଶାଳା ତହସିଲଦାର, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ, ପରିବେଶ ବିଜ୍ଞାନୀ ଯୋଗ ଦେଇଥିଲେ।

## କୋଟି...

କରାଯାଇଥିବା ନେଇ ସନ୍ଦେହ ପ୍ରକାଶ ପାଇଥିବା ବେଳେ ୨୦୨୨-୨୩ ପାଇଁ ଦ୍ୱାରିକା ନାଥ ଦାସକୁ ଚୟନ କରାଯାଇଛି।

ବଜାରରେ ନାମୀଦାମୀ କମ୍ପାନୀର ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ଖର୍ଚ୍ଚ ୫ ହଜାର ଟଙ୍କାରୁ କମ୍ ହେଉଥିବା ବେଳେ ଇଲେକ୍ଟ୍ରି ଖୁଣ୍ଟରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ପିଛା ୯ ହଜାର ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ଏଥିସହ ଲାଇଟ୍‌ଗୁଡିକ କେଉଁ କମ୍ପାନୀର, ଏହାର ଗୁଣବତ୍ତା ଯାଞ୍ଚ ରିପୋର୍ଟକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏହି ଲାଇଟ୍ ଲାଗିବାର ଖୁବ୍ କମ୍ ଦିନ ମଧ୍ୟରେ ଅଧାରୁ ଅଧିକ ଲାଇଟ୍ ଅଚଳ ହୋଇପଡ଼ିଛି। କିନ୍ତୁ ଠିକାସଂସ୍ଥା ମରାମତି ନ କରିବା ଓ ପ୍ରଶାସନ ଏଦିଗରେ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିବା ଜିଲ୍ଲାବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି। ଏହି ଯୋଜନା ଠିକାଦାରକୁ ଫାଇଦା ଦେବାକୁ କରାଯାଇଥିବା ସାଧାରଣରେ ଅଭିଯୋଗ ହେଉଥିବା ବେଳେ ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ହେଲେ ବ୍ୟାପକ ଲୁଟ୍ ହୋଇଥିବା ସନ୍ଦେହ ସତ୍ୟ ପ୍ରମାଣିତ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ପୁଲିସ୍‌କୁ...

ପାଇପରେ ମାଡ଼ ମାରି ଲହୁଲୁହାଣ କରିଛନ୍ତି କିନ୍ନର ଓ ଭଡ଼ାଟିଆ। ଘଟଣାସ୍ଥଳରେ ଭରତପୁର ପୁଲିସ୍ ପହଞ୍ଚି ଆହତ ପିସିଆର ଅଧିକାରୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏନେଇ ଭରତପୁର ଥାନାରେ ଅଭିଯୋଗ ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି। କିଛିଦିନ ତଳେ ସମାନ ଢଙ୍ଗରେ ଭରତପୁର ପୁଲିସ୍‌କୁ ଆକ୍ରମଣ ହୋଇଥିଲା। ଜମିବାଡ଼ି ବିବାଦକୁ ନେଇ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ ଥାନାର ତତ୍କାଳୀନ ଆଇଆଇସି ।

## ଅଲ୍-ଫଲାହ...

ଘୋଷଣା କରାଯାଇଛି। ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ଗୃହ ସଚିବ, ଗୁଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ, ଏନଆଇଏର ମହାନିର୍ଦ୍ଦେଶକ ଏବଂ ଗୃହ ମନ୍ତ୍ରଣାଳୟର ଅନ୍ୟାନ୍ୟ ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହ ଏକ ବୈଠକ କରିଥିଲେ। ଆର୍ଥିକ ତଦନ୍ତ ଏଜେନ୍ସିଗୁଡ଼ିକ ବିଶ୍ୱବିଦ୍ୟାଳୟ ସହ ଜଡିତ ଜଣେ ଡାକ୍ତରଙ୍କ ଆର୍ଥିକ ସ୍ଥିତିର ତଦନ୍ତ ମଧ୍ୟ କରିବେ ବୋଲି ଜଣାପଡ଼ିଛି।

ଅନ୍ୟପକ୍ଷରେ ଲାଲ୍‌କିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣର ସୂତ୍ରଧରମାନେ ଏନେଇ ସୁଚିନ୍ତିତ ଷଡ଼ଯନ୍ତ୍ର କରିଥିଲେ ଓ ଏହା ଉପରେ ହରିଆଣାର ଫରିଦାବାଦସ୍ଥିତ ଅଲ୍-ଫଲାହ ୟୁନିଭର୍ସିଟି ପରିସରରେ ନିୟମିତ ଭାବେ ମନ୍ତ୍ରଣା ହେଉଥିଲା। ଉକ୍ତ ୟୁନିଭର୍ସିଟି କ୍ୟାମ୍ପସ୍‌ରେ ଥିବା ୧୭ ନମ୍ବର କୋଠାଟି ଛାତ୍ରାବାସ ହୋଇଥିଲେ ହେଁ ସେଠାରେ ଥିବା ରୁମ୍ ନଂ.୧୩ରେ ଅଭିଯୁକ୍ତମାନେ ଡାକ୍ତରମାନେ ଏକାଠି ହୋଇ ଦିଲ୍ଲୀ ଓ ଉତ୍ତର ପ୍ରଦେଶରେ ବିସ୍ଫୋରଣ ଘଟାଇବା ସକାଶେ ଯୋଜନା ପ୍ରସ୍ତୁତ କରୁଥିଲେ। ତେବେ ଅଲ୍-ଫଲାହ ବିରୋଧରେ ଏପରି ସାଙ୍ଘାତିକ ଅଭିଯୋଗ ଆସିବା ପରେ ଏହାର ସଦସ୍ୟତା ରଦ୍ଦ କରିଛି ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ୍ (ଏଆଇୟୁ)। ସେହିପରି ଏହି ୟୁନିଭର୍ସିଟିର ପ୍ରତିଷ୍ଠାତା ତଥା ପରିଚାଳନା ଟ୍ରଷ୍ଟି ଜାଭେଦ୍ ଅହମ୍ମଦ ସିଦ୍ଦିକୀଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ସେଠାରେ ମଧ୍ୟ ତିନି ମୁଖ୍ୟ ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣ ଡା. ଶାହିନ୍ ସଈଦ୍ ଓ ଡ. ମୁଜାମିଲ୍ ଶକୀଲ୍ କାର୍ଯ୍ୟ କରୁଥିଲେ। ସିଦ୍ଦିକୀଙ୍କର କର୍ପୋରେଟ୍ ଜଗତରେ ବେଶ୍ ଦବ୍‌ଦବା ରହିଥିବା ବେଳେ ତାଙ୍କ ନାମରେ ପୁରୁଣା ଅପରାଧିକ ରେକର୍ଡ ମଧ୍ୟ ରହିଛି। ପୂର୍ବରୁ ତାଙ୍କ ନାମରେ ସାଢ଼େ ୭ କୋଟି ଟଙ୍କାର ଠକେଇ ଅଭିଯୋଗ ଆସିଥିବା ବେଳେ ଏହି ମାମଲାରେ ସିଦ୍ଦିକୀଙ୍କୁ ୩ ବର୍ଷ ଜେଲ୍ ମଧ୍ୟ ଭୋଗିବାକୁ ପଡ଼ିଛି। ଅବଶ୍ୟ ୟୁନିଭର୍ସିଟିର ଆଇନ ଉପଦେଷ୍ଟା ମହମ୍ମଦ ରଜି ପ୍ରତିଷ୍ଠାତା ସିଦ୍ଦିକୀଙ୍କ ବିରୋଧରେ ଥିବା ଠକେଇ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

## ପାଠାଗାର...

ହୋଇଥିଲା। ଶତାଧିକ ଲୋକ ସାମୂହିକ ଭାବେ 'ବନ୍ଦେ ମାତରମ୍' ଗାନ କରିଥିବା ବେଳେ ଶ୍ରୀ ପ୍ରଧାନ ଏହାକୁ 'ସ୍ୱାଭିମାନର ସ୍ୱର' ଓ 'ଭାରତର ଆତ୍ମାର ଭାବନା' ବୋଲି ଅଭିହିତ କରିଥିଲେ। ସେ ଆହୁରି କହିଥିଲେ ଯେ 'ବନ୍ଦେ ମାତରମ୍ କେବଳ ଏକ ଗୀତ ନୁହେଁ, ବରଂ ମାତୃଭୂମି ପ୍ରତି ଆମର ଅତୁଟ ଆସ୍ଥା ଏବଂ ରାଷ୍ଟ୍ରଭକ୍ତିର ଜୀବନ୍ତ ଅଭିବ୍ୟକ୍ତି।' ପରିଶେଷରେ ଶ୍ରୀ ପ୍ରଧାନ ମେଳାରେ ଥିବା ଗୁଜୁରାଟ ବିଦ୍ୟାପୀଠ ଷ୍ଟଲ୍‌କୁ ପରିଦର୍ଶନ କରି ସେଠାରୁ ପୁସ୍ତକ ଓ ଷ୍ଟେସନାରୀ ସାମଗ୍ରୀ କିଣିଥିଲେ। ପୁସ୍ତକ ମେଳାରେ ବୁଲି ପୁସ୍ତକ ଖୋଜିବା ଓ କିଣିବାର ଅନୁଭୂତିକୁ ସେ 'ଏକ ସର୍ବଦା ମୂଲ୍ୟବାନ ଅନୁଭୂତି' ବୋଲି କହିଛନ୍ତି।

## ରାଜ୍ୟପାଳଙ୍କୁ...

ଗୋଡ଼ ଉପରେ ଗୋଡ଼ି ପକାଇ ବସିଥିବା ଦେଖିବାକୁ ମିଳିଛି।

ଜିଲ୍ଲାପାଳଙ୍କ ଏଭଳି ଔଦ୍ଧତ୍ୟଭରା ଫଟୋ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ସହ ରାଜ୍ୟପାଳଙ୍କ ସମ୍ମୁଖରେ ତାଙ୍କର ଆଚରଣକୁ ନେଇ ଲୋକେ ପ୍ରଶ୍ନ କରିବାରେ ଲାଗିଛନ୍ତି। ଏଭଳି ଜଣେ ଜିଲ୍ଲାପାଳଙ୍କୁ ଐତିହ୍ୟସମ୍ପନ୍ନ କଟକ ସହରରେ ରଖିବା ଆଦୌ ଉଚିତ୍ ନୁହେଁ ବୋଲି ମତ ପ୍ରକାଶ ପାଇବା ସହ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବି ଲୋକେ ଖୋଲା ମତ ଦେଉଛନ୍ତି।

# ୧୧ ଜୁଆଡ଼ିଙ୍କୁ ବାନ୍ଧିଲା ପୁଲିସ

ଜବତ କଲା ୨ ଲକ୍ଷ ୭୫ ହଜାର ୬୮୦ ଟଙ୍କା

**ସମ୍ବଲପୁର, ୧୩।୧୧ (ସଂଚାର ବ୍ୟୁରୋ):** ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ହରଗୌରି ବିହାରରେ ଦୀର୍ଘଦିନ ଧରି ଚାଲିଆସୁଥିବା ଏକ ଜୁଆ ଆଡ୍ଡା ଉପରେ ପୁଲିସ ଚଢ଼ାଉ କରି ୧୧ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହିତ ଜୁଆ ଆସରରୁ ୨ ଲକ୍ଷ ୭୫ ହଜାର ୬୮୦ ଟଙ୍କା ଜବତ କରିଛି। ଗିରଫ ଜୁଆଡ଼ିମାନଙ୍କ ମଧ୍ୟରେ ଧନୁପାଲି ଥାନା ଅନ୍ତର୍ଗତ ପେନସନପଡ଼ାର ମୂଳ ବାସିନ୍ଦା ତଥି ଡିଅରପାର୍କ ଅଂଚଳରେ ରହୁଥିବା ସୟଦ ଜାହିରମୋତିଝରଣର ମହମ୍ମଦ ରାୟିଶ୍, ପେନସନପଡ଼ାର ଅନୱର ମନହୀର, କୁମ୍ଭାରପଡ଼ାର ମହମ୍ମଦ ସାହରୁଖ, କ୍ଷେତରାଜପୁର ଥାନା ଅନ୍ତର୍ଗତ ବଙ୍ଗାଲିପଡ଼ାର ରବିନ୍ଦ୍ର ମାଣ୍ଡେକର, ଚେରୁଆପଡ଼ାର ବିଜୟ କୁମାର ଗୁପ୍ତା ବୁର୍ଲାଥାନା ଅନ୍ତର୍ଗତ ଏ.କଟାପାଲିର ମାଧବେନ୍ଦୁ ପାଲ, ୱାନ-ଆର୍ କଲୋନୀର ବଂଟି ବେହେରା, ମହତାବନଗରରେ ରହୁଥିବା ସୁବର୍ଣ୍ଣପୁର ଜିଲା, ବିରମହାରାଜପୁର ବାଘପାଲିର ମୂଳ ବାସିନ୍ଦା ରାଜୀବ ପାଣିଗ୍ରାହୀ, ହୀରାକୁଦ ଥାନା ଅନ୍ତର୍ଗତ ହୀରାକୁଦ ସହରର ଗଣେଶ ବାହାଦୂର, ଟାଉନଥାନା ଅନ୍ତର୍ଗତ ନୟାପଡ଼ା ନୂଆଗଳିର ପ୍ରଦୀପ ବାଗ ରହିଥିବା ଜଣାପଡିଛି।

## ୨୭୫ କେଜି ବିସ୍ଫୋରକ ଜବତ

**କଣିହାଁ, ୧୩।୧୧ (ସଂଚାର ବ୍ୟୁରୋ):** ୨ କୁଇଣ୍ଟାଲ ୭୫ କେଜିର ବିସ୍ଫୋରକ ଜବତ । ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ଖିଣ୍ଡୋ ଗାଁ ପଥର କୁଆଁରୀ ଠାରେ ବେଆଇନ ଭାବେ ଗଚ୍ଛିତ ୨୭୫ କେଜିରୁ ଅଧିକ ବିସ୍ଫୋରକ ଜବତ କରାଯାଇଛି । ତାଳଚେର ସବ୍ କଲେକ୍ଟର, ଡେପୁଟୀ ଡାଇରେକ୍ଟର ମାଇନ୍ସ ତାଳଚେର ଏବଂ ରେଙ୍ଗାଳି ପୋଲିସର ମିଳିତ ଚଢାଉରେ ବିସ୍ଫୋରକ ଜବତ କରାଯାଇଛି । ତେବେ ଏହି ପଥର କୁଆଁରୀ ଟି ବଜ୍ରକୋଟ ଗାଁର ଲାଇସେନ୍ସ ପ୍ରାପ୍ତ ହିମାଞ୍ଚଳ ପଣ୍ଡା ନାମକ ବ୍ୟକ୍ତିଙ୍କ ନାମରେ ରହିଛି। ଏହି ପଥର କୁଆଁରୀକୁ ଅନ୍ୟଜଣେ ବ୍ୟକ୍ତି ଚଲାଉଥିବାର ପୋଲିସ ପକ୍ଷରୁ ସୂଚନା ମିଳିଛି । କିନ୍ତୁ ଦିଲ୍ଲୀରେ ଘଟିଥିବା ବିସ୍ଫୋରଣ ପରେ ଏତେ ବଡ ଧରଣର ବିସ୍ଫୋରକ ମିଳିବା ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । କାରଣ ଓଡିଶାର ଦ୍ୱିତୀୟ ବୃହତ୍ ଜଳଭଣ୍ଡାର ରେଙ୍ଗାଳି ଡ୍ୟାମ ଠାରୁ ମାତ୍ର ସାତ କିଲୋମିଟର ଦୂର ପଥର କୁଆଁରୀରୁ ଏହି ବିସ୍ଫୋରକ ମିଳିଛି । ଏହା କୌଣସି ବଡ ଧରଣର ଅଘଟଣ ପାଇଁ ଅଣାଯାଇଥିଲା କି ପଥର କୁଆଁରୀରେ ବ୍ୟବହାର ପାଇଁ ତାହା ସ୍ପଷ୍ଟ ହୋଇପାରିନାହିଁ ।

# ନିଆଁ ଲାଗି ମିନି ପାର୍କର ଖସଡ଼ା ପାଉଁଶ



ହିଞ୍ଜିଳିକାଟୁ, ୧୩।୧୧ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ପୌରପରିଷଦ ପକ୍ଷରୁ ବିଭିନ୍ନ ଯୋଜନା ମାଧ୍ୟମରେ ବିଭିନ୍ନ ୱାର୍ଡରେ ମିନିପାର୍କ ନିର୍ମାଣ ହୋଇଥିବା ବେଳେ ୧୦ ନମ୍ବର ୱାର୍ଡ ବି ଏକ ମିନି ପାର୍କ ତିଆରି ହୋଇଛି। କିନ୍ତୁ ପରିଚାଳନାଗତ ତ୍ରୁଟି ଏବଂ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ମିନି ପାର୍କ ଏବେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ସନ୍ଧ୍ୟା ବେଳେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଯାଇଛି। ଦୁଇ ଦିନ ତଳେ ସନ୍ଧ୍ୟା ସମୟରେ ହଠାତ ପାର୍କ ଭିତରେ ନିଆଁ ଲାଗି ଶିଶୁ ମାନଙ୍କ ଲାଗି ଥିବା ଖସଡ଼ାଟି ପୁରା ପାଉଁଶ ହୋଇଯାଇଛି। ତେବେ ନିଆଁ କେମିତି ଲାଗିଲା, କିଏ ଲଗାଇଲା ଓ କାହିଁକି ଲଗାଇଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

ଶିଶୁମାନଙ୍କର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ ଉଦ୍ଦେଶ୍ୟ ନିର୍ମାଣ ହୋଇଥିବା ଏହି ପାର୍କ ଏବେ ପିଲାଙ୍କ କାମରେ ଆସୁନଥିବା ବେଳେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଯାଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ଉକ୍ତ ପାର୍କକୁ ପୁନରୁଦ୍ଧାର କରାଯିବା ସହିତ ରକ୍ଷଣାବେକ୍ଷଣ ପାଇଁ ଦାବି କରିଛନ୍ତି ସ୍ଥାନୀୟବାସୀ ।

# ଖଟିଆରେ ଅଢ଼େଇ କିଲୋମିଟର ବୁହାହେଲେ ଗର୍ଭବତୀ

**ପୁଣି ଜନନୀ ଯନ୍ତ୍ରଣା**

**ରାସ୍ତା ନଥିବାରୁ ଗାଁକୁ ଗଲାନି ଆମ୍ବୁଲାନ୍ସ**

**ନଦୀ ପାର ହୋଇ ପ୍ରାୟ ଅଢ଼େଇ କି.ମି ଖଟିଆରେ ବୁହାହେଲେ**



ଫୁଲବାଣୀ, ୧୩।୧୧ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଜନନୀ ଯନ୍ତ୍ରଣା ଥମିବାରେ ନା ଧରୁନି। ରାସ୍ତା ନଥିବାରୁ କେଉଁଠି ଦୋଳାରେ ଗର୍ଭବତୀଙ୍କୁ ବୁହା ହେଉଛି ତ କେଉଁଠି ଖଟିଆରେ କିଲୋମିଟର କିଲୋମିଟର ଦୂର ବୋହି ମେଡିକାଲ ନେଉଥିବା ବେଳେ ଅଧା ବାଟରେ ମା' ଛୁଆ ଜନ୍ମ କରୁଛି, କେଉଁଠି ମୃତ ଛୁଆ ମଧ ଜନ୍ମ ହେବା ଭଳି ଦେଖିବାକୁ ମିଳିଛି । ଗତକାଲି ଖଟିଆରେ ବୋହି ଗର୍ଭବତୀ ମହିଳାଙ୍କୁ ମେଡିକାଲ ଆଣିଥିବା ବେଳେ ପୁଣି ଆଜି ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ପଞ୍ଚାୟତ ଡଙ୍ଗି ମେଣ୍ଡି ଗାଁରେ ରାସ୍ତା ନଥିବାରୁ ଏଭଳି ଅଭାବନୀୟ ଘଟଣା ଘଟିଛି।

ଡଙ୍ଗିମେଣ୍ଡି ଗାଁର ପରୀକ୍ଷିତ କହଁରଙ୍କ ସ୍ତ୍ରୀ କମଳିନୀ କହଁର (୨୦)ଙ୍କୁ ପ୍ରସବ ଯନ୍ତ୍ରଣା ହେବାରୁ ଗୋଛାପଡା ମେଡିକାଲ ନେବା ପାଇଁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ରାସ୍ତା ନଥିବାରୁ ଗାଁକୁ ଆମ୍ବୁଲାନ୍ସ ଆସି ପାରିନଥିଲା। ବଣ ଓ ଜଙ୍ଗଲ ପାହାଡ଼ ପର୍ବତ ଘେରା ଭିତରେ ଗାଁ ଅଛି। ଗାଁରେ ଅଛି ୮୦ରୁ ଉର୍ଦ୍ଧ୍ୱ ଘର। ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ବି ଅଛି। ବାଧ ହୋଇ ପରିବାର ଲୋକେ ଡଙ୍ଗି ମେଣ୍ଡି ଠାରୁ ଅଢେଇ କିଲୋମିଟର ଦୂର ବାଘ ନଦୀ ନିକଟକୁ ଖଟିଆରେ ବୋହି ଆଣି ବାଘ ନଦୀ ପାର କରିବା ପରେ ସେଠାରୁ ଆମ୍ବୁଲାନ୍ସ ପାଖକୁ ଖଟିଆରେ ବୋହି ନେଇଥିଲେ। ଆମ୍ବୁଲାନ୍ସରେ ଗୋଛାପଡା ମେଡିକାଲ ନେବା ପରେ କମଳିନୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିବା ମେଡିକାଲ ସୂତ୍ରରୁ ଜଣା ପଡିଛି ଏବଂ ମା' ଛୁଆ ଦୁହେଁ ସୁସ୍ଥ ଥିବା ଜଣାପଡିଛି ।

ତେବେ ଡଙ୍ଗିମେଣ୍ଡି ଯିବା ବାଟରେ ବାଘ ନଦୀରେ ଦୀର୍ଘ ବର୍ଷ ଧରି ଏକ ପୋଲ ନିର୍ମାଣ ହେଉଥିବା ବେଳେ ଠିକାଦାର କାମ କରିବାରେ ବିଳମ୍ବ କରୁଥିବା ହେତୁ ଅଞ୍ଚଳବାସୀ ଯାତାୟତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଡଙ୍ଗି ମେଣ୍ଡି ଏବଂ ଅଞ୍ଚଳର ପୋଲ କାମ ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି ।

# ପାଠାଗାର ପାଲଟିଛି ଭୂତକୋଠି

**ନେତା ପ୍ରଶାସନ ନୀରବ**

**ସନ୍ଧ୍ୟା ହେଲେ ପାଲଟିଛି ମଦୁଆଙ୍କ ଆଡାସ୍ଥଳୀ**



ଆନନ୍ଦପୁର, ୧୩।୧୧ (ସଂଚାର ବ୍ୟୁରୋ): ପାଠାଗାର ନିର୍ମାଣରେ ଖର୍ଚ୍ଚ ହୋଇଛି କୋଟି କୋଟି ଟଙ୍କା ହେଲେ ପାଠାଗାର ପାଲଟିଛି ଭୂତକୋଠି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ମ୍ୟୁନିସିପାଲଟିର ୩ନଂ ୱାଡରେ ନିର୍ମାଣ ହୋଇଥିବା ପାଠାଗାରରେ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଛି।

ଜିଲ୍ଲା ଖଣିଜ ପାଣ୍ଠିରୁ କୋଟି କୋଟି ଟଙ୍କା ବ୍ୟୟ ବରାଦରେ ପିବ୍ଲୁଡି ବିଭାଗ ଦ୍ୱାରା ପାଠାଗାର ନିର୍ମାଣ ପାଇଁ ଟେଣ୍ଡର ମାଧମରେ ଠିକାଦାରକୁ ହସ୍ତାନ୍ତର କରାଯାଇଥିଲା। ତେବେ ପାଠାଗାରଟି ନିର୍ମାଣ କାର୍ଯ୍ୟ ସରିବା ପରେ ଏବେ ଭୂତ କୋଠୀ ପାଲଟିଛି। ରକ୍ଷଣା ବେକ୍ଷଣ ଅଭାବରୁ ପାଠାଗାର ଚାରି ପାର୍ଶ୍ୱରେ ଅନାବନା ଗଛଲତା ମାଡ଼ି ଗଲାଣି। ପରିସରରେ ଦିନ ବେଳା ଛେଳି ଚରୁଥିବା ବେଳେ ସନ୍ଧ୍ୟା ହେଲେ ମଦ୍ୟପଙ୍କ ଆଡାସ୍ଥଳୀ ପାଲଟୁଛି। ତେବେ ଏହି ଦିଗରେ ଆନନ୍ଦପୁର ନେତା ଏବଂ ପ୍ରଶାସନ ଦୃଷ୍ଟି ନଦେବା ସଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲା ଖଣିଜ ପାଣ୍ଠିରୁ ଉପଖଣ୍ଡର ବିକାଶ ନିମନ୍ତେ ପାଠାଗାରର ସ୍ୱପ୍ନ ସ୍ୱପ୍ନରେ ରହି ଯାଇଛି। ଏହି ବିଷୟରେ ଆନନ୍ଦପୁର ଉପ ଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ପଚାରିବାରୁ ସେ କହିଛନ୍ତି ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଚେଷ୍ଟା କରିବୁ। ତେବେ ଦେଖିବାକୁ ବାକି ରହିଲା ପ୍ରଶାସନ କେତେ ଗୁରୁତ୍ୱଦେଇ ପାଠାଗାରଟି କେବେ କାର୍ଯ୍ୟକ୍ଷମ କରାଉଛନ୍ତି।

# ବାଜବାଟୀ ଖାଦାନରେ ଏନଜିଟି ଟିମର ଚଢ଼ାଉ

ଯାଜପୁର, ୧୩।୧୧ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅଧୀନ ବାଜବାଟୀ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ତଦନ୍ତ ଅଭିଯାନ ଆରମ୍ଭ କରିଛି ଜାତୀୟ ହରିତ ଆଦାଲତ (ଏନ୍‌ଜିଟି) ଟିମ। ଗୁରୁବାର ଦିନ ବାଜବାଟୀର ବିଏସକ୍ୟୁ ନଂ–୨ ଓ ୬ ନଂ ଖାଦାନକୁ ଏନଜିଟି ଟିମ ସହ ଖଣି, ରାଜସ୍ୱ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ସିଆ ବିଭାଗର ଅଧିକାରୀ ମିଶି ଯାଇ ତଦନ୍ତ କରିଥିଲେ। ଅଭିଯୋଗ ଅନୁସାରେ, ଏହି ଦୁଇ ଖାଦାନରୁ ଅଧିକ ପରିମାଣରେ ପଥର ଉତ୍ତୋଳନ ହେବାରୁ ପରିବେଶ ଦୂଷଣ ବଢ଼ିବା ସହ ନିକଟସ୍ଥ ଗ୍ରାମବାସୀ ଦୁର୍ଭୋଗରେ ପଡ଼ିଛନ୍ତି। ଏନଜିଟି ସମ୍ମୁଖରେ ଏହି ଅଭିଯୋଗ ଦାଖଲ ହୋଇଥିବା ପରେ ତଦନ୍ତ ଦଳ ଘଟଣାସ୍ଥଳକୁ ଯାଇ ସ୍ଥଳ ପରିଦର୍ଶନ କରିଛନ୍ତି। ସମ୍ବନ୍ଧିତ ଅଧିକାରୀମାନେ ଖାଦାନ ଅଞ୍ଚଳର ପରିସ୍ଥିତି, ପଥର ଉତ୍ତୋଳନ ପରିମାଣ ଓ ପ୍ରଦୂଷଣ ସ୍ତର ଯାଞ୍ଚ କରି ଏହା ସମ୍ପର୍କରେ ଏକ ବିସ୍ତୃତ ରିପୋର୍ଟ ତିଆରି କରିବେ ବୋଲି ଜଣାପଡ଼ିଛି।

# ଭୂସଂସ୍କାର ନୀତିର ପରିବର୍ତ୍ତନକୁ ଓଡ଼ିଶା ରାଜସ୍ୱ ଅମଲା ସଂଘର ସ୍ୱାଗତ



ନବରଙ୍ଗପୁର, ୧୩।୧୧ (ସଂଚାର ବ୍ୟୁରୋ): ବନ୍ଦୋବସ୍ତ ପୂର୍ବରୁ କିଣା ଯାଇଥିବା ଜମି ବନ୍ଦୋବସ୍ତ ସମୟରେ ବନ୍ଦୋବସ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଭୁଲ ପଟ୍ଟାକୁ ନିର୍ଭୁଲ ଭାବରେ ସଂଶୋଧନ କରିବା ପାଇଁ ପ୍ରଥମେ କ୍ରେତାମାନେ ରାଜସ୍ୱ ପାରିଷଦ, କଟକର ଦ୍ୱାରସ୍ଥ ହେବାକୁ ପଡୁଥିଲା। ପରବର୍ତ୍ତୀ ସମୟରେ ସରକାର ସେହି କାର୍ଯ୍ୟକୁ ରାଜସ୍ୱ ଆୟୁକ୍ତଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲେ। କିନ୍ତୁ ସମସ୍ତ ଲୋକ ରାଜସ୍ୱ ଆୟୁକ୍ତଙ୍କ ନିକଟରେ ପହଞ୍ଚି କାର୍ଯ୍ୟ ସମାପନ କରିବା ସମ୍ଭବପର ହେଉନଥିଲା। ପରବର୍ତ୍ତୀ ସମୟରେ ସରକାର ତାକୁ ଆହୁରି ସରଳିକରଣ କରିବା ପାଇଁ ୨୦୧୭ ମସିହା ଠାରୁ ଜିଲ୍ଲାପାଳ ମାନଙ୍କୁ କ୍ଷମତା ପ୍ରଦାନ କରିଥିଲେ। ଜିଲ୍ଲାପାଳ ମାନଙ୍କ ଅତ୍ୟଧିକ କାର୍ଯ୍ୟଭାର ଯୋଗୁଁ ଏହି ଅପିଲ ଗୁଡିକ ବର୍ଷ ବର୍ଷ ଧରି ଫଇସଲା ନ ହୋଇ ପଡି ରହୁ ଥିବା ସହିତ ଜିଲ୍ଲା ସଦର ମହକୁମାକୁ ବାରମ୍ବାର ଦୌଡି ଲୋକେ ନାହି ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ରାଜ୍ୟ ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପ ସଦୃଶ, ଜନସାଧରଣଙ୍କୁ ତୁରନ୍ତ ନ୍ୟାୟ ଯୋଗାଇଦେବା ନିମନ୍ତେ ତହସିଲଦାର ମାନଙ୍କୁ ସଂଶୋଧନ କ୍ଷମତା ପ୍ରଦାନ କରିଛନ୍ତି। ଏହାଦ୍ୱାରା ଜପସାଧାରଣ ସମୟ ସୀମା ଭିତରେ ତୁରନ୍ତ ନ୍ୟାୟ ପାଇପାରିବେ। ରାଜ୍ୟ ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପକୁ ଓଡ଼ିଶା ରାଜସ୍ୱ ଅମଲା ସଂଘ ସରକାରଙ୍କୁ ଧନ୍ୟବାଦ ଦେବା ସହ ତହସିଲ କାର୍ଯ୍ୟାଳୟ ମାନଙ୍କରେ ଏଥି ସମ୍ବନ୍ଧୀୟ ଆବଶ୍ୟକୀୟ ନୂତନ ପଦବୀ ସୃଷ୍ଟି କରିବା ପାଇଁ ଅନୁରୋଧ କରିଛନ୍ତି।

# ମୌଳିକ ସୁବିଧା ଅପେକ୍ଷାରେ କାନପୁର ଗ୍ରାମବାସୀ

ଯାଜପୁର, ୧୩।୧୧ (ସଂଚାର ବ୍ୟୁରୋ): ଯାଜପୁର ବ୍ଲକ ଅଧୀନ ଏରବାଙ୍ଗ ପଞ୍ଚାୟତର କାହ୍ନୁପୁର (କାନପୁର) ଗାଁ ବିକାଶର ମୁଖ୍ୟ ଧାରାରୁ ଏପର୍ଯ୍ୟନ୍ତ ବାହାରେ ରହିଛି। ପ୍ରାୟ ୪୦ଟି ପରିବାର ବସବାସ କରୁଥିବା ଏହି ଗାଁ ଆଜିଯାଏଁ ମୌଳିକ ସୁବିଧାର ଅଭାବରେ ଜୀବନ ଯାପନ କରୁଛି। ଗାଁର ଏକ ପାର୍ଶ୍ୱରେ ଖରସ୍ରୋତା ଶାଖାନଦୀ ଗଣ୍ଡ ନଦୀ ବହୁଥିବାବେଳେ ଅନ୍ୟ ପାର୍ଶ୍ୱରେ ଅଛି ଗହୀର ପାଟ। ବର୍ଷା ହେଲେ ଗାଁଟି ପ୍ରାୟ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇ ପଡ଼େ। ଯୋଗାଯୋଗ ପାଇଁ କେବଳ ଏକ କଚା ରାସ୍ତା ଥିବାରୁ ଚାଲିବା ଏବଂ ରୋଗୀଙ୍କୁ ହସ୍ପିଟାଲକୁ ପହଞ୍ଚାଇବା କଷ୍ଟ ହୋଇଯାଏ।

ଗ୍ରାମବାସୀଙ୍କ କହିବା ଅନୁସାରେ, ସୁଧ ପିଇବା ପାଣି, ରାତିରେ ଆଲୋକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ସୁବିଧା ନଥିବାରୁ ସେମାନେ ଅନେକ ଅସୁବିଧା ଭୋଗୁଛନ୍ତି। ଶିଶୁମାନେ ଶିକ୍ଷା ପାଇଁ ଦୂର ଗାଁକୁ ଯିବାକୁ ବାଧ, ଯାହା ବର୍ଷାକାଳରେ ଅସମ୍ଭବ ହୋଇଯାଏ। ସ୍ଥାନୀୟ ଯୁବକ ଓ ସମାଜସେବୀମାନେ ଦାବି କରିଛନ୍ତି ଯେ, ସରକାର ଶୀଘ୍ର କାହ୍ନୁପୁର ଗାଁକୁ ବିକାଶ ଯୋଜନା ଅଧୀନରେ ନେଇ ରାସ୍ତା, ପାଣି ଓ ବିଦ୍ୟୁତ ସୁବିଧା ଯୋଗାଇବା ଉଚିତ। ଯାଜପୁର ଭଳି ଉନ୍ନତ ଜିଲ୍ଲାରେ ମଧ ଏମିତି ଗାଁ ଯେଉଁଠାରେ ଲୋକେ ଆଜିଯାଏଁ ଅନ୍ଧାରରେ ବସି ନିଜ ଅଧିକାର ଓ ବିକାଶର ଆଶା କରୁଛନ୍ତି - କାହ୍ନୁପୁର ତାହାର ଏକ ଉଦାହରଣ।

**ଗ୍ରେଟର୍ ବ୍ରହ୍ମପୁର ବାଟ ଫିଟିଲା**

# ମହାନଗରରେ ମିଶିବାକୁ ୧୪ ପଞ୍ଚାୟତ ରାଜି

ବ୍ରହ୍ମପୁର, ୧୩।୧୧ (ସଂଚାର ବ୍ୟୁରୋ): ଗଠନ ହେବ ବୃହତ ବ୍ରହ୍ମପୁର। ନିକଟସ୍ଥ ଏକାଧିକ ପଂଚାୟତ ମିଶି ବଢିବ ରେଶମ ସହର। ଏବେ ଏହି ଦୀର୍ଘ ଦିନର ସ୍ୱପ୍ନ ଖୁବଶୀଘ୍ର ପୂରଣ ହେବାକୁ ଯାଉଛି। ସମ୍ପ୍ରତି ସହର ପାଶ୍ୱବର୍ତ୍ତୀ ୧୪ଟି ପଞ୍ଚାୟତ ବ୍ରହ୍ମପୁର ମହାନଗର ନିଗମରେ ମିଶିବାକୁ ରିଜୋଲ୍ୟୁସନ ଦାଖଲ କରିଛନ୍ତି। ଯାହା ଗ୍ରେଟର ବ୍ରହ୍ମପୁର ପାଇଁ ବାଟ ଫିଟିଛି ବୋଲି କୁହାଯାଇପାରେ।



୨୦୦୮ରେ ସହର ପାର୍ଶ୍ୱବର୍ତ୍ତୀ ୧୮ଟି ପଞ୍ଚାୟତ ମିଶ୍ରଣ ପାଇଁ ରାଜ୍ୟ ସରକାର ଗେଜେଟ୍ ନୋଟିଫିକେସନ୍ ଜାରି କରିଥିଲେ। କିନ୍ତୁ ବିଭିନ୍ନ ଆନୁସଙ୍ଗିକ ସମସ୍ୟା କାରଣରୁ ମିଶ୍ରଣ ପକ୍ରିୟା ବିଳମ୍ବ ହୋଇଥିଲା । ଏହାକୁ ନେଇ ମାମଲା ହାଇକୋର୍ଟକୁ ଯାଇଥିଲା। ବର୍ତ୍ତମାନ ୧୪ଟି ପଞ୍ଚାୟତ ବ୍ରହ୍ମପୁର ମହାନଗର ନିଗମରେ ମିଶ୍ରଣ ପାଇଁ ରାଜି ହୋଇଛନ୍ତି । ଏ ସମ୍ପର୍କିତ ରିଜୋଲ୍ୟୁସନ୍ ସହ ପଞ୍ଚାୟତର ସମ୍ପୂର୍ଣ୍ଣ ତଥ୍ୟ ଜିଲ୍ଲା ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିଗମ କର୍ତ୍ତୃପକ୍ଷ ପଠାଇଛନ୍ତି। ହେଲେ ଜନଗଣନା ପୂର୍ବରୁ ସବୁ କାମ ସାରିବାକୁ ଦାବି ହୋଇଛି।

୧୭ ବର୍ଷ ପରେ ରିଜୋଲ୍ୟୁସନ ଦାଖଲ ହୋଇଥିଲା ବେଳେ ଥରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେଲେ ଗ୍ରେଟର ବ୍ରହ୍ମପୁର ସ୍ୱପ୍ନ ପୁଣିଥରେ ଶୀତଳଭଣ୍ଡାରକୁ ଚାଲିଯିବ ବୋଲି ଆଶଙ୍କା କରାଯାଉଛି। ଆସନ୍ତା ଜାନୁଆରୀରୁ ଏନେଇ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାରୁ ଡିସେମ୍ବର ସୁଦ୍ଧା ମିଶ୍ରଣ ସାରିବାକୁ ସହର ବାସିନ୍ଦା ସରକାରଙ୍କୁ ଅନୁରୋଧ କରିଛନ୍ତି।

ତେବେ ଗୋଳାବନ୍ଧ, ରଙ୍ଗେଇଲୁଣ୍ଡା, କନିଷି, କମଳାପୁର, ଲୁହାଝର, କରାପଲ୍ଲୀ ପଞ୍ଚାୟତରୁ ରିଜଲ୍ୟୁସନ୍ ଦାଖଲ ହୋଇନାହିଁ। ଯାହା ବୃହତ ବ୍ରହ୍ମପୁର ଗଠନ ଉପରେ ପ୍ରଭାବ ପକାଇପାରେ ବୋଲି ଆଲୋଚନା ହେଉଛି।

# ଗଣପତି ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ



ପାରାଦୀପ, ୧୩।୧୧ (ସଂଚାର ବ୍ୟୁରୋ): ସ୍ଥାନୀୟ୫ ନଂ ୱାର୍ଡ ବାଲିଝରା ଠାରେ ଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗଣପତି ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଇଫକୋ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ରମାନଙ୍କ ମା'ମାନେ ସାମିଲ ହୋଇଥିଲେ। ସେଠାରେ ମାଆଙ୍କୁ ତାଙ୍କ ପିଲାମାନେ କେମିତି ପୂଜା କରିବା କଥା ତାହା ସମୂହ ଭାବେ କରି ଦେଖାଇଥିଲେ। ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ସଭାରେ ମୁଖ୍ୟ ଅତିଥି ଭାବେ ଇଫକୋ ଲେଡିଜ କ୍ଲବ ପ୍ରମୁଖ ସଭ୍ୟା ଆରତୀ ପରିଡା, ସମ୍ମାନିତ ଅତିଥି ଭାବେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ସ୍ଥାନୀୟ କାଉନସିଲର ସ୍ୱପ୍ନାରାଣୀ ଜେନା, ଶରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ସନ୍ତାନ ମାନଙ୍କ ପ୍ରଥମ ଓ ଆଦ୍ୟଗୁରୁ ହେଲେ ମାଆ। ତାକୁ ପାଠ ପଢାଇ ଭଲ ମଣିଷ କରିବା ସହିତ ଭଲ ସଂସ୍କାର ଦେବା ଜରୁରୀ ବୋଲି ମୁଖ୍ୟ ଅତିଥି ପରିଡା କହିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ଗଞ୍ଜେଇ ସହିତ କାର୍ ଜବତ, ୩ ଗିରଫ



ଫୁଲବାଣୀ, ୧୩।୧୧ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫୁଲବାଣୀ ଏଫସିଆଇ ଛକରେ ଅବକାରୀ ମୋବାଇଲ ଟିମ ଦ୍ୱାରା ଏକ କାର ଗାଡି ସହ ୧୩୬ କେଜି ଗଞ୍ଜେଇ ଜବତ କରାଯାଇଥିବା ବେଳେ ୩ ଜଣ ଗଞ୍ଜେଇ ଚାଲାଣ କାରିଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ଏହାର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଷାଠିଏ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ତରଫରୁ ସୂଚନା ମିଳିଛି । ସୂଚନା ଅନୁସାରେ ଅବକାରୀ ବିଭାଗ ସୁଶାନ୍ତ କୁମାର ପାଢୀଙ୍କ ନିର୍ଦ୍ଦେଶକ୍ରମେ ବିଭାଗର ଏକ ମୋବାଇଲ ଟିମ ଫୁଲବାଣୀ ଏଫସିଆଇ ଛକ ନିକଟରେ ଚେକିଂ କରୁଥିବା ବେଳେ ଏକ କାରକୁ ଅଟକାଇଥିଲେ। କାରରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡିଥିଲା। ଅବକାରୀ ଟିମ ଗଞ୍ଜେଇ ଓ ଗାଡି ଜବତ କରିବା ସହ ଗଞ୍ଜେଇ ଚାଲାଣ କରୁଥିବା ଗୋଛାପଡା ଥାନା ଅଧୀନ ଗୋଛା ପଡା ପଞ୍ଚାୟତ କଡ଼ିପାରି ଗାଁ ର ଲମ୍ବୋଦର ମଲିକ, ପାଙ୍ଗାପାଜୁ ଗାଁର ବୃଷଭ କହଁର ଏବଂ ସୁରଥ କହଁର ଏବଂ ସମସ୍ତେ ଗୋଛା ପଡା ଥାନା ଅଞ୍ଚଳର ବୋଲି ଜଣା ପଡ଼ିଥିବା ବେଳେ ଗୋଛାପଡା ଅଞ୍ଚଳରୁ ବୌଦ୍ଧ ଗଞ୍ଜେଇ ଚାଲାଣ ହେଇଥିବା ଅବକାରୀ ବିଭାଗ ତରଫରୁ ସୂଚନା ମିଳିଛି ।

# ଚାଷୀଙ୍କୁ ମିଳୁନି ପନିପରିବା ବିହନ ପୁଡ଼ିଆ

କାକଟପୁର/ଅସ୍ତରଙ୍ଗ, ୧୩।୧୧ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଚାଷୀ ମାନେ ସରକାରୀ ପନିପରିବା ବିହନ ପୁଡିଆ ପାଉନଥିବା ସଂଗୀନ ଅଭିଯୋଗ ହୋଇଛି। ଏହି ବିହନ ପୁଡିଆ ବଣ୍ଟନ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଚାଷୀ ମାନେ ରାଜ୍ୟ ଉଦ୍ୟାନ କୃଷିନିର୍ଦ୍ଦେଶକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅସ୍ତରଙ୍ଗ ବ୍ଲକ ଅଞ୍ଚଳର କିଛି କୁଜି ନେତା ଏହି ପନିପରିବା ବିହନ ଦୁର୍ନୀତିରେ ସମ୍ପୃକ୍ତ ଥିବା ଏହି ଅଭିଯୋଗରେ ଦର୍ଶାଯାଇଛି।




ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ପନିପରିବା ଚାଷ କରୁଥିବା ବେଳେ ଚାଷୀ ମାନଙ୍କ ସହାୟତା ନିମନ୍ତେ ସ୍ୱତନ୍ତ୍ର ପ୍ୟାକେଜ ଅନୁଯାୟୀ ଏହି ପନିପରିବା ବିହନ ପୁଡିଆ ଚାଷୀ ମାନଙ୍କୁ ମାଗଣାରେ ଯୋଗାଇ ଦିଆଯିବାର ନିୟମ ରହିଛି। କିନ୍ତୁ ଅସ୍ତରଙ୍ଗ ଉଦ୍ୟାନ ବିଭାଗ ରେ କିଛି ସରକାରୀ ବାବୁମାନଙ୍କ ଖାମ୍ ଖିଆଲ ନୀତି ଯୋଗୁଁ ଚାଷୀ ବିହନ ପୁଡିଆ ପାଇପାରୁନାହାନ୍ତି। ଏମିତି କି ଚୋରା ଆସି ଅସ୍ତରଙ୍ଗ ବଜାରରେ ଥିବା ମଞ୍ଜି ବିକ୍ରୟ କେନ୍ଦ୍ର ବିକ୍ରି ହେଉଥିବା ଅଭିଯୋଗ ହେଉଛି। ୫୫୦ଗ୍ରାମ ବିଶିଷ୍ଟ ଏହି ବିହନ ପୁଡିଆରେ ଉର୍ନତମାନର ୫୦ଗ୍ରାମ ଲଙ୍କା ମଞ୍ଜି, ୧୦୦ଗ୍ରାମ କଖାରୁ ମଞ୍ଜି, ୧୦୦ଗ୍ରାମ କୋଶଳା ମଞ୍ଜି, ୨ଶହ ଗ୍ରାମ ଭେଣ୍ଡି ମଞ୍ଜି ଓ ୧୦୦ଗ୍ରାମ ଝୁଡ଼ଙ୍ଗ ମଞ୍ଜି ରହିଛି।

ରାଷ୍ଟ୍ରୀୟ ବିହନ ନିଗମ ନୂଆଦିଲ୍ଲୀ ଦ୍ୱାରା ପ୍ରସ୍ତୁତ ଏହି ପନିପରିବା ବିହନ ପୁଡିଆକୁ ରାଜ୍ୟ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ବଣ୍ଟନ କରାଯିବାର ନିୟମ ରହିଛି। ବ୍ଲକ ସ୍ତରରେ ଉଦ୍ୟାନ କୃଷି ଅଧିକାରୀଙ୍କ ତତ୍ୱାବଧାନରେ ଏହା ବଣ୍ଟନ କରାଯିବାର ନିୟମ ଥିଲେ ମଧ ଏଠାରେ ଏହାକୁ ଅନୁସରଣ କରାନଯାଇ କିଛି କୁଜିନେତା ଓ ଅଫିସଙ୍କ ପାଖରେ ଚାମାଗିରି କରୁଥିବା ବ୍ୟକ୍ତି ବିଶେଷ ମନଇଚ୍ଛା ଲାଭ ଉଠାଉଛନ୍ତି। ଏମାନେ କିଛି ହାତ ଗଣତି ଚାଷୀଙ୍କୁ ବିହନ ପୁଡିଆ ଦେଇ ଆଉ ସବୁ ଦୋକାନରେ ବିକ୍ରି କରି ଦେଉଥିବା କୁହାଯାଉଛି। ଏ ନେଇ ଚାଷୀ ମାନଙ୍କ ମଧରେ ତୀବ୍ର ଅଶୋନ୍ତସ ଦେଖାଦେଇଛି।

ଅଭିଯୋଗ ସମ୍ପର୍କରେ ଉଦ୍ୟାନ ଅଧିକାରୀଙ୍କର ପ୍ରତିକ୍ରିୟା ମିଳିପାରିନାହିଁ। ବିଭାଗୀୟ ଉଚ୍ଚ ଅଧିକାରୀ ଏହି ବିହନ ଦୁର୍ନୀତିର ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

**କାମ କରି ଟଙ୍କା ପାଇଲେନି ଠିକାଦାର**

# ଲୋକ ଅଦାଲତଙ୍କ ଦ୍ୱାରସ୍ଥ




ବୋରିଗୁମ୍ମା, ୧୩।୧୧ (ସଂଚାର ବ୍ୟୁରୋ): ବୋରିଗୁମ୍ମା ସହର ନିକଟରେ ଜୁରାସିକ ପାର୍କରେ ବୋରିଗୁମ୍ମା ସହରର ମାନସ ରଥ ନାମକ ଜଣେ ଯୁବ ଠିକାଦାର କାମ କରି ଟଙ୍କା ପାଇ ନଥିବା ନେଇ ଜୟପୁର ସ୍ଥିତ ସ୍ଥାୟୀ ଲୋକ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ଯୁବ ଠିକାଦାର ମାନସ ରଥ ବରିଷ୍ଠ ଆଇନଜୀବୀ ଲାଲୁ ଷଡଙ୍ଗୀଙ୍କ ଜରିଆରେ ଜୟପୁର ସ୍ଥିତ ସ୍ଥାୟୀ ଲୋକ ଅଦାଲତରେ ଲିଖିତ ଭାବେ ଆବେଦନ କରିଛନ୍ତି।

ଯୁବ ଠିକାଦାର ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ ବୋରିଗୁମ୍ମା ଭୈରବ ଡିଗ୍ରୀ ମହାବିଦ୍ୟାଳୟ ସାମ୍ନାରେ ବ୍ଲକ ପ୍ରଶାସନ ପକ୍ଷରୁ ଜୁରାସିକ ପାର୍କ ନିର୍ମାଣ କରାଯାଇଛି। ସେହି ଜୁରାସିକ ପାର୍କରେ ଗତ ୨୦୨୨ ମସିହା ଡିସେମ୍ବର ମାସରେ ସେ ଏକ ଗୃହ ନିର୍ମାଣ କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ବ୍ଲକ ପ୍ରଶାସନ ପକ୍ଷରୁ ଘର ନିର୍ମାଣ ବିଲ ବାବଦକୁ ଟଙ୍କାଟିଏ ପାଇଲେ ନାହିଁ। ସମୁଦ୍ର ପତନ ଠାରୁ ଉଚ୍ଚରେ ଥିବା ଉକ୍ତ ପ୍ରକଳ୍ପରେ ବହୁ କଷ୍ଟରେ ଘରଟିଏ ନିର୍ମାଣ କଲେ। ସେହି ସମୟରେ ବ୍ଲକ ପ୍ରଶାସନ ପକ୍ଷରୁ କନିଷ୍ଠ ଯନ୍ତ୍ରୀ ପ୍ରୀତିମୟୀ ପାଣିଗ୍ରାହୀ ଜୁରାସିକ ପାର୍କ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ପ୍ରୀତିମୟୀ ପାଣିଗ୍ରାହୀ ଯୁବ ଠିକାଦାରଙ୍କୁ ଜୁରାସିକ ପାର୍କର ସୌନ୍ଦର୍ଯ୍ୟ କରଣ, ପାଇଖାନା ନିର୍ମାଣ ଓ ସ୍ୱଚ୍ଛତା କାମ କରିବା ପାଇଁ କହିଥିଲେ। ତେବେ ବ୍ଲକ ପ୍ରଶାସନର ମନୋମୁଖୀ ଯୋଗୁଁ ଠିକାଦାର ଟଙ୍କା ପାଇଁ ନ ଥିବା ଅଭିଯୋଗ କରିଛନ୍ତି।

# ବଳାତ୍କାରୀକୁ ୨୦ ବର୍ଷ ଜେଲ୍

ବ୍ରହ୍ମପୁର, ୧୩।୧୧ (ସଂଚାର ବ୍ୟୁରୋ): ଫାଷ୍ଟଟ୍ରାକ ପୋକସ ଜଜ ରୋହିତ ଲାଲ ପଣ୍ଡା ଗୁରୁବାର ବଡବଜାର ଥାନା ଅନ୍ତର୍ଗତ ଧାନମେରା ସାହିର ସାବନ କୁମାର ନାୟକ(୩୦)ଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଟଙ୍କା ନଦେଲେ ଅଧିକ ୬ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ପିଡ଼ିତାଙ୍କୁ ୪ ଲକ୍ଷ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ ନିର୍ଦ୍ଦେଶ ଦେଇଥିଛନ୍ତି। ଘଟଣାରୁ ପ୍ରକାଶ ଯେ, ତାମିଲନାଡୁର କୋଏମ୍ବଟୋରରେ ଦିଗପହଣ୍ଡି ଅଞ୍ଚଳର ଏକ ପରିବାର ଇଟା କାରଖାନାରେ କାମ କରୁଥିବା ବେଳେ ସେଠାରେ ଉପରୋକ୍ତ ଅଭିଯୁକ୍ତ ମଧ କାମ କରୁଥିଲା। ୨୦୨୨ ଡ଼ିସେମ୍ବର ୧୬ ତାରିଖରେ ଉକ୍ତ ନାବାଳିକାକୁ ଉକ୍ତ ଯୁବକ ନେଇଯାଇଥିଲେ। ସେଠାରେ ଦୁଇମାସ ଧରି ନାବାଳିକା ଜଣକ ମାନସିକ ଓ ଶାରୀରିକ ନିର୍ଯାତନାର ଶିକାର ହୋଇଥିଲେ। ଶେଷରେ ଜଣେ ବଦାନ୍ୟ ଲୋକଙ୍କ ସହାୟତରେ ସେ ଗାଁକୁ ଫେରି ଏନେଇ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୨/୨୩ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ତାମିଲନାଡୁରୁ ଗିରଫ କରି ବ୍ରହ୍ମପୁର ଆଣି କୋର୍ଟ ଚାଲାଣ କରିଥିଲା।

# ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ପଦଯାତ୍ରା



ବାଲିଅନ୍ତା, ୧୩।୧୧ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଅଞ୍ଚଳରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଏକ ସାମୂହିକ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ସ୍ଥାନୀୟ ବ୍ଲକ ,ପ୍ରଶାସନ ମିଳିତ ସହଯୋଗରେ ପୂର୍ବାହ୍ନରେ ଜୟଦେବପୀଠ ନିକଟସ୍ଥ ଖେଳପଡ଼ିଆରୁ ପଦଯାତ୍ରା ବାହାରିଥିଲା। ପଦଯାତ୍ରା ଆପଟସାହି ଛକ ଦେଇ ପ୍ରତାପରୁଦ୍ରପୁର ଜୟଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ କରାଯାଇଥିଲା। ଏନେଇ ପଦଯାତ୍ରାରେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, କ୍ଷୀରୋଦ ଚନ୍ଦ୍ର ପଣ୍ଡା, ଉପ ଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, ବାଲିଅନ୍ତା ବିଡିଓ ରଶ୍ମିତା ନାଥ, ଜୟଦେବ ସରପଞ୍ଚ ପୂର୍ଣ୍ଣ ଚନ୍ଦ୍ର ଭୋଇ, ସମିତି ସଭ୍ୟ ଭାବଗ୍ରାହୀ ଗୋଛାୟତ, ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ,ଜିଲ୍ଲା ସଂଯୋଜକ ସଞ୍ଜୟ ତ୍ରିପାଠୀ, ବ୍ରହ୍ମାନନ୍ଦ ସ୍ୱାଇଁ , ସାଂସଦଙ୍କ ପ୍ରତିନିଧି ବିଜୟ ମହାରଣା, ଭିଙ୍ଗାରପୁର ମଣ୍ଡଳ ସଭାପତି ସୋମ୍ୟରଞ୍ଜନ ଦାଶ, ବାଲିପାଟଣା ମଣ୍ଡଳ ସଭାପତି ଗିରିଶ୍ ପ୍ରଧାନ ପ୍ରମୁଖ ପଦଯାତ୍ରାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ଉଭୟ ସ୍ଥାନରେ ଭକ୍ତି ସଙ୍ଗୀତ ,ଓଡ଼ିଶୀ , ଦେଶାତ୍ମବୋଧକ ସଙ୍ଗୀତ ଏବଂ ଅନ୍ୟାନ୍ୟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣେ ହୋଇଥିଲା। ଏନେଇ ଅତିଥି ମାନେ ବିଶ୍ୱ କବି ଜୟଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଖେଳପଡ଼ିଆରେ ଆୟୋଜିତ ସଭାରେ ଉପରୋକ୍ତ ଅତିଥିବୃନ୍ଦ ଲୌହମାନବଙ୍କର ବହୁମୁଖୀ ପ୍ରତିଭା ସଂପର୍କରେ ସ୍ମୃତିଚାରଣ କରିଥିଲେ।

# ବଢୁଛନ୍ତି ଶିଶୁ ଶ୍ରମିକ, ପ୍ରଶାସନ ନୀରବ

ଆନନ୍ଦପୁର, ୧୩।୧୧ (ସଂଚାର ବ୍ୟୁରୋ): ଆନନ୍ଦପୁର ଉପଖଣ୍ଡରେ ବଢୁଛି ଶିଶୁ ଶ୍ରମିକ। କମ୍ ପଇସା ଦେଇ କାମ ହାସଲ କରୁଛନ୍ତି କିଛି ଅସାଧୁ ବ୍ୟକ୍ତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ହେଉଛି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏହି ଉପଖଣ୍ଡରେ ଅନେକ ଆଦିବାସୀ ଲୋକ ବସବାସ କରନ୍ତି। କିଛି ବ୍ୟକ୍ତି ନିଜର କାମ ହାସଲ ପାଇଁ ଶିଶୁ ମାନଙ୍କୁ ଶ୍ରମିକ କରି କମ୍ ମୂଲ ମଜୁରୀ ଦେଇ ତାକୁ କାର୍ଯ୍ୟ ବ୍ୟବହାର କରିଥାନ୍ତି। ଶିଶୁ ଶ୍ରମିକ ମୁକ୍ତ ବୋଲି ପ୍ରତି ବର୍ଷ କାର୍ଯ୍ୟକ୍ରମ ମାଧମରେ ରାଜ୍ୟ ସରକାର କହନ୍ତି। ଏବେ ଶିଶୁ ଶ୍ରମିକ ମୁକ୍ତ ପ୍ରହସନ ବୋଲି ଆନନ୍ଦପୁର ଉପଖଣ୍ଡ ରେ ଆଲୋଚନା ହେଉଛି।



ରାଜ୍ୟ ସରକାର କେବଳ ଶିଶୁ ଶ୍ରମିକ ମୁକ୍ତ ବୋଲି କୁହନ୍ତି ନାହିଁ କିଛି ଏନଜିଓ ସଂସ୍ଥା ମଧ ଗାଁ ଗାଁରେ ବୁଲି ଶିଶୁ ଶ୍ରମିକ ମୁକ୍ତ ବୋଲି ଡୁଙ୍ଗୁରା ପିଟୁଛନ୍ତି। ହେଲେ ତାହା ବାସ୍ତବରେ ସମ୍ପୂର୍ଣ୍ଣ ଅଲଗା। କିଛି ଅସାମାଜିକ ବ୍ୟକ୍ତିମାନେ ନାବାଳକ ନାବାଳିକା ମାନଙ୍କୁ ଟଙ୍କା ଲୋଭ ଦେଖାଇ ଇଟା ଭାଟି, ହୋଟେଲ, ରେଷ୍ଟୁରାଣ୍ଟ, ଜଳଖିଆ ଦୋକାନ, ଚିକେନ୍ ଦୋକାନ, ଏବଂ ରାଜ ମିସ୍ତ୍ରୀଙ୍କ ସହ ବାଲି ସିମେଣ୍ଟ କାମ ରେ ଲଗାନ୍ତି। ଆଉ କିଛି ନାବାଳକ ଙ୍କୁ ଗାଈ ଗୋରୁ ଛେଳି ଚରାଇବାକୁ କହନ୍ତି। ତେବେ ଆଉ କିଛି ନାବାଳକ ନାବାଳିକା ନିଜ ଘରର ଅଭାବ ଅନାଟନ ଯୋଗୁଁ ପରିସ୍ଥିତିରେ ପଡ଼ି ଘରୁ

**ସରକାରଙ୍କ ଶିଶୁ ଶ୍ରମିକ ମୁକ୍ତ ପ୍ରହସନ**

ଗୋଡ଼ କାଢିବାକୁ ବାଧ ହେଉଛନ୍ତି। ଏହି କାରଣରୁ ଉପଖଣ୍ଡରେ ଏବେ ଶିଶୁ ଶ୍ରମିକ ବୃଦ୍ଧି ପାଇବାରେ ଲାଗିଛନ୍ତି। ଏହି ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଶିଶୁ ଶ୍ରମିକ ମାନଙ୍କୁ ଶିକ୍ଷା ସ୍ରୋତ ରେ ସାମିଲ୍ କରିବାକୁ ଦାବି ହୋଇଛି। ଏବଂ ଶିଶୁ ମାନଙ୍କୁ ଯେଉଁ ମାନେ ଶ୍ରମିକ କରି ନିଜ ର ଫାଇଦା ଉଠାଉଛନ୍ତି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲେଶ୍ୱର ଜିଲ୍ଲା ନୀଳଗିରିରେ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ପୁଲିସ ପଡ଼ିଆ ଠାରେ ଆୟୋଜିତ ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱର ଜିଲ୍ଲାର ଭୂମିକା ଏବଂ ସର୍ଦ୍ଦାର ପଟେଲଙ୍କ ଜୀବନୀ ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି।

# ଏଜି ଛକରୁ ହଟିବ ଟ୍ରାଫିକ ପୋଷ୍ଟ

- ତିଆରି ହେବ ଦୁଇ ଥାକିଆ ରାସ୍ତା
- ରାଜଧାନୀର ଭିଡ଼ ନିୟନ୍ତ୍ରଣ ପାଇଁ ୨୦ ପ୍ରକଳ୍ପ
- ଏଣିକି ପେପରଲେସ୍ ହେବ ପୂର୍ତ୍ତ ବିଭାଗ

**ଭୁବନେଶ୍ୱର,୧୩।୧୧ (ସଂଚାର ବ୍ୟୁରୋ):** ରାଜଧାନୀର ସବୁଠାରୁ ବ୍ୟସ୍ତବହୁଳ ଓ ସ୍ପର୍ଶକାତର ଏଜି ଛକରୁ ହଟିବ ଟ୍ରାଫିକ ପୋଷ୍ଟ। ଟ୍ରାଫିକ ପୋଷ୍ଟ ହଟେଇ ସେଠାରେ ଦୁଇ ଥାକିଆ ରାସ୍ତା ତିଆରି ହେବ। ମାଟି ତଳେ ଓ ମାଟି ଉପରେ ଦୁଇ ଥାକିଆ ରାସ୍ତା ନିର୍ମାଣ କରାଯିବ। ଏନେଇ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହୋଇଛି। ଚୂଡ଼ାନ୍ତ ଅନୁମୋଦନ ପରେ କାମ ଆରମ୍ଭ ହେବ। ଆଜି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏଜି ଛକର ଏହି ଦୁଇ ଥାକିଆ ରାସ୍ତା ପ୍ରକଳ୍ପର ସମୀକ୍ଷା କରିବା ସହ ଭୁବନେଶ୍ୱରରେ ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରସ୍ତାବିତ ୨୦ଟି ରାସ୍ତା କାମର ଅଗ୍ରଗତି ନେଇ ଆଲୋଚନା କରିଛନ୍ତି। ଭୁବନେଶ୍ୱର ସହରର ଭିଡ଼ ନିୟନ୍ତ୍ରଣ ପାଇଁ ଜୟଦେବ ବିହାରଠାରୁ ନନ୍ଦନକାନନରେ ରାସ୍ତାର ପ୍ରଶସ୍ତିକରଣ ଓ ଉଭୟ ପଟରେ ସମାନ୍ତରାଳ ରାସ୍ତା ନିର୍ମାଣ ଏବଂ ସଂଯୋଗୀକରଣ ରାସ୍ତା, ଏମସ୍‌କୁ ଯାଇଥିବା ରାସ୍ତାର ଉନ୍ନତି ଓ ପ୍ରଶସ୍ତିକରଣ, ଖଣ୍ଡଗିରି-ଜାଗମରା ଏଲିଭେଟେଡ୍ ରାସ୍ତା ଏବଂ କଳ୍ପନା ଛକରେ ଆଧୁନିକ ଏଲିଭେଟେଡ୍ ରାସ୍ତା ନିର୍ମାଣ କରିବାକୁ ଯୋଜନା କରିଛନ୍ତି ରାଜ୍ୟ ସରକାର। ରାଜଧାନୀର ଟ୍ରାଫିକ ସମସ୍ୟା ଦୂର କରିବାକୁ ନୂଆ ୨୦ଟି ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ଯୋଜନା କରିଛି। ମୁଖ୍ୟ ରାସ୍ତାଗୁଡିକ ସହ ସମାନ୍ତରାଳ ରାସ୍ତାର ବିକାଶ ପାଇଁ ଯୋଜନା କରାଯାଇଛି। ଏହିସବୁ କାର୍ଯ୍ୟ କିଭଳି ଶୀଘ୍ର ଆରମ୍ଭ ହେବ ଏବଂ ନିର୍ଦ୍ଧାରିତ ସମୟରେ ସରିବ ସେନେଇ ଆଜିର ସମୀକ୍ଷା ବୈଠକରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟରେ ଥିବା ବିଭିନ୍ନ ଜାତୀୟ ରାଜପଥ ସହିତ ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ଡିଭିଜନ୍ ସ୍ତରରେ ବିଭିନ୍ନ ସରକାରୀ ବିଧି ବ୍ୟବସ୍ଥାକୁ ତ୍ୱରିତ କରିବା ପାଇଁ ସମସ୍ତ କାର୍ଯ୍ୟ ଓସ୍ୱାସ୍ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଜରିଆରେ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।



ଏଜି ଛକ



କଳ୍ପନା ଛକ

ବରଗଡ଼ ମୁକ୍ତାକାଶ ଧନୁଯାତ୍ରା

# ସରିଲା କଳାକାରଙ୍କ ଆବେଦନର ଯାଞ୍ଚ

**ବାଦ୍ ପଡ଼ିଲେ ହୃଷୀକେଶ ଓ ଆର୍ତ୍ତତ୍ରାଣ**

**ବରଗଡ଼,୧୩।୧୧(ସଂଚାର ବ୍ୟୁରୋ):** ସରିଲା କଂସ ଭୂମିକା ସମେତ ବିଭିନ୍ନ କଳାକାର ମାନଙ୍କ ଆବେଦନର ଯାଞ୍ଚ ପ୍ରକ୍ରିୟା। ବିଶ୍ୱର ସର୍ବବୃହତ ଖୋଲା ରଙ୍ଗମଞ୍ଚ ଭାବେ ପରିଚିତ ବରଗଡ଼ ଧନୁଯାତ୍ରା ମହୋତ୍ସବ ପାଇଁ ଆବେଦନ କରିଥିବା କଳାକାର ମାନଙ୍କ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଆସନ୍ତା ୧୫, ୧୬ ଏବଂ ୧୭ ତାରିଖ ତିନି ଦିନ ଧରି ଚାଲିବ କଳାକାରଙ୍କ ଅଡିସନ ବା ଚୟନ ପ୍ରକ୍ରିୟା। ଯାହାକୁ ନେଇ କଳାକାରମାନଙ୍କ ମଧ୍ୟରେ ଉତ୍ସାହର ମାହୋଲ। ଏହି ଧନୁଯାତ୍ରା ମହୋତ୍ସବରେ ଅଭିନୟ କରିବା ପାଇଁ କଳାକାରମାନେ ଚଲାଇଛନ୍ତି ନିଜ ନିଜର ପ୍ରସ୍ତୁତି। ଗୋପାଳ ପଣ୍ଡା, ସୁଶୀଲ ମେହେର, ଜଗଦାନନ୍ଦ ମିଶ୍ର, ଗୋଲାପ ଦାଶ, ମନୋରଞ୍ଜନ ଚିରଗୁଣ ଭଳି ୨୯୧ ଜଣ କଳାକାର ଚୟନ ବା ଅଡିସନ ପାଇଁ ମନୋନୀତ ହୋଇଛନ୍ତି।

ଆସନ୍ତା ୨୪ ଡ଼ିସେମ୍ବରରୁ ୩ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ୧୧ ଦିନ ଧରି ଚାଲିବ ବିଶ୍ୱ ପ୍ରସିଦ୍ଧ ବରଗଡ ଧନୁଯାତ୍ରା ମହୋତ୍ସବ। ଚଳିତ ବର୍ଷ ଧନୁଯାତ୍ରା ମହୋତ୍ସବ ପାଇଁ କଂସ ଭୂମିକାରେ ୪୪ ଜଣ, ଦେବକୀ, ବସୁଦେବ, ନାରଦ, ଚାଣୁର, ମୁଷ୍ଟିକ, ସାତ୍ତ୍ୱିକ, ଅକ୍ରୁର ଏବଂ ଉଗ୍ରସେନ ଭୂମିକା ପାଇଁ ୧୪୦ ଜଣ, ମହାମନ୍ତ୍ରୀ ଓ ସେନାପତି ପାଇଁ ୧୦୭ ଜଣ କଳାକାର ଅଡିସନରେ ଭାଗ ନେବେ। ପଶ୍ଚିମ ଓଡ଼ିଶାର ଜଣାଶୁଣା ଓ ଅଭିଜ୍ଞ କଳାକାରଭାବେ ପରିଚିତ ୫ ଜଣ ବ୍ୟକ୍ତି ବିଚାରକ ଭାବେ ଦାୟିତ୍ୱ ତୁଲାଇବେ।

ବିବାଦୀୟ ହୋଇଥିବା କଳାକାର ହୃଷୀକେଶ ଭୋଇ ନିଜ ସରକାରୀ ଚାକିରିରୁ ଦୋଷମୁକ୍ତ ହୋଇ ନ ଥିବାରୁ ଯାଞ୍ଚ ପ୍ରକ୍ରିୟାରୁ ବାଦ୍ ପଡିଛନ୍ତି। ସେହିପରି ୬୦ ବର୍ଷରୁ ଅଧିକ ବର୍ଷ ହେଉଥିବା କାରଣରୁ କଳାକାର ଆର୍ତ୍ତତ୍ରାଣ ସୁନାନୀ ଯାଞ୍ଚ ପ୍ରକ୍ରିୟାରୁ ବାଦ ପଡିଛନ୍ତି।



# ବାଲିଯାତ୍ରା ଭିଡ଼ରେ ୨ ଅଚେତ

**ପୁଣି ଚାଲିଲା ରାମ ଦୋଳି**

**କଟକ,୧୩।୧୧(ସଂଚାର ବ୍ୟୁରୋ):** ବିଶ୍ୱପ୍ରସିଦ୍ଧ କଟକ ବାଲିଯାତ୍ରାର ଶେଷ ଦିନରେ ଆଜି ଅସମ୍ଭବ ଭିଡ଼ ଦେଖିବାକୁ ମିଳିଛି। ବିଶେଷକରି ବଲିଉଡ୍ ସିଙ୍ଗର ଶ୍ରେୟା ଘୋଷାଲଙ୍କ କାର୍ଯ୍ୟକ୍ରମ ଥିବାରୁ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ପ୍ରବଳ ଠେଲାପେଲା ଯୋଗୁଁ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଥିଲା। ପ୍ରବଳ ଭିଡ଼ରେ ୨ ଜଣ ଅଚେତ ହୋଇପଡ଼ିଥିବା ଜଣାପଡ଼ିଛି। ସ୍ଥିତି ନିୟନ୍ତ୍ରଣ ଲାଗି ଅତିରିକ୍ତ ସିପି ଘଟଣାସ୍ଥଳକୁ ଯାଇଥିବା ବେଳେ ଆମ୍ବୁଲାନ୍ସ ଯୋଗେ ଦୁଇ ଅଚେତଙ୍କୁ ହସ୍ପିଟାଲ ନିଆଯାଇଥିଲା। ପ୍ରକାଶଥାଉ କି, ଗତକାଲି ରାମଦୋଳି ପ୍ରାୟ ୩୦ ଫୁଟ ଉଚ୍ଚରେ ଅଟକି ରହିବାରୁ ପ୍ରାୟ ୧୦ ଜଣ ଲୋକ ଘଣ୍ଟାଏ କାଳ ଅଟକି ରହିଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀ ଓ ପୁଲିସ ଉପସ୍ଥିତିରେ ପରିସ୍ଥିତିକୁ କାବୁ କରାଯାଇଥିଲା। ଏହି ଦୋଳି ଆଉ ଚାଲିବିନି ବୋଲି କୁହାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସନ୍ଦେଶ ଦିଆଯାଇଥିଲା। ହେଲେ ଶେଷ ଦିନରେ ବି ସେଇ ଦୋଳି ଚାଲିଥିଲା। ଖାଲି ସେତିକି ନୁହେଁ ଏତେ ପୁଲିସ ନିୟୁକ୍ତି ସତ୍ତ୍ୱେ ଦର୍ଶକମାନେ ନାନା ଅସୁବିଧା ଭୋଗ କରିଥିଲେ। ଗାଡ଼ି ଷ୍ଟାଣ୍ଡରେ ଲୋକଙ୍କଠାରୁ ଅଧିକ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ମିଳିଛି। ବାଲିଯାତ୍ରା ପଡ଼ିଆର ଏଣେତେଣେ ଆବର୍ଜନା ଭରି ରହିଥିଲା। ଖାଦ୍ୟର ମାନ ନିର୍ଦ୍ଧାରଣ କରାଯାଉ ନଥିଲା। ଯେମିତି ଲାଗୁଥିବା ସବୁ ବିଭାଗ ସ୍ଥାଣୁ ପାଲଟି ଯାଇଛନ୍ତି। ବିଶ୍ୱପ୍ରସିଦ୍ଧ ବାଲିଯାତ୍ରାରେ ଏଭଳି ଅଘଟଣକୁ ବୁଦ୍ଧିଜୀବୀମାନେ ନାପସନ୍ଦ କରିଛନ୍ତି। ଏହା ଦ୍ୱାରା କଟକ ତଥା ଓଡ଼ିଶାର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଛି। ଭିଡ଼ କମାଇବା ବା ଟ୍ରାଫିକ ବ୍ୟବସ୍ଥାକୁ ଅଧିକ ନିୟନ୍ତ୍ରଣ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇ ନଥିବା ଭଳି ମନେ ହେଉଛି। ପ୍ରଶାସନ ଏବେଠାରୁ ଏନେଇ ସତର୍କ ହେବାର ଆବଶ୍ୟକତା ରହିଥିବା ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

● ଶୀତରେ ଥରୁଛି ଓଡ଼ିଶାର କଶ୍ମୀର

# ଦାରିଙ୍ଗବାଡ଼ିରେ ୭.୫ ଡିଗ୍ରୀ

**ଦାରିଙ୍ଗବାଡ଼ି/ଜି. ଉଦୟଗିରି,୧୩।୧୧(ସଂଚାର ବ୍ୟୁରୋ):** ଓଡ଼ିଶାର କଶ୍ମୀର 'ଦାରିଙ୍ଗବାଡ଼ି'ରେ କ୍ରମାଗତ ଭାବେ ତାପମାତ୍ରା ହ୍ରାସ ପାଉଥିବା ଦେଖିବାକୁ ମିଳିଛି। ଏହା ଫଳରେ ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଥଣ୍ଡା ବୃଦ୍ଧି ପାଇଛି। ବ୍ଲକ ତାପମାତ୍ରା ସୂଚନା କେନ୍ଦ୍ରରୁ ପ୍ରକାଶ ୬ ତାରିଖରେ ୧୫ ଡିଗ୍ରି ସେଲସିୟସ ଥିବା ବେଳେ ୭ଦିନରେ ଆଜି ୭.୫ ଡିଗ୍ରି ସେଲସିୟସ ହ୍ରାସ ପାଇଛି। ଦାରିଙ୍ଗବାଡ଼ି ବ୍ଲକର ଅଭ୍ୟାନ୍ତରଣ ଅଞ୍ଚଳରେ ତାପମାତ୍ରା ଆହୁରି ତଳକୁ ଖସି ଥଣ୍ଡା ଓ ଶୀତ ବୃଦ୍ଧି ପାଇ ଲୋକଙ୍କୁ କଲବଲ କରିଛି। ଥଣ୍ଡା ଓ ଶୀତରୁ ରକ୍ଷା ପାଇବା ପାଇଁ ଲୋକମାନେ ରାସ୍ତାଘାଟ, ଗାଁ ସାହି ଓ ଘରେ ଘରେ ନିଆଁ ଜାଳି ବାସି ରହୁଥିବା ସହ ଶୀତ ବସ୍ତ୍ର ପରିଧାନ କରୁଥିବା ଦେଖିବାକୁ ମିଳୁଛି। ହେଲେ ଏହାର ମଜା ନେବା ପାଇଁ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। ଚା' ଦୋକାନରେ ସକାଳ ଓ ସନ୍ଧ୍ୟାରେ ଭିଡ଼ ଜମୁଛି। ସନ୍ଧ୍ୟା ଅଧିକ ହେଲେ ଦୋକାନ ବଜାର ଖାଁ ଖାଁ ହେଉଥିବା ଦେଖିବାକୁ ମିଳୁଛି। ଆଜି ଘୁ.ଉଦୟଗିରିରେ ତାପମାତ୍ରା ୭.୬ଡିଗ୍ରିରେ ପହଞ୍ଚିଥିବା ବେଳେ ଗ୍ରାମାଞ୍ଚଳରେ ୬ ଡିଗ୍ରୀକୁ ଖସିଆସିଛି। ହଠାତ ତାପମାତ୍ରା ଖସିବା ଯୋଗୁଁ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। କହିବାକୁ ଗଲେ ହାଡ଼ଭଙ୍ଗା ଶୀତ ଅନୁଭବ ହେଉଛି। ଜାଡ଼ରେ ଥରୁଛି ପୂରା ଅଞ୍ଚଳ।

# ୮ ଲକ୍ଷ ଘୋଟାଲାରେ ପାକ୍ସର ପୂର୍ବତନ ମୁଖ୍ୟ ଗିରଫ



**କଟକ,୧୩।୧୧(ସଂଚାର ବ୍ୟୁରୋ) :** ୮ ଲକ୍ଷ ୩୪ ହଜାର ଟଙ୍କା ଘୋଟାଲାରେ ପାକ୍ସର ପୂର୍ବତନ ମୁଖ୍ୟ ଗିରଫ ହୋଇଛନ୍ତି। ଏହି ଗିରଫ କରିଛି ଓଡିଶା ଭିଜିଲାନ୍ସ। ବଲାଙ୍ଗୀର ପାଟଣାଗଡ଼ ପଣ୍ଡାମୁଣ୍ଡା ପାକ୍ସର ପୂର୍ବତନ ସମ୍ପାଦକ କୁଶଧ୍ୱଜ ସାହୁ। ପ୍ରାଥମିକ କୃଷି କୋଅପରେଟିଭ ସୋସାଇଟିରେ ଆର୍ଥିକ ଅନିୟମିତତା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ତଦନ୍ତ ପରେ ୮ ଲକ୍ଷ ୩୪ ହଜାର ୪୮୯ ଟଙ୍କାର ଅର୍ଥ ହେରଫେର ଜଣାପଡିଥିଲା। ୨୦୧୭-୧୮ ଓ ୨୦୧୮-୧୯ ଆର୍ଥିକ ବର୍ଷରେ ହୋଇଥିଲା ଅର୍ଥ ହେରଫେର। ଅର୍ଥ ହେରଫେର ଜାଣିବା ପରେ ଭିଜିଲାନ୍ସ ସମ୍ବଲପୁରରେ ହୋଇଥିଲା ଏକ ମାମଲା। ଆଜି ଗିରଫ ହୋଇ ବଲାଙ୍ଗୀର ଭିଜିଲାନ୍ସ କୋର୍ଟକୁ ଚାଲାଣ ହୋଇଛନ୍ତି ଅଭିଯୁକ୍ତ। ଏନେଇ ପଚରାଉଚରା କରାଯିବ ବୋଲି ଜଣାପଡ଼ିଛି।

## ଭିଜିଲାନ୍ସ ଜାଲରେ ଆରଡବ୍ଲ୍ୟୁଏସ୍ଏସ୍ କିରାଣି

**କଳାହାଣ୍ଡି,୧୩।୧୧(ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଣେ ଆରଡବ୍ଲ୍ୟୁଏସ୍ଏସ୍ କିରାଣି। କଳାହାଣ୍ଡି ଗ୍ରାମ୍ୟ ଜଳଯୋଗାଣ ବିଭାଗର ବରିଷ୍ଠ କିରାଣି ଭେଙ୍କଟଗିରି ରାଓଙ୍କୁ ମାଡିବସିଲା ଭିଜିଲାନ୍ସ। ପେନସନ ଓ ଗ୍ରାଚୁଟି କାଗଜପତ୍ର କରାଇଦେବା ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଲେ। ଗ୍ରାମ୍ୟ ଜଳଯୋଗାଣ ବିଭାଗର ଅବସରପ୍ରାପ୍ତ ଫିଟର ମିସ୍ତ୍ରୀ ତ୍ରିଲୋଚନଙ୍କ ଶବରଙ୍କଠାରୁ ସେ ଏହି ଲାଞ୍ଚ ନେଉଥିଲେ। ପୂର୍ବ କଥାବାର୍ତ୍ତା ଅନୁଯାୟୀ ଭେଙ୍କଟଗିରି ରାଓ ନଜ ସରକାରୀ ବାସଭବନରେ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଅଧିକାରୀଙ୍କୁ ଦେଖି ଝରକା ବାହାରକୁ ଟଙ୍କା ଫିଙ୍ଗି ଦେଇଥିଲେ ଭେଙ୍କଟ ଗିରି ରାଓ। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ଓଲଟି ପଡ଼ିଲା କାର୍, ଶ୍ୱାସରୁଦ୍ଧ ହୋଇ ୨ ମୃତ



**ଗଞ୍ଜାମ,୧୩।୧୧(ସଂଚାର ବ୍ୟୁରୋ) :** କାର ଓଲଟିପଡ଼ିବାରୁ ୨ ଜଣଙ୍କ ମୃତ୍ୟୁ ହୋଇଛି। ଘଟଣାରୁ ପ୍ରକାଶ ଯେ, ଇଟାଭାଟି ଅନୁକୂଳ ହେଲା। ସେହି ଖୁସିରେ ଭାଟିରେ ଛୋଟିଆ ଭୋଜିର ବ୍ୟବସ୍ଥା ହୋଇଥିଲା। ମନ ଖୁସିରେ ପେଟଭରି ଖାଇସାରି ଇଟାଭାଟିରୁ ଗୋଟିଏ ଚଲା ରାସ୍ତା ଦେଇ ଗଙ୍ଗାପୁର ଗାଁ ଆଡ଼କୁ କାରରେ ଆସୁଥିଲେ। ସେତେବେଳକୁ ରାତି ପ୍ରାୟ ୧୧ ରୁ ୧୨ଟା ହେବ। ସେହି କାରରେ ୪ ଜଣ ବସିଥିଲେ। କିନ୍ତୁ ସେମାନେ ଜାଣିନଥିଲେ ତାଙ୍କ ସହ ଏତେ ବଡ଼ ଅଘଟଣ ଘଟିଯିବ ବୋଲି। ସେହି ସଂକୀର୍ଣ୍ଣ ରାସ୍ତାରେ କାର୍ ଟି ହଠାତ୍ ରାସ୍ତା ପାର୍ଶ୍ୱରେ ଥିବା ଛୋଟିଆ ଜଳାଶୟ ଭିତରକୁ ଖସିପଡି ଓଲଟି ପଡ଼ିଲା। କାର ଓଲଟିପଡ଼ିବାରୁ ୪ ଜଣ କାର୍ ଭିତରେ ଚାପି ହୋଇ ଶ୍ୱାସରୁଦ୍ଧ ହୋଇ ପଡିଲେ। ସେହି ରାସ୍ତାରେ ପଛରୁ ଆସୁଥିବା ଜଣେ ବାଇକ୍ ଚାଳକ ସେମାନଙ୍କୁ ଉଦ୍ଧାର କରିଥିଲେ। କିଛି ଦୂରରେ ଥିବା ଲୋକେ ଦେଖି ସେମାନେ ମଧ୍ୟ ପାଣିରେ ପଶି କାର୍ ଭିତରୁ ସମସ୍ତଙ୍କୁ ଉଦ୍ଧାର କରିଥିଲେ। ତେବେ ସେଥିରୁ ଦୁଇଜଣ ସୁରକ୍ଷିତ ଭାବେ ଉଧାର ହୋଇଥିବା ବେଳେ ଆଉ ଦୁଇଜଣ ଗୁରୁତର ଥିଲେ। ସେମାନଙ୍କୁ ସଙ୍ଗେ ସଙ୍ଗେ ଆସିକା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କଲେ। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗଙ୍ଗାପୁର ଗାଁ ନିକଟରେ ଘଟିଛି ଏଭଳି ହୃଦୟ ବିଦାରକ ଘଟଣା। ତେବେ ଏହି ମୃତକମାନେ ହେଉଛନ୍ତି ତାଳଚେରରେ ରହୁଥିବା ନୀଳାଞ୍ଚଳ ମହାପାତ୍ର ଏବଂ ଅନ୍ୟଜଣେ କବିସୂର୍ଯ୍ୟନଗର ନିକଟସ୍ଥ ଚିଙ୍ଗୁଡ଼ିଘାଇର ସନ୍ତୋଷ ମହାପାତ୍ର। ଏନେଇ ପୁଲିସ ଦୁର୍ଘଟଣାଗ୍ରସ୍ତ କାର୍ କୁ ଜବତ କରିବା ସହ ଏହି ଘଟଣାର ତଦନ୍ତ ଚଳାଇଛି।

● ଲାଲ ଚନ୍ଦନର ସଂରକ୍ଷଣ ଓ ସୁରକ୍ଷା ଚିନ୍ତା

# ଓଡ଼ିଶାକୁ ୨୯.୪୦ ଲକ୍ଷର ସହାୟତା



**ନୂଆଦିଲ୍ଲୀ,୧୩।୧୧:** ଜାତୀୟ ଜୈବ ବିବିଧତା ପ୍ରାଧିକରଣ (ଏନବିଏ) ଲାଲ ଚନ୍ଦନ ଗଛର ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ଉପଲବ୍ଧତା ଏବଂ ଲାଭ ଆବଣ୍ଟନ (ଏବିଏସ) ବ୍ୟବସ୍ଥା ଅଧୀନରେ ଓଡ଼ିଶା ବନ ବିଭାଗକୁ ୨୯.୪୦ ଲକ୍ଷ ଟଙ୍କା ପ୍ରଦାନ କରିଛି। ଏନବିଏ ଭାରତର ସ୍ଥାନୀୟ ଜୈବିକ ସମ୍ପଦର ଦୀର୍ଘସ୍ଥାୟୀ ବ୍ୟବହାର ଏବଂ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନିରନ୍ତର ପ୍ରୟାସ ସ୍ୱରୂପ ଏହି ପଦକ୍ଷେପ ନେଇଛି।

ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ବନ ବିଭାଗରୁ ସଂଗୃହୀତ ଲାଲ ଚନ୍ଦନ କାଠ ଗଣ୍ଡିରୁ ପ୍ରାପ୍ତ ଲାଭ ବିତରଣ ଅର୍ଥରୁ ଏବିଏସ ପାଣ୍ଠି ସୃଷ୍ଟି କରାଯାଇଥିଲା। ଏହି ଗଛଗୁଡ଼ିକ ଏକ ଶତାବ୍ଦୀରୁ ଅଧିକ ପୁରୁଣା ବୋଲି ବିଶ୍ୱାସ କରାଯାଏ। ତତ୍କାଳୀନ ପାରଳାଖେମୁଣ୍ଡିର ମହାରାଜାଙ୍କ ଦ୍ୱାରା ମୂଳତଃ ବୃକ୍ଷଗୁଡ଼ିକ ରୋପଣ କରାଯାଇଥିଲା। ୨୦୧୮ ବାତ୍ୟା ସମୟରେ ଲାଲ ଚନ୍ଦନ ଗଛ ପ୍ରାକୃତିକ ଭାବେ ଭାଙ୍ଗି ପଡ଼ିଥିଲା। ଏହାପରେ ଓଡ଼ିଶା ବନ୍ୟ ବିକାଶ ନିଗମ ଭାଙ୍ଗିପଡ଼ିଥିବା ଲାଲ ଚନ୍ଦନ କାଠ ନିଲାମ କରିଥିଲା।

ଏନବିଏ ଦ୍ୱାରା ସାରା ଦେଶରେ ଜୈବିକ ସମ୍ପଦର ସଂରକ୍ଷଣ ପ୍ରୟାସକୁ ସମର୍ଥନ କରିବ କରିବା ଲାଗି ଏବିଏସ ବିତରଣର ଏକ ଅଂଶବିଶେଷ ସ୍ୱରୂପ ଏହି ପାଣ୍ଠି ଜାରି କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏନବିଏ ପ୍ରାୟୋଜିତ ଗବେଷଣା ପ୍ରକଳ୍ପ ସମେତ ଲାଲ ଚନ୍ଦନର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଆନ୍ଧ୍ର ପ୍ରଦେଶ ବନ ବିଭାଗ, କର୍ଣ୍ଣାଟକ ବନ ବିଭାଗ ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟ ଜୈବ ବିବିଧତା ବୋର୍ଡକୁ ୫୦ କୋଟି ଟଙ୍କାରୁ ଅଧିକ ପ୍ରଦାନ କରିଛି। ଏହା ସହିତ ଏହା ସହିତ, ଆନ୍ଧ୍ରପ୍ରଦେଶର ୧୯୮ ଜଣ ଚାଷୀଙ୍କୁ ୩ କୋଟି ଏବଂ ତାମିଲନାଡୁର ୧୮ଜଣ ଚାଷୀଙ୍କୁ ୫୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ସଦ୍ୟତମ ଅର୍ଥରାଶି ଜାରି କରିବା ସହିତ ଲାଲ ଚନ୍ଦନର ବ୍ୟବସାୟିକ ଉପଯୋଗରୁ ଉପାର୍ଜିତ ଅର୍ଥରାଶି ପାଇବାରେ ଓଡ଼ିଶା ଚତୁର୍ଥ ରାଜ୍ୟ ହୋଇଛି।

ଆନ୍ଧ୍ରପ୍ରଦେଶରୁ କଇଁଛ ଚାଲାଣ, ମାଲକାନଗିରରେ ବିକ୍ରି

# ୮୫ଟି କଇଁଛ ଜବତ, ୩ ଗିରଫ



**ମାଲକାନଗିରି,୧୩।୧୧(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ମୋଟୁ ଅଞ୍ଚଳରେ ବନ ବିଭାଗ ଓ ରାଜସ୍ୱ ବିଭାଗର ମିଳିତ ଚଢଉରେ ୮୫ଟି କଇଁଛ ଜବତ କରାଯାଇଥିବା ବେଳେ ୩ ଜଣ ଚାଲାଣକାରୀକୁ ଗିରଫ କରାଯାଇଛି। ବନ ବିଭାଗର ସୂଚନା ଅନୁଯାୟୀ ମୋଟୁ ବନ ବିଭାଗ ଓ ରାଜସ୍ୱ ବିଭାଗକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା ଯେ, ଆନ୍ଧ୍ରପ୍ରଦେଶ ପଟରୁ କିଛି କଇଁଛ ବ୍ୟବସାୟୀ ବାଇକ୍‌ରେ କଇଁଛ ଆଣି ଏମପିଭି-୮୧ ଗ୍ରାମରେ ବିକ୍ରି କରିବେ। ବିଶ୍ୱସ୍ତ ସୂଚନା ଆଧାରରେ ବନ ବିଭାଗ ଓ ରାଜସ୍ୱ ବିଭାଗର କର୍ମଚାରୀ ଏକ ଟିମ ଗଠନ କରି ଅନନ୍ତପାଲ୍ଲୀ ଛକ ନିକଟରେ ଦୁଇଟି ବାଇକ୍ ଅଟକାଇ ଯାଞ୍ଚ କରିଥିଲେ। ଏହି ଦୁଇଟି ବାଇକ୍‌ରେ ଜରି ବ୍ୟାଗରେ ୮୫ଟି କଇଁଚ ରହିଥିବା ବନ ବିଭାଗ କର୍ମଚାରୀ ଦେଖିବାକୁ ପାଇଥିଲେ। ତୁରନ୍ତ ସମସ୍ତ କଇଁଛକୁ ଜବତ କରିବା ସହ ଚାଲାଣ କରୁଥିବା ଆସାମୀମାନଙ୍କୁ ଗିରଫ କରାଯାଇଥିଲା। ଆନ୍ଧ୍ରପ୍ରଦେଶ ପଟରୁ ମାଲକାନଗିରିକୁ ଲଗାତାର କଇଁଛ ଚାଲାଣ କରାଯାଉଛି। ମାଲକାନଗିରି ଅଞ୍ଚଳରେ କଇଁଛ ଖାଇବା ଲୋକଙ୍କ ସଂଖ୍ୟା ବଢୁଥିବାରୁ ଏହାର ସୁଯୋଗ ନେଇ ଆନ୍ଧ୍ରରୁ କଇଁଛ ଆମଦାନୀ କରାଯାଉଛି। ୩ ଜଣ ଆସାମୀ ହେଉଛନ୍ତି ଏମପିଭି-୮୧ ଗ୍ରାମର ପ୍ରେମ ଗୋପାଲ ଦାସ(୫୧), ହରଧନ ମଣ୍ଡଳ(୪୦) ଏବଂ ସୁଧାଂଶୁ ପାଲ(୩୯)। ଏମାନଙ୍କ ଠାରୁ ୨ଟି ମଟର ସାଇକେଲ, ଦୁଇଟି ମୋବାଇଲ ଫୋନ ଏବଂ ଗୋଟିଏ ଜରି ବ୍ୟାଗ ସହ ଦୁଇଟି ପ୍ଲାଷ୍ଟିକ ବ୍ୟାଗ ଜବତ କରାଯାଇଛି। ୩ ଜଣ ଆସାମୀକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ନଭେମ୍ବର ୧୬ରୁ ୩୦ ଶୂନ ମୃତାହତ ପକ୍ଷ

- ସଡ଼କ ସୁରକ୍ଷାରେ ରାଜ୍ୟବ୍ୟାପୀ କଡ଼ାକଡ଼ି ଯାଞ୍ଚ
- ଜିଲ୍ଲା ଓ ପୁଲିସ ପ୍ରଶାସନ ସହ ବିଭାଗ ବିଭାଗର ସହଯୋଗ
- ଏନଫୋର୍ସମେଣ୍ଟ ସହ ସଚେତନତା ସୃଷ୍ଟି କରିବେ ଆରଟିଓ
- ଦୁର୍ଘଟଣାଜନିତ ମୃତ୍ୟ ହ୍ରାସ ପାଇଁ ପରିବହନ ବିଭାଗର ପଦକ୍ଷେପ

**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ସଡ଼କ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ନିକଟରେ ଶୂନ ଦୁର୍ଘଟଣା ଦିବସ ପାଳିତ ହୋଇଥିବା ବେଳେ ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ଶୂନ ମୃତାହତ ପକ୍ଷ ପାଳନ ପାଇଁ ନିଷ୍ପତ୍ତି ହୋଇଛି। ଆସନ୍ତା ୧୬ରୁ ୩୦ ତାରିଖ ଯାଏଁ ସାରା ରାଜ୍ୟରେ ଏହା ପାଳନ କରାଯିବାକୁ ଥିବା ବେଳେ ଏଥିରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ସମୟରେ ଚାରିଟି 'ଇ' ଅର୍ଥାତ୍ ଏନଫୋର୍ସମେଣ୍ଟ, ଇଞ୍ଜିନିୟରିଂ, ଏଜୁକେସନ ଓ ଏମର୍ଜେନ୍ସି କେୟାରକୁ ପ୍ରାଧାନ୍ୟ ଦିଆଯିବ। ସଡ଼କ ଦୁର୍ଘଟଣା ଜନିତ ଶୂନ ମୃତାହତ ପାଳନ ସମୟରେ ସଡ଼କ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଶୂନ ସହନଶୀଳତା ନୀତି ଅବଲମ୍ବନ କରାଯିବ। ସାରା ରାଜ୍ୟରେ ଯାଞ୍ଚକୁ କଡ଼ାକଡ଼ି କରାଯିବ। ଏଥିପାଇଁ ସମସ୍ତ ଜିଲ୍ଲା ପ୍ରଶାସନକୁ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି। ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଓ ଅନ୍ୟ ବିଭାଗ ସହ ମିଳିତ ଭାବେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏନଫୋର୍ସମେଣ୍ଟ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ। ବିଶେଷକରି, ଜନଗହଳି ସ୍ଥାନ, ଟ୍ରାଫିକ ପଏଣ୍ଟ, ଶିକ୍ଷାନୁଷ୍ଠାନ, ମଲ୍, ବଜାର ଆଦି ସ୍ଥାନରେ ଟିମ୍ ମୁତୟନ ରହିବେ। ସଡ଼କରେ ବେପରୁଆ ଗାଡ଼ି ଚାଳନା ଦ୍ୱାରା ନିଜ ସହ ଅନ୍ୟମାନଙ୍କ ଜୀବନ ବିପଦ ସୃଷ୍ଟି କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାଛଡ଼ା ଚିହ୍ନଟ ହୋଇଥିବା ଦୁର୍ଘଟଣାପ୍ରବଣ ରାସ୍ତା ଉପରେ ବିଶେଷ ନଜର ରହିବ। ସେଠାରେ ଦୁର୍ଘଟଣା ହ୍ରାସ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି। ରାସ୍ତା ଇଞ୍ଜିନିୟରିଂ ସଂସ୍ଥାମାନେ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ସେହିପରି ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ନିୟମ ପ୍ରତି ଅବଗତ କରିବା ଓ ଜୀବନ ରକ୍ଷା ପାଇଁ ଏହା ପାଳନ କରିବା କିଭଳି ଅନିବାର୍ଯ୍ୟ, ସେ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିପାଇଁ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥା ସହଭାଗିତାରେ ଉଦ୍ୟମ ହେବ। ଏହାଛଡ଼ା ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା ପହଞ୍ଚାଇ ଜୀବନ ରକ୍ଷା ପାଇଁ ମଧ୍ୟ ଜନସାଧାରଣଙ୍କୁ ଉତ୍ସାହିତ କରାଯିବ। ସୂଚନାଯୋଗ୍ୟ ଯେ ସଡ଼କ ଦୁର୍ଘଟଣା ଓ ତଜ୍ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମ ପୂର୍ବରୁ ନଭେମ୍ବର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବା ସକାଶେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ଏହାକୁ ନଭେମ୍ବର ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବା ସକାଶେ ନିଷ୍ପତ୍ତି ହୋଇଛି।

## ପୁରୀରେ ୨ ଦିନରେ ୨ ହତ୍ୟାକାଣ୍ଡ

**ପୁରୀ, ୧୩।୧୧ (ସଂଚାର ବ୍ୟୁରୋ):** ପୁରୀ ସହରରେ ଅପରାଧୀଙ୍କୁ ଦମନ କରିବା ପାଇଁ ଅପରେସନ ଚକ୍ର ଜାରି ରହିଛି। ଏହି ସମୟରେ ବୁଧବାର ଓ ଗୁରୁବାର ୨ ଦିନରେ ସହରରେ ଘଟିଛି ୨ଟି ହତ୍ୟାକାଣ୍ଡ। ଜଣେ ରାଜ୍ୟ ବାହାରର ଟାଇଲ ମିସ୍ତ୍ରୀଙ୍କ ହୋଇଥିବା ବେଳେ ଅନ୍ୟ ଜଣେ ନାବାଳକକୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଠିକାଦାର ମୁଶାରଫଙ୍କୁ ସ୍ୱତନ୍ତ୍ର ପୁଲିସ ଟିମ ପଶ୍ଚିମବଙ୍ଗ ଯାଇ ଧରିଛି। ଗୁରୁବାର ସକାଳୁ ଶ୍ରୀସେତୁ ପାଖରେ ଥିବା ଜଳ ଭଣ୍ଡାରରେ ଏକ ମୃତଦେହ ଭାସୁଥିବା ଦେଖି ସଦର ଥାନାରେ ଖବର ପରେ ଥାନା ପକ୍ଷରୁ ଶବକୁ ଉଦ୍ଧାର କରାଯାଇଥିଲା। ଅନ୍ୟପକ୍ଷରେ ଟାଉନଥାନା ଅନ୍ତର୍ଗତ ଶଗଡିଆ ସାହିର ଜଣେ ନାବାଳକ ପୁଅ ହଜିବା ସମ୍ପର୍କରେ ଟାଉନଥାନାରେ ମା ଅଭିଯୋଗ କରିଥିଲେ। ଶବ ଚିହ୍ନଟ ପରେ ମୃତ ନାବାଳକ ଜଣଙ୍କ ସୂର୍ଯ୍ୟମଣି ସାହୁ ବୋଲି ଜଣାପଡିଥିଲା।

# ଭାରତର ଶକ୍ତି ବୃଦ୍ଧିରେ ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ

- ଡିସେମ୍ବରରେ ହେବ ବିଶ୍ୱ ଶକ୍ତି ନେତାଙ୍କ ସମ୍ମିଳନୀ
- ଲୋଗୋ ଓ ୱେବସାଇଟ ଉନ୍ମୋଚିତ

**ନୂଆଦିଲ୍ଲୀ, ୧୩।୧୧:** ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ, ଆଇଆଇଟି କାନପୁର ଓ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ମିଳିତ ସହଭାଗୀତାରେ ଆସନ୍ତା ୫ ରୁ ୭ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଓଡ଼ିଶାର ପୁରୀରେ ବିଶ୍ୱ ଶକ୍ତି ନେତାଙ୍କ ସମ୍ମିଳନୀ ୨୦୨୫ ଆୟୋଜିତ ହେବାକୁ ଯାଉଛି। ପ୍ରକୃତି ଏବଂ ନବସୃଜନ ମଧ୍ୟରେ ସମନ୍ୱୟର ପ୍ରତୀକ ସ୍ୱରୂପ ଏହି କାର୍ଯ୍ୟକ୍ରମର ଲୋଗୋ ଆଜି କେନ୍ଦ୍ର ଶକ୍ତି ଏବଂ ନବୀନ ଓ ନବୀକରଣୀୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ୟେସୋ ନାୟକ, କନକ ବର୍ଦ୍ଧନ ସିଂହ ଦେଓ, ଉପମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ ଦ୍ୱାରା ନୂଆଦିଲ୍ଲୀସ୍ଥିତ ହୋଟେଲ ତାଜମହଲ ଠାରେ ଉନ୍ମୋଚିତ ହୋଇଛି। ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀ ପାଇଁ ସରକାରୀ ୱେବସାଇଟ୍ ଉନ୍ମୋଚିତ ହୋଇଛି।

ସମ୍ମିଳନୀର ବିଷୟବସ୍ତୁ ହେଉଛି 'ଭାରତକୁ ଶକ୍ତି ପ୍ରଦାନ: ପର୍ଯ୍ୟାପ୍ତ, ସନ୍ତୁଳନ ଓ ନବସୃଜନ'। ଏହି ତିନୋଟି ପରସ୍ପର ସଂଲଗ୍ନ ପ୍ରାଥମିକତା ପର୍ଯ୍ୟାପ୍ତ ଶକ୍ତି ସୁନିଶ୍ଚିତ କରିବ, ପରିବେଶ ଓ ଅର୍ଥନୀତିକୁ ସନ୍ତୁଳିତ କରିବ ଏବଂ ନବୀକରଣୀୟ ଶକ୍ତିକ୍ଷେତ୍ରରେ ଅଭିନବ ସମାଧାନକୁ ପ୍ରୋତ୍ସାହିତ କରିବ। ଗ୍ଲୋବାଲ ଏନର୍ଜି ଲିଡରସ ସମ୍ମିଳନୀ ଭାରତର ସହଭାଗୀ ଶକ୍ତି ଭବିଷ୍ୟତକୁ ଆଗେଇ ନେବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ଶକ୍ତି ମନ୍ତ୍ରୀ ଓ ସଚିବ, ନୀତି ନିର୍ଦ୍ଧାରକ, ଉଦ୍ଭାବକ, ଗବେଷକ ଏବଂ ଶିଳ୍ପ ନେତାମାନଙ୍କୁ ଏକତ୍ରିତ କରିବ। ଏହି ଶିଖର ସମ୍ମିଳନୀ ବିଭିନ୍ନ ରାଜ୍ୟର ଶକ୍ତି ନେତାମାନଙ୍କ ସହିତ ଜାତୀୟ ଏବଂ ବିଶ୍ୱସ୍ତରୀୟ ନେତାମାନଙ୍କ ମଧ୍ୟରେ ଆଲୋଚନା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବ। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, ଓଡ଼ିଶା ବିଶ୍ୱ ନେତୃତ୍ୱଙ୍କୁ ଏକାଠି କରି ଏହି ସ୍ତରର ଏକ ସମ୍ମିଳନୀ ଆୟୋଜନ କରି ଗର୍ବିତ। ମାଲେସିଆ, ଇଣ୍ଡୋନେସିଆ, ସିଙ୍ଗାପୁର ଏବଂ ଭୁଟାନ ଭଳି ଅନ୍ୟ ଦେଶର ଶକ୍ତି ମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ କରାଯାଇଛି ଏବଂ ସେମାନେ ଯୋଗ ଦେବେ ବୋଲି ଆଶା କରାଯାଉଛି।




ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ପୋଷ୍ଟ ଅଫିସରେ ନିବେଶ ସବୁଠୁ ସୁରକ୍ଷିତ




**ନୂଆଦିଲ୍ଲୀ,୧୩।୧୧:** ବର୍ତ୍ତମାନର ବଜାରରେ ଲୋକଙ୍କ ଆୟ ବଢୁଥିଲେ ବି ସମ୍ପତ୍ତି ବଢୁନାହିଁ। ଏଭଳିସ୍ଥିତିରେ ଲୋକେ ଏକ ସୁରକ୍ଷିତ ସ୍ଥାନରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଆଉ ଏଦିଗରେ ପୋଷ୍ଟ ଅଫିସ ସବୁଠାରୁ ସୁରକ୍ଷିତ ଏବଂ ଆୟ ବୃଦ୍ଧିକୁ ସୁନିଶ୍ଚିତ କରୁଛି। ଆଜିର ସମୟରେ ଅଧିକାଂଶ ନିବେଶ ବିକଳ୍ପ ବଜାରର ଉତ୍ଥାନ-ପତନର ଶିକାର ହେଉଛି। ସମସ୍ତେ ଏପରି ଏକ ଯୋଜନା ଖୋଜୁଛନ୍ତି, ଯାହା କେବଳ ସେମାନଙ୍କ ଟଙ୍କାକୁ ସୁରକ୍ଷା ଦିଏ ନାହିଁ ବରଂ ଏକ ସ୍ଥିର ଏବଂ ଦୃଢ଼ ରିଟର୍ଣ୍ଣ ମଧ୍ୟ ପ୍ରଦାନ କରେ। ଏହି ସରକାରୀ ଗ୍ୟାରେଣ୍ଟି ସ୍କିମଗୁଡିକରେ ଶୂନ୍ୟ ବିପଦ ଅଛି। ସର୍ବଶ୍ରେଷ୍ଠ ଯୋଜନାଗୁଡିକ ମଧ୍ୟରୁ ଗୋଟିଏ ହେଉଛି ପୋଷ୍ଟ ଅଫିସ ରିକରିଂ ଡିପୋଜିଟ (ଆରଡି) ଯୋଜନା, ଯାହା ୫ ବର୍ଷ ମଧ୍ୟରେ ଛୋଟ ମାସିକ ସଞ୍ଚୟକୁ ଏକ ଯଥେଷ୍ଟ ପରିମାଣରେ ପରିଣତ କରିବାର ସମ୍ଭାବନା ରଖେ। ପୋଷ୍ଟ ଅଫିସ ରିକରିଂ ଡିପୋଜିଟ (ଆରଡି) ଏକ ମାସିକ ସଞ୍ଚୟ ଯୋଜନା। ଏହା ସେମାନଙ୍କ ପାଇଁ ସର୍ବଶ୍ରେଷ୍ଠ ଉପଯୁକ୍ତ ଯେଉଁମାନେ ଏକ ବଡ଼ ଏକକାଳୀନ ବିନିଯୋଗ କରିପାରିବେ ନାହିଁ କିନ୍ତୁ ଭବିଷ୍ୟତ ପାଇଁ ଏକ ଯଥେଷ୍ଟ ପାଣ୍ଠି ଗଠନ କରିବା ପାଇଁ ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ ପରିମାଣ ସଞ୍ଚୟ କରିବାକୁ ଚାହାଁନ୍ତି। ଏହି ଯୋଜନା ଅଧୀନରେ, ଆପଣଙ୍କୁ ୫ ବର୍ଷ (ଅର୍ଥାତ୍ ୬୦ ମାସ) ପାଇଁ ପ୍ରତି ମାସରେ ଏକ ସ୍ଥିର ପରିମାଣ ଜମା କରିବାକୁ ପଡ଼ିବ।

ବର୍ତ୍ତମାନ ପୋଷ୍ଟ ଅଫିସ ଏହି ଆରଡି ଯୋଜନାରେ ୬.୭ ପ୍ରତିଶତର ଏକ ଆକର୍ଷଣୀୟ ବାର୍ଷିକ ସୁଧ ହାର ପ୍ରଦାନ କରୁଛି। ଏହି ଯୋଜନାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଯେ, ସୁଧ ମାସିକ (ଚକ୍ରବୃଦ୍ଧି ମାସିକ) ହିସାବ କରାଯାଏ। ଏହାର ଅର୍ଥ ହେଉଛି ଆପଣ କେବଳ ମୂଳ ରାଶି ଉପରେ ନୁହେଁ ବରଂ ମାସିକ ସୁଧ ଉପରେ ମଧ୍ୟ ସୁଧ ପାଆନ୍ତି, ଯାହା ଆପଣଙ୍କର ଲାଭକୁ ଦ୍ରୁତ ଗତିରେ ବୃଦ୍ଧି କରେ। ଯଦି ଜଣେ ନିବେଶକ ଏହି ଯୋଜନାରେ ପ୍ରତି ମାସରେ ୨୫, ୦୦୦ ନିବେଶ କରନ୍ତି, ତେବେ ସେମାନେ ୫ ବର୍ଷରେ, ଅର୍ଥାତ୍ ୬୦ ମାସରେ ମୋଟ ୧୫, ୦୦, ୦୦୦ (୧୫ ଲକ୍ଷ) ସଂଗ୍ରହ କରିବେ। ବର୍ତ୍ତମାନର ୬.୭% ସୁଧ ହାର ଏବଂ ମାସିକ ଚକ୍ରବୃଦ୍ଧିରେ ୧୫ ଲକ୍ଷର ଏହି ନିବେଶ ପ୍ରାୟ ୨, ୮୪, ୧୪୮ ନିଟ ସୁଧ ଅର୍ଜନ କରିବ। ତେଣୁ, ୫ ବର୍ଷ ପରେ ପରିପକ୍ୱତାରେ, ନିବେଶକ ମୋଟ ୧୭, ୮୪, ୧୪୮ ରିଟର୍ଣ୍ଣ ପାଇବେ। ଏହା ଏକ ସରକାରୀ ଗ୍ୟାରେଣ୍ଟି ସ୍କିମ, ତେଣୁ ରିଟର୍ଣ୍ଣ ବଜାର ବିପଦର ଅଧୀନରେ ନାହିଁ। କେବଳ ୨୫, ୦୦୦ରୁ ଆରମ୍ଭ କରିବା ଆବଶ୍ୟକ ନୁହେଁ। ଆପଣଙ୍କ କ୍ଷମତା ଉପରେ ନିର୍ଭର କରି ଆପଣ କମ ପରିମାଣରେ ଏକ ବଡ଼ କର୍ପସ ଗଠନ କରିପାରିବେ।

## ଟାରିଫ୍ ସତ୍ତ୍ୱେ କପଡ଼ା ରପ୍ତାନୀ ବଢ଼ିଛି ୧୦%



**ନୂଆଦିଲ୍ଲୀ୧୩।୧୧:** ଭାରତର କପଡ଼ା ରପ୍ତାନୀ ବୈଶ୍ୱିକ ଚାପ ଓ ପ୍ରମୁଖ ବଜାରରେ ଟାରିଫ ସହ ଜଡ଼ିତ ଆହ୍ୱାନ ସତ୍ତ୍ୱେ ମଜଭୁତ ପ୍ରଦର୍ଶନ କରିଛି । ସରକାର କହିଛନ୍ତି ଯେ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ ଏପ୍ରିଲ-ସେପ୍ଟେମ୍ବର ମଧ୍ୟରେ ୧୧୧ ଦେଶକୁ କରାଯାଇଥିବା ପୋଷାକ ରପ୍ତାନୀରେ ୧୦ ପ୍ରତିଶତ ବାର୍ଷିକ ବୃଦ୍ଧି ରେକର୍ଡ କରାଯାଇଛି । ବୟନ ମନ୍ତ୍ରଣାଳୟ କହିଛି ଯେ ଏହି ୧୧୧ଟି ବଜାର ଏପ୍ରିଲ-ସେପ୍ଟେମ୍ବର ୨୦୨୫ ମଧ୍ୟରେ ୮,୪୮୯.୦୮ ନିୟୁତ ଡଲାର ଯୋଗଦାନ ଦେଇଛି, ଯାହା ପୂର୍ବ ବର୍ଷ ୭,୭୧୮.୫୫ ନିୟୁତ ଡଲାର ଥିଲା । ଏହି ୧୦ ପ୍ରତିଶତ ଅଭିବୃଦ୍ଧି ଏବଂ ୭୭୦.୩ ନିୟୁତ ଡଲାରର ସମ୍ପୂର୍ଣ୍ଣ ବୃଦ୍ଧିକୁ ପ୍ରତିନିଧିତ୍ୱ କରେ । ସାମଗ୍ରିକ ଭାବରେ, ୨୦୨୪ ସମାନ ଅବଧି ତୁଳନାରେ ୨୦୨୫ ମସିହାର ଏପ୍ରିଲ୍-ସେପ୍ଟେମ୍ବର ମାସରେ ବିଶ୍ୱ ରପ୍ତାନୀରେ ଭାରତର ବୟନଶିଳ୍ପ, ପୋଷାକ ଏବଂ ମେକ-ଅପ୍ ରପ୍ତାନି ୦.୧ ପ୍ରତିଶତ ବୃଦ୍ଧି ପାଇଛି । ଭାରତର ପାଇଁ ପ୍ରମୁଖ ବଜାର ଗୁଡ଼ିକ ହେଉଛି ୟୁଏଇ (୧୪.୫ ପ୍ରତିଶତ), ବ୍ରିଟେନ (୧.୫ ପ୍ରତିଶତ), ଜାପାନ (୧୯ ପ୍ରତିଶତ), ଜର୍ମାନୀ (୨.୯ ପ୍ରତିଶତ), ସ୍ପେନ୍ (୯ ପ୍ରତିଶତ) ଏବଂ ଫ୍ରାନ୍ସ (୯.୨ ପ୍ରତିଶତ) । ଅନ୍ୟପଟେ ଅଧିକ ଅଭିବୃଦ୍ଧି ହାର ରେକର୍ଡ କରିଥିବା ଅନ୍ୟ କିଛି ବଜାର ହେଉଛି ଇଜିପ୍ଟ (୨୭ ପ୍ରତିଶତ), ସାଉଦି ଆରବ (୧୨.୫ ପ୍ରତିଶତ), ହଂକଂ (୬୯ ପ୍ରତିଶତ) । ଏହି ଅଭିବୃଦ୍ଧିରେ ଅଧିକ ଯୋଗଦାନ ରଖୁଥିବା କ୍ଷେତ୍ରରେ ରେଡିମେଡ୍ ପୋଷାକ (ଆରଏମ୍‌ଜି), ଯାହା ୩.୪୨ ପ୍ରତିଶତ ଅଭିବୃଦ୍ଧି ପାଇଛି ଏବଂ ଜୁଟ୍ ୫.୫୬ ପ୍ରତିଶତ ଅଭିବୃଦ୍ଧି ପାଇଛି । ବୟନ ମନ୍ତ୍ରଣାଳୟ କହିଛି ଯେ ଏହି ପ୍ରଦର୍ଶନ ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଏହି କ୍ଷେତ୍ରର ଅନୁକୂଳତା ଏବଂ ପ୍ରତିଯୋଗିତାମୂଳକତାକୁ ଉଜାଗର କରୁଛି ।

## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୭,୮୦୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୭,୧୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୭,୮୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୭,୧୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୭,୮୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୭,୧୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୭,୯୫୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୭,୩୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୮ ,୭୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୮, ୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୭,୮୦୦ ଓ ୧,୧୭,୧୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୭୨,୦୦୦ ଟଙ୍କା ହୋଇଛି ।

# ଡିଜିଟାଲ ପେମେଣ୍ଟରେ ସ୍ୱିଡେନ ବିଶ୍ୱରେ ଇତିହାସ ସୃଷ୍ଟି କରିଛି

**ନୂଆଦିଲ୍ଲୀ,୧୩।୧୧:** ଆଜିର ପରିବର୍ତ୍ତିତ ଟେକ୍ନୋଲୋଜି ଯୁଗରେ ଅନ୍‌ଲାଇନ ପେମେଣ୍ଟ ଦ୍ରୁତଗତିରେ ଲୋକପ୍ରିୟ ହେଉଛି। ଅନେକ ଦେଶ ନଗଦହୀନ ପେମେଣ୍ଟକୁ ପ୍ରୋତ୍ସାହିତ କରୁଛନ୍ତି। ତଥାପି ଭାରତ ସମେତ ଅନେକ ଦେଶରେ ଅନେକ ଲୋକ ଏବେ ବି ନଗଦ କାରବାର କରିବାକୁ ପସନ୍ଦ କରନ୍ତି।

ରିପୋର୍ଟ ଅନୁଯାୟୀ, ୟୁରୋପୀୟ ଦେଶ ସ୍ୱିଡେନ ୧୦୦% ନଗଦହୀନ କାରବାର ସହିତ ବିଶ୍ୱର ପ୍ରଥମ ଦେଶ ହୋଇଛି। ଏହାର ଅର୍ଥ ହେଉଛି ସ୍ୱିଡେନ ଏବେ ସମ୍ପୂର୍ଣ୍ଣ ନଗଦହୀନ। ସ୍ୱିଡେନରେ ଦୋକାନଗୁଡ଼ିକ ଏବେ ନଗଦ ଗ୍ରହଣୀୟ ନୁହେଁ ଲେଖାଥିବା ସାଇନ୍‌ବୋର୍ଡ ପ୍ରଦର୍ଶନ କରୁଛନ୍ତି।



ଯୁବକ ଏବଂ ବୃଦ୍ଧ ଉଭୟ ସ୍ୱିଡେନର ଡିଜିଟାଲ କାରବାରରେ ବି ସାମିଲ ହୋଇଛନ୍ତି। ଏହା ବିଶ୍ୱାସ କରାଯାଏ ଯେ, ବୟସ୍କ ଲୋକମାନେ ନୂଆ ଟେକ୍ନୋଲୋଜି ପ୍ରତି ବିମୁଖ ଏବଂ ପେମେଣ୍ଟ ପାଇଁ ନଗଦକୁ ପସନ୍ଦ କରନ୍ତି। ସ୍ୱିଡେନ୍ ଏହି ଧାରଣାକୁ ବଦଳାଇ ଦେଇଛି। ଆଜି ସ୍ୱିଡେନର ବୟସ୍କ ଲୋକମାନେ ଅନ୍‌ଲାଇନ୍ ପେମେଣ୍ଟ କରିବା ପାଇଁ ପେମେଣ୍ଟ ଆପ୍ ବ୍ୟବହାର କରୁଛନ୍ତି ଏବଂ ଏହି ପ୍ରଯୁକ୍ତିବିଦ୍ୟା ସଫଳତାର ପ୍ରଶଂସକ ହୋଇଯାଇଛନ୍ତି।

ସ୍ୱିଡେନ ବହୁ ପୂର୍ବରୁ ଏକ ସମ୍ପୂର୍ଣ୍ଣ ନଗଦହୀନ ଦେଶ ହେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲା। ଏହି ପରିବର୍ତ୍ତନ ପଛରେ ମୋବାଇଲ ପେମେଣ୍ଟ ଆପ୍, ସ୍ୱିସ୍ ଏକ ପ୍ରମୁଖ ଶକ୍ତି ପାଲଟିଥିଲା। ୨୦୧୨ରେ ଆରମ୍ଭ ହୋଇଥିବା ଏହି ଆପ୍ ଦେଶର ପ୍ରମୁଖ ବ୍ୟାଙ୍କଗୁଡ଼ିକ ଦ୍ୱାରା ମିଳିତ ଭାବରେ ଲଞ୍ଚ କରାଯାଇଥିଲା। ଆଜି ଦେଶର ୭୫% ଜନସଂଖ୍ୟା ଏହି ଆପ୍ ବ୍ୟବହାର କରନ୍ତି ଯାହା ମୋଟ୍ ୮ ନିୟୁତରୁ ଅଧିକ।

ସ୍ୱିଡେନ୍‌ରେ ନଗଦ କାରବାର ବର୍ତ୍ତମାନ ପ୍ରାୟତଃ ଅଦୃଶ୍ୟ ହୋଇଯାଇଛି। ୨୦୧୦ରେ ପ୍ରାୟ ୪୦ ପ୍ରତିଶତ କାରବାର ନଗଦରେ କରାଯାଉଥିଲା, କିନ୍ତୁ ୨୦୨୩ ସୁଦ୍ଧା ଏହି ସଂଖ୍ୟା ୧ ପ୍ରତିଶତରୁ କମ୍ ହୋଇଯାଇଥିଲା। ୨୦୨୫ ସୁଦ୍ଧା ଏହି ସଂଖ୍ୟା ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇଯିବ। ଏହାର ଅର୍ଥ ହେଉଛି ସ୍ୱିଡେନ ଏବେ ପ୍ରାୟ ସମ୍ପୂର୍ଣ୍ଣ ଡିଜିଟାଲ କାରବାର ସହିତ ଏକ ଦେଶ ପାଲଟିଛି।

# କମ୍ପାନୀରେ ଇଣ୍ଟରଭ୍ୟୁୟର ଆଉ ମଣିଷ ନଥିବେ, ଥିବ ଏଆଇ

**ନୂଆଦିଲ୍ଲୀ, ୧୩।୧୧:** ଏଆଇ ଲୋକଙ୍କ ଚାକିରି ଖାଉଥିବା ଆମେ ଶୁଣିଥିଲେ। ଏଣିକି ଏଆଇ ଇଣ୍ଟରଭ୍ୟୁ ନେଇ ଚାକିରି ଦେବ । ନାଇଁ ଆଜ୍ଞା ଭୁଲ କହିଲୁ। ଇଣ୍ଟରଭ୍ୟୁ ନବ ନୁହଁ, ନଉଛି। ଏଣିକି କୌଣସି କମ୍ପାନୀ ହେଉ କି କୌଣସି ସଂସ୍ଥାରେ ଯଦି ଆପଣ ଚାକିରି ପାଇଁ ଯାଉଛନ୍ତି, ଆପଣଙ୍କ ସାମନାରେ ଇଣ୍ଟରଭ୍ୟୁୟର ଆଉ ମଣିଷ ନଥିବେ, ଏଆଇ ଥିବ । ଆପଣ ସେ ଚାକିରି ପାଇଁ ପ୍ରଯୁଜ୍ୟ କି ନୁହଁ, ଏଆଇ କହିବ । ସୋସିଆଲ ମିଡିଆ ପ୍ଲାଟଫର୍ମ ରେଡିଟରେ ଜଣେ ୟୁଜର ନିଜର ଅନୁଭବ ସେୟାର କରିଛନ୍ତି । ୟୁଜରଙ୍କ କହିବାଅନୁସାରେ, ଚାକିରି ପାଇଁ ଏଆଇ ତାଙ୍କର ଅନଲାଇନ ଇଣ୍ଟରଭ୍ୟୁ ନେଇଛି। ଆଉ ସେଇ ଇଣ୍ଟରଭ୍ୟୁରେ ଏଆଇ ତାଙ୍କୁ କେଉଁ କେଉଁ ପ୍ରଶ୍ନ ପଚାରିଛି ଆସନ୍ତୁ ଜାଣିବା । ଘଟଣାଟି ସେୟାର କରି ସେ ଲେଖିଛନ୍ତି, ଦିନେ ସକାଳେ ମୁଁ ଏକ ଇମେଲ ପାଇଲି ଯେଉଁଥିରେ ମୋତେ ଏକ ଅନଲାଇନ ଇଣ୍ଟରଭ୍ୟୁ ପାଇଁ କୁହାଯାଇଥିଲା । ମୁଁ ଲିଙ୍କକୁ କ୍ଲିକ କଲି, ଭିଡିଓ ଆସିଲା । ସ୍କ୍ରିନରେ



ମୋର ଇଣ୍ଟରଭ୍ୟୁଅର ଭାବେ ଜଣେ ମହିଳା ଥିଲେ । ସେ ହସିଲେ, ମୁଣ୍ଡକୁ ହଲାଇଲେ ଆଉ ପ୍ରଶ୍ନ ବି ପଚାରିଲେ । କିନ୍ତୁ, ଏହା ସ୍ୱାଭାବିକ ନ ଥିଲା । ତାଙ୍କ ମୁଣ୍ଡ ଆବଶ୍ୟକଠୁ ଅଧିକ ହଲୁଥିଲା, ବାରମ୍ବାର ଗୋଟିଏ ଦିଗରେ ଓ ଗୋଟିଏ ଭଙ୍ଗୀରେ ତାଙ୍କ ମୁଣ୍ଡ ହଲୁଥିଲା । କିଛି କିଛି ସେକେଣ୍ଡ ବ୍ୟବଧାନରେ ପଜ ଭଳି ଦିଶୁଥିଲା। ମୁଁ ଭାବିଲି ଇଣ୍ଟରନେଟ ସମସ୍ୟା ବୋଧେ ଆଉ । ତେଣୁ ମୁଁ ଏହାକୁ ଅଣଦେଖା କଲି । ଏହା ପରେ ଆସିଥିଲା କୋଶ୍ଚିନ ରାଉଣ୍ଡ । ଏହି ରାଉଣ୍ଡରେ ମୋର ସନ୍ଦେହ ବଢ଼ିଲା । ମୋର ଇଣ୍ଟରଭ୍ୟୁ ନେବା ବେଳେ ଇଣ୍ଟରଭ୍ୟୁୟରଙ୍କର ମଣିଷ ଭଳି କୌଣସି ପ୍ରକାର ପ୍ରାକୃତିକ ପ୍ରତିକ୍ରିୟା ନଥିଲା । ଏହା ମୋତେ ଟିକେ ଅଜବ ଲାଗିଲା ।

ମୁଁ ଟିକେ ଅଟକିଗଲି ଆଉ ତାଙ୍କୁ ପାଲଟା ପ୍ରଶ୍ନ କଲି । ମୁଁ ପଚାରିଲି 'ଆପଣ କାହିଁକି ଭାବୁଛନ୍ତି ଯେ ଏହି ଭୂମିକା ଜରୁରୀ ?' ବହିରେ ଯେମିତି ଉତ୍ତର ଥାଏ ତାଙ୍କ ଉତ୍ତର ବି ଠିକ ସେମିତି ଥିଲା । ପ୍ରତିଟି ଶବ୍ଦ ଯେମିତି ପୂର୍ବରୁ ଲେଖାଯାଇଥିଲା। ମୁଁ ପ୍ରଶ୍ନକୁ ଆଉ ଥରେ ପଚାରିଲି । ପୁଣି ଥରେ ସେ ସେହି ପ୍ରଶ୍ନର ଏକଜାଟ ଉତ୍ତର ଦେଲେ। ୨ ଥର ସମାନ ପ୍ରଶ୍ନ ପଚାରିବା ପରେ ୩ ଥରକୁ ବି ସମାନ ପ୍ରଶ୍ନ ପଚାରିଲି, ପୁଣି ତରେ ବି ସମାନ ଉତ୍ତର । ୩-୩ ଥର ସମାନ ପ୍ରଶ୍ନର ଉତ୍ତରରେ କୌଣସି ଶବ୍ଦରେ ବି ପରିବର୍ତ୍ତନ ନଥିଲା। ଏହା ପରେ ସ୍କ୍ରିନ କିଛି ମୁହୂର୍ତ୍ତ ପାଇଁ ଫ୍ରିଜ ହୋଇଗଲା। ଆଉ ଥରେ ଚାଲୁ ହେବା ପରେ ମହିଳା କୋଶ୍ଚିନ ରାଉଣ୍ଡ ଜାରି ରଖିଲେ ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପେଟ୍ରୋଲ ଏବଂ ଡିଜେଲ ଦାମ୍ ପ୍ରତିଦିନ ବଦଳିଥାଏ । ଆଜି ଅର୍ଥାତ୍ ଅଏଲ ମାର୍କେଟିଂ କମ୍ପାନୀମାନେ ଦେଶର ସମସ୍ତ ରାଜ୍ୟ ପାଇଁ ପେଟ୍ରୋଲ-ଡିଜେଲ ଦାମ୍ ଜାରି କରିଦେଇଛନ୍ତି । କିନ୍ତୁ ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ସ୍ଥିର ରହିଛି। କୌଣସି ପରିବର୍ତ୍ତନ ହୋଇନି । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି ।



# ଠକେଇ ରୋକିବ କଲର୍ ଆଇଡି ଫିଚର୍

**ନୂଆଦିଲ୍ଲୀ,୧୩।୧୧:** ଅଜଣା ବ୍ୟକ୍ତିଙ୍କଠାରୁ କଲ୍ ଆସିଲେ ତାଙ୍କ ନାମ ମୋବାଇଲ ସ୍କ୍ରିନରେ ଡିଫଲ୍ଟ ଭାବେ ଦେଖିବାକୁ ସକ୍ଷମ ହେବେ ୟୁଜର । ଏହି ସୁବିଧା ଆଗକୁ ଲାଗୁ ହେବାକୁ ଯାଉଛି । ଏ ଦିଗରେ ଟେଲିକମ କମ୍ପାନିଗୁଡ଼ିକ କଲିଂ ନେମ୍ ପ୍ରେଜେନ୍‌ଟେସନ (ସିଏନ୍‌ଏପି) ସେବା ହରିୟାଣା ଏବଂ ହିମାଚଳ ପ୍ରଦେଶରେ ଆରମ୍ଭ କରିଛନ୍ତି । ବର୍ତ୍ତମାନ ସ୍ପାମ୍ ଏବଂ ସ୍କାମ୍ କଲ୍ ଯୋଗୁ ଲୋକଙ୍କ ଚିନ୍ତା ବଢ଼ିଛି । ଏଭଳି ଫିଚରଦ୍ୱାରା ୟୁଜର କଲ୍ କରୁଥିବା ବ୍ୟକ୍ତିଙ୍କୁ ସହଜରେ ଚିହ୍ନଟ କରିବା ସହ କାଟିପାରିବେ ।

ସାରା ଦେଶରେ ସିଏନ୍‌ଏପି ସେବା କାର୍ଯ୍ୟକାରୀ କରିବା ପୂର୍ବରୁ ପ୍ରୁଫ୍ ଅଫ୍ କନ୍ସେପ୍ଟ ଟ୍ରାଏଲ୍ ଆରମ୍ଭ କରିବାକୁ ଟେଲିକମ୍ ବିଭାଗ (ଡିଓଟି) ଟେଲିକମ ସେବା ଯୋଗାଣକାରୀ କମ୍ପାନି ଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଏହି ସିଷ୍ଟମ ଦ୍ୱାରା କେବଳ ନମ୍ବର ନୁହେଁ ଇନକମିଂ କଲ୍ କରୁଥିବା ବ୍ୟକ୍ତିଙ୍କ ପଞ୍ଜୀକୃତ ନାମ ଜଣାପଡ଼ିବ । ଫଳରେ ଜାଲ୍ ପରିଚୟ କିମ୍ବା ଅନ୍ୟ ସଂସ୍ଥାର ପ୍ରତିନିଧି କହି ଠକେଇ ମାମଲା ହ୍ରାସ ହୋଇପାରିବ ।

ରିଲାଏନ୍ସ ଜିଓ, ଭୋଡାଫୋନ-ଆଇଡିଆ ଏବଂ ବିଏସ୍‌ଏନ୍‌ଏଲ୍ ଏହି ସେବାକୁ ପରୀକ୍ଷଣ ଭିତ୍ତିରେ ହରିୟାଣା ସର୍କଲରେ କାର୍ଯ୍ୟକାରୀ କରିଛନ୍ତି । ଅନ୍ୟପଟେ ଭାରତୀ ଏୟାରଟେଲ ହିମାଚଳ ପ୍ରଦେଶରେ ଏହାକୁ ପରୀକ୍ଷା କରୁଛି । ବର୍ତ୍ତମାନ ଏହି ସବୁ ସର୍କଲରେ ପଞ୍ଜୀକୃତ ମୋବାଇଲ ନମ୍ବର ଗୁଡ଼ିକର କଲ୍‌ରଙ୍କ ନାମ ମୋବାଇଲ ସ୍କ୍ରିନରେ ଦେଖାଯିବ।

ଉଦାହରଣ ସ୍ୱରୂପ ଯଦି ହିମାଚଳ କିମ୍ବା ହରିୟାଣାର ସବ୍‌ସ୍କ୍ରାଇବର ଦେଶର ଅନ୍ୟ ପ୍ରାନ୍ତରେ ଥିବା କୌଣସି ବ୍ୟକ୍ତିଙ୍କୁ କଲ୍ କରନ୍ତି ତାଙ୍କ ନାମ




ସେଭ୍ ହୋଇ ନ ଥିଲେ ଫୋନ ପାଉଥିବା ବ୍ୟକ୍ତିଙ୍କ ସ୍କ୍ରିନରେ ଦେଖାଯିବ । ମୋବାଇଲ ନମ୍ବର ନେବା ବେଳେ କଷ୍ଟମର ଆକ୍ୱିଜିସନ ଫର୍ମରେ ପ୍ରଦାନ କରାଯାଉଥିବା ଡାଟାକୁ ସିଏନ୍‌ଏପି ସିଷ୍ଟମ ବ୍ୟବହାର କରିଥାଏ । ସମ୍ପୂର୍ଣ୍ଣ ଲାଗୁ ହେଲେ ଏହା ଡିଫଲ୍ଟ ସର୍ଭିସ ହେବ । ବର୍ତ୍ତମାନ ଲ୍ୟାଣ୍ଡ୍‌ଲାଇନ ଏବଂ ୨ଜି ଭିତ୍ତିକ ଫିଚର ଫୋନକୁ ଏହି ସେବାରୁ ବାଦ ଦିଆଯାଇଛି ।

ଡାଟା ସମ୍ପୂର୍ଣ୍ଣ ଭାବେ ଇଣ୍ଟିଗ୍ରେଟ ହୋଇଯିବା ପରେ ଆଗକୁ ଲ୍ୟାଣ୍ଡ୍ ଲାଇନ ୟୁଜର ମଧ୍ୟ ଏହି ସେବା ପାଇବେ ବୋଲି ଟେଲିକମ ଶିଳ୍ପର ଜଣେ ବରିଷ୍ଠ ନିର୍ବାହୀ କହିଛନ୍ତି । ତ୍ୱରିତ ଭାବେ ଏହି ସେବାକୁ କାର୍ଯ୍ୟକାରୀ କରିବା ଲାଗି ଡିଓଟି ଟେଲିକମ୍ ଫାର୍ମ ଗୁଡ଼ିକୁ ପରାମର୍ଶ ଦେଇଛି । ୨୦୨୬ ମାର୍ଚ୍ଚ ଏପ୍ରିଲ ବେଳକୁ ସାରା ଦେଶରେ ଏହା ଲାଗୁ ହୋଇପାରେ । ପରୀକ୍ଷଣର ଫଳାଫଳ ଉପରେ ଏଭଳି ପଦକ୍ଷେପ ଗ୍ରହଣ କରିବେ କମ୍ପାନି।

ତେବେ ଏହି ସେବାର ବ୍ୟାପକତାକୁ ନେଇ ଏବେ ଆଶଙ୍କାରେ ରହିଛନ୍ତି ଟେଲିକମ କମ୍ପାନି । କାରଣ ୨ଜି ନେଟୱର୍କରେ ଟେକ୍ନୋଲୋଜି ଏତେଟା ଉନ୍ନତ ନୁହେଁ । ଏହି ପରୀକ୍ଷଣକୁ ନେଇ ଟେଲିକମ କମ୍ପାନିଗୁଡ଼ିକ ଅଦ୍ୟାବଧି କୌଣସି ଆନୁଷ୍ଠାନିକ ସ୍ପଷ୍ଟୀକରଣ ଜାରି କରିନାହାନ୍ତି ।

## ପାକିସ୍ତାନ ଠାରୁ ଔଷଧ ଆମଦାନୀ ବ୍ୟାନ କଲା ଆଫଗାନିସ୍ତାନ

କାବୁଲ:ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ବୃଦ୍ଧି ପାଉଛି। ଏଥିପାଇଁ ଦୁଇ ଦେଶ ମଧ୍ୟରେ ମଝିରେ ମଝିରେ ସାମରିକ ସଂଘର୍ଷ, ଆତ୍ମଘାତି ବିସ୍ଫୋରଣ, ସାଂସ୍କୃତିକ ଓ ବ୍ୟବସାୟିକ ସମ୍ପର୍କ ଛିନ୍ନ କରିବା ଭଳି ଘଟଣା ଦେଖିବାକୁ ମିଳୁଛି। ଏବେ ପାକିସ୍ତାନ ଠାରୁ ଔଷଧ ଆମଦାନୀ ନ କରିବାକୁ ଆଫଗାନିସ୍ତାନ ନିଷ୍ପତ୍ତି ନେଇଛି। ପାକିସ୍ତାନ ଠାରୁ ଆସୁଥିବା ସମସ୍ତ ଔଷଧ ଖରାପ ମାନର। ତେଣୁ ୩ ମାସ ମଧ୍ୟରେ ଔଷଧ ଆମଦାନୀକୁ ବନ୍ଦ କରିବାକୁ ଆଫଗାନିସ୍ତାନର ଅର୍ଥନୈତିକ ବ୍ୟାପାର ଉପପ୍ରଧାନମନ୍ତ୍ରୀ ମୁଲ୍ଲାହ ଅବଦୁଲ ଗନୀ ବରାଦର ନିର୍ଦ୍ଦେଶ ଦେଇଛନ୍ତି। ଏହା ଛଡ଼ା ଆଫଗାନିସ୍ତାନ ଏଥିପାଇଁ ବିଦେଶ ଉପରେ ନିର୍ଭରଶୀଳତା କମାଇ ଆଞ୍ଚଳିକ ବାଣିଜ୍ୟ ସ୍ୱାଧୀନତା ଉପରେ ଗୁରୁତ୍ୱ ଦେଉଛି। ତେଣୁ ଏହି ପଦକ୍ଷେପ ତାର ଏକ ଅଂଶ ବୋଲି ଆଫଗାନିସ୍ତାନ ଦର୍ଶାଇଛି। ରାଜଧାନୀ କାବୁଲରେ ବ୍ୟବସାୟିକ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିବା ପରେ ପାକିସ୍ତାନରୁ ଔଷଧ ଆମଦାନୀ ନ କରିବାକୁ ନିଜ ଦେଶର ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦେଇଛି ତାଲିବାନ। ଏନେଇ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏନେଇ ବରାଦର କହିଛନ୍ତି ଯେ ପାକିସ୍ତାନୀ ସାମଗ୍ରୀ ଉପରେ ଆଫଗାନିସ୍ତାନର ନିର୍ଭରଶୀଳତା ଦେଶର ସ୍ୱାସ୍ଥ୍ୟ କ୍ଷେତ୍ର ଏବଂ ଅର୍ଥନୈତିକ ସ୍ଥିରତାକୁ କ୍ଷତି ପହଞ୍ଚାଇଛି। ତେଣୁ ସେ ଆଫଗାନିସ୍ତାନର ବ୍ୟବସାୟୀଙ୍କୁ ଚେତାବନି ଦେଇ କହିଛନ୍ତି ଯେ ଯଦି ସମୟସୀମା ଶେଷ ହେବା ପରେ ପାକିସ୍ତାନ ସହିତ ବ୍ୟବସାୟ ଜାରି ରଖିବେ, ତେବେ ସେହି ବ୍ୟବସାୟୀମାନଙ୍କୁ ତାଲିବାନ ପ୍ରଶାସନ ସହଯୋଗ କିମ୍ବା ସମର୍ଥନ କରିବ ନାହିଁ ବୋଲି ସେ କହିଛନ୍ତି। ଟୋଲୋ ନ୍ୟୁଜର ରିପୋର୍ଟ ଅନୁସାରେ, ବରାଦର କହିଛନ୍ତି"ଆମ ସ୍ୱାସ୍ଥ୍ୟ କ୍ଷେତ୍ରର ମୁଖ୍ୟ ସମସ୍ୟା ହେଉଛି ପାକିସ୍ତାନରୁ ନିମ୍ନମାନର ଔଷଧ ଆମଦାନୀ। ମୁଁ ସମସ୍ତ ଔଷଧ ଆମଦାନୀକାରୀଙ୍କୁ ତୁରନ୍ତ ବିକଳ୍ପ ଯୋଗାଣ ପଥ ଖୋଜିବାକୁ ଦୃଢ଼ ଭାବରେ ଅନୁରୋଧ କରୁଛି।"ସେପଟେ ଦୁଇ ଦେଶ ମଧ୍ୟରେ ସୈନ୍ୟ ସଂଘର୍ଷ ଯୋଗୁ ବାରମ୍ବାର ସୀମା ବନ୍ଦ ରହୁଛି। ତେଣୁ ମାସାଧିକ କାଳ ହେଲା ବ୍ୟବସାୟ ବନ୍ଦ ରହିଛି।ସୀମାପାର ସାମଗ୍ରୀ ପରିବହନ ପ୍ରାୟ ବନ୍ଦ ହୋଇଯାଇଛି। ଯାହା ଫଳରେ ଉଭୟ ପାର୍ଶ୍ୱରେ ବଜାର ମୂଲ୍ୟରେ ଅନିୟନ୍ତ୍ରିତ ସ୍ଥିତିକୁ ଚାଲିଯାଇଛି । ପାକିସ୍ତାନରେ,ପନିପରିବା ମୂଲ୍ୟ ଅହେତୁକ ବୃଦ୍ଧି ପାଉଛି। ବିଶେଷକରି ଆଫଗାନିସ୍ତାନରୁ ଆମଦାନି ହେଉଥିବା ଟମାଟୋର ଦାମ ଆକାଶ ଛୁଆଁ ହୋଇଛି। କେଜି ୫୦୦ ଟଙ୍କା ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ଏହି ସମୟରେ,ଆଫଗାନ ଚାଷୀମାନେ ପ୍ରବଳ କ୍ଷତିର ସମ୍ମୁଖୀନ ହେଉଛନ୍ତି। କାରଣ ଘରୋଇ ଉତ୍ପାଦନ ହୋଇଥିବା ଟମାଟୋ,ଡାଳିମ୍ବ,ଅଙ୍ଗୁର ଏବଂ ପିଆଜ ଭଳି ସାମଗ୍ରୀ ବିକ୍ରି ହୋଇ ନ ହୋଇ ପଡ଼ି ରହୁଛି।

## ଦୁର୍ଘଟଣାରୁ ସୁରକ୍ଷା ଦେବ ନିଓକବଚ

**ନୂଆଦିଲ୍ଲୀ,୧୩।୧୧:** କାର୍ ଚଳାଇବା ବେଳେ ଚାଳକଙ୍କ ସୁରକ୍ଷା ପାଇଁ ସିଟ୍ ବେଲ୍ଟ ଓ ଏୟାରବେଗ୍ ସମେତ ଆଉ ଏକାଧିକ ସୁରକ୍ଷା ଫିଚର୍ସ ରହୁଛି, ହେଲେ ମୋଟର ସାଇକେଲ ଚାଳକଙ୍କ ପାଇଁ କେବଳ ହେଲ୍‌ମେଟ୍। ତେଣୁ ବାଇକ ଚଳାକଙ୍କ ସୁରକ୍ଷାକୁ ବଢ଼ାଇବା ପାଇଁ ଭାରତ ଓ ଫ୍ରାନ୍ସର ଏକ ମିଳିତ କମ୍ପାନୀ(ଜଏଣ୍ଟ ଭେଞ୍ଚର) ନିଓକବଚ ଏକ ଇଣ୍ଟେଲିଜେଣ୍ଟ ଏୟାର ବେଗ୍ ଆଣିଛନ୍ତି, ଯାହା ବାଇକ ଚଳାକଙ୍କ ସୁରକ୍ଷା ଦିଗରେ ଏକ ଆବିଷ୍କାର। ଏହାର ନାଁ ରହିଛି ନିଓକବଚ ଏୟାର ଭେଷ୍ଟ। ଏହା ଭାରତର ପ୍ରଥମ ପିନ୍ଧିବା ଯୋଗ୍ୟ ଇଣ୍ଟେଲିଜେଣ୍ଟ ଏୟାରବ୍ୟାଗ୍ ସିଷ୍ଟମ ବୋଲି କମ୍ପାନୀ ଦାବି କରୁଛି। ବାଇକ ଦୁର୍ଘଟଣାରେ ବାଇକ ଚାଳକଙ୍କ ଶରୀରର ଉପର ଅଂଶକୁ ସୁରକ୍ଷା ଦେବ।



# ସନ୍ଦେହ ଘେରରେ ମୁଖ୍ୟମନ୍ତ୍ରୀ ମକା ମିଶନ ଯୋଜନା

## ବାସ୍ତବରେ ହୋଇଛି ମକା ଚାଷ ନା କାଗଜ କଲମରେ ସୀମିତ



ନୟାଗଡ଼,୧୩।୧୧ (ସଂଚାର ବ୍ୟୁରୋ): କୃଷକ ମାନଙ୍କ ହାତ ମୁଠାକୁ ସୁଦୃଢ଼ କରିବା ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ମକା ଯୋଜନା କାର୍ଯ୍ୟକାରୀ ହୋଇଛି । କୃଷକ ମାନେ ମକା ଚାଷ କରି ଲାଭବାନ ହୋଇପାରିବେ, ତେଣୁ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ମକା ଯୋଜନା ଲାଗୁ କରିଥିଲେ । ତେବେ ନୟାଗଡ଼ ଜିଲ୍ଲାରେ ୮ଟି ବ୍ଲକ ଥିବା ବେଳେ ନୟାଗଡ଼ କୃଷି ବିଭାଗ ତରଫରୁ ଦୁଇଟି ବ୍ଲକରେ ମକା ଚାଷ କରାଯାଉଥିବା ନେଇ ସୂଚନା ମିଳିଛି।

ମୁଖ୍ୟମନ୍ତ୍ରୀ ମକା ମିଶନ ଯୋଜନା ୨୦୨୫-୨୬ ଆର୍ଥିକ ବର୍ଷରେ ନୟାଗଡ଼ ଜିଲ୍ଲାର ଓଡ଼ଗାଁ ବ୍ଲକ୍ ୮ଟି ପଞ୍ଚାୟତର ୬୧୧ଜଣ ଚାଷୀ ମକା ଚାଷ କରୁଥିବା ବେଳେ ଦଶପଲ୍ଲା ବ୍ଲକର ୭ଟି ପଞ୍ଚାୟତର ୬୦୬ଜଣ ଚାଷୀ ମକା ଚାଷ କରୁଥିବା ନେଇ ସୂଚନା ମିଳିଛି । ତେବେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ନୟାଗଡ଼ ଜିଲ୍ଲାକୁ ୬୦୦ହେକ୍ଟର ମକା ଚାଷ କରିବା ପାଇଁ ଲକ୍ଷ ରଖାଯାଇଛି । ନୟାଗଡ଼ ଜିଲ୍ଲାର ଓଡ଼ଗାଁ ବ୍ଲକକୁ ୩୦୦ହେକ୍ଟର ମକା ଚାଷ ପାଇଁ ଲକ୍ଷ ରଖାଯାଇଥିବା ବେଳେ ୬୧୧ଜଣ ଚାଷୀ ମାତ୍ର ୧୬୭ହେକ୍ଟର ମକା ଚାଷ କରିଛନ୍ତି ବୋଲି ବିଭାଗ ତରଫରୁ ସୂଚନା ମିଳିଛି । ସେହିପରି ଦଶପଲ୍ଲା ବ୍ଲକକୁ ୩୦୦ହେକ୍ଟର ମକା ଚାଷ ପାଇଁ ଲକ୍ଷ ରହିଥିବା ବେଳେ ସେଥିରୁ ୭ଟି ପଞ୍ଚାୟତର ୬୦୬ଜଣ ଚାଷୀ ମାତ୍ର ୧୭୪.୩୦ହେକ୍ଟର ମକା ଚାଷ କରିଥିବା ନେଇ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଜିଲ୍ଲାରେ ଅନେକ ଚାଷୀ ମକା ଚାଷ କରୁଥିବା ବେଳେ ନୟାଗଡ଼ କୃଷି ବିଭାଗ ରାଜ୍ୟ ସରକାରଙ୍କ ମକା ଚାଷ ଉପରେ ରହୁଥିବା ଟାର୍ଗେଟ କାହିଁକି ଶତ ପ୍ରତିଶତ ହାସଲ କରିପାରୁନାହିଁ ବୋଲି ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଜିଲ୍ଲାରେ ୬୦୦ ହେକ୍ଟର ଚାଷରୁ ମାତ୍ର ୩୪୧.୩୦ହେକ୍ଟରର ମକା ଚାଷ ହେଉଥିବା ନେଇ ନୟାଗଡ ଜିଲ୍ଲା କୃଷି ବିଭାଗ ଜିଲ୍ଲାପରିଷଦ ଦଶମ ଅଧିବେଶନରେ ତଥ୍ୟ ଉପସ୍ଥାପନ କରିଛନ୍ତି । ଜିଲ୍ଲା ପରିଷଦ ଦଶମ ଅଧିବେଶନରେ ମକା ଚାଷକୁ ନେଇ ଉପସ୍ଥାପନ ହୋଇଥିବା ତଥ୍ୟ ବାସ୍ତବରେ ସତ୍ୟ ନା କେବଳ ଶ୍ରୀଅନ୍ନ ଯୋଜନା ମାଣ୍ଡିଆ ଚାଷ ପରି କାଗଜ କଲମରେ ହୋଇଛି ତାହାକୁ ନେଇ ଚାଷୀ ମାନଙ୍କ ମଧ୍ୟରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।।

କୃଷି ବିଭାଗ ପକ୍ଷରୁ ଉପସ୍ଥାପନ ହୋଇଥିବା ତଥ୍ୟ ଚାଷୀମାନଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ତେଣୁ ଶ୍ରୀଅନ୍ନ ଯୋଜନା ପରି ଓଡ଼ଗାଁରେ କାଗଜ କଲମରେ ଯେପରି ମାଣ୍ଡିଆ ଚାଷ ହୋଇଛି ବୋଲି କୁହାଯାଉଛି, ସେହିଭଳି ଭାବେ ମକା ଚାଷରେ କରାଯାଇନି ତ ? ଏହାର ତଦନ୍ତ କରି ଅଧିକରୁ ଅଧିକ ଚାଷୀ କେମିତି ମକା ଚାଷ କରି ଗୁଜୁରାଣ ମେଣ୍ଟାଇ ପାରିବେ ସେହି ଉପରେ ଜିଲ୍ଲା କୃଷି ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ବାର୍ହା ଆକ୍ରମଣରେ ମହିଳା ଗୁରୁତର



ନୟାଗଡ଼,୧୩।୧୧ (ସଂଚାର ବ୍ୟୁରୋ): ଜଙ୍ଗଲି ବାରହା ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଥିବା ଜଣାପଡ଼ିଛି । ମହିଳା ଜଣଙ୍କ ହେଲେ ସବିତା ସେଠୀ । ମହିଳା ଜଣଙ୍କ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରଯାଇଛି । ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ମହିପୁର ବନାଞ୍ଚଳ ଅନ୍ତର୍ଗତ ବଲଣ୍ଡା ଗ୍ରାମର ସବିତା ସେଠୀ ପ୍ରତ୍ୟେକ ଦିନ ପରି ଆଜି ସକାଳୁ ନିତ୍ୟକ୍ରମ କରିବା ପାଇଁ ନିକଟସ୍ଥ ନଦୀକୁ ଯାଇଥିଲେ । ନଦୀ ନିକଟରେ ଶୌଚ ହେବାକୁ ଯାଉଥିବା ବେଳେ ବୁଦାରେ ନିକଟରେ ଥିବା ଏକ ଜଙ୍ଗଲି ବାରହା ମହିଳାକୁ ଦେଖି ତଡ଼ି ତଡ଼ି ଆକ୍ରମଣ କରିଥିଲା । ମହିଳାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ଆସି ମହିଳାଙ୍କୁ ବାରହା ପାଖରୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି । ମହିଳାଙ୍କ ଶରୀରର ଗୋଡ଼, ଛାତି, ମୁହଁ ଓ ହାତ ଗଭୀର ଆଘାତ ଲାଗିଛି । ମହିଳା ଜଣଙ୍କ ଅବସ୍ଥା ଗୁରୁତର ଅଛି ବର୍ତ୍ତମାନ ପ୍ରାଥମିକ ଚିକିତ୍ସା କରାଯାଇଛି। ପରବର୍ତ୍ତୀ ସମୟରେ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ଦେଖିବା ପରେ ପଦକ୍ଷେପ ନିଆଯିବ ବୋଲି ଡାକ୍ତର ସୂଚନା ଦେଇଛନ୍ତି । ସେପଟେ ମହିପୁର ବନାଞ୍ଚଳ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବାରହା ର ଗତିବିଧି ଉପରେ ନଜର ରଖିଛନ୍ତି।

# ଭାପୁର ତହସିଲରେ ଯୋଗଦେଲେ ନୂତନ ତହସିଲଦାର



ନୟାଗଡ଼,୧୩।୧୧ (ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଭାପୁର ତହସିଲ କାର୍ଯ୍ୟାଳୟରେ ଆଜି ନୂତନ ତହସିଲଦାର ଭାବେ ଦାୟୀତ୍ୱ ଗ୍ରହଣ କରିଛନ୍ତି ଲୋପାମୁଦ୍ରା ରଥ । ପୂର୍ବରୁ ଗଞ୍ଜାମ ଜିଲ୍ଲା ଛତ୍ରପୁର ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ ସୂଚାରୁ ରୂପେ ତୁଲାଇ ଆସିଥିଲେ। ସୂଚନାନୁସାରେ, ଭାପୁର ତହସିଲର ତତ୍କାଳୀନ ତହସିଲଦାର ଅର୍ଜୁନ କୁମାର ପ୍ରଧାନଙ୍କ ମାଲକାନଗିରି ଜିଲ୍ଲା ମୋଟୁ ତହସିଲଦାର ଭାବେ ବଦଳି କରାଯିବା ପରେ ତାଙ୍କ ସ୍ଥାନରେ ନୂତନ ତହସିଲଦାର ଭାବେ ଲୋପାମୁଦ୍ରା ରଥ କାର୍ଯ୍ୟରେ ନିଯୁକ୍ତ କରଯାଇଥିଲା । ତେବେ ଆଜି ବିଧିବଦ୍ଧ ଭାବେ ନୂତନ ତହସିଲଦାର୍ ଲୋପାମୁଦ୍ରା ରଥ ପହଞ୍ଚି ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡ଼ିଛି । ନୂତନ ତହସିଲଦାର କାର୍ଯ୍ୟରେ ଯୋଗ ଦେବା ପରେ ତହସିଲ କର୍ମଚାରୀ ମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବେ ବୋଲି ଅଞ୍ଚଳବାସୀ ଆଶାବ୍ୟକ୍ତ କରିଛନ୍ତି।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



କାକଟପୁର/ଅସ୍ତରଙ୍ଗ,୧୩।୧୧ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ଗୁରୁବାର ଦିନ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୫ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଣୀଚିକିତ୍ସାଅଧିକାରୀ ଡଃ ପ୍ରଫୁଲ୍ଲ କୁମାର ସିଆଳଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ଶ୍ରୀଯୁକ୍ତ ବିଭୁ ପ୍ରସାଦ ତରାଇ ମେଳାକୁ ଉଦ୍‌ଘାଟନ କରିବା ସହ ଏହା ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଅଭିବୃଦ୍ଧି ଓ ରାଜ୍ୟର ଚାଷୀଙ୍କ ସମୃଦ୍ଧିକୁ ଦୃଷ୍ଟିରେ ରଖି କରାଯାଇଛି ବୋଲି କହିଛନ୍ତି। ଏହା ସହ ମାନବ ଜାତିର ବିକାଶରେ ମତ୍ସ୍ୟଓ ପ୍ରାଣୀ ସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଚାଷୀ ମାନଙ୍କ ଆର୍ଥିକ ଅଭିବୃଦ୍ଧି ର ଉର୍ନ୍ନତି ହେଲେ ରାଜ୍ୟ ସ୍ୱାବଲମ୍ବୀ ହେବା ସହ ବେରୋଜଗାର ହଟିପାରିବ ବୋଲି ମୁଖ୍ୟବକ୍ତା ପଂଚାୟତ ସମିତି ଅଧକ୍ଷା ଶ୍ରୀମତୀ ଆରତୀ ନାଏକ ମତବ୍ୟକ୍ତ କରିଛନ୍ତି। ମେଳାରେ ମଧ ଜୈବିକ ପଦ୍ଧତି ଚାଷକୁ ଅଧିକ ପ୍ରୋତ୍ସାହନ ସହ ପ୍ରାଣୀ ସମ୍ପଦର ବିକାଶ ନେଇ ବିଭିନ୍ନ ପଦକ୍ଷେପ ନିଆଯାଇଥିବା କହିଥିଲେ। ଏହି ଅବସରରେ ପ୍ରାଣୀ ସମ୍ପଦ ବିକାଶ ବିଭାଗର ୪ଟି ଷ୍ଟଲ, ମତ୍ସ୍ୟବିଭାଗର ୩ଟି ଷ୍ଟଲ, ସରିପୁର ଅଗରବତୀ କ୍ଲଷ୍ଟର ତରଫରୁ ଅଗରବତୀ, ଫିନାଇଲି ଷ୍ଟଲ, ପରିଦର୍ଶନ କରିଥିଲେ ଅତିଥି। ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ୪ଜଣ ଓ ମତ୍ସ୍ୟ ବିଭାଗ ପକ୍ଷରୁ ୪ଜଣ ସଫଳ ଚାଷୀଙ୍କୁ ପୁରସ୍କାର ରାଶି ପ୍ରଦାନ ସହ ଆର୍ଥିକ ସହାୟତା ବାବଦରେ ଦିଲ୍ଲିପ କୁମାର ବେହେରାଙ୍କୁ ୯୦ହଜାର ଟଙ୍କା, ସଖି ମଲ୍ଲିକଙ୍କୁ ୧ଲକ୍ଷ ୬୧ହଜାର ୨ଶହ ୮୦ଟଙ୍କା ଅର୍ଥରାଶି ଚେକ ଆକାରରେ ପ୍ରଦାନ କରାଯାଇଥିଲା। ଏହାସହ ମତ୍ସ୍ୟବିଭାଗ ତରଫରୁ ୧୦ଜଣଙ୍କୁ ଲାଇଫ୍ ଜ୍ୟାକେଟ ପ୍ରଦାନ କରାଯାଇଥିଲା।

# ମିତବ୍ୟୟ ଓ ସଞ୍ଚୟ ସଚେତନତା କାର୍ଯ୍ୟକ୍ରମ




ଫୁଲବାଣୀ,୧୩।୧୧ (ସଂଚାର ବ୍ୟୁରୋ): ଆଜି ବିଶ୍ୱ ମିତବ୍ୟୟିତା ଦିବସ ଓ ସଞ୍ଚୟ ପକ୍ଷ ପାଳନ ଅବସରରେ ଏକ ମିତବ୍ୟୟ ଓ ସଞ୍ଚୟ ସଚେତନତା କାର୍ଯ୍ୟକ୍ରମ ପି ଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଫୁଲବାଣୀରେ ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ଭାବେ ଯୋଗଦେଇ ସହକାରୀ ବନ ସଂରକ୍ଷକ ଉଦିତ କୁମାର ପ୍ରଧାନ ବୃକ୍ଷ ସଂରକ୍ଷଣ କରି ପରିବେଶ ସୁରକ୍ଷିତ ରଖିବାକୁ ସଂଦେଶ ଦେଇଥିଲେ ଏବଂ କହିଥିଲେ ଯେ ଟଙ୍କା ଗଛରେ ଫଳେନି କିନ୍ତୁ ଗଛ ଦ୍ୱାରା ଅର୍ଥ ଉପାର୍ଜନ ହୋଇପାରେ। ସହକାରୀ ନିର୍ଦ୍ଦେଶକ କୃଷି ପୂନମ ଚାନ୍ଦ ମାଟି ସଂରକ୍ଷଣ ସହ ଅର୍ଥ ଉପାର୍ଜନ ଓ ସଞ୍ଚୟର ସଂଯୋଗ ବିଷୟରେ ବୁଝେଇ କହିଥିଲେ ଯେଉଠି ମାଟି ସୁରକ୍ଷିତ ରୁହେ ସେଠି ଧନ ବୃଦ୍ଧି ହୁଏ, ସହକାରୀ ଯନ୍ତ୍ରୀ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ମୌସୁମୀ ରଞ୍ଜନ ପଟ୍ଟନାୟକ ଜଳ ସଞ୍ଚୟ ଓ ତାର ଉପାୟ ସହ ଅର୍ଥ ସଞ୍ଚୟର ସମ୍ପର୍କ ବିଷୟରେ ବୁଝେଇଥିଲେ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ସତ୍ୟବ୍ରତ ଷେଣ୍ଢ କହିଥିଲେ ଖାଦ୍ୟ ଅପଚୟକୁ ରୋକିବା ହେଉଛି ଅର୍ଥ ସଞ୍ଚୟ କରିବାର ଏକ ସ୍ୱାଦିଷ୍ଟ ଉପାୟ। ନିର୍ବାହୀ ଯନ୍ତ୍ରୀ ଟିପିସିଓଡିଲ ମାନସ ରଞ୍ଜନ ମହାରଣା କହିଥିଲେ ଯେ ସଞ୍ଚୟ କରିବାର ସହଜ ଉପାୟ ହେଉଛି କମ ଶକ୍ତି ଅପଚୟ କରିବା ଓ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମିନତୀ କୁମାରୀ ଦିଗାଲ କହିଥିଲେ ଯେ ସମୟକୁ ଠିକ ଉପଯୋଗ କରେ ସେ ଧନବାନ ଓ ପ୍ରଗତି କରିଥାଏ ଅତିଥି ଭାବରେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ଏହି ବୈଠକଟିକୁ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ, ବିଜୟ ଚନ୍ଦ୍ର ପାଳ ପରିଚାଳନା କରିଥିଲେ। ଶ୍ରୀ ପାଳ ଏହି ବୈଠକ ମାଧ୍ୟମରେ ଆର୍ଥିକ ସାକ୍ଷରତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କହିଥିଲେ ଅର୍ଥ ସଞ୍ଚୟ କରି ଭବିଷ୍ୟ ସୁରକ୍ଷା କର ଓ ଏକ ସୁନ୍ଦର ବାର୍ତ୍ତା ଦେଇଥିଲେ ଯେ ଝିଅ ବା ନାରୀ ଅଟେ ପ୍ରଥମ ଶିକ୍ଷକ ସେ ଶିଖିଲେ ସାରା ଦେଶ ଶିଖିବ ଓ ଏକ ବିକଶିତ ଭାରତ ଗଢିବ।

# ଅଣସାମ୍ବାଦିକଙ୍କ କବଜାରେ ସୁବର୍ଣ୍ଣରେଖା ପ୍ରେସ କ୍ଲବ

ବାଲିଆପାଳ,୧୩।୧୧ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକରେ ଥିବା ସୁବର୍ଣ୍ଣ ରେଖା ପ୍ରେସ କ୍ଲବ ଏବେ ବିବାଦ ମଧ୍ୟରେ ଗତି କରୁଛି।ଅଣ ସାମ୍ବାଦିକଙ୍କ କବଜା ରେ ଥିବା ପ୍ରେସ କ୍ଲବ୍ ରୁ ପ୍ରମୁଖ ଗଣମାଧ୍ୟମ ର ପ୍ରତିନିଧି ମାନେ ଅସୋନ୍ତୋଷ ପ୍ରକାଶ କରି କାର୍ଯ୍ୟାଳୟକୁ ଯାଉନଥିବା ଦେଖିବାକୁ ମିଳିଛି। ସର୍ବେସର୍ବା ବୁଲାଉଥିବା ସୁବର୍ଣ୍ଣରେଖା ପ୍ରେସ କ୍ଲବର ଆବାହକ ଅଧାପକ ସୁକାନ୍ତ କୁମାର ଗିରି ନିଜ ପତ୍ନୀଙ୍କ ନାମରେ ଏକ ଖବର କାଗଜ ରଖି ବିଭିନ୍ନ ସ୍ଥାନରୁ ଅଣ ସାମ୍ବାଦିକ ମାନଙ୍କୁ ଲଗାଇ ଜାତୀୟ ପ୍ରେସଟେ ପାଳନ ନାମରେ ଟଙ୍କା ମାଗୁଥିବା ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।ସେ ଜଣେ ଅଧାପକ ହୋଇ ନିଜର କଳାକାରନାମାକୁ ଲୁଚାଇ ନିଜର ପ୍ରତିଆରା ବୃଦ୍ଧି ପାଇଁ ପ୍ରକ୍ସି ସାମ୍ବାଦିକ ଭାବେ କାର୍ଯ୍ୟ କରୁଛନ୍ତି। ସୁବର୍ଣ୍ଣରେଖା ପ୍ରେସ କ୍ଲବ ନବ ଗଠିତ ଠାରୁ ବିଭିନ୍ନ ସ୍ଥାନରୁ ଆସିଥିବା ଅର୍ଥର ହିସାବ ନିକାସ ନକରି ନିଜେ ଆତ୍ମସାତ୍ କରିଥିବା ନେଇ ଅନ୍ୟ ସଦସ୍ୟ ମାନେ ବିରୋଧ କରୁଥିବା ନେଇ ଶୁଣିବାକୁ ମିଳୁଛି।ଏବେ ଏହି ପ୍ରେସ କ୍ଲବ ରୁ ପ୍ରକୃତ ଗଣମାଧ୍ୟମର ପ୍ରତିନିଧି ମାନେ ବାହାରି ଯିବାରୁ ଏବେ ଅଣ ସାମ୍ବାଦିକଙ୍କ କବଜାରେ ସୁବର୍ଣ୍ଣ ରେଖା ପ୍ରେସ କ୍ଲବ ରହିଛି।ପ୍ରକୃତ ଗଣ ମାଧ୍ୟମର ପ୍ରତିନିଧି ମାନେ ଆଗାମୀ ଦିନରେ ଅଣ ସାମ୍ବାଦିକ ମାନଙ୍କୁ କ୍ଲବରୁ ବାହାର କରି ସୁବର୍ଣ୍ଣରେଖା ପ୍ରେସ କ୍ଲବର ଗୌରବ ବଜାଇ ରଖିବା ପାଇଁ ଏକତ୍ର ହୋଇ କିଛି ପଦକ୍ଷେପ ଗ୍ରହଣ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ଅଣ ସାମ୍ବାଦିକ ଶ୍ରୀ ଗିରି ଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୧୭ରୁ ଜିଲ୍ଲାରେ ଅନୁଷ୍ଠିତ ହେବ ଏକତା ପଦଯାତ୍ରା

ବାରିପଦା,୧୩।୧୧ (ସଂଚାର ବ୍ୟୁରୋ): ସରକାରଙ୍କ ନିର୍ଦ୍ଦେଶ କ୍ରମେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଦେଶବାସୀଙ୍କ ମଧ୍ୟରେ ଏକତା ତଥା ଜାତୀୟତାବୋଧ ନିମନ୍ତେ ଏକତା ପଦଯାତ୍ରା ଆୟୋଜନ କରାଯାଉଛି।

ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାରେ ୩ଟି ସ୍ଥାନରେ ଯଥା ବାରିପଦା, ରାଇରଙ୍ଗପୁର ଓ ଉଦଳା ଠାରେ ଏହି ଏକତା ପଦଯାତ୍ରା ଅନୁଷ୍ଠିତ ହେବ। ପ୍ରତ୍ୟେକ ସ୍ଥାନରେ ୧୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ପରିକ୍ରମା କରାଯିବ ଏବଂ ପାଖାପାଖି ୧୫୦୦ ଅଂଶ ଗ୍ରହଣକାରିଙ୍କୁ ନେଇ ଏହି ପଦ ଯାତ୍ରା କରାଯିବା ପାଇଁ ଆଶା ରଖାଯାଇଛି। ଆହୁରି ଅଧିକରୁ ଅଧିକ ସଂଖ୍ୟକ ଲୋକ ଅଂଶ ଗ୍ରହଣ କରିବା ପାଇଁ ଜନସାଧାରଙ୍କୁ ଉତ୍ସାହିତ କରାଯାଉଛି। ଏଇ ୧୦ କିଲୋମିଟର ଦୂରତା ପଦଯାତ୍ରାରେ ୪ଟି ଷ୍ଟେଜ ଯଥାକ୍ରମେ ଷ୍ଟାର୍ଟିଂ ପଏଣ୍ଟ, କିଛିକିଛି ଦୂରତା ବ୍ୟବଧାନରେ ଦ୍ୱିତୀୟ ପଏଣ୍ଟ ଓ ତୃତୀୟ ପଏଣ୍ଟ ଏବଂ ଚତୁର୍ଥ ପଏଣ୍ଟରେ ଶେଷ ହେବ। ପ୍ରତ୍ୟେକ ପଏଣ୍ଟରେ ଷ୍ଟେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ ହେବା ସହ ଜନସାଧାରଣଙ୍କ ହିତ ଉଦେଶ୍ୟରେ ବିଭିନ୍ନ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରୟାସ କରାଯିବ।

ପଦଯାତ୍ରା ସମୟରେ ସେଇ ରାସ୍ତାରେ ଅବସ୍ଥାପିତ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ। ଏହି ପଦଯାତ୍ରା ରେ ସମାଜର ସବୁ ବର୍ଗର ଯଥା ଛାତ୍ର ଛାତ୍ରୀ, ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ, ଯୁବପିଢ଼ି, ବିଶିଷ୍ଟ ବ୍ୟକ୍ତି ବିଶେଷ, ମାନ୍ୟବରସାଂସଦ, ବିଧାୟକ,ଅନ୍ୟାନ୍ୟ ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ପୁରସ୍କାରରେ ପୁରସ୍କୃତ ସମ୍ମାନୀୟ ବ୍ୟକ୍ତିବିଶେଷ ଇତ୍ୟାଦି ସମସ୍ତ ବର୍ଗର ଲୋକଙ୍କୁ ସାମିଲ କରାଯିବ। ଏହି ପଦଯାତ୍ରା ସମୟରେ ପଦଯାତ୍ରା ସହିତ ରଥ ଭ୍ରମଣ କରିବ ଯେଉଁଥିରେ ସର୍ଦ୍ଦାର ପଟେଲଙ୍କ ଫୋଟୋଚିତ୍ର ଓ ତାଙ୍କ କୃତୀ ଇତ୍ୟାଦି ପ୍ରଦର୍ଶିତ ହେବ। ଏତଦ ବ୍ୟତୀତ ଏହି ଉତ୍ସବ ପାଳନ ପରିପ୍ରେକ୍ଷୀରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେଉଛି।

ପରିବର୍ତ୍ତିତ କାର୍ଯ୍ୟସୂଚୀ ଅନୁସାରେ ନଭେମ୍ବର ୧୭ ତାରିଖରେ ବାରିପଦା ଠାରେ ସକାଳ ୭ଟାରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ପାଖରୁ ଆରମ୍ଭ ହୋଇ ଏମ ପି ସି କନିଷ୍ଠ ମହାବିଦ୍ୟାଳୟ, ବାଲେଶ୍ୱର ଗୋଲେଇ, ଟ୍ରାଫିକ ଛକ, ସହିଦ ସ୍ମୃତି ଭବନ ଦେଇ ଛଉ ପଡିଆ ଠାରେ ସମାପ୍ତ ହେବ। ୧୮ତାରିଖ ରେ ଉଦଳା ଠାରେ ସକାଳ ୭ ଘଟିକା ସମୟରେ ଭୀମତାଳି ଛକ ଠାରୁ ଆରମ୍ଭ ହୋଇ ଉଦଳା ଥାନା ଛକ, ମାଉସୀମା ମନ୍ଦିର ହୋଇ ପାଟପୁର ଠାରେ ସମ୍ପୂର୍ଣ୍ଣ ହେବ। ସେହିପରି ରାଇରଙ୍ଗପୁର ଠାରେ ତା ୨୨-୧୧-୨୦୨୫ ରିଖ ସକାଳ ୭ ଘଟିକା ସମୟରେ ବିର୍ସାମୁଣ୍ଡା ପାର୍କ ଠାରେ ଆରମ୍ଭ ହୋଇ ଦୁର୍ଗା ମଣ୍ଡପ ଛକ, ଗୋଲେଇ ଛକ ଓ ସରସ୍ୱତୀ ଶିଶୁ ମନ୍ଦିର ଠାରେ ସମ୍ପୂର୍ଣ୍ଣ ହେବ।

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସରଗି ଫୁଲ ଅନୁଷ୍ଠିତ



ସୁବର୍ଣ୍ଣପୁର,୧୩।୧୧ (ସଂଚାର ବ୍ୟୁରୋ):ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ତରଭା ବ୍ଲକ ଚାରଭଟା ପି.ଏମ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସରଗି ଫୁଲ -୨୦୨୫ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଡ. ନୃପରାଜ ସାହୁ, ସମ୍ମାନୀତ ଅତିଥି ଭାବରେ ଏଡିଏମ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ଶିକ୍ଷା ନିରୀକ୍ଷକ ନରହରି ଜାନୀ ଓ ସଭାପତି ତଥା ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତା ନନ୍ଦ ସିଂ ଯୋଗ ଦେଇଥିଲେ । ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଜିଲ୍ଲାପାଳ ବେଲୁନ ବିକାଳି ଗଳ୍ପ ମାଧ୍ୟମରେ ପିଲାଙ୍କ ଆତ୍ମ ବିଶ୍ୱାସ ବୃଦ୍ଧି କରିବା ସହ ଉତ୍ସାହିତ କରି ଥିଲେ। ପଙ୍କରୁ ପଦ୍ମ ଫୁଟିବା ଭଳି ଆଦିବାସୀ ସଂପ୍ରଦାୟର ପିଲାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ପ୍ରତିଭା ଭରି ରହିଛି ବୋଲି ଏଡିଏମ୍ ଶ୍ରୀମତୀ ପଧାନ ମତ ରଖିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ସମ୍ମାନୀତ ଅତିଥି ଭାବରେ ଉପ ଜିଲ୍ଲାପାଳ ସୌମ୍ୟାରୂପା ରଥ, ତରଭା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଙ୍ଗାରାମ ବୁଡେକ ପ୍ରମୁଖ ଯୋଗଦାନ କରି ସୃଜନ ଶିଳତା, ସୃଜନ ଶିଳ ଲିଖନ, ବକ୍ତୃତା, ଚିତ୍ର, ଓପନ ସ୍ଲୋଗାନ ପ୍ରମୁଖ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

# ଉତ୍କଳ ଆଲୁମିନା ଓ ଜିଲ୍ଲା ପ୍ରଶାସନ ସହଭାଗିତାରେ ସାଇବର ସଚେତନତା କାର୍ଯ୍ୟକ୍ରମ




ରାୟଗଡ଼ା,୧୩।୧୧ (ସଂଚାର ବ୍ୟୁରୋ): ରାୟଗଡା ଜିଲ୍ଲା ଟିକିରି ଅଞ୍ଚଳର ଦୋରାଗୁଡା ସ୍ଥିତ ଉତ୍କଳ ଆଲୁମିନା ଇଣ୍ଡଷ୍ଟ୍ରିଜ ଲିମିଟେଡ୍, ଆଦିତ୍ୟ ବିର୍ଲା ଗ୍ରୁପର ଏକ ଅନୁଷ୍ଠାନ ଓ ରାୟଗଡ଼ା ଜିଲ୍ଲା ପୁଲିସ ପ୍ରଶାସନଙ୍କ ସହଭାଗିତାରେ ସାଇବର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

ସାଇବର ଅପରାଧ ବିରୋଧରେ ସଚେତନତା ସୃଷ୍ଟି କରିବା ଓ ସାଧାରଣ ଜନସାଧାରଣଙ୍କୁ ଇଣ୍ଟରନେଟ୍ ସୁରକ୍ଷା ବିଷୟରେ ଜାଗୃତ କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଗୌରହରୀ ସାହୁ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ କହିଥିଲେ ଯେ, ଆଜିର ଯୁଗରେ ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ଦୈନନ୍ଦିନ ଜୀବନର ଅଭିନ୍ନ ଅଂଶ ହୋଇପାରିଛି। କିନ୍ତୁ ଏହାର ଅଜଣା ବ୍ୟବହାର ଓ ସାଇବର ଜ୍ଞାନର ଅଭାବରୁ ଅନେକେ ଠକେଇ ଚକ୍ରରେ ପଡୁଛନ୍ତି। ଏହାକୁ ରୋକିବା ପାଇଁ ସମାଜର ପ୍ରତ୍ୟେକ ଲୋକଙ୍କୁ ସଜାଗ ହେବା ଆବଶ୍ୟକ। ରାୟଗଡ଼ା ସାଇବର ସେଲ୍‌ର ନିରୀକ୍ଷକ ଅଭିନାଶ ରେଡ୍ଡି ମଧ୍ୟ ନିଜ ବକ୍ତବ୍ୟରେ କହିଥିଲେ ଯେ ସାଇବର ଅପରାଧକୁ ରୋକିବାର ଏକମାତ୍ର ଉପାୟ ହେଉଛି ସଚେତନତା ଓ ସୁରକ୍ଷିତ ଅନଲାଇନ୍ ବ୍ୟବହାର। ସେ ନିଜର ପାସୱାର୍ଡ ସୁରକ୍ଷା, ଅଜଣା ଲିଙ୍କ ଓ ମେସେଜ୍ ଦ୍ୱାରା ଠକେଇ ଚେଷ୍ଟା ଚିହ୍ନଟ କରିବା, ସୋସିଆଲ୍ ମିଡିଆରେ ସାଧାରଣ ସଚେତନତା ରଖିବା ଇତ୍ୟାଦି ବିଷୟରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସାଇବର ସଚେତନତା ବିଷୟକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅନେକ ଅଂଶଗ୍ରହଣକାରୀ ଉତ୍ସାହ ସହ ଯୋଗଦେଇଥିଲେ। ବିଜେତାମାନଙ୍କୁ ସମ୍ମାନିତ ମଧ୍ୟ କରାଯାଇଥିଲା।

# ସାଂସଦଙ୍କ ହସ୍ତକ୍ଷେପରେ ପାଣିକୋଇଲି ଉପଡାକଘର ସମସ୍ୟା ସମାଧାନ



ଯାଜପୁର,୧୩।୧୧ (ସଂଚାର ବ୍ୟୁରୋ): ଦୀର୍ଘଦିନ ଧରି ଏକମାତ୍ର କର୍ମଚାରୀଙ୍କ ଉପରେ ନିର୍ଭର କରୁଥିବା ପାଣିକୋଇଲି ଉପଡାକଘରର ଅତ୍ୟାଧିକ କାର୍ଯ୍ୟଭାର ନେଇ ଚାଲିଥିବା ସମସ୍ୟା ଶେଷରେ ହଟିଯାଇଛି। ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରାଙ୍କ ସକ୍ରିୟ ହସ୍ତକ୍ଷେପ ଓ ଉଦ୍ୟମରେ ବିଭାଗ ପକ୍ଷରୁ ଆଉ ଜଣେ କର୍ମଚାରୀଙ୍କୁ ଏହି ଉପଡାକଘରରେ ନିଯୁକ୍ତି ପ୍ରଦାନ କରାଯାଇଛି। ପାଣିକୋଇଲି ଉପଡାକଘର ଯାଜପୁର ଜିଲ୍ଲାର ପୁରୁଣା ଓ ଗୁରୁତ୍ୱପୂର୍ଣ୍ଣ ଡାକ କାର୍ଯ୍ୟାଳୟ ମଧ୍ୟରୁ ଗୋଟିଏ। ଏହା ଅଧୀନରେ ୮ଟି ଶାଖା ଡାକଘର ରହିଛି ଏବଂ ଜାତୀୟ ରାଜପଥ ସଂଯୋଗ ସ୍ଥଳରେ ଅବସ୍ଥିତ ହେବାରୁ ଦିନକୁ ଶତାଧିକ ଗ୍ରାହକ ଏଠାରେ ଆସନ୍ତି। ପ୍ରତିଦିନ ୩ଶହରୁ ଅଧିକ ରେଜିଷ୍ଟର ଓ ସ୍ପିଡ୍ ପୋଷ୍ଟ ଆର୍ଟିକଲ ସହିତ ପ୍ରାୟ ୨ଶହ ସାଧାରଣ ଚିଠି ଗ୍ରହଣ ଓ ପ୍ରେରଣ ହେଉଛି। ଏହି ସମସ୍ତ କାମ ଏକମାତ୍ର ପୋଷ୍ଟମାଷ୍ଟରଙ୍କ ଦ୍ୱାରା ସିବିଏସ୍‌ରେ ସମ୍ପାଦନ ହୋଇଆସୁଥିଲା, ଯାହା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଥିଲା। ଫଳରେ ଗ୍ରାହକମାନେ ଅନେକ ସମୟ ଅସୁବିଧାରେ ପଡୁଥିଲେ ଏବଂ ଅଞ୍ଚଳବାସୀ ଦୀର୍ଘଦିନ ଧରି ଏହି ଉପଡାକଘରକୁ "ଡବଲ ହ୍ୟାଣ୍ଡ" କରି ଅପଗ୍ରେଡ୍ କରିବାକୁ ଦାବି କରୁଥିଲେ। ସାଂସଦ ଡା. ବେହେରା ଏହି ସମସ୍ୟାକୁ ଗୁରୁତ୍ୱ ସହିତ ନେଇ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ଉଦ୍ୟମରେ ଦଶରଥପୁର ଉପଡାକଘରରୁ ଅନ୍ୟ ଜଣେ ଅନୁଭବୀ କର୍ମଚାରୀଙ୍କୁ ବଦଳି କରି ପାଣିକୋଇଲି ଉପଡାକଘରକୁ ନିଯୁକ୍ତ କରାଯାଇଛି।ଏହା ସହିତ ଗ୍ରାହକ ଓ ଅଞ୍ଚଳବାସୀମାନେ ହାତତାଳି ମାରି ସାଂସଦ ଡା. ବେହେରାଙ୍କୁ ସାଧୁବାଦ ଜଣାଇଛନ୍ତି। ସାଂସଦଙ୍କ ଉଦ୍ୟମରେ ଗ୍ରାହକ ସେବା ଆଉ ଗତିଶୀଳ ହେବ ବୋଲି ଅଞ୍ଚଳବାସୀଙ୍କ ଆଶା।

## ସୁବର୍ଣ୍ଣ ଲୋକମହୋତ୍ସବ ଜାନୁଆରୀ ୭ରୁ



ସୁବର୍ଣ୍ଣପୁର,୧୩।୧୧ (ସଂଚାର ବ୍ୟୁରୋ): ସୁବର୍ଣ୍ଣ ଲୋକ ମହୋତ୍ସବ ଓ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆସନ୍ତା ଜାନୁୟାରୀ ମାସ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମ ଠାରେ ଆୟୋଜିତ ହେବାନେଇ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡ.ନୃପରାଜ ସାହୁଙ୍କ ସଭାପତିତ୍ୱ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭା ରେ ଏସପି ନାରାୟଣ ନାଏକ, ଏ ଡି ଏମ୍ ରାଜେନ୍ଦ୍ର ମାଝୀ, ଏ ଡି ଏମ୍ ଅଞ୍ଜଳୀନା ପଧାନ ଙ୍କ ସମେତ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ, ସହର ର ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମ କର୍ତ୍ତା, ସ୍କୁଲ କଲେଜ କର୍ତ୍ତୃପକ୍ଷ, ବୁଦ୍ଧିଜୀବୀ,ବରିଷ୍ଠ ନାଗରିକ ସଂଘ ସଦସ୍ୟ ଯୋଗ ଦେଇ ଏହି ଉତ୍ସବ କୁ ଅତ୍ୟନ୍ତ ଯାକଜମକ ରେ ଶାନ୍ତି ଶୃଙ୍ଖଳା ଓ ସଫଳ ଭାବେ ପରିଚାଳନା ପାଇଁ ବିଭିନ୍ନ ସୁଚିନ୍ତିତ ମତାମତ ରଖିଥିଲେ।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ବୋରିଗୁମ୍ମା,୧୩।୧୧ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ସ୍ଥିତ ଦୋରା କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ପ୍ରଭାତ କୁମାର ଜେନା ଏବଂ ବ୍ଲକ ସହକାରୀ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଲୋମ୍ବଦର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ମେଳାରେ ମୁଖ୍ୟ ଅତିଥ୍ୟ ଭାବେ କୋରାପୁଟ ସାଂସଦ ପ୍ରତିନିଧି ରାମ ଚନ୍ଦ୍ର ପାଢ଼ୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥ୍ୟ ଭାବେ ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡ଼ିକା, ନୃସିଂହ ନାଥ ଶତପଥୀ,ଜୟପୁର ବିଧାୟକଙ୍କ ପ୍ରତିନିଧି ଅଶୋକ ଗନ୍ତାୟତ,କୋଟପାଡ଼ ବିଧାୟକ ପ୍ରତିନିଧି ରାମକୃଷ୍ଣ ଭତ୍ରା, ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟନାୟକ, ଜୟପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ବିଶ୍ୱଜିତ ରୟ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥ୍ୟ ମାନେ ପାରମ୍ପରିକ ଚାଷ ସହ ମତ୍ସ୍ୟ ଓ ପଶୁ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବ୍ଲକର ୮ ଜଣ ମତ୍ସ୍ୟଚାଷୀଙ୍କୁ ଓଡିଶା ଜୀବିକା ମିଶନ ପକ୍ଷରୁ ମାଛ ଜାଲ ଓ ହାପା ଉପକରଣ ପ୍ରଦାନ କରାଯାଇଥିଲା। ୨ ଜଣ ଚାଷୀଙ୍କୁ କାର୍ଯ୍ୟଦେଶ ବଣ୍ଟନ କରାଯାଇଥିବା ବେଳେ ବୋରିଗୁମ୍ମାର ସଫଳ ଚାଷୀଙ୍କୁ ପୁରସ୍କୃତ କରିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ବୋରିଗୁମ୍ମା କୃଷି ବିଭାଗ ପକ୍ଷରୁ ୬ଗୋଟି ଏସଏଚଜି ମହିଳା ଗୋଷ୍ଠୀଙ୍କୁ ଉନ୍ନତ ମାନର ବିହନ ସକାଶେ ୧୦ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ।

# ସାଇବର ସୁରକ୍ଷା ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ବ୍ରହ୍ମପୁର,୧୩।୧୧ (ସଂଚାର ବ୍ୟୁରୋ): ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଅଭ୍ୟନ୍ତରୀଣ ଗୁଣବତ୍ତା ପ୍ରମାଣନ ପ୍ରକୋଷ୍ଠ (ଆଇ.କ୍ୟୁ.ଏ.ସି.) ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ମହାବିଦ୍ୟାଳୟ ପରିସରରେ ଏକ ସାଇବର ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ପୁଲିସ୍ ସହଯୋଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷା ଡକ୍ଟର୍ ପ୍ରମିଳା ଖାଡ଼ଙ୍ଗା ଅଧକ୍ଷତା କରିବା ସଂଗେ ସଂଗେ ସାମାଜିକ ଗଣମାଧ୍ୟମର ବ୍ୟାପକ ପ୍ରସାର, ଇଣ୍ଟରନେଟ୍ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସି ଯୁଗରେ ସାଇବର୍ ଅପରାଧ ବୃଦ୍ଧି ପାଉଥିବାରୁ ଏ ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ଉପରେ ତାଙ୍କ ବକ୍ତବ୍ୟରେ ଗୁରୁତ୍ୱ ଆରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଡି.ଏସ୍.ପି. ଅକ୍ଷୟ କୁମାର ପଣ୍ଡା, ବ୍ରହ୍ମପୁର ସଦର ଥାନା ଭାରପ୍ରାପ୍ତ ଅଧିକାରୀ ରାମ ସୁବ୍ରମଣ୍ୟମ୍ ପ୍ରଧାନ, ବଡ଼ବଜାର ସାଇବର୍ ପୋଲିସ୍ ଏକ୍ସପର୍ଟ ଅଜିତ୍ କୁମାର ଗୌଡ଼, ବଡ଼ବଜାର ଥାନା ଭାରପ୍ରାପ୍ତ ଅଧିକାରୀ ବାବା ଶଙ୍କର ପ୍ରମୁଖ ଯୋଗଦେଇ ସାଇବର୍ ଅପରାଧର ଭିନ୍ନ ଭିନ୍ନ ତରିକା ବିଷୟରେ ସୂଚନା ଦେବା ସହ ସାଇବର୍ ସୁରକ୍ଷା ତଥା ନିରାପତ୍ତା ନିମନ୍ତେ କଣ ସବୁ ସତର୍କତା ଅବଲମ୍ବନ କରିବାକୁ ହେବ ସେ ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

# ସିନେମା



# ଇଣ୍ଟରନେଟ୍‌ର ନୂଆ 'କ୍ରସ୍' ଗିରିଜା



ମୁମ୍ବାଇ: ମରାଠୀ ଓ ହିନ୍ଦୀ ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତ୍ରୀ ଗିରିଜା ଓକ୍ ବର୍ତ୍ତମାନ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇ ଇଣ୍ଟରନେଟ୍‌ର ନୂଆ 'କ୍ରସ୍' ପାଲଟିଛନ୍ତି। ଏକ ସାକ୍ଷାତକାରରେ ସେ ନୀଳ ରଙ୍ଗର ଶାଢ଼ୀ ପିନ୍ଧିଥିବାର ଏକ ଭିଡିଓ କ୍ଲିପ୍ ଭାଇରାଲ୍ ହେବା ପରେ, ତାଙ୍କର ସୌନ୍ଦର୍ଯ୍ୟ ଓ ସରଳତା ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଭାଇରାଲ୍ ଭିଡିଓରେ ଗିରିଜା ନିଜ ଜୀବନର କିଛି ଅନୁଭୂତି ବର୍ଣ୍ଣନା କରୁଛନ୍ତି, ଯେଉଁଥିରେ ତାଙ୍କର ଫିଜିକ୍ସ ଶିକ୍ଷକ 'waves' ଶବ୍ଦକୁ ଭୁଲ ଉଚ୍ଚାରଣ କରି 'babes' କହୁଥିବାର ଏକ ମଜାଦାର ଘଟଣା ସାମିଲ ଅଛି। ଏହି କ୍ଲିପ୍ ଯୋଗୁଁ ଇଣ୍ଟରନେଟରେ ଉପଭୋକ୍ତାମାନେ ପଚାରିବା ଆରମ୍ଭ କରି ଦେଇଛନ୍ତି। କିଏ ଏହି ଗିରିଜା ଓକ୍? ଗିରିଜା ଓକ୍ ଜଣେ ମରାଠୀ ଓ ହିନ୍ଦୀ ଅଭିନେତ୍ରୀ। ସେ ଡିସେମ୍ବର ୨୭, ୧୯୮୭ରେ ନାଗପୁର, ମହାରାଷ୍ଟ୍ରରେ ଜନ୍ମଗ୍ରହଣ କରିଥିଲେ। ସେ ହେଉଛନ୍ତି ବରିଷ୍ଠ ମରାଠୀ ଅଭିନେତା ଗିରୀଶ ଓକ୍‌ଙ୍କ ଝିଅ। ସେ ମୁମ୍ବାଇର ଠାକୁର କଲେଜ୍ ଅଫ୍ ସାଇନ୍ସ ଆଣ୍ଡ କମର୍ସରୁ ବାୟୋଟେକ୍ନୋଲୋଜିରେ ଡିଗ୍ରୀ ହାସଲ କରିଛନ୍ତି। ମରାଠୀ ସିନେମା ବ୍ୟତୀତ ସେ ବଲିଉଡ୍‌ର ବହୁ ଚର୍ଚ୍ଚିତ ଫିଲ୍ମ ଯେପରିକି 'ତାରେ ଜମିନ୍ ପର୍', 'ଶୋର୍ ଇନ୍ ଦ ସିଟି', ଏବଂ ଶାହରୁଖ ଖାନ୍‌ଙ୍କ 'ଜୱାନ୍' ରେ ଅଭିନୟ କରିଛନ୍ତି। ସେ OTT ପ୍ରୋଜେକ୍ଟ 'ଇନ୍ସପେକ୍ଟର ଜେନ୍ଦେ'ରେ ମନୋଜ ବାଜପେୟୀଙ୍କ ବିପକ୍ଷରେ ମଧ ଅଭିନୟ କରିଛନ୍ତି। ଇଣ୍ଟରନେଟରୁ ଏପରି ପ୍ରଶଂସା ମିଳିବା ପରେ ଗିରିଜା ଆଶ୍ଚର୍ଯ୍ୟ ହୋଇଛନ୍ତି ଏବଂ କହିଛନ୍ତି ଯେ ରବିବାର ଠାରୁ ତାଙ୍କ ଫୋନ୍ ଲଗାତାର ବାଜୁଛି। ତେବେ, ସେ ସଚେତନ ଅଛନ୍ତି ଯେ ଏହା କେବଳ ଏକ ଟ୍ରେଣ୍ଡ। ସେ କହିଛନ୍ତି, "ମୁଁ ଯେଉଁ କାମ କରେ, ସେଥିରେ ଏପରି ରହିବ। ଯଦି ଲୋକମାନେ ବର୍ତ୍ତମାନ ମୋ କାମକୁ ଆବିଷ୍କାର କରୁଛନ୍ତି, ତେବେ ଏଥିରେ ମୁଁ ଖୁସି।" "ସେ ଆହୁରି ଏକ ପୋଷ୍ଟରେ ଲେଖିଛନ୍ତି ଏବେ ଏହି ଆଟେନ୍ସନ୍ କୁ ଦେଖି ମଜା ନେଉଛି।"

## ବିବାହର 'ଏକ୍ସପାଏରୀ ଓ ନବୀକରଣ ତାରିଖ' ରହିବା ଦରକାର: କାଜୋଲ୍



ମୁମ୍ବାଇ: 'ଟୁ ମଚ୍ ୱିଥ୍ କାଜୋଲ୍ ଆଣ୍ଡ୍ ଟ୍ୱିଙ୍କଲ୍' ଶୋ'ର ଫାଇନାଲ୍ ଏପିସୋଡ୍ ମୁକ୍ତିଲାଭ ପୂର୍ବରୁ ଆଲୋଚନା ସୃଷ୍ଟି କରିଛି। ଏହି ଫାଇନାଲ୍ ଏପିସୋଡ୍‌ରେ ଅତିଥି ଭାବରେ ଭିକି କୌଶଲ୍ ଓ କ୍ରିତି ସାନନ୍ ଯୋଗ ଦେଇଛନ୍ତି। ଏହି ଶୋ'ର ଏକ ସମୟରେ ଅଭିନେତ୍ରୀ କାଜୋଲ୍ ମତ ଦେଇଛନ୍ତି ଯେ ବିବାହର ଏକ ସମାପ୍ତି ତାରିଖ (Expiry Date) ଏବଂ ନବୀକରଣ (Renewal) ପାଇଁ ବିକଳ୍ପ ରହିବା ଉଚିତ୍। ହୋଷ୍ଟ ଟ୍ୱିଙ୍କଲ୍ ଖାନ୍ନା ଯେତେବେଳେ ପ୍ରଶ୍ନ କଲେ, "ବିବାହର ଏକ ସମାପ୍ତି ତାରିଖ ଏବଂ ନବୀକରଣ ବିକଳ୍ପ ରହିବା ଉଚିତ୍ କି?", ଏହି ପ୍ରଶ୍ନରେ ଅତିଥିମାନଙ୍କ ମଧ୍ୟରେ ଭିନ୍ନ ମତ ପ୍ରକାଶ ପାଇଥିଲା। କ୍ରିତି, ଭିକି ଏବଂ ଟ୍ୱିଙ୍କଲ୍ ଏହି ଧାରଣାକୁ ଅସ୍ୱୀକାର କରି ଏକାଠି ଛିଡ଼ା ହୋଇଥିବାବେଳେ, କାଜୋଲ୍ ଏହାର ସମର୍ଥନ କରି ଗ୍ରୀନ୍ ବକ୍ସ ଅଞ୍ଚଳକୁ ଯାଇଥିଲେ। ଟ୍ୱିଙ୍କଲ୍ ମଜାଳିଆ ଢଙ୍ଗରେ ଉତ୍ତର ଦେଇ କହିଥିଲେ, "ନା, ଏହା ବିବାହ, ୱାସିଂ ମେସିନ୍ ନୁହେଁ।" କିନ୍ତୁ କାଜୋଲ୍ ତାଙ୍କ ପ୍ରସ୍ତାବ ସପକ୍ଷରେ ତର୍କ ଦେଇ କହିଥିଲେ ଯେ, "କେଉଁଟା ଗ୍ୟାରେଣ୍ଟି ଦିଏ ଯେ ଆପଣ ସଠିକ୍ ସମୟରେ ସଠିକ୍ ବ୍ୟକ୍ତିଙ୍କୁ ବିବାହ କରିବେ? ଏକ ନବୀକରଣ ବିକଳ୍ପ ଯୁକ୍ତିଯୁକ୍ତ ହେବ ଏବଂ ଯଦି ଏକ ସମାପ୍ତି ତାରିଖ ଥାଏ, ତେବେ କାହାରିକୁ ଅଧିକ ଦିନ କଷ୍ଟ ପାଇବାକୁ ପଡ଼ିବ ନାହିଁ।"

## 'ଗ୍ଲୋବ୍ ଟ୍ରଟର'ରେ ପ୍ରିୟଙ୍କାଙ୍କ ପ୍ରଥମ ଝଲକ



ମୁମ୍ବାଇ: ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଗ୍ଲୋବ୍ ଟ୍ରଟର'ରୁ ନିର୍ଦ୍ଦେଶକ ଏସ୍.ଏସ୍. ରାଜାମୌଳି ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ପ୍ରଥମ ଲୁକ୍ (ଝଲକ) ଜାରି କରିଛନ୍ତି। ହଳଦିଆ ଶାଢ଼ୀ ପିନ୍ଧି ପ୍ରିୟଙ୍କାଙ୍କ ଆକ୍ସନ୍-ଭରା ଲୁକ୍ ଦେଖିବାକୁ ମିଳିଛି। ରାଜାମୌଳି ଏହି ଲୁକ୍ ସେୟାର୍ କରି ଲେଖିଛନ୍ତି, "ଯିଏ ଭାରତୀୟ ସିନେମାକୁ ବିଶ୍ୱ ସ୍ତରରେ ପୁନଃ ପରିଭାଷିତ କରିଛନ୍ତି। ଦେଶୀ ଗର୍ଲ! ପ୍ରିୟଙ୍କା ଚୋପ୍ରା ପୁଣି ଥରେ ସ୍ୱାଗତ... ତୁମର ମନ୍ଦାକିନୀର ଅନେକ ରୂପ ଦେଖିବାକୁ ଦୁନିଆ ଅପେକ୍ଷା କରିଛି।" ଏହି ଚଳଚ୍ଚିତ୍ରରେ ମହେଶ ବାବୁ ଓ ପୃଥ୍ୱୀରାଜ ସୁକୁମାରନ ମୁଖ୍ୟ ଭୂମିକାରେ ଅଛନ୍ତି। ନିକଟରେ ପୃଥ୍ୱୀରାଜଙ୍କ ଲୁକ୍ ମଧ୍ୟ ପ୍ରକାଶ ପାଇଥିଲା। ପୃଥ୍ୱୀରାଜଙ୍କ ଚରିତ୍ରର ନାଁ କୁମ୍ଭ ଏବଂ ତାଙ୍କୁ ଜଣେ ନିଷ୍ଠୁର, ଶକ୍ତିଶାଳୀ ଖଳନାୟକ ଭାବେ ରାଜାମୌଳି ବର୍ଣ୍ଣନା କରିଥିଲେ। ଅନ୍ୟପକ୍ଷରେ, 'ଗ୍ଲୋବ୍ ଟ୍ରଟର' ନିର୍ଦ୍ଦେଶକ ମହେଶ ବାବୁଙ୍କ ଏକ ଝଲକ ମଧ୍ୟ ସେୟାର୍ କରି ଲେଖିଥିଲେ ଯେ, ନଭେମ୍ବର ୧୫ରେ ହାଇଦ୍ରାବାଦର ରାମୋଜୀ ଫିଲ୍ମ ସିଟିରେ ହେବାକୁ ଥିବା 'ଗ୍ଲୋବ୍ ଟ୍ରଟର' ଇଭେଣ୍ଟରେ ଦର୍ଶକଙ୍କୁ ବଡ଼ ସରପ୍ରାଇଜ୍ ମିଳିବ। ପ୍ରିୟଙ୍କା ଓ ପୃଥ୍ୱୀରାଜଙ୍କ ପ୍ରଥମ ଲୁକ୍ ପରେ, ଚଳଚ୍ଚିତ୍ରର ପ୍ରଥମ ଗୀତ ମଧ୍ୟ ୟୁଟ୍ୟୁବରେ ମୁକ୍ତିଲାଭ କରିଛି। ଓସ୍କାର ବିଜେତା ସଙ୍ଗୀତଜ୍ଞ ଏମ୍.ଏମ୍. କିରବାନୀ ଏହି ଟ୍ରାକ୍‌ଟିକୁ କମ୍ପୋଜ୍ କରିଥିବା ବେଳେ ଶ୍ରୁତି ହାସନ ଏଥିରେ କଣ୍ଠଦାନ କରିଛନ୍ତି।

## ମିସ୍ ୟୁନିଭର୍ସ ୨୦୨୫

ନୂଆଦିଲ୍ଲୀ ୧୩/୧୧: ସାରା ବିଶ୍ୱ ମିସ୍ ୟୁନିଭର୍ସ ୨୦୨୫ ଫାଇନାଲ୍ ପାଇଁ ପ୍ରସ୍ତୁତ ହେଉଥିବା ବେଳେ, ମିସ୍ ୟୁନିଭର୍ସ ଅର୍ଗାନାଇଜେସନ୍ (MUO) ଏହି ଇଭେଣ୍ଟର ଶେଷ ପର୍ଯ୍ୟାୟକୁ ଉନ୍ନତ କରିବା ପାଇଁ କାମ କରୁଛି। ପ୍ରତିଯୋଗୀମାନେ ବି ଏହି ଟାଇଟଲ ହାତେଇବାକୁ ସେମାନଙ୍କର ସର୍ବୋତ୍ତମ ପ୍ରଦର୍ଶନ କରିବାକୁ ଏବଂ ବିଚାରକଙ୍କୁ ପ୍ରଭାବିତ କରିବାକୁ ପ୍ରସ୍ତୁତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତୁ ନଜର ପକାଇବା କାର୍ଯ୍ୟକ୍ରମର ସମସ୍ତ ବିବରଣୀ ଉପରେ। ରିପୋର୍ଟ ଅନୁଯାୟୀ, ମିସ୍ ୟୁନିଭର୍ସ ୨୦୨୫ ଫାଇନାଲ୍ ନଭେମ୍ବର ୨୧ ରେ ନନ୍ଥାବୁରୀର ପାକ୍ କ୍ରେଟ୍ର ଇମ୍ପାକ୍ଟ ଚ୍ୟାଲେଞ୍ଜର ହଲ୍ରେ ଅନୁଷ୍ଠିତ ହେବ। ଯାହା ଥାଇଲ୍ୟାଣ୍ଡ ଦ୍ୱାରା ଆୟୋଜିତ ହେବ । ଏହି କାର୍ଯ୍ୟକ୍ରମରେ, ୧୦୦ ରୁ ଅଧିକ ଦେଶ ମୁକୁଟ ପାଇଁ ପ୍ରତିଯୋଗିତା କରିବେ, ଯାହା ବର୍ତ୍ତମାନ ଡେନମାର୍କର ଭିକ୍ଟୋରିଆ କେଜର ଥେଲଭିଗଙ୍କ ପାଖରେ ଅଛି।



**ଧର୍ମେନ୍ଦ୍ରଙ୍କ ଭିଡିଓ କରିବା ନେଇ କାର୍ଯ୍ୟାନୁଷ୍ଠାନ**

## ହସ୍ପିଟାଲ କର୍ମଚାରୀ ହେଲେ ଗିରଫ



ବଲିଉଡ ଭେଟେରାନ ଅଭିନେତା ଧର୍ମେନ୍ଦ୍ରଙ୍କ ପରିବାର ଓ ପ୍ରଶଂସକଙ୍କ ପାଇଁ ଖୁବ୍ ମୁସ୍କିଲ ସମୟ ଥିଲା। ୮୯ ବର୍ଷୀୟ ଅଭିନେତାଙ୍କର ସ୍ୱାସ୍ଥ୍ୟ ଖରାପ ହେବା ପରେ ତାଙ୍କୁ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇ ଥିଲା। ଏହାପରେ ତାଙ୍କ ମୃତ୍ୟୁର ମିଛ ଖବର ପ୍ରଶଂସକଙ୍କ ହୃଦୟ ଭାଙ୍ଗି ଦେଇଥିଲା। ଏହାପରେ ପରିବାର ପକ୍ଷରୁ ଅଫିସିଆଲି ବିବୃତ୍ତି ଜାରି କରାଯାଇଛି ଯେ, ସେ ଠିକ୍ ଅଛନ୍ତି ଏବଂ ଧିରେ ଧିରେ ସୁସ୍ଥ ହେଉଛନ୍ତି। ଅନ୍ୟପଟେ ୧୨ ନଭେମ୍ବରରେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରି ଦିଆ ଯାଇଛି। କିନ୍ତୁ ଏହି ସବୁ ମଧ୍ୟରେ , ହସ୍ପିଟାଲ ଭିତରେ ଏକ ଭିଡ଼ିଓ ଭାଇରାଲ ହେଉଛି, ଯେଉଁଥିରେ ଧର୍ମେନ୍ଦ୍ର ବେଡ୍ରେ ଶୋଇଥିବା ଏବଂ ପୂରା ଦେଓଲ ପରିବାର କାନ୍ଦୁଥିବାର ନଜର ଆସୁଥିଲେ। ଭିଡ଼ିଓ ଭାଇରାଲ ହେବା ପରେ ଏବେ ଏହାକୁ ରେକର୍ଡ କରିଥିବା ହସ୍ପିଟାଲ କର୍ମଚାରୀ ଧରାପଡ଼ିଛନ୍ତି। ଉଲ୍ଲେଖନୀୟ ଯେ, ଏହି ଭିଡ଼ିଓଟି ବ୍ରିଚ୍ କ୍ୟାଣ୍ଡି ଆଇସିୟୁର ଭିତରୁ ଭାଇରାଲ ହେଉଥିଲା। ଏଥିରେ ଧର୍ମେନ୍ଦ୍ର ହସ୍ପିଟାଲର ବେଡ୍ରେ ଶୋଇଥିବାର ନଜର ଆସୁଛନ୍ତି। ଭେଟେରାନ ଅଭିନେତା ବେହୋସ ଦେଖାଯାଉଛନ୍ତି, ତାଙ୍କର ପୁଅ ବବି ଦେଓଲ ଓ ସନି ଦେଓଲ ପରିବାରର ଅନ୍ୟ ସଦସ୍ୟଙ୍କ ସହ ତାଙ୍କ ବେଡ୍ର ଚାରିପାଖେ ଠିଆ ହୋଇଛନ୍ତି ଏବଂ ଖୁବ୍ ଭାବପ୍ରବଣ ଦେଖାଯାଉଛନ୍ତି। ଏହି କ୍ଲିପ୍ରେ ସନିଙ୍କ ପୁଅ କରଣ ଦେଓଲ ଓ ରାଜବୀର ଦେଓଲ ମଧ୍ୟ ଦେଖାଯାଉଛନ୍ତି । ଧର୍ମେନ୍ଦ୍ରଙ୍କ ପ୍ରଥମ ପତ୍ନୀ ପ୍ରକାଶ କୌର ତାଙ୍କ ପାଖରେ ବସିଛନ୍ତି। ଏଚଟି ସିଟିକୁ ବିଶେଷ ସୂଚନା ମିଳିଛି ଯେ, ଦେଓଲ ପରିବାରର ଏହି ବ୍ୟକ୍ତିଗତ କ୍ଷଣକୁ ରେକର୍ଡ କରିବା ଓ ସୋସିଆଲ ମିଡ଼ିଆରେ ସେୟାରେ କରିଥିବା ହସ୍ପିଟାଲ କର୍ମଚାରୀଙ୍କୁ ଗିରଫ କରାଯାଇଛି। ବର୍ତ୍ତମାନ ଆଗାମୀ ସୂଚନା ଏବେ ସାମ୍ନାକୁ ଆସି ନାହିଁ।



# ୮୦କୋଟିର ମାଲିକ ଆର୍ଯ୍ୟନ

ବଲିଉଡ୍‌ରେ କିଙ୍ଗ୍ ଖାନ୍ ଶାହରୁଖଙ୍କ ପୁଅ ୨୮ ବର୍ଷୀୟ ଆରୟନ ଖାନଙ୍କ କ୍ରେଜ କିଛି କମ ନୁହେଁ। ନିର୍ଦ୍ଦେଶକ ଭାବରେ କ୍ୟାରିଅର ଆରମ୍ଭ କରିଥିବା ଆରୟନ କେବଳ ଷ୍ଟାର କିଡ୍ ନୁହଁନ୍ତି ବରଂ ସେ ବଲିଉଡର ଧନୀ ଷ୍ଟାର କିଡ୍‌ମାନଙ୍କ ମଧ୍ୟରୁ ଜଣେ ମଧ୍ୟ। କୌଣସି ଫିଲ୍ମରେ ମୁଖ୍ୟ ଅଭିନେତା ଭାବେ କାମ ନକରି ବି ସେ ଅନେକ ଲୋକପ୍ରିୟ କଳାକାରଙ୍କଠାରୁ ଅଧିକ ଧନୀ।

ପିତା କିଙ୍ଗ ଖାନ ଅଭିନୟ ମାଧ୍ୟମରେ ବଲିଉଡରେ ଶୀର୍ଷସ୍ଥାନ ହାସଲ କରିଥିବା ବେଳେ ଆରୟନ ନିର୍ଦ୍ଦେଶକ ଭାବରେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ମୁମ୍ବାଇରେ ୧୯୯୭ ମସିହାରେ ଜନ୍ମଗ୍ରହଣ କରିଥିବା ଆରୟନ ଧିରୁଭାଇ ଅମ୍ବାନୀ ସ୍କୁଲରୁ ନିଜର ସ୍କୁଲ ପାଠପଢା ଆରମ୍ଭ କରିଥିଲେ। ତା'ପରେ ସେ ଲଣ୍ଡନର ସେଭେନୋକ୍ସ ସ୍କୁଲରେ ପଢିଥିଲେ। ଏହା ପରେ ସେ ଦକ୍ଷିଣ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରରୁ ଫିଲ୍ମ ଏବଂ ଟେଲିଭିଜନ ପ୍ରଡକ୍ସନରେ ଡିଗ୍ରୀ ହାସଲ କରିଥିଲେ। ଡିଗ୍ରୀ ହାସଲ କରିବା ପରେ ଆରୟନ ଖାନ ତାଙ୍କ ପ୍ରଥମ ନେଟଫ୍ଲିକ୍ସ ସିରିଜ୍, ଦି ବ୍ୟାଡ୍ସ ଅଫ୍ ବଲିଉଡ୍ ପାଇଁ କାମ କରିବା ଆରମ୍ଭ କରିଥିଲେ। ଏହି ସିରିଜ୍ ରିଲିଜ୍ ହେବା ପରେ ଆରୟନଙ୍କ ନିର୍ଦ୍ଦେଶନାକୁ ବେଶ୍ ପ୍ରଶଂସା କରାଯାଇଥିଲା ।

ତେବେ ଆରୟନ କେବଳ ଜଣେ ନିର୍ଦ୍ଦେଶକ ନୁହଁନ୍ତି, ସେ ଜଣେ ସଫଳ ଉଦ୍ୟୋଗୀ ମଧ୍ୟ। ୨୦୨୨ ମସିହାରେ ସେ ନିଜର ଏକ ବିଳାସପୂର୍ଣ୍ଣ ବ୍ରାଣ୍ଡ D'YAVOL ଲଞ୍ଚ କରିଥିଲେ। ବ୍ରାଣ୍ଡ ଲଞ୍ଚ ହେବା ପରେ ପୋଷାକର ଦାମ୍‌କୁ ନେଇ ତାଙ୍କୁ ଟ୍ରୋଲ କରାଯାଇଥିଲା। ତାଙ୍କ ବ୍ରାଣ୍ଡର ଜ୍ୟାକେଟ୍‌ର ମୂଲ୍ୟ ୨୦୦,୦୦୦ ଟଙ୍କା ରହିଥିବା ବେଳେ ଟି-ସାର୍ଟର ମୂଲ୍ୟ ୨୪,୪୦୦ ଟଙ୍କା ରହିଥିଲା। ଅଧିକ ଦାମ୍ ସତ୍ତ୍ୱେ ପ୍ରଥମେ ସମାଲୋଚନାର ଶିକାର ହୋଇଥିବା ଆରୟନଙ୍କୁ ଏଥିରେ ସଫଳତା ମିଳିବା ଆରମ୍ଭ ହୋଇଥିଲା। ଯଦି ଆମେ ତାଙ୍କ ସମ୍ପତ୍ତି ବିଷୟରେ କହିବା ତେବେ ସେ ମୋଟ ୮୦କୋଟିର ମାଲିକ ହେବେ। ତାଙ୍କ ପାଖରେ ସ୍ପୋର୍ଟସ୍ କାର ବ୍ୟତୀତ Audi A6, BMW 730 LD, Mercedes GLS 350D, ଏବଂ GLE 43 AMG Coupe ଭଳି ଅନେକ ବିଳାସପୂର୍ଣ୍ଣ କାର ରହିଛି ।

# ହାତୀ ଉପଦ୍ରବରୁ ଫସଲ ନଷ୍ଟ



**ଲାଞ୍ଜିଗଡ଼, ୧୩।୧୧ (ସଂଚାର ବ୍ୟୋରୋ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ମୂଷାନାଲ ସେକ୍ସନ ପେଙ୍ଗଶୁର ଗାଁରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି।ନିକଟସ୍ତ ଧଡେ଼ଲ ଜଙ୍ଗଲରେ ୨୫ ଟିକିଆ ହାତୀପଲ ରହିଥିବା ବେଳେ ଗତ ରାତିରେ ଲାଞ୍ଜିଗଡ଼ ବ୍ଲକ ବେନାଗାଁ ପଞ୍ଚାୟତ ପେଙ୍ଗଶୁର ଗାଁର ମଦ ମାଝୀ, ଡମେ ମାଝୀ, ଶିବାଜୀ ମାଝୀ, ଲଦଗା ମାଝୀଙ୍କ ଧାନ, ମାଣ୍ଡିଆ, ଓ କନ୍ଦମୂଳ କନ୍ଦାକୁ ମାଡ଼ି ଚକଟି ନଷ୍ଟ କରି ଦେଇଛନ୍ତି। ତେବେ ବର୍ଷ ସାରା ଉକ୍ତ ଅଞ୍ଚଳରେ ହାତୀ ଉପଦ୍ରବ ବଢୁଥିବା ବେଳେ ଚାଷକୁଲ ଧାର କରଜ କରି ଧାନ ସହିତ ବିଭିନ୍ନ ଚାଷ କରିଥାନ୍ତି ହେଲେ ବର୍ତ୍ତମାନ ଏମାନଙ୍କ ଫସଲକୁ ହାତୀ ପଲ ମାଡ଼ି ଦଳି ଚକଟି ନଷ୍ଟ କରିଦେଇଥିବା ବେଳେ ବର୍ତ୍ତମାନ ୪ଟି ପରିବାର ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ବର୍ତ୍ତମାନ ଧଡଡେ଼ଲ ଓ ଦୋଳମା ଜଙ୍ଗଲରେ ୨୫ଟିକିଆ ହାତୀପଲ ରହିଥିବା ବେଳେ ଉକ୍ତ ଅଞ୍ଚଳ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଖିବର ପାଇ ମୂଷାନାଲ ସେକ୍ସନ ବନ କର୍ମଚାରୀ ମାନେ ଘଟଣା ସ୍ଥଳକୁ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିବା ଜଣା ପଡ଼ିଥିବା ବେଳେ ଏନେଇ ବନପାଳ ଚିନ୍ତାମଣି ମାଝୀଙ୍କୁ ପଚାରିବାରୁ ପେଙ୍ଗଶୁର ଗାଁର ଅନେକ ଲୋକଙ୍କ ଫସଲ ନଷ୍ଟ କରିଛନ୍ତି ଏହାର ତଦାରଖ ପାଇଁ ମୁଁ ଷ୍ଟାପ ପଠେଇ ଥିଲି ଓ ଆକଳନ କରିସାରିଛୁ ଯାହା ଚାଷୀଙ୍କ କ୍ଷୟକ୍ଷତି ହୋଇଛି ଆମେ ସରକାରଙ୍କୁ ଅବଗତ କରିବୁ ସେପଟୁ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁସାରେ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

# ମୁର୍ଶିଦାବାଦରେ ବିସ୍ଫୋରଣ, ଜଣେ ମୃତ

**କୋଲକାତା, ୧୩।୧୧ (ସଂଚାର ବ୍ୟୁରୋ):** ଦିଲ୍ଲୀ ବିସ୍ଫୋରଣ ପରେ ମୁର୍ଶିଦାବାଦରେ ଏକ ଭୟଙ୍କର ବିସ୍ଫୋରଣ ଶବ୍ଦରେ ଥରି ଉଠିଲା। ଏହି ବିସ୍ଫୋରଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏକାଧିକ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଏହି ଘଟଣାଟି ମୁର୍ଶିଦାବାଦର କାନ୍ଦି ଥାନା ଅନ୍ତର୍ଗତ ରାମେଶ୍ୱରପୁର ଅଞ୍ଚଳରେ ଘଟିଛି। ବୁଧବାର ଏକ ଘର ଭିତରୁ ବିସ୍ଫୋରଣର ଶବ୍ଦ ଶୁଣାଯାଇଥିଲା। ତା'ପରେ ନିଆଁ ବ୍ୟାପିବାକୁ ଲାଗିଲା। ଆହତମାନଙ୍କୁ ଉଦ୍ଧାର କରାଯାଇ ମୁର୍ଶିଦାବାଦ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ। ଆହତମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଆଘାତ ଗୁରୁତର ଥିବାରୁ ସେମାନଙ୍କୁ ମୁର୍ଶିଦାବାଦରୁ କୋଲକାତା ସ୍ଥାନାନ୍ତର କରାଯାଇଛି। ବିସ୍ଫୋରଣର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, କିନ୍ତୁ ପ୍ରାରମ୍ଭିକ ଭାବରେ ଅନୁମାନ କରାଯାଉଛି ଯେ ଘର ଭିତରେ ଥିବା ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା।

# ପାକିସ୍ତାନରୁ ଶୁଭେନ୍ଦୁଙ୍କୁ ଧମକପୂର୍ଣ୍ଣ ଫୋନ୍



**କୋଲକାତା, ୧୩।୧୧ (ସଂଚାର ବ୍ୟୁରୋ):** ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ପାକିସ୍ତାନରୁ ଏକ ଧମକପୂର୍ଣ୍ଣ ଫୋନ୍ କଲ୍ ମିଳିଲା। ସେ ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ବାଂଲାଦେଶରୁ ମଧ୍ୟ ଧମକ ଦିଆଯାଉଛି। ଦିଲ୍ଲୀ ବିସ୍ଫୋରଣକୁ ନେଇ ଦେଶ ଅଶାନ୍ତ ରହିଛି। ଏହି ଘଟଣା ପଛରେ ଜୈଶର ହାତ ଥାଇପାରେ ବୋଲି ଗୁଜବ ଚାଲିଛି। ଏହି ପରିବେଶରେ ବିରୋଧୀ ଦଳ ନେତା ଏକ ଚାଞ୍ଚଲ୍ୟକର ଦାବି କରିଛନ୍ତି। ତେବେ, ପାକିସ୍ତାନ ତାଙ୍କୁ ବାଂଲାଦେଶରୁ କାହିଁକି ଧମକ ଦେବ ସେ ବିଷୟରେ ତୃଣମୂଳର ଏକ ପାଲଟା ପ୍ରଶ୍ନ ଅଛି। ତୃଣମୂଳ ମୁଖପାତ୍ର ଅରୂପ ଚକ୍ରବର୍ତ୍ତୀ ଦାବି କରିଛନ୍ତି, ତାଙ୍କୁ ପାଣି ମିଳୁନାହିଁ। ସେ ଏସବୁ କଥା କହି ଦଳରେ ଭାସି ରହିବାକୁ ଚେଷ୍ଟା କରୁଛନ୍ତି। ମୁଁ ଦୁଇ ଦିନ ପୂର୍ବରୁ ପାକିସ୍ତାନରୁ ଧମକପୂର୍ଣ୍ଣ ଫୋନ୍ ପାଇଥିଲି।" ନନ୍ଦିଗ୍ରାମ ବିଧାୟକ ମଧ୍ୟ ଏହି ବିଷୟରେ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିବା ମନ୍ତବ୍ୟ ଦେଇଛନ୍ତି। ସେ ଦାବି କରିଛନ୍ତି ଯେ, ତାଙ୍କୁ କେବଳ ପାକିସ୍ତାନରୁ ନୁହେଁ ବରଂ ବାଂଲାଦେଶରୁ ମଧ୍ୟ ପ୍ରତିଦିନ ଧମକପୂର୍ଣ୍ଣ ଫୋନ୍ ପାଉଛନ୍ତି। ଶୁଭେନ୍ଦୁ କହିଛନ୍ତି, "ସେମାନେ ବାଂଲାଦେଶରୁ ପ୍ରତିଦିନ ଏହା କରନ୍ତି। ସମସ୍ତେ ମୋର ହ୍ୱାଟ୍ସଆପ୍ ନମ୍ବର ଜାଣନ୍ତି।

# ମାସିକ ଇ-ପତ୍ରିକା 'ସୂର୍ଯ୍ୟପ୍ରଭା' ଉନ୍ମୋଚିତ

**କୋଲକାତା, ୧୩।୧୧ (ସଂଚାର ବ୍ୟୁରୋ):** ବୁଧବାର ସନ୍ଧ୍ୟାରେ ଆଭାସୀ ମଞ୍ଚ ଗୁଗଲ ମିଟ ମାଧ୍ୟମରେ ଲୋକାର୍ପିତ ହେଲା ମାସିକ ଇ-ପତ୍ରିକା 'ସୂର୍ଯ୍ୟପ୍ରଭା'। ଶ୍ରୀ ଶ୍ରୀ ଜଗନ୍ନାଥାଷ୍ଟକ ପାଠ କରି ସଭାର ପ୍ରାରମ୍ଭିକ ଉଦ୍ଦେଶ୍ୟ କରିଥିଲେ ଡା. ବାମନ ଚନ୍ଦ୍ର ଦୀକ୍ଷିତ। ତାପରେ ବାଣୀଶ୍ରୀ ପ୍ରଭାତ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ସଭା ଆରମ୍ଭ ହୋଇଥିଲା। ସୂର୍ଯ୍ୟପ୍ରଭାର ପଞ୍ଜିକରଣ ନେଇ ଚର୍ଚ୍ଚାରେ ବିଶିଷ୍ଟ ସାହିତ୍ୟିକ କବି ବରୁଣ କୁମାର ଦାସ ନିଜର ବହୁମୂଲ୍ୟ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତତ୍ପଶ୍ଚାତ ସୂର୍ଯ୍ୟପ୍ରଭାର ଲୋକାର୍ପଣ ସମ୍ପନ୍ନ ହୋଇଥିଲା।

# ପୂର୍ବତନ ବିଧାୟକଙ୍କ ପରଲୋକ



**କୋଲକାତା, ୧୩।୧୧ (ସଂଚାର ବ୍ୟୁରୋ):** ସାଙ୍କ୍ରାଇଲର ପୂର୍ବତନ ବିଧାୟକ ଶୀତଳ ସର୍ଦ୍ଦାରଙ୍କ ଦେହାନ୍ତ ହୋଇଛି। ବୁଧବାର ରାତି ପ୍ରାୟ ସାଢ଼େ ୮ଟା ସମୟରେ ତାଙ୍କ ବାସଭବନରେ ଦେହାନ୍ତ ହୋଇଛନ୍ତି। ପରିବାର ସୂତ୍ରରୁ ଜଣାପଡିଛି ଯେ, ବାର୍ଦ୍ଧକ୍ୟ ଯୋଗୁଁ ତାଙ୍କ ଘରେ ଦେହାନ୍ତ ହୋଇଛି। ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ଶୀତଳ ସର୍ଦ୍ଦାର ୧୯୯୬ ମସିହାରୁ ସାଙ୍କ୍ରାଇଲ ବିଧାନସଭା ନିର୍ବାଚନମଣ୍ଡଳୀରୁ ପାଞ୍ଚଥର ବିଧାୟକ ଥିଲେ। ସେ ପ୍ରଥମେ କଂଗ୍ରେସ ବିଧାୟକ ଏବଂ ପରେ ଚାରିଥର ତୃଣମୂଳ ବିଧାୟକ ଥିଲେ। ୨୦୨୧ ମସିହା ବିଧାନସଭା ନିର୍ବାଚନ ପୂର୍ବରୁ ସେ ତୃଣମୂଳ ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ତୃଣମୂଳ ଛାଡିଥିବା ବରିଷ୍ଠ ବିଧାୟକଙ୍କୁ ବିଜେପି ରାଜ୍ୟ କମିଟିରେ ସ୍ଥାନ ମଧ୍ୟ ଦେଇଥିଲା। କିନ୍ତୁ, ସେବେଠାରୁ ତାଙ୍କୁ ସକ୍ରିୟ ରାଜନୀତିରେ ଦେଖାଯାଇନଥିଲା। ଶୀତଳ ସର୍ଦ୍ଦାରଙ୍କ ମୃତ୍ୟୁରେ ରାଜନୈତିକ ମହଲ ଶୋକରେ ଛାୟା ଖେଳିଯାଇଛି।

# ଅଶ୍ୱିନ ଦତ୍ତାଙ୍କ ଦେହାନ୍ତ



**ନର୍ଲା, ୧୩।୧୧ (ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟିର ଯୁବ ନେତା ବିକ୍କି ବିକାଶ ଦତ୍ତାଙ୍କ ପିତା ଅଶ୍ୱିନ ଦତ୍ତାଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ବୟସ ହେଉଥିଲା। ଲିଭର ଜନୀତ ସମସ୍ୟା କାରଣରୁ ସେ ବିଶାଖାପାଟଣାର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଅଛି। ଗୁରୁବାର ରୂପ୍ରାରୋଡ ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରୂପ୍ରାରୋଡର ଲୋକପ୍ରିୟ ଚିକିତ୍ସକ ସ୍ୱର୍ଗତ ବାବୁଲାଲ ଦତ୍ତାଙ୍କ ସୁପୁତ୍ର ତଥା କାନ୍ତିଲାଲ, ଅରୁଣ, ରାଜେଶ, ନିଲେଶଙ୍କ ଭାଇ ସ୍ୱର୍ଗତ ଅଶ୍ୱିନ ଦତ୍ତା ଜଣେ ମେଳାପି ଓ ଧର୍ମ ପରାୟଣ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ବିଜେପି, ବିଜେଡ଼ି, କଂଗ୍ରେସର ଅନେକ ନେତା ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଗଭୀର ଶୋକ ବ୍ୟକ୍ତ କରିବା ସହିତ ଅମର ଆତ୍ମାର ସଦ୍ଗତି କାମନା କରିଛନ୍ତି।

# ପୌର ପରିଷଦର ଟାକ୍ସ କଲେକ୍ଟରଙ୍କୁ ନିଲମ୍ବନ କଲେ ସୁବର୍ଣ୍ଣପୁର କଲେକ୍ଟର



**ସୁବର୍ଣ୍ଣପୁର, ୧୩।୧୧ (ସଂଚାର ବ୍ୟୁରୋ):** ବିଭାଗୀୟ କାର୍ଯ୍ଯ ରେ ଅବହେଳା ଓ ମନମାନି ଯୋଗୁଁ ଆଜି ସୋନପୁର ପୌର ପରିଷଦ ର ଟେକ୍ସ ଏଣ୍ଡ ଫ୍ରି କଲେକ୍ଟର କୃଷ୍ଣ ଭକ୍ତ ନାଏକ ଙ୍କୁ ନିଲମ୍ବନ କଲେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ। ପ୍ରକାଶ ଥାଉ କି ଯେ ଗତକାଲି ଜିଲ୍ଲା ର ସମସ୍ତ ପୌର ପରିଷଦ ଓ ବିଜ୍ଞାପିତ ପରିଷଦ ମାନଙ୍କୁ ନେଇ ଜିଲ୍ଲାପାଳ ଙ୍କ ସଭାଗୃହ ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ କାର୍ଯ୍ଯ ତଦାରଖ ବେଳେ ଅନୁପସ୍ଥିତ ଥିବା ଟେକ୍ସ କଲେକ୍ଟର ଶ୍ରୀ କୃଷ୍ଣ ଭକ୍ତ ନାଏକ ଙ୍କୁ ପ୍ରଥମେ ବିଭାଗୀୟ ଅଧିକାରୀ ଓ ପରେ ଜିଲ୍ଲାପାଳ ନିଜେ ବାରମ୍ବାର ଫୋନ୍ କଲା ସତ୍ତ୍ୱେ ବି ଫୋନ ନ ଉଠାଇବା ଯୋଗୁଁ ଓ ଲୋକ ଙ୍କ ରାଜସ୍ୱ ପାଣ୍ଠି ରୁ ମାସକୁ ୮୨ ହଜାର ଟଙ୍କା ଦରମା ନେଇ ଲୋକ ଙ୍କ ସେବା ରେ ଓ ସରକାରୀ କାର୍ଯ୍ଯ ରେ ଘୋର ଅବହେଳା କରିଥିବା ଓ ତାଙ୍କ ନାଁ ରେ ବିଭିନ୍ନ ଅଭିଯୋଗ ଥିବା ଯୋଗୁଁ ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳ ଏ ପଦକ୍ଷେପ ନେଇଥିବା ଜଣାଯାଇଛି। ଆଜି ସକାଳ ୧୦ ଟାରେ ଜିଲ୍ଲାପାଳ ଡ଼. ସାହୁ ପୁଣି ନିଜେ ପୌର ପରିଷଦ ଅଫିସ ରେ ପହଂଚି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ଯ ର ତଦାରଖ କରିଥିଲେ ଓ ଏ କର୍ମଚାରୀ ଶ୍ରୀ ନାଏକ ଙ୍କ ଉପରେ ଅସନ୍ତୋଷ ପ୍ରକାଶ କରି ନିଲମ୍ବନ କରିଥିବା ଖବର ମିଳିଛି।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ ଯୋଗ ଦେଲେ ବିଡିଓ



**ଧାମନଗର, ୧୩।୧୧ (ସଂଚାର ବ୍ୟୁରୋ):** ଧାମନଗର ଏନ୍ଏସିଅନ୍ତର୍ଗତ ସଦର ମହକୁମା ଠାରେ ଥିବା ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ସମୀର କୁମାର ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରି ଦିନ୍ଦା, ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ବରିଷ୍ଠ ବିଜେପି ନେତା ଅରବିନ୍ଦ ପତି, ବିଜେପି ନଗର ସମ୍ପାଦକ ବିଜୟ କୁମାର ରାମ ପ୍ରମୁଖ ଯୋଗ ଦେଇ ବିଜ୍ଞାନ ମେଳାକୁ ଆନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରିଥିଲେ। ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶୀତ ବିଭିନ୍ନ କାର୍ଯ୍ୟକୁ ବୁଲି ଦେଖିବା ସହ ବିଦ୍ୟା ଓ ଶିକ୍ଷା ଏବଂ ବୈଜ୍ଞାନିକ ହେବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉକ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ବାହାରିଗଲା କାର୍ ଇଞ୍ଜିନ



**ବରଗଡ଼, ୧୩।୧୧ (ସଂଚାର ବ୍ୟୁରୋ):** ବରଗଡ଼-ଭଟଲି ରାସ୍ତାର ବରଡୋଲ ଗ୍ରାମରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ବିଳମ୍ବିତ ରାତି ପ୍ରାୟ ସାଢେ ୧୨ଟାରେ ହୋଇଥିବା ଏହି ଦୁର୍ଘଟଣାରେ ଏକ କାର୍ ବିଦ୍ୟୁତ ଖୁଣ୍ଟରେ ପିଟି ହେବାରୁ କାର୍ ଇଞ୍ଜିନ ବାହାରି ରାସ୍ତା ଉପରକୁ ଛିଟ୍‌କି ହୋଇପଡିଛି। ତେବେ ଏଥିରେ ସୌଭାଗ୍ୟବଶତଃ କାହାରି ମୃତ୍ୟୁ ହୋଇନାହିଁ। କାରରେ ବସିଥିବା ୩ ଜଣ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି।

# ଦୋକାନରୁ ଚୋରି କରି ଯୁବକ ଧରାପଡ଼ିଲେ



**କଣାସ, ୧୩।୧୧ (ସଂଚାର ବ୍ୟୁରୋ):** କଣାସ ଥାନା ନିକଟବର୍ତ୍ତୀ କୁଞ୍ଜେଶ୍ୱରୀ ବଜାରର କ୍ଷମାଚାନ୍ଦ ପ୍ରଧାନଙ୍କ ଜଳଖିଆ ଦୋକାନରୁ ଗତ ୭ ତାରିଖ ମଧ୍ୟ ରାତ୍ରରେ ଦୋକାନ ଦ୍ୱାର ଖୋଲି ଟଙ୍କା ବାକ୍ସରୁ ୫ ହଜାର ଟଙ୍କା ଏବଂ ୧୨ ଟି ହରଲିକ୍ସ ଜାଆର ଥିବା ଗୋଟିଏ ପେଟି କୌଣସି ଦୁର୍ବୃତ ନେଇଯାଇଥିବା। କ୍ଷମାଚାନ୍ଦ କଣାସ ଥାନାରେ ଏତେଲା ଦେଇଥିଲେ। ଏତେଲା ପାଇ କଣାସ ଥାନା ଆଇଆଇସି ପ୍ରଶନ୍ନ କୁମାର ନାୟକ କଣାସ ଥାନା କେସ ନମ୍ବର ୧୬୯/୨୦୨୫ରେ ଏକ ମକଦମା ରୁଜ କରି ତଦନ୍ତ ଚଳାଇ ସିସିଟିଭି ଚେକ କରି କଣାସ ଗ୍ରାମର ଦିଲ୍ଲୀପ ମହାପାତ୍ର ୨୧ ବର୍ଷଙ୍କୁ ଗିରଫ କରି ଚୋରି ଯାଇଥିବା ୫ ହଜାର ଟଙ୍କା ଏବଂ ହରଲିକ୍ସ ପେଟିଟି ଜବତ କରିବା ସହିତ ଦିଲ୍ଲୀପକୁ କୋର୍ଟ ଚାଲଣ କରିଥିବା ଥାନା ଅଧୀକାରୀ ଶ୍ରୀ ନାୟକଙ୍କ ସୂଚନା ଦେଇଛନ୍ତି।

# ଦୁଇ ବାଇକ ଧକ୍କା, ଜଣେ ଗୁରୁତର



**ବୈଶିଙ୍ଗା, ୧୩।୧୧ (ସଂଚାର ବ୍ୟୁରୋ):** ପଣସିଆ -ଅଁଳା ରାସ୍ତାର ତେନ୍ତୁଳିଗାଁ ନିକଟରେ ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୩ଟା ସମୟରେ ଦୁଇଟି ବାଇକ ମଧ୍ୟରେ ସାମନା ସାମନି ଧକ୍କା ହେବା ଫଳରେ ଉଭୟ ବାଇକରେ ଥିବା ଚାରି ଜଣକ ମଧ୍ୟରୁ ଗୋଟିଏ ବାଇକ ରେ ଥିବା ୩ ଜଣ ଆହତ ହୋଇଥିବାବେଳେ ଓଡି ୦୧ ଏଲ ୪୯୧୦ ନମ୍ବର ବାଇକରେ ଆସୁଥିବା ପାଟଳିପୁରା ପଞ୍ଚାୟତର ଦାରିହା ଗ୍ରାମର ଭୁବନ ନାୟକଙ୍କ ପୁଅ ରଞ୍ଜନ ନାଏକ (୨୪ )ଗୁରୁତର ହୋଇ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ତାଙ୍କର ଅବସ୍ଥା ଗୁରୁତର ଥିବାବେଳେ ତାଙ୍କ ମୁହଁ ଓ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଦୁର୍ଘଟଣାସ୍ଥଳରୁ ଅଣାଯାଇ ବେତନଟୀ ଡାକ୍ତରଖାନାରେ ଭର୍ତି କରାଯାଇଥିଲା। ଦାୟିତ୍ୱରେ ଥିବା ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରି ଥିବାବେଳେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯିବ ଜଣାଇଛନ୍ତି। ମାତ୍ର ଖବର ଲେଖା ହେବା ପର୍ଯ୍ୟନ୍ତ ତାଙ୍କ ପରିବାର ଲୋକ ଆସିନଥିବାରୁ ବାରିପଦା ପଠା ଯାଇପାରିନାହିଁ।

## ଶାରଦ ଧାନ ଫସଲ କ୍ଷତିଗ୍ରସ୍ତ ହେବାପରେ

# ଖରାଟିଆ ଧାନ ଫସଲ ପାଇଁ ଚାଷୀ ତତ୍ପର



**କଣାସ, ୧୩।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର କଣାସ ବ୍ଲକ ଏକ ଖାଲୁଆ ଅଞ୍ଚଳଭାବେ ପରିଚିତ ଏହା ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ପ୍ରତ୍ୟେକ ବର୍ଷ ବନ୍ୟା ଓ ବର୍ଷା ଜଳରେ ବ୍ୟାଘତ ହୋଇ ଗୋପୀନାଥପୁର, କାଦୁଆ, ବଡାଲ, ଦୋଛିଆଁ, ଗଡ଼ଖାରଦ, ଦେଇପୁର, ଗଡ଼ିଶାଗୋଦା, ଯାମଳଗୋଦା, ଆଳିବାଡ, ଆଳିବାଡ, ପଞ୍ଚାୟତର ଚାଷୀମାନେ ଶାରଦ ଧାନ ଫଶଲ ହରାଇ ରବି ଋତୁରେ ଖରାଟିଆ ଧାନ ଫସଲ କରି ପରିବା ପ୍ରତିପୋଷଣ କରନ୍ତି। ଚଳିତ ବର୍ଷ ଚାଷୀମାନେ ଶାରଦ ଧାନ ଫସଲ ହରାଇବା ପରେ ଖରାଟିଆ ଧାନ ଫସଲ କରାଇବା ପାଇଁ ତତ୍ପର ହୋଇ ଉଠିଛନ୍ତି। ଚାଷୀମାନେ ବର୍ତ୍ତମାନ ଜମିରେ ଜୋରଦାର ଚାଷକାର୍ଯ୍ୟ ଆରମ୍ଭ କରିଛନ୍ତି। ଚାଷୀମାନଙ୍କର ଆବଶ୍ୟକତା ଅନୁଯାୟୀ ବିହନ ମିଳୁନଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଚାଷୀମାନଙ୍କ ଆବଶ୍ୟକତା ଅନୁଯାୟୀ ବିହନ ଯୋଗାଇଦେବା ପାଇଁ ଚାଷୀମାନଙ୍କ ପକ୍ଷରୁ ଦାବୀ ହେଉଛି।

## ● ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ

# ଦର୍ଶକଙ୍କୁ ସ୍ତବ୍ଧ କଲା ଦିଲ୍ଲୀର ନାଟକ 'ଅଲ ମାଇ ସନ୍ସ'

**ବାରିପଦା, ୧୩।୧୧ (ସଂଚାର ବ୍ୟୁରୋ):** ସ୍ଥାନୀୟ ସହିଦ ସ୍ମୃତି ଭବନରେ ଓମ ନାଟ୍ୟ ସଂସ୍ଥାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ମହୋତ୍ସବକୁ ଉଦଘାଟନ କରିବା ସହ ମହୋତ୍ସବର ସଫଳତା କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ବାରିପଦା ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ଶିକ୍ଷାବିତ ପ୍ରିତିଶ ବଶା, ପୂର୍ବତନ ବିଧାୟକ କାନ୍ଦରା ସୋରେନ ପ୍ରମୁଖ ଉପସ୍ଥିତ ରହି ଓମ ନାଟ୍ୟସଂସ୍ଥାର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅଭିନନ୍ଦନ ଜଣାଇଥିଲେ। ସଂସ୍ଥାର ପ୍ରତିଷ୍ଠାତା ଧୀର ବଶା ମହୋତ୍ସବକୁ ସଫଳ କରିବା ପାଇଁ ଉପସ୍ଥିତ ଦର୍ଶକଙ୍କୁ ଅନୁରୋଧ କରିଥିଲେ। ରାଜେଶ ଦାଶ ମଞ୍ଚ ପରିଚାଳନା କରିଥିଲେ। ଉଦଘାଟନୀ ସନ୍ଧ୍ୟାରେ ଇଉନିକର୍ନ ସ୍ଟୁଡ଼ିଓ, ନୂଆ ଦିଲ୍ଲୀ ପ୍ରଯୋଜିତ, ଆର୍ଥର ମିଲାରଙ୍କ ରଚିତ ତଥା ହେପି ରଣଜିତଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ ରେ ଗୌରୀ ଦେଓ୍ୱାଲ, ସେହାଜ ହର୍ଜାଇ, କ୍ରିଥାର୍ଥ ସିଂହ, ଉନିଷ ପ୍ରତାପ ସିଂହ, ଏଭା ସିଦ୍ଦିକି ଓ ସାହିଲ ନିରୌଲା ଅଭିନୟ କରିଥିଲେ ଓ ଅଭିନେତାମାନଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ସ୍ତବ୍ଧ କରିଥିଲା। ଏହି ମହୋତ୍ସବ ଚଳିତ ମାସ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ଆସନ୍ତା କାଲି ଲିଟିଲ ଥେସ୍ପିୟାନ, କୋଲକାତା ପ୍ରଯୋଜିତ ହିନ୍ଦୀ ନାଟକ 'ପତଝଡ଼' ମଞ୍ଚସ୍ଥ ହେବବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

# ଚାଷୀ ଧାରଣାକୁ ବଢୁଛି ସମର୍ଥନ

● ପ୍ରବଳ ଶୀତରେ ଧାରଣାରେ

**ବରଗଡ଼, ୧୩।୧୧ (ସଂଚାର ବ୍ୟୁରୋ):** ବରଗଡ଼ ଜିଲାରେ ଖରିଫ୍ ଧାନ ଅମଳ ଜୋର୍ ଧରିଲାଣି। ଜିଲାର ସବୁ ଅଞ୍ଚଳରେ ଚାଷୀମାନେ ନିଜ କଷ୍ଟୋପାର୍ଜିତ ଧାନ ଅମଳ କରୁଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଜିଲାରେ ମଣ୍ଡି ଖୋଲିବା ତ ଦୂରର କଥା, ଜିଲାର ପ୍ରାୟ ୫ହଜାର ଚାଷୀ ଧାନ ବିକ୍ରି ଲାଗି ପଞ୍ଜୀକରଣ କରିପାରିନାହାନ୍ତି। ଏହାକୁ ନେଇ ଚାଷୀ ଅସନ୍ତୋଷ ତେଜି ଉଠିଛି। ଏହି କ୍ରମରେ ସୋମବାରରୁ ଧାନବିକ୍ରି ପଞ୍ଜୀକରଣରୁ ବଞ୍ଚିତ ସମସ୍ତ ଚାଷୀଙ୍କୁ ପଞ୍ଜୀକୃତ କରି ସେମାନଙ୍କ ସମସ୍ତ ବିକ୍ରିଯୋଗ୍ୟ ଧାନକୁ ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟରେ କିଣିବା ଦାବିରେ ଚାଷୀମାନେ ବରଗଡ଼ ଜିଲାପାଳ କାର୍ଯ୍ୟାଳୟ ଆଗରେ ଶୀତ କାକର ସହି ଧାରଣାରେ ବସିଛନ୍ତି।

## କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ସମ୍ପର୍କିତ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ

# ଦୁଇ ବର୍ଷରେ ମୋଟ ୮୨୫ ନୂତନ କୁଷ୍ଠ ରୋଗୀ ଚିହ୍ନଟ



**ବାରିପଦା, ୧୩।୧୧ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ଜିଲ୍ଲାରେ ୧୭ ରୁ ୩୦ ନଭେମ୍ବର ୨୦୨୫ ମଧ୍ୟରେ ହେବାକୁ ଯାଉଥିବା କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ସଭା ଗୃହରେ ଆୟୋଜିତ ଏହି ବୈଠକରେ ଅଭିଯାନ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ପ୍ରକାଶ ଥାଉକି ଜିଲ୍ଲାରେ ଗତ ୨୦୨୪-୨୫ ବର୍ଷରେ ୬୨୭ ଜଣ ନୂତନ କୁଷ୍ଠ ରୋଗ କେଶ ଚିହ୍ନଟ ହୋଇଥିଲା ବେଳେ ଚଳିତ ବର୍ଷ ୨୦୨୫-୨୬ ବର୍ଷ ପାଇଁ ସେପ୍ଟେମ୍ବର ମାସ ସୁଦ୍ଧା ୧୯୮ ଟି ନୂତନ କେଶ୍ ଚିହ୍ନଟ ହୋଇଛି। କୁଷ୍ଠ ରୋଗ କେଶ ଚିହ୍ନଟ ଅଭିଯାନରେ ୨୦୨୫-୨୬ ପାଇଁ ଜାତୀୟ ନୀତି ଯୋଜନା ଅନୁଯାୟୀ ଓଡ଼ିଶା ରାଜ୍ୟର ଚିହ୍ନିତ ଅଞ୍ଚଳ ମଧ୍ୟରେ କୁଷ୍ଠ ରୋଗ ପ୍ରବଣ ୧୫୫ ବ୍ଲକ୍ ମଧ୍ୟରୁ ମୟୂରଭଞ୍ଜର ୧୫ଟି ବ୍ଲକ୍ କୁ ଏହି ଅଭିଯାନରେ ସାମିଲ କରାଯାଇଛି। ଏହି ଅଭିଯାନରେ ସର୍ଭେ ଦ୍ୱାରା ଚିହ୍ନଟ କେଶ୍ ର ୧୦୦% କେଶ ମେଡ଼ିକାଲ ଅଫିସରଙ୍କ ଦ୍ୱାରା ୩ ଦିନ ମଧ୍ୟରେ ପରୀକ୍ଷା କରାଯିବ। ୫ ଡିସେମ୍ବର ୨୦୨୫ ସୁଦ୍ଧା ପରୀକ୍ଷା ଶେଷ ହେବ ଏବଂ ୧୦ ଡିସେମ୍ବର ୨୦୨୫ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦାଖଲ କରାଯିବ। ଜିଲ୍ଲାର ୧୫ଟି ବ୍ଲକ୍‌ର ୧୯୨୪ ଗାଁରେ ୩୬୦ଟି ପି.ଏଚ୍.ସି ସବ୍‌ସେଣ୍ଟରରେ ୮୪ ଜଣ ମେଡ଼ିକାଲ ଅଧିକାରୀ, ୧୯୧୮ ଜଣ ଆଶା କର୍ମୀ, ୩୫୦ ଜଣ ହେଲଥ୍ ୱାର୍କର, ୧୫୬ ଜଣ ହେଲଥ୍ ସୁପର ଭାଇଜର ଏବଂ ୦୬ ଗୋଟି ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ଜରିଆରେ ଏହି ଅଭିଯାନରେ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମ ସମ୍ପାଦନ କରାଯିବ। ଲୋକମାନଙ୍କୁ କୁଷ୍ଠ ରୋଗର ଚିକିତ୍ସା ନିମନ୍ତେ ସଚେତନ କରିବା ପାଇଁ ବିଭିନ୍ନ ପ୍ରକାର ସଚେତନଧର୍ମୀ କାର୍ଯ୍ୟକ୍ରମ ମାନ କରାଯିବ।

# ବନ୍ଧୁକ ମୁନରେ ଟ୍ରାନ୍ସପୋର୍ଟ ଅଫିସରୁ ଲୁଟ୍



**ବଣାଇଁ, ୧୩।୧୧ (ସଂଚାର ବ୍ୟୁରୋ):** ବଣାଇଁ ଉପଖଣ୍ଡ ଲହୁଣୀପଡା ଥାନା ଅଧିନ ଟେନସା ଫାଣ୍ଡି ଅନ୍ତର୍ଗତ ବରସୁଆଁ ରେଳ ଷ୍ଟେଶନ ସାଇଡିଂ ନିକଟ ର ଥିବା ଏକ ଟ୍ରାନ୍ସପୋର୍ଟ ଅଫିସରୁ ଗତକାଲି ବିଳମ୍ବିତ ରାତିରେ ସ୍କର୍ପିଓ ଗାଡିରେ ଆସି ଦୁର୍ବୃତ୍ତମାନେ ବନ୍ଧୁକ ମୁନରେ ଲୁଟ କରି ଚମ୍ପଟ ମାରିଥିବା ଜଣାପଡିଛି। ୫ରୁ ୬ ଜଣ ମୁଖାପିନ୍ଧା ଡକାୟତମାନେ ବନ୍ଧୁକ ମୁନରେ ବରସୁଆଁ ବଜରଙ୍ଗ ଅଗ୍ରୱାଲଙ୍କ ବିଏନଆର ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରୁ ଲୁଟ କରିଛନ୍ତି। ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ବ୍ୟାପକ ଭଙ୍ଗାରୁଜା କରିବା ସହ କାର୍ଯ୍ୟାଳୟରେ ଥିବା କର୍ମଚାରୀଙ୍କୁ ମାଡ ମାରିବା ପରେ ବନ୍ଧୁକ ମୁନରେ ପ୍ରାୟ ୩ ଲକ୍ଷ ୫୦ ହଜାର ଟଙ୍କା ଲୁଟି ଫେରାର ହୋଇଯାଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଲହୁଣୀପଡା ଥାନାରେ ସିସିଟିଭି ଭିଡିଓ ପ୍ରମାଣ ସହ ଏତଲା ଦେଇଛନ୍ତି ବିଏନଆର କାର୍ଯ୍ୟାଳୟ ପ୍ରବନ୍ଧକ। ବଣାଇଁ ଉପଖଣ୍ଡ ସମସ୍ତ ଥାନା ଅଞ୍ଚଳରେ ବାରମ୍ବାର ଓ ଦୈନିକ ହେଉଥିବା ଡକାୟତି ପାଇଁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହେବା ସହ ପୋଲିସକୁ ଲଗାତାର ଭାବେ ଦୁର୍ବୃତ୍ତମାନେ ଚ୍ୟାଲେଞ୍ଜ ଦେଉଛନ୍ତି।

# ପ୍ରେମ ତା'ର ନିଜସ୍ୱ ଭାଷା କହିଥାଏ

● ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡସ୍‌ର ନୂତନ କଲେକ୍ସନ ଉନ୍ମୋଚିତ



**କୋଲକାତା, ୧୩।୧୧ (ସଂଚାର ବ୍ୟୁରୋ):** ପ୍ଲାଟିନମ୍ କଭ୍ ବ୍ୟାଣ୍ଡସ୍ ତା'ର ନୂତନ କଲେକ୍ସନ୍ ଉନ୍ମୋଚନ କରିଛି। ଯାହ ଦମ୍ପତିଙ୍କ ମଧ୍ୟରେ ଅଂଶୀଦାର ସ୍ୱରୂପ ଅକୁହା ଭାଷା ପାଇଁ ଏକ ଶ୍ରଦ୍ଧାଞ୍ଜଳି। ଏହି ବିଶ୍ୱାସରେ ମୂଳଦୁଆ ଯେ ପ୍ରତ୍ୟେକ ପ୍ରେମ କାହାଣୀର ନିଜସ୍ୱ ଉପଭାଷା ଅଛି, ଯାହାକୁ ବିଶ୍ୱ ବୁଝିପାରେ ନାହିଁ, ଏହି ସଂଗ୍ରହ ସେହି ଶାନ୍ତ ସଂଯୋଗକୁ ଏପରି କିଛି ଜିନିଷରେ ପରିଣତ କରେ ଯାହା ଆପଣ ପିନ୍ଧିପାରିବେ, ଯାହା ଆପଣଙ୍କ ଜୀବନ ପାଇଁ ସମ୍ମାନ କରିପାରିବେ। ଏଗୁଡିକ କେବଳ ରିଙ୍ଗ ନୁହେଁ, ସେଗୁଡିକ ଆପଣଙ୍କ ବ୍ୟକ୍ତିଗତ ଭାଷାର ଅଂଶ। ଏକ ବନ୍ଧନର ଏତେ ବ୍ୟକ୍ତିଗତ, କେବଳ ଦମ୍ପତି ଦୁହେଁ ସେମାନଙ୍କ କାହାଣୀ ଜାଣନ୍ତି।

୯୫% ଶୁଦ୍ଧ ପ୍ଲାଟିନମ୍‌ରେ ନିର୍ମିତ ଏହି ବ୍ୟାଣ୍ଡଗୁଡିକ ଏକ ସଂଯୋଗ ପାଇଁ ଛିଦା ହୋଇଛି ଯାହା ଅତୁଟ ଏବଂ ସତ୍ୟ, ଧାତୁର ଶକ୍ତି ଏବଂ ସ୍ଥିରତାକୁ ପ୍ରତିଫଳିତ କରେ। ଦୁଇଟି ପଥ ଏକ ହେବାର ପ୍ରତୀକ ଥିବା ସଂଯୁକ୍ତ ମୋଟିଫ୍ ଠାରୁ ଆରମ୍ଭ କରି ପ୍ରତ୍ୟକ ସଂପର୍କ ମଧ୍ୟରେ ବିପରୀତ ଏବଂ ସମନ୍ୱୟକୁ କାବୁ କରୁଥିବା ଦ୍ୱୈତ-ସ୍ୱର ବିବରଣୀ ପର୍ଯ୍ୟନ୍ତ ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ କଳାତ୍ମକ ଏବଂ ଭାବପ୍ରବଣତାକୁ ସମାନ ପରିମାଣରେ ଏକତ୍ର କରିଥାଏ। ଚିକ୍କଣା ରେଖା, ନରମ ଚକ୍ର ଏବଂ ହୀରା ଉଚ୍ଚାରଣ ଖଣ୍ଡ ସୃଷ୍ଟି କରେ ଯାହା ଉଭୟ ସମସାମୟିକ ଏବଂ କାଳଜୟୀ ଅନୁଭବ କରେ, ଆଧୁନିକ ବିକାଶଶୀଳ ଅଭିବ୍ୟକ୍ତିଙ୍କୁ ପ୍ରତିଧ୍ୱନିତ କରେ। ଦମ୍ପତିମାନେ ନୂତନ ସିଜନର ସଂଗ୍ରହରୁ ସୂକ୍ଷ୍ମ ଭାବରେ ପ୍ରସ୍ତୁତ ପ୍ଲାଟିନମ୍ ବ୍ୟାଣ୍ଡରୁ ବାଛିପାରିବେ।

# ରାସ୍ତା ଖରାପ ଯୋଗୁଁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ, ଖଟିଆରେ ବୁହାହେଲେ ରୋଗୀ

**ସୁନ୍ଦରଗଡ଼, ୧୩।୧୧ (ସଂଚାର ବ୍ୟୁରୋ):** ରାସ୍ତା ଖରାପ ଥିବାରୁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ଖଟିଆରେ ବୁହାହେଲେ ରୋଗୀ। ସୁନ୍ଦରଗଡ଼ ସଦର ବ୍ଲକ ବୁଡ ପଞ୍ଚାୟତ ସଲଙ୍ଗା ବୁଡ ଗ୍ରାମରେ ଏଭଳି ଘଟଣା ଘଟିଛି। ଗ୍ରାମବାସୀମାନେ ଭୀଷ୍ମପଡ଼ା ଅଞ୍ଚଳର ବୁଦ୍ଧରାମ ମୁଣ୍ଡା ନାମକ ଜଣେ ବୃଦ୍ଧଙ୍କୁ ପ୍ରାୟ ୫୦୦ ମିଟର ଦୂର ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ନେଇଛନ୍ତି। ସୂଚନା ଅନୁସାରେ, ଭୀଷ୍ମପଡ଼ା ଅଞ୍ଚଳର ବୁଦ୍ଧରାମ ମୁଣ୍ଡା ଧାନ କାଟି ଘରକୁ ଫେରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ଘରଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ହେଲେ ରାସ୍ତା ଖରାପ ଯୋଗୁଁ ଆମ୍ବୁଲାନ୍ସଟି ଭୀଷ୍ମପଡ଼ା ଭିତରକୁ ଯାଇ ନପାରି ଅଧା ରାସ୍ତାରେ ଅଟକି ରହିଥିଲା। ଗ୍ରାମର କିଛି ଲୋକ ବୁଦ୍ଧରାମଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ସେଠାରୁ ତାଙ୍କୁ ହସ୍ପିଟାଲକୁ ନେଇଥିଲେ। ଗ୍ରାମବାସୀମାନଙ୍କ ଅଭିଯୋଗ ଅନୁସାରେ, ଏହି ସମସ୍ୟା ଦୀର୍ଘଦିନ ଧରି ଚାଲିଆସୁଛି। ଅନେକ ଥର ପଞ୍ଚାୟତରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସରପଞ୍ଚ ଏହି ଅସୁବିଧାକୁ ଅଣଦେଖା କରୁଛନ୍ତି ଓ ୱାର୍ଡ ମେମ୍ବର "ପଇସା ଆସିଯାଇଛି, ଶୀଘ୍ର ପୋଲ ତିଆରି ହେବ" ବୋଲି ଆଶ୍ୱାସନା ଦେଉଛନ୍ତି।

## ଉପଖଣ୍ଡସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

# ୯୬ଟି ଅଭିଯୋଗର ହେଲା ଶୁଣାଣି



**ବାରିପଦା, ୧୩।୧୧ (ସଂଚାର ବ୍ୟୁରୋ):** ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଠାରେ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ରେ ଏକ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ବାମନଘାଟି ଉପ ଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ, ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳା ନନ୍ଦ ସାହୁ, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଧିକାରୀ ଡା। ରବୀନ୍ଦ୍ର କୁମାର ମାର୍ଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭ ରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ ଜନସାଧାରଣ ଙ୍କ ଠାରୁ ଆସୁଥିବା ଆପତ୍ତି ଅଭିଯୋଗ ଗୁଡିକର ସମାଧାନ ତ୍ୱରିତ ପ୍ରକ୍ରିୟା ରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଶିବିର ରେ ଜନସାଧାରଣ ଙ୍କ ଠାରୁ ମୋଟ ୯୬ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୭୭ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୧୯ଟି ଗ୍ରାମବାସୀ ଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା। ଏଥି ମଧ୍ୟରୁ ୮ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଆବେଦନର ଗୁରତ୍ୱକୁ ବିଚାର କରି ରେଡକ୍ରସ ପାଣ୍ଠିରୁ ୨ଜଣଙ୍କୁ ଟା ୨୦,୦୦୦/- ଙ୍କା ଜିଲ୍ଲାପାଳ ମଂଜୁର କରିଛନ୍ତି। ଅନ୍ୟାନ୍ୟ ଆପତ୍ତି ଅଭିଯୋଗ ଗୁଡିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟା ରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।